


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପିତ | ୬

ଅଖତରଙ୍କ ସହ ହାତ ମିଳାଇଲେ କଙ୍ଗନା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୪ Vol. 21 No-334 4 MARCH 2025 TUESDAY BHUBANESWAR ମଙ୍ଗଳବାର, ୪ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜନଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

# ୮୪% ଅଭିଯୋଗର ସମାଧାନ





- ଲୋକଙ୍କ ସରକାର ଲୋକଙ୍କ ସହ ଅଛନ୍ତି
- ଅଭିଯୋଗ ପ୍ରକୋଷ୍ଠରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ
- ତ୍ୱରିତ ସମାଧାନ ପାଇଁ ପଦକ୍ଷେପ
- ୫ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର

ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ନବମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହ ରହିଛନ୍ତି। ସେମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ୮୭୩୭ଟି ଅଭିଯୋଗ ପଞ୍ଜିକରଣ ହୋଇଥିବାବେଳେ ସେଥିମଧ୍ୟରୁ ୭୩୩୧ଟି ଅଭିଯୋଗ ଅର୍ଥାତ୍ ୮୪ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇ ସାରିଛି। ବାକିଥିବା ଅଭିଯୋଗଗୁଡ଼ିକର ଖୁବ୍‌ଶୀଘ୍ର ସମାଧାନ କରାଯିବ। ଶ୍ରୀ ମାଝୀ ଆହୁରି କହିଥିଲେ ଯେ ଯେଉଁମାନେ ଦୁଃଖି, ସମସ୍ୟାରେ ଜର୍ଜରିତ, ସେମାନେ ଯେତେବେଳେ ଶୋଷଣର ଶିକାର ହେଉଛନ୍ତି, ଭରସା ଓ ଆଶା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଉଛି। କେତେକ ପୀଡ଼ିତଙ୍କ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସୋମବାର ମଧ୍ୟ ସହାୟତା ଦିଆଯାଇଛି। ସୋମବାର ମଧ୍ୟ ୪ଜଣଙ୍କୁ ଅର୍ଥ ମଞ୍ଜୁର କରାଯାଇଛି। ପୁରୀର ହେମନ୍ତ ସାହୁ, ଖୋର୍ଦ୍ଧାର ବିଚିତ୍ର ପାଇକରାୟ, ଗଜପତିର ରଶ୍ମିତା ନାୟକଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାବେଳେ ବାଲେଶ୍ୱରର ବୋନମ୍ୟାରୋ ରୋଗରେ ପୀଡ଼ିତ ଥିବା ହାଜିରା ବିବିଙ୍କୁ ୩ଲକ୍ଷ ଟଙ୍କା • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟରେ ଉପରମୁହାଁ ତାତି

# ୩୮ ଡିଗ୍ରୀ ଉପରେ ୫ ସହର



ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ରାଜ୍ୟରେ ତାତି ଉପରମୁହାଁ ହେଉଛି। ଅସହ୍ୟ ଗରମ ସହ ଆରମ୍ଭ ହୋଇଯାଇଛି ଗୁଳୁଗୁଳି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠିଛି। ପ୍ରବଳ ଗରମ ସହ ଅଘୋଷିତ ବିଜୁଳିକାଟ୍ ପରିସ୍ଥିତିକୁ ଦୟନୀୟ କରି ପକାଉଛି। ମାର୍ଚ୍ଚ ମାସରେ ତାତିର ପ୍ରଭାବ ଏତେ ଜୋର୍ ଯେ ଆଗକୁ ସ୍ଥିତି କି ରୂପ ଧାରଣ କରିବ, ତାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ଅନ୍ୟପକ୍ଷରେ ତାତି ପାଇଁ ସତର୍କ ରହିବାକୁ ଉଭୟ ରାଜ୍ୟ ସରକାର ଓ ପାଣିପାଗ ବିଭାଗ ଚେତାବନୀ ଦେଇଛନ୍ତି। ସୋମବାର ରାଜ୍ୟର ୫ ସହରର ପାରଦ ୩୮ ଡିଗ୍ରୀ ଉପରେ ରହିଛି। ୩୮.୬ ଡିଗ୍ରୀ ସହ ଝାରସୁଗୁଡ଼ା ଓ ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହରଭାବେ ବିବେଚିତ ହୋଇଥିବାବେଳେ ବଲାଙ୍ଗୀରରେ ପାରଦ ୩୮.୪ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଟିଟିଲାଗଡ଼ ଓ ବୌଦ୍ଧରେ ପାରଦ ୩୮ ଡିଗ୍ରୀ ରହିଛି। ଅନ୍ୟପକ୍ଷରେ ସମ୍ବଲପୁରର ଦିନର ସର୍ବୋଚ୍ଚ ତାପମାତ୍ରା ୩୭.୬ ଡିଗ୍ରୀ ରହିଥିବାବେଳେ ହୀରାକୁଦରେ

### ସ୍କୁଲ, କଲେଜ ପାଇଁ ଆସିବ ଗାଇଡ୍‌ଲାଇନ୍

୩୭.୧ ଓ ସୁନ୍ଦରଗଡ଼ରେ ୩୭.୩ ଡିଗ୍ରୀ ରେକର୍ଡ କରାଯାଇଛି। ଆଗାମୀ ଦିନରେ ଉଭୟ ଦିନ ଓ ରାତିର ତାପମାତ୍ରାରେ ବୃଦ୍ଧି ଘଟିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ମଧ୍ୟ ବୌଦ୍ଧରେ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ସକାଳ ୮ଟାରୁ ତାତିର • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### କୌଶିକ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି

ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଓଏସ୍‌ଡି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝରର ବାଂଶପାଳ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଓଏଏସ୍ ଅଫିସର କୌଶିକ ପଟ୍ଟନାୟକଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ଏଥିସହ ୧୮ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନୂତନ ନିଯୁକ୍ତି ସହ ବଦଳି କରାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଏସ୍‌ଆଇଟି ବୈଠକ ୮ରେ

କଟକ,୩।୩(ଭାସ୍କର ନ୍ୟୁଜ): ଆସନ୍ତା ୮ ତାରିଖରେ କଳାଟଙ୍କା ସଂପର୍କିତ ଏସଆଇଟି ବୈଠକ ଅନୁଷ୍ଠିତ ହେବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରଜିତ ପଶାୟତଙ୍କ କଟକସ୍ଥିତ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଛି। ବୈଠକରେ କିଟ୍‌କୁ ମିଳୁଥିବା ଫଣ୍ଡ ବାବଦରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି।

### ପ୍ରଚଣ୍ଡ ଶବ୍ଦରେ ଲୋକେ ଥରହର

ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ସୋମବାର ମଧ୍ୟାହ୍ନରେ ଭଦ୍ରକ, ଆନନ୍ଦପୁର ଓ ମୟୂରଭଞ୍ଜର ଉଦଳାରେ ପ୍ରଚଣ୍ଡ ଶବ୍ଦ ଶୁଭାଯାଇଥିଲା। ଏହାକୁ ନେଇ ଲୋକେ ଥରି ଉଠିଥିଲେ। ଏପରିକି ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ। କେଉଁ କାରଣ ପାଇଁ ଏଭଳି ପ୍ରଚଣ୍ଡ ଶବ୍ଦ ହୋଇଥିଲା ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ।

ସେନ୍‌ସେକ୍ସ: ୭୩,୦୮୫.୯୪
ସର୍ବାଧିକ: ୩୫.୧ ଡିଗ୍ରୀ
ସର୍ବନିମ୍ନ: ୨୩.୨ ଡିଗ୍ରୀ

### ୩।୩।୨୦୨୫ ର ମତାମତ

ଅଭିଯୋଗର ସମାଧାନ କରୁନଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?




### ଆଜିର ପ୍ରସଙ୍ଗ

ଜଂଘରେ ଜଗନ୍ନାଥଙ୍କ ଟାଟୁ କରିଥିବା ବିଦେଶିନୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଅନ୍ଧ ବିଶ୍ୱାସର ଅନ୍ଧ ଗଳିରେ ଏବେ ବି ମଣିଷ

# ୬ ବର୍ଷର ଶିଶୁକନ୍ୟାକୁ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ

ଉମରକୋଟ,୩।୩(ଭାସ୍କର ନ୍ୟୁଜ): ପୁଣି ଉପାନ୍ତ ଅଞ୍ଚଳରୁ ଆସିଲା ଆଉ ଦୁଇଟି ଉଦବେଗଜନକ ଚିତ୍ର । ସଚେତନତାର ଅଭାବ ଯୋଗୁ ଏବେ ବି ଅନ୍ଧବିଶ୍ୱାସର ଅନ୍ଧଗଳିରେ ମଣିଷ। ରୋଗ ହେଲେ ଡାକ୍ତରଖାନା ଯିବାକୁ ପସନ୍ଦ କରୁନାହାନ୍ତି। ଗୁଣିଗାରେଡ଼ି ଓ ଚେଙ୍କ ଚିକିତ୍ସା ଉପରେ ଭରସା କରୁଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ଏବଂ ରାଇଘର ଅଞ୍ଚଳରେ ଦୁଇଦୁଇଜଣ ଶିଶୁଙ୍କୁ ସୁସ୍ଥ ହେବା ପାଇଁ ଚେଙ୍କ ଦିଆଯିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ନବରଙ୍ଗପୁର ରାଇଘର ନାକଟିସେମଡ଼ା ଗାଁରେ ଜଣେ ୬ ବର୍ଷର ଶିଶୁକନ୍ୟା ଅସୁସ୍ଥ ହୋଇପଡ଼ିଥିବାବେଳେ ତାକୁ ପରିବାର ଲୋକେ ହସ୍ପିଟାଲ ନ ନେଇ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ ଦେବା ଫଳରେ ସେ ଗୁରୁତର ହୋଇ ଏବେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସିଡିଏମ୍‌ଓ କହିଛନ୍ତି ଯେ ଏ ନେଇ ଏସ୍‌ପିଙ୍କୁ ଅବଗତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ । ଅନ୍ୟପକ୍ଷରେ ଅନ୍ୟଜଣେ ମାସକର ଶିଶୁକୁ ୪୦ଟି ଚେଙ୍କ ଦିଆଯିବା ଘଟଣା ନବରଙ୍ଗପୁର ଜିଲ୍ଲା ଉମରକୋଟ ଚନ୍ଦାହାଣ୍ଡି ଗମ୍ଭାରିଗୁଡ଼ାର ଫୁଣ୍ଡେଲପଡ଼ାରେ ଘଟିଛି। ଶିଶୁଟି ଗୁରୁତର ହେବା ପରେ ତାକୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବ୍ୟାପକ ସଚେତନତା ସତ୍ତ୍ୱେ

### ୪୦ ଚେଙ୍କରେ ଗୁରୁତର ମାସକର ଶିଶୁପୁତ୍ର

ନବରଙ୍ଗପୁର ଜିଲ୍ଲାରେ ଚେଙ୍କ ଚିକିତ୍ସା ବନ୍ଦ ହୋଇନଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୧୦ଦିନ ତଳେ ଫୁଣ୍ଡେଲପଡ଼ା ଗାଁର ସରୋଜ କୁମାର ନାୟକଙ୍କ ମାସକର ପୁଅ ଅସୁସ୍ଥ ହୋଇଥିଲା। ଜ୍ୱରରେ କମ୍ପିବା ସହ ରାହାଧରି କାନ୍ଦିଥିଲା। ଏପରି ଅବସ୍ଥାରେ ପରିବାର ଲୋକେ ଡାକ୍ତରଖାନା ନେବା ପରିବର୍ତ୍ତେ ଚେଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଚେଙ୍କ ନେବା ସମୟରେ କିମ୍ବା ପରେ ପିଲାଟି କାନ୍ଦି ନଥିଲା। ଅବସ୍ଥା ଗୁରୁତର ହେବାରୁ ତାକୁ ଉମରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ଏବେ ତା'ର ଚିକିତ୍ସା ଚାଲିଛି। ତେବେ ଶିଶୁଟିକୁ କିଏ ଚେଙ୍କ ଦେଲା ସେ ନେଇ ପରିବାରବର୍ଗ ମୁହଁ ଖୋଲୁନାହାନ୍ତି। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ନବରଙ୍ଗପୁର ସିଡିଏମ୍‌ଓ ସନ୍ତୋଷ ପଣ୍ଡା ଶିଶୁଟିର ଚିକିତ୍ସା ଆରମ୍ଭ କରିଥିଲେ। ଶିଶୁଟି କିପରି ସୁସ୍ଥ ହୋଇ ଘରକୁ ଫେରିବ ତାକୁ ସେ ଗୁରୁତ୍ୱ ଦେଉଛନ୍ତି। ଚେଙ୍କ ଚିକିତ୍ସା ବନ୍ଦ ପାଇଁ ଜିଲ୍ଲାରେ ସଚେତନତା ଅଭିଯାନ ଆରମ୍ଭ କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଅଘଟଣ ଘଟିଚାଲିଛି। ବିଶେଷକରି ଗୁଣିଗାରେଡ଼ିକୁ ଲୋକେ ଭରସା କରୁଛନ୍ତି।

## ତେଲଙ୍ଗାନା ଟନେଲ୍ ଟ୍ରାଜେଡି

# ୧୦ଦିନ ହେବ ସୁଡ଼ଙ୍ଗରେ ୮ ଶ୍ରମିକ




ହାଇଦ୍ରାବାଦ,୩।୩: ଦିନ ପରେ ଦିନ ଗଡି ଚାଲିଛି। ତେଲଙ୍ଗାନା ଟନେଲ ଟ୍ରାଜେଡିକୁ ଇତିମଧ୍ୟରେ ୧୦ଦିନ ବିତିଛି। ସୁଡ଼ଙ୍ଗ ଭିତରେ ଥିବା ୮ ଶ୍ରମିକଙ୍କୁ ଏଯାଏ ଉଦ୍ଧାର କରିବା ସମ୍ଭବପର ହୋଇପାରି ନାହିଁ। ଅନ୍ଧାରୀ ସୁଡ଼ଙ୍ଗରେ ଫସି ରହିଛନ୍ତି ୮ ଶ୍ରମିକ। ତେଲଙ୍ଗାନାର ନାଗରକୁର୍ଣ୍ଣୁଲୁ ଜିଲ୍ଲାରେ ନିର୍ମାଣାଧୀନ ଶ୍ରୀଶୈଳମ୍ ଲେଫ୍ଟବ୍ୟାଙ୍କ କେନାଲ ଟନେଲ ଭୁଶୁଡ଼ିବାର ଇତିମଧ୍ୟରେ ୧୦ଦିନ ବିତିଯାଇଛି। ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଟିମ୍ ସମସ୍ତ କଳବଳକୌଶଳ ଲଗାଇ ଦେଇଛନ୍ତି। ମାତ୍ର ଏଯାଏ ସୁଫଳ ମିଳିପାରି ନାହିଁ । ଶ୍ରମିକଙ୍କ ସୁରକ୍ଷା ନେଇ ଆଶା ଧିରେ ଧିରେ ମଉଳିବାରେ ଲାଗିଛି। ସେପଟେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୨ ତାରିଖରେ ଏହି ଟନେଲ ଅଚାନକ ଭୁଶୁଡ଼ି ପଡ଼ିଥିଲା। ଫସିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଅନବରତ ସୁଡ଼ଙ୍ଗ ଖୋଲା ଚାଲିଛି। ହେଲେ ଶ୍ରମିକମାନେ କେଉଁଠି ଫସି ରହିଛନ୍ତି ତାହା ଜାଣିବା ଏପର୍ଯ୍ୟନ୍ତ ସମ୍ଭବପର ହୋଇପାରି ନାହିଁ। ଅନ୍ଧାରୀ ସୁଡ଼ଙ୍ଗରେ ଶ୍ରମିକମାନେ କିପରି ଅଛନ୍ତି ତାହା ଜଣାପଡୁନଥିବାରୁ ସେମାନଙ୍କ ପରିବାରବର୍ଗ ଚିନ୍ତା ଓ ଦୁଃଖରେ ଦିନ କାଟୁଛନ୍ତି। ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ, ଏସଡିଆରଏଫ, ଭାରତୀୟ ସେନା, ନୌସେନା, ମେରାଇନ କମାଣ୍ଡୋ ଫୋର୍ସ, ଜିଏସ୍‌ଆଇ ସମେତ ୭୦୦ରୁ ଅଧିକ କର୍ମଚାରୀ ନିୟୋଜିତ ରହିଛନ୍ତି। ତେବେ ସୂଚନା ଦିଆଯାଇଛି ଯେ ସୁଡ଼ଙ୍ଗର ୪୦ ମିଟର ପର୍ଯ୍ୟନ୍ତ ଖୋଳିବା ଚାଲେଞ୍ଜ ରହିଛି। ସୁଡ଼ଙ୍ଗରୁ ଖାଲି ପାଣି ଓ କାଦୁଅ ବାହାରୁଥିବାରୁ ସେଗୁଡ଼ିକୁ ହଟାଇବା ପାଇଁ କାଠିକରପାଠ ହୋଇପଡ଼ିଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



କାହାର ମରମ ପୋଡ଼ି ଗଲାବେଳେ
ରାଜନୀତି ସରଗରମ,
ସୋସାଲ ମିଡ଼ିଆ ଉଠୁଛି ପଡୁଛି
ସମ୍ଭାଳି ହେଉନି ଜୁଲମ !
ସାମ୍ବାଦିକ ଛାଡ଼ି କଲମ,
ବୁମ୍ ଖଣ୍ଡେ ଖଣ୍ଡେ ହାତରେ ଧରିକି
କରୁଛନ୍ତି ଜିନା ହାରାମ !!

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା

# ମାର୍ଚ୍ଚ ୫ ନୁହେଁ, ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ୨୦୨୦ ମସିହାରୁ ଓଡ଼ିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି। ତେବେ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଇଥାଏ। ଏହିଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦି ପୁରସ୍କାର ପ୍ରଦାନ କରାଯାଇଥାଏ। ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟସ୍ତରରେ ଥିବା ଏହି ଅସଙ୍ଗତି ଦୂର କରିବାପାଇଁ ଓଡ଼ିଶାରେ ଆଉ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାନଯାଇ ଏପ୍ରିଲ ୨୪ ତାରିଖରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମାର୍ଚ୍ଚ ୫ ହେଉଛି ଓଡ଼ିଶାର ମହାନ ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହାକୁ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଦିନଟିକୁ ସରକାରୀ ଛୁଟି ଭାବେ ଘୋଷଣା କରାଯିବ ନାହିଁ ବୋଲି ସିଏମ୍‌ଓ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ ପଞ୍ଚାୟତିରାଜ ଦିବସ କେବେ ପାଳନ କରାଯିବ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ପଷ୍ଟୀକରଣ ପରେ ତାହା ଦୂର ହୋଇଛି।

## ପଶ୍ଚିମବଙ୍ଗକୁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ

# ସୀମାରେ ଅନୁପ୍ରବେଶ ବନ୍ଦକର



ଭୁବନେଶ୍ୱର,୩।୩(ଭାସ୍କର ନ୍ୟୁଜ): ଓଡ଼ିଶା ସୀମାରେ ଅନୁପ୍ରବେଶ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ଚେତାବନୀ ଦେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବାଲେଶ୍ୱର ଜିଲ୍ଲା ଉଦୟପୁର ଓ ସାହାବାଜିପୁରରେ ପଶ୍ଚିମବଙ୍ଗ ସରକାରଙ୍କ ଅନୁପ୍ରବେଶ ନେଇ ଶ୍ରୀ ପୂଜାରୀ ଉଦବେଗ ପ୍ରକାଶ କରିବା ସହ ଏହି ଚେତାବନୀ ଦେଇଛନ୍ତି। କହିଛନ୍ତି, ଆବଶ୍ୟକ ପଡ଼ିଲେ ପଶ୍ଚିମବଙ୍ଗକୁ ପାଠ ପଢାଇ ରାସ୍ତା ଦେଖାଇବୁ। ସେ କହିଥିଲେ, ରାଜ୍ୟର ସୀମାକୁ ନେଇ ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ବିବାଦ ରହିଛି। ତେବେ ଜିଲ୍ଲା ଗସ୍ତକରି ମୁଁ ଏ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଛି। ଛତିଶଗଡ଼ ଓ ଝାଡ଼ଖଣ୍ଡ ସହ ବିଶେଷ ସମସ୍ୟା ନଥିବାବେଳେ ଓଡ଼ିଶା ଗଠନ ଦିନଠାରୁ ଏପର୍ଯ୍ୟନ୍ତ ବାଲେଶ୍ୱର ସୀମା ଚିହ୍ନଟ କରାଯାଇନାହିଁ । ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ସୀମା ଚିହ୍ନଟ କରାଯିବ। ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀଙ୍କ ସହ ଓଡ଼ିଶାର ରାଜସ୍ୱ ଅଧିକାରୀ ଫିଲ୍ଡ ଭିଜିଟ୍ କରି ସୀମା ଚିହ୍ନଟ କରିବେ। ଦେଶରେ ପଶ୍ଚିମବଙ୍ଗ ସରକାର ସମସ୍ୟା ସୃଷ୍ଟି କରୁଛନ୍ତି। ଆଳୁ ସମସ୍ୟା ସୃଷ୍ଟି କଲେ, ଅନୁପ୍ରବେଶ କରାଉଛନ୍ତି, ନାଗରିକତା ଆଇନକୁ ଲାଗୁ କଲେନି, ଏପରିକି ଆୟୁଷ୍ମାନ ଭାରତ ଯୋଜନାକୁ ମଧ୍ୟ ଲାଗୁ କରିବାକୁ ପଛଘୁଞ୍ଚା ଦେଲେ। ଏହା ଆମ ଗଣତନ୍ତ୍ର ପାଇଁ ଦୁର୍ଭାଗ୍ୟ। ସେମାନଙ୍କୁ ପାଠ ପଢାଇବାର ଆବଶ୍ୟକତା ରହିଛି। ଯଦି ପଶ୍ଚିମବଙ୍ଗ ସରକାର ଓଡ଼ିଶା ଯାଗାରେ ଖୁଣ୍ଟ ପୋତନ୍ତି ତେବେ ଓଡ଼ିଶାର ଲୋକ ଏହାକୁ ଉପାଡ଼ି ଫିଙ୍ଗିଦେବେ। ଝଗଡ଼ା ତିଆରି • ପୃଷ୍ଠା ୫ ଦେଖନ୍ତୁ

## ପାରିବାରିକ କଳହର କରୁଣ ପରିଣତି

# ସ୍ୱାମୀକୁ ମାରି ପୋତିଦେଲା ସ୍ତ୍ରୀ

ସୁକିନ୍ଦା,୩।୩(ଭାସ୍କର ନ୍ୟୁଜ): ମୋତେ ସବୁଦିନ ପିଟୁଥିଲା। କେତେ ଆଉ ସହିଥାନ୍ତି। ସେଦିନ ନିଶାଖାଇ ମୋତେ ମାରୁଥିଲା। ଠେଙ୍ଗାରେ ଦେଲି ଯେ ପାହାରେ, ଆଉ ଉଠିଲାନି। ଆମ ଘରପାଖ ଝରଣା କୂଳରେ ଗାତଖୋଳି ତା'ର ମୃତଦେହ ପୋତିଦେଲି। ସୁକିନ୍ଦା ଥାନାକୁ ଆସି ଜଣେ ମହିଳା ଏପରି କହିବାରୁ ଥାନା କର୍ମଚାରୀମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ସୁକିନ୍ଦା ଥାନା ସଂସାଇଲୋ ପଞ୍ଚାୟତ ଡୁବିଖାଲ ଗାଁରେ ଘଟିଛି ଏପରି ଅଘଟଣ। ମୃତକ ହେଲେ ବାବୁଲି ମୁଣ୍ଡା (୩୫) ଓ ହତ୍ୟାକାରୀ ତାଙ୍କ ପତ୍ନୀ ଦୁମାରି ମୁଣ୍ଡା (୩୦)। ସୂଚନା ମୁତାବକ କେନ୍ଦୁଝର ଅଞ୍ଚଳର ମୃତ ବାବୁଲି ପୂର୍ବରୁ ବିବାହିତ। ହେଲେ ପ୍ରଥମ ପତ୍ନୀ ଗାଁରେ ରହୁଥିବାବେଳେ ବାବୁଲି ଯାଜପୁର ଆସି କାମ କରୁଥିଲା। ସେଠାରେ ଦୁମାରି ସହ ଦେଖା ହେବାପରେ ବାବୁଲି ଦୁମାରିକୁ ଦ୍ୱିତୀୟ ବିବାହ କରି ଶ୍ୱଶୁର ଗାଁ ଡୁବିଖାଲରେ ରହୁଥିଲା। ନିଶା ସେବନ କରି ବିଭିନ୍ନ ସମୟରେ ବାବୁଲି ଦୁମାରିକୁ ପିଟୁଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ବାବୁଲି ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଦୁମାରିକୁ ପ୍ରବଳ ମାଡ଼ ମାରିଥିଲା। ଆତ୍ମରକ୍ଷା ପାଇଁ ଦୁମାରି ଏକ ଠେଙ୍ଗାରେ ପ୍ରତି ଆକ୍ରମଣ କରିଥିଲା। ଠେଙ୍ଗା ମାଡ଼ରେ ବାବୁଲି ଗୁରୁତର ହୋଇଥିଲା ଓ ତାକୁ ମେଡ଼ିକାଲ ନ ନିଆଯିବାରୁ କିଛି ସମୟ ପରେ ତା'ର ମୃତ୍ୟୁ ହୋଇଥିଲା। ଗ୍ରାମର • ପୃଷ୍ଠା ୫ ଦେଖନ୍ତୁ



ଆସିକା, (ଭାସ୍କର ନ୍ୟୁଜ୍ ) : ଆସିକା ବିଜେଡି କାର୍ଯ୍ୟାଳୟ ଠାରେ ଆସନ୍ତା ୫ ତାରିଖରେ ବିଜୁ ବାବୁଙ୍କ ୧୦୯ତମ ବିଜୁ ଜୟନ୍ତୀ ଓ ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ଭବନୀ ଶଙ୍କର ମଲ୍ଲିକ, ଶିବ ନାହକ, ସନ୍ତୋଷ ପୋଲାଇ, ସରପଞ୍ଚ ବିଦ୍ୟାନ୍ତ ଚର୍ଚି, ସନ୍ତୋଷ ନାୟକ, ଅନିଲ ନାୟକ, ରଞ୍ଜନ ବିଷୋୟୀ, ଜିଲ୍ଲା ପରିଷଦ ବି. ମନୋଜ ଦୋରା, ଏସି ଏମ୍ ସିଏସ୍ ସଭାପତି କାର୍ତ୍ତିକଶ୍ୱର ପରିଡା, ରଞ୍ଜନ ବିଷୋୟୀ, ବିଜୟ ନାହକ, ଗୌର ହରି ବେହେରା, ଜୟସେନ ସ୍ୱାଇଁ, ନୀଳମାଧବ ସ୍ୱାଇଁ, ଭରତ ନାହକ, ଦେବରାଜ ନାହକ, ପ୍ରତାପ ପ୍ରଧାନ, ସନ୍ତୋଷ ବେହେରା, ମୁନା ବାରିକ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ,ବିମଳ ପ୍ରଧାନ, ସୁକାନ୍ତ ସାହୁ, ସଞ୍ଜୀବ ମହାରଣା, କାହ୍ନୁଚରଣ ପାତ୍ର, କାହ୍ନୁ ଦଳଇ, ମଦନ ମୋହନ ନାୟକ, ଉଦିତ ପାଢ଼ୀ, କେଶବ ଦାସ, ସନ୍ତୋଷ ନାହକ, ଆକାଶ ସ୍ୱାଇଁ, ଟୁନା ସାମନ୍ତରା, ଶିବରାମ ପାଣିଗ୍ରାହୀଙ୍କ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

### ଗଦାଶିଳାରେ ମହିଳା ସମାବେଶ

## ସୁସ୍ଥ ସମାଜ ଗଠନ ପାଇଁ ମହିଳାମାନେ ସଂଗଠିତ ହେବାକୁ ଆହ୍ୱାନ




କଣିହାଁ (ଭାସ୍କର ନ୍ୟୁଜ) : ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ ପରିପ୍ରେକ୍ଷୀରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମାର୍ଚ୍ଚ ୨ରୁ ୮ ତାରିଖ ଏକ ସପ୍ତାହ ବ୍ୟାପୀ ପାଳନ ଅବସରରେ ସଂଗଠନର କଣିହାଁ ବ୍ଲକ କମିଟି ଆନୁକୂଲ୍ୟରେ ରବିବାର ଦିନ ଗଦାଶିଳାସ୍ଥ ବାଜିରାଉତ ସ୍ମୃତି ପାଠାଗାର ଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। କଣିହାଁ ବ୍ଲକ କମିଟି ସଭାନେତ୍ରୀ ପ୍ରଗତିବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଏସୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା ସଂପାଦକ ଭିକାରୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଏଆଇଏମଏସଏସର ଜିଲ୍ଲା ସଂପାଦିକା ମାନସୀ ସ୍ୱାଇଁ ଯୋଗ ଦେଇ ସମାଜରେ ବଢିଚାଲିଥିବା ଅପରାଧିକ କାର୍ଯ୍ୟକଳାପ ତଥା ନାରୀ ନିର୍ଯାତନା ରୋକିବା ସହ ଏକ ସୁସ୍ଥ ସାଂସ୍କୃତିକ ସମାଜ ସୃଷ୍ଟି କରିବାକୁ ହେଲେ ମଦ ତଥା ସମସ୍ତ ପ୍ରକାର ମାଦକଦ୍ରବ୍ୟର ପ୍ରସାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସହ ଅଶ୍ଳୀଳତା - ନଗ୍ନତା-ଅପସଂସ୍କୃତିର ପ୍ରଚାର ପ୍ରସାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ମହିଳାମାନେ ଉନ୍ନତ ରୁଚି ସଂସ୍କୃତି ଆଧାରରେ ସଂଗଠିତ ହୋଇ ଶକ୍ତିଶାଳୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ନାରୀ ନିର୍ଯାତନା ବନ୍ଦ, ନାରୀ ନିର୍ଯାତନାକାରୀଙ୍କୁ କଠୋର ଶାସ୍ତି, ନାରୀ ଓ ଶିଶୁକନ୍ୟାମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ନାରୀ ନିର୍ଯାତନା ବୃଦ୍ଧିର ଅନ୍ୟତମ ମୁଖ୍ୟକାରଣ ମଦ-ମାଦକଦ୍ରବ୍ୟ ତଥା ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତା-ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ, ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କର୍ମରତ ମହିଳା ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ, ଶିକ୍ଷା-ସ୍ୱାସ୍ଥ୍ୟ-ବିଜୁଳିର ଘରୋଇକରଣ ବନ୍ଦ ତଥା ଦରଦାମ ବୃଦ୍ଧି ବନ୍ଦ ଆଦି ଦାବି କରାଯାଇଥିଲା। ସଂଗଠିକା ନିର୍ମଳା ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପଙ୍କଜିନୀ ସିଂହ କେରଳରେ ଚାଲିଥିବା ଆଶା କର୍ମୀମାନଙ୍କ ଆନ୍ଦୋଳନ ସମର୍ଥନରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ସଂଗଠନର କଣିହାଁ ବ୍ଲକ କମିଟି ସଂପାଦିକା ମିନତୀ ସାମଲଙ୍କ ପରିଚାଳନାରେ ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜନଶକ୍ତି ପାର୍ଟି ପକ୍ଷରୁ ସଚେତନତା ଯାତ୍ରା ପାଇଁ ପ୍ରସ୍ତୁତି

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ୫ଦଫା ଦାବି ନେଇ ଜନଶକ୍ତି ପାର୍ଟି ରାଜ୍ୟରେ ଏକ ସଚେତନତା ପଦ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ କୁଜଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜନଶକ୍ତି ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସନାତନ ଦାସ, ଇଂ ସମରେନ୍ଦ୍ର ଜେନା, ଭୀମ ସେଠୀ, ରାଜୀବ ସ୍ୱାଇଁ, ବସନ୍ତ ସେଠୀ ଓ ସେକ୍ ଅମିରୁଦ୍ଦିନ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ସଚେତନତା ଯାତ୍ରା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଜନ ଜାଗରଣ ଯାତ୍ରା ଏପ୍ରିଲ୍ ୧ତାରିଖ ଦିନ କେନ୍ଦ୍ରାପଡ଼ାର ପୂଜାର୍ଚ୍ଚନା ପରେ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା ହେବା ସହିତ ଶେଷରେ ପୁରୀ ଶ୍ରୀ ଜଗନ୍ନାଥଙ୍କ ଧାମରେ ଶେଷ କରାଯିବ ବୋଲି ସଭାପତି ଶ୍ରୀ ଦାଶ ଉକ୍ତ ବୈଠକରେ ପ୍ରକାଶ କରିଥିଲେ। ଏହି ଯାତ୍ରାରେ ମୁଖ୍ୟତଃ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସୁଧମୁକ୍ତ ଶିକ୍ଷା ଋଣ, ସମସ୍ତ ବକେୟା ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ଦରଦାମ୍ ନିୟନ୍ତ୍ରଣ କରିବା, ଠିକା କର୍ମଚାରୀ ବ୍ୟବସ୍ଥା ଉଚ୍ଛେଦ କରିବା, ରିଲିଫ୍ କୋର୍ଡ ସଂଶୋଧନ କରିବା ସହିତ ଅଡିଟ ବ୍ୟବସ୍ଥା, କୃଷକମାନଙ୍କୁ ପେନସନ ପ୍ରଦାନ କରିବା, ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ ଦାବିକୁ ନେଇ ଜନ ସଚେତନତା ଯାତ୍ରା କରାଯିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ।

## ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍ ) : ଯେଉଁ ସଂଗ୍ରାମୀମାନେ କଠୋର ପରିଶ୍ରମ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିଥିଲେ ଅଦ୍ୟାବଧି ଓଡ଼ିଶା ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡ଼ିଆମାନେ ଅବହେଳିତ ଅବସ୍ଥାରେ ରହିଛନ୍ତି । ଏତଦବ୍ୟତୀତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ଯେଉଁ ଉଦ୍ୟମ କରିଥିଲେ ତାହା କାର୍ଯ୍ୟକାରୀ କରିବାରେ ଏ ପର୍ଯ୍ୟନ୍ତ ଅଧୁରା ହୋଇ ରହିଯାଇଛି । ତେଣୁ ଅବହେଳିତ ଅବସ୍ଥାରେ ରହିଥିବା ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ବୋଲି ରବିବାର ଅପରାହ୍ନରେ ସ୍ଥାନୀୟ ଉକଳ ଆଶ୍ରମ ପରିସରରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ଛତିଶଗଡ଼ ଶାଖା ତରଫରୁ ଆୟୋଜିତ ଭାଷା ସମ୍ମିଳନୀ ଓ ଆଲୋଚନାଚକ୍ରରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ଭାଷା ସୁରକ୍ଷା ସଂସ୍ଥାନ ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସମାଜ ଛତିଶଗଡ଼ ଶାଖାର ଆବାହକ ଅଧ୍ୟାପକ ଜୟକୃଷ୍ଣ (ଶ୍ରୀ ବିପ୍ଳବ)ଙ୍କ ଆବାହକତ୍ୱରେ



ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ମୁଖ୍ୟବକ୍ତା ରୂପେ ଗଞ୍ଜାମ କଲେଜର ପୂର୍ବତନ ଅଧକ୍ଷ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ), ସମ୍ମାନିତ ଅତିଥି ଭାବେ ସୁଲେଖିକା ଡ଼. ସୂଚନା ପାଢ଼ୀ, ସମ୍ମାନିତ ବକ୍ତା ରୂପେ ବରିଷ୍ଠ ଶିକ୍ଷାବିତ୍ ସରୋଜ କାନ୍ତ ରଥ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼. ବିମଳ ପ୍ରସାଦ ପଟ୍ଟନାୟକ, ସ୍ତମ୍ଭକାର ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଚ୍ଛିନ୍ନାଞ୍ଚଳ ଆନ୍ଧ୍ର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଓଡ଼ିଆମାନଙ୍କ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେମାନଙ୍କର ସମସ୍ୟା ସମାଧାନ ପାଇଁ ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମୁଖ୍ୟଅତିଥି ଶ୍ରୀ ରଥ ଦାବି କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଡ଼. ବିଜୟ ଚନ୍ଦ୍ର ମହାରଣା ଏଥିରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସରକାରୀ ଚାକିରୀରୁ ଅବସରଗ୍ରହଣ କରିଥିବା ସୁଲେଖିକା ପଦ୍ମିନୀ ମିଶ୍ର ଓ ସାମ୍ବାଦିକ ସୁଦୀପ କୁମାର ସାହୁଙ୍କୁ ଭାଷା ସୁରକ୍ଷା ସମ୍ମାନ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ସ୍ତବକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପରଲୋକ ଗମନ କରିଥିବା ଉକଳ ସମ୍ମିଳନୀ ଗଞ୍ଜାମ ଶାଖାର ପୂର୍ବତନ ସଭାପତି ମନ୍ମଥ ପାଢ଼ୀ ଓ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ମୃତିଚାରଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସ୍ୱର୍ଣ୍ଣମୟୀ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ଶଙ୍କର୍ଷଣ ତ୍ରିପାଠୀ, ବି. ସତ୍ୟମ୍ ଆଚାରୀ, ବଳରାମ ପଲାଇ, ସୋମନାଥ ସାହୁ, ଚନ୍ଦ୍ରଶେଖର ମହାପାତ୍ର, କବୟିତ୍ରୀ ମୀରାବାଇ ପଣ୍ଡା, ଡ଼ା. ସ୍ମରଣିକା ସାହୁ, ସସ୍ମିତା କୁମାରୀ ପାଣିଗ୍ରାହୀ, ମଧୁସ୍ମିତା ସାହୁ, ରଞ୍ଜିତାରାଣୀ ଦାଶ, ଜ୍ୟୋତ୍ସ୍ନାରାଣୀ ଦେବୀ, ସରୋଜିନୀ ସାହୁ ପ୍ରମୁଖ୍ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ସୁରକ୍ଷା ନେଇ ଏକ ସ୍ମାରକପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ଟାଟାଷ୍ଟିଲ୍ ପକ୍ଷରୁ ଯୋଡ଼ାରେ ୧୮୬ତମ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦୁଝର (ଭାସ୍କର ନ୍ୟୁଜ) : ମାର୍ଚ୍ଚ ୩, ୨୦୨୫ ଟାଟା ଷ୍ଟିଲ୍ ଓର ମାଇନ୍ସ ଆଣ୍ଡ୍ କ୍ୱାରିଜ୍ (ଓଏମ୍‌କ୍ୟୁ) ଡିଭିଜନ୍‌ର ଯୋଡ଼ା ୟୁନିଟ୍ ପକ୍ଷରୁ ସୋମବାର ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୬ ତମ ଜୟନ୍ତୀକୁ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଇଛି । ଟାଟା ଷ୍ଟିଲ୍ ଯୋଡ଼ାର ଚିଫ୍ ରାଜେଶ କୁମାର ଅନ୍ୟାନ୍ୟ ୟୁନିଟ୍‌ର ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ସହ ମିଶି ଜେସିଓ ଅଫିସ ଠାରେ ଜେ ଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏତଦବ୍ୟତୀତ, ଯୋଡ଼ା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ନୀଳାଚଳ ଖଣି, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ ଏବଂ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ମଧ୍ୟ ଏହି ଦୂରଦ୍ରଷ୍ଟାଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପ୍ରାତଃ ସମୟରେ ସ୍କୁଲ ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ଅଂଶଗ୍ରହଣ କରିଥିଲେ ଯାହା ଯୋଡ଼ା ୱେଷ୍ଟ କ୍ୟାମ୍ପରୁ ଆରମ୍ଭ ହୋଇ ଜେସିଓ ଅଫିସ୍ ରେ ଶେଷ ହୋଇଥିଲା ଓ ସେମାନେ ମଧ୍ୟ ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରାଜେଶ କୁମାର, ଅନ୍ୟ ଅଧିକାରୀଗଣ ଏବଂ ଟାଟା ଷ୍ଟିଲ୍ ହସ୍ପିଟାଲ୍ ଯୋଡ଼ାର ଅଧିକାରୀମାନଙ୍କ ଦ୍ୱାରା ରୋଗୀମାନଙ୍କୁ ଫଳ ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଏହି ଦିବସକୁ ଆହୁରି ଉତ୍ସବମୁଖର କରିବା ଲାଗି କର୍ମଚାରୀମାନଙ୍କ ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡିଆରେ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହା ବ୍ୟତୀତ ଯୋଡା ସହର ରେ ଥିବା ସାର ଦୋରାବଜୀ ଟାଟା ବଟାନିକାଲ୍ ପାର୍କ, ସେଣ୍ଟନାରି ପାର୍କ, ରେନୱାଟର ହାର୍ଭେଷ୍ଟିଂ ପାର୍କକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ଆଲୋକିତ କରାଯାଇଥିଲା । ଲୋକମାନେ ପରିବାର ବର୍ଗଙ୍କ ସହ ବୁଲି ଏହି ସାଜସଜ୍ଜାକୁ ମନଭରି ଉପଭୋଗ କରିଥିଲେ।

## କୁଟିଙ୍ଗାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍ ) : ଲକ୍ଷ୍ମୀପୁର ବ୍ଲକ୍ କୁଟିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ସରପଞ୍ଚ ସୁଲଚନା ମାଝିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ବିଡ଼ିଓ ଗୁରେଶ୍ୱର ଭୋଇ, ଜିପିଓ ସୁଧୀର ବେହେରା, ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ, ଯନ୍ତ୍ରୀ ଶ୍ରାବଣୀ ପାଢ଼ୀ, ଓଡ଼ିଶା ଜୀବିକା ମିଶନ ବିପିଏମଓ ଟୁନା ଖଟେଇ, ବ୍ଲକ୍ ରିସୋର୍ସ କୋଡିନେଟର ଦାମଦର କନ୍ଦପାଣି, ଏପିଓ ଜୁନେସ ଶବର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମାତ୍ର ପାଞ୍ଚୋଟି ଅଭିଯୋଗ ଦାଖଲ ହୋଇଥିବା ବେଳେ କିଛି ଅଭିଯୋଗ ମୌଖିକ ଭାବେ ଅଞ୍ଚଳବାସୀ ଜଣାଇଥିଲେ। ପ୍ରତ୍ୟେକ ସୋମବାର ଦିନ ସ୍ଥାନୀୟ ବ୍ଲକର ଗୋଟିଏ ଲେଖା ପଞ୍ଚାୟତରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲେ ମଧ୍ୟ ଅତି କମ୍ ଅଭିଯୋଗ ଆସୁଛି। ବୋଧେ ଅଞ୍ଚଳରେ ଆଉ କିଛି ସମସ୍ୟା ନାହିଁ ନଚେତ ଲୋକେ ଅଭିଯୋଗ କରିବାକୁ ଇଛୁକ ନୁହନ୍ତି ବୋଲି ଶ୍ରୀଯୁକ୍ତ ମାଝି ପ୍ରକାଶ କରିଥିଲେ। ତଥାପି ଆପଣମାନଙ୍କ ଅଞ୍ଚଳରେ ଯେକୌଣସି ସମସ୍ୟା ଉପୁଜେ ତେବେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଯୋଗ କରନ୍ତୁ, ନିଶ୍ଚିତ ଭାବେ ଆମେ ତା'ର ସମାଧାନ କରିବୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ହାତଗଣତି କିଛି ବିଭାଗର ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଡିଓ ସୁବାସ ପଣ୍ଡିତ ଓ ଜିଆରଏସ ଗୁଡ଼ିଆ ନାୟକ ସହଯୋଗ କରିଥିଲେ।

## ସର୍ଟସର୍କିଟ୍‌ରୁ ଜଳିଗଲା ଘର
### ୨ପୁଅ ଆହତ-ଝିଅ ଗୁରୁତର

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ବଡପୁଟି ତିଅରବସା ଗାଁର ଗରିବ ତଥା ଦୃଷ୍ଟିବାଧିତ ସୁଦର୍ଶନ ବେହେରାଙ୍କ ଘର ସର୍ଟସର୍କିଟ୍‌ରେ ଫେବୃୟାରୀ ୧୦ ତାରିଖରେ ପୋଡି ଯାଇଥିଲା । ଏଥିରେ ଘର ସମ୍ପୂର୍ଣ୍ଣ ପୋଡି ଯାଇ କ୍ଷତି ହୋଇଥିବାବେଳେ ତାଙ୍କ ୧୬ ବର୍ଷର ଝିଅ ସୁଚିତ୍ରାଙ୍କ ହାତ ଓ ଗୋଡ ସମ୍ପୂର୍ଣ୍ଣ ପୋଡି ହୋଇଯାଇଥିଲା । ଏବେ ସେ

**ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ଦିବ୍ୟାଙ୍ଗ ବାପା**



ମେଡିକାଲର ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଛି । ଏଥିରେ ତାଙ୍କ ୨ ପୁଅ ମଧ୍ୟ ଆହତ ହୋଇଥିଲେ। ତେବେ ଘର ପୋଡି ଏବଂ ଝିଅର ଚିକିତ୍ସା ପାଇଁ ଅର୍ଥର ଘୋର ଅଭାବ ରହିଥିବା ସୁଦର୍ଶନ କହିଛନ୍ତି । ଏଥିପାଇଁ ଜରୁରୀକାଳୀନ ପାଣ୍ଠିରୁ ଆର୍ଥିକ ସହାୟତା ଦେବା ଲାଗି ସେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

## ରସକୁଦି ଆଶ୍ରମ ବିଦ୍ୟାଳୟର ୬୪ତମ ସମାରୋହ




କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ) : ରସକୁଦି ସରକାରୀ ଆଶ୍ରମ ବିଦ୍ୟାଳୟର ୬୪ତମ ସମାରୋହ ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ମୁଖ୍ୟବକ୍ତା ପ୍ରଭାତ କୁମାର ଶତପଥୀ ସିଆର ସିସି ଦିଲୀପ କୁମାର ବିଶ୍ୱାଳ ଗ୍ରାମ୍ୟ କମିଟ ସଭାପତି ରବୀନ୍ଦ୍ର ମଲ୍ଲିକ ବଡ ଆଇଁଳ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦ୍ୟାଧର ଜାଲୀ ପଥରଗଞ୍ଜା ୟୁଜି ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ ସମ୍ମାନିତ ଅତିଥି ସରପଞ୍ଚ ବୀଣାପାଣି ପ୍ରଧାନ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡା ନୃତ୍ୟ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ଅତିଥି ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମସ୍ତ କାର୍ଯ୍ୟ ତଦାରଖ କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ ସାହୁ ଅମରେଶ ତରେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟିଏସ୍‌କେ ଓ ଏନ୍‌ଆଇଏନଏଲ୍ ପକ୍ଷରୁ ଜାମସେଦଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ପାଳିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) ଓ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନଏଲ୍) ମିଳିତ ଭାବେ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ସୋମବାର ଦିନ ପାଳନ କରିଛନ୍ତି। ଟାଟା ଷ୍ଟିଲ କଳିଙ୍ଗନଗର ଠାରେ ପ୍ରକଳ୍ପ କାର୍ଯ୍ୟାଳୟରୁ ଟିଏସକେ ସେଣ୍ଟରର କର୍ମଚାରୀମାନେ ଆନୁଷ୍ଠାନିକ ପରେଡ କରିଥିଲେ। ବରିଷ୍ଠ ନେତୃବୃନ୍ଦ, କର୍ମଚାରୀ ସଂଘ ପ୍ରତିନିଧି ଏବଂ କର୍ମଚାରୀମାନେ ଜେଏନ୍ ଟାଟାଙ୍କ ଚିରସ୍ଥାୟୀ ପରମ୍ପରାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୁନର୍ବାସ ଓ ଥଇଥାନ କଲୋନୀ ଏବଂ କମ୍ପାନୀର ହାଉସିଂ କଲୋନିରେ ସପ୍ତାହବ୍ୟାପୀ ଆୟୋଜିତ ଉତ୍ସବରେ ଟାଟା ପରିବାର ସଦସ୍ୟ ଏବଂ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମେତ




ଅନେକ କ୍ରୀଡ଼ା ପ୍ରତିଯୋଗୀତା ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋବରଘାଟି, ତ୍ରିଜଙ୍ଗା ଓ ସନସାଇଲୋର ୧୦୦୦ରୁ ଊର୍ଦ୍ଧ୍ୱ ଟାଟା ପରିବାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କିଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଟାଟା ଷ୍ଟିଲ କଳିଙ୍ଗନଗର ଏବଂ ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରାହ୍ମଣୀପାଳର ମିଳିତ ସହଯୋଗରେ ରେମାଳ ଡ୍ୟାମରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୭୦ରୁ ଅଧିକ କର୍ମଚାରୀ ଏକ ବୃହତ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଏବଂ ଅଣ ବାୟୋଡିଗ୍ରେଡେବଲ୍ ବର୍ଜ୍ୟବସ୍ତୁକୁ ବ୍ୟବହାର ନକରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ସଫଳ ପ୍ରୟାସ ଫଳରେ ପାଖାପାଖି ଏକ କ୍ୱିଣ୍ଟାଲ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥିଲା, ଯାହା ଡ୍ୟାମ୍ ଏବଂ ଏହାର ଆଖପାଖ ପରିବେଶ ପରିଚାଳନାରେ ଉଲ୍ଲେଖନୀୟ ଭୂମିକା ପ୍ରଦର୍ଶନ କରିଥିଲା। ଏହି ଅବସରରେ, ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଜେଏନ୍ ଟାଟାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏନଆଇଏନଏଲ୍ ଟାଉନସିପରେ ଆୟୋଜିତ କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ଏଥିରେ ଅଂଶଗ୍ରହଣ କରିଥିଲେ। ଜାମସେଦଜୀ ନୁସରୱାନଜୀ ଟାଟାଙ୍କୁ (ମାର୍ଚ୍ଚ ୩,୧୮୩୯ – ମେ ୧୯, ୧୯୦୪), 'ଭାରତୀୟ ଶିଳ୍ପର ଜନକ' ଭାବରେ ବିବେଚନା କରାଯାଏ। ଜାମସେତଜୀ ତାଙ୍କ ଦୂରଦର୍ଶୀ ଅବଦାନ ପାଇଁ, ଭାରତର ଇସ୍ପାତ, ଶିଳ୍ପ, ଶକ୍ତି, ଉନ୍ନତ ବୈଷୟିକ ଶିକ୍ଷା, ଦେଶର ଶିଳ୍ପାୟନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦେଶକୁ ଆଗେଇ ନେଇଥିଲା। ଜାମସେତଜୀ ନାଗପୁରରେ ଏକ ଟେକ୍ସଟାଇଲ୍ ମିଲ୍ ମଧ୍ୟ ସ୍ଥାପନ କରିଥିଲେ। ୧୮୯୩ ମସିହାରେ ଜାମସେତଜୀ ଏକ ସିପିଂ ଲାଇନ - ଟାଟା ଲାଇନ ଆରମ୍ଭ କରିଥିଲେ। ସେ ୪ଟି ପ୍ରମୁଖ ପ୍ରକଳ୍ପ ପଛରେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଲଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଟାଟା ଷ୍ଟିଲ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏବଂ ଟାଟା ପାୱାର କମ୍ପାନି ଲିମିଟେଡ୍ ଆକାରରେ ତାଙ୍କର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଥିଲା।

## ଅଶୋକା ସିନେମା ହଲ୍ ଠାରେ ବଜେଟକୁ ନେଇ ଆଲୋଚନାଚକ୍ର




ଆସିକା, (ଭାସ୍କର ନ୍ୟୁଜ୍ ) : ଆସିକା ଅଶୋକା ସିନେମା ହଲ ଠାରେ ବଜେଟକୁ ବିଜେପିର ନେଇ କେନ୍ଦ୍ର ଓ ରାଜ୍ୟ ବଜେଟକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଯୁବନେତା ସଂଗୀତ ପାଢ଼ୀ, ସନ୍ଦୀପ ପାଢ଼ୀ, ଆସିକା ସାଂସଦ ଅନିତା ସୁଭଦର୍ଶନୀ, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଭଞ୍ଜନଗର ବିଧାୟକ ଉପସ୍ଥିତ ରହିଥିଲେ। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମଣ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନା କରିଛନ୍ତି। ଏହି ବଜେଟ କେବଳ ବିକଶିତ ଭାରତକୁ ପ୍ରତିଫଳନ କରୁ ନାହିଁ ବରଂ ଏହା ଏକ ଐତିହାସିକ, ଭବିଷ୍ୟତବାଦୀ, ଦୂରଦୃଷ୍ଟି ସମ୍ପନ୍ନ ବଜେଟ । ଏହି ବଜେଟରେ ଜନ୍ମ ହେବା ଶିଶୁ ଠାରୁ ଦକ୍ଷତା ବିକାଶ, ଉଚ୍ଚସ୍ତରୀୟ ଗବେଷଣା, ମାନବ ପୁଞ୍ଜିର ସର୍ବାଙ୍ଗୀନ ବିକାଶକୁ ଆଖି ଆଗରେ ରଖି ରଖାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଅନେକ ବାସହୀନ ପରିବାରଙ୍କୁ ସାମିଲ କରିବାକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରଧାନମନ୍ତ୍ରୀଙ୍କ ସବକା ସାଥ୍ ସବକା ବିକାଶ ସଙ୍କଳ୍ପକୁ ସାକାର କରୁଥିବା ଏହି ବଜେଟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟୋଦୟ ସପ୍ନକୁ ସାକାର କରିବା ପାଇଁ ଏହି ବଜେଟ ସହାୟକ ହେବ ବୋଲି ସମସ୍ତେ ମତ ରଖିଥିଲେ। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଅତିରିକ୍ତ ଅରକ୍ଷୀ ଅଧିକାରୀ ରଂଜିତ କୁମାର ପୃଷ୍ଟି, ଉପଖଣ୍ଡ ଅରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଆସ୍କା ଦାୟିତ୍ୱରେ ଥିବା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ୦୩ ଏସ ଏଇ, ୦୫ଜଣ ଏଏସଆଇ ସମେତ ଦୁଇ ପ୍ଲାଟୁନ ପୋଲିସ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିଲେ।

## ସାମ୍ବାଦିକଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ: ସମର୍ଥନ ଦେଲେ ବାର ଆସୋସିଏସନ୍ ଉପସଭାପତି

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକ ମାନଙ୍କର କାର୍ଯ୍ୟାଳୟ ଯୋଗାଣ ଦାବିରେ ତା ୨୮/୨/୨୦୨୫ ରିଖ ଠାରୁ ସାମ୍ବାଦିକ ମାନେ ଗଣଧାରଣା ଆରମ୍ଭ କରିଛନ୍ତି। ସାମ୍ବାଦିକମାନଙ୍କ ପାଇଁ ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ଯୋଗାଣ ନିମନ୍ତେ ଏହି ଦିବା ରାତ୍ର ଚାଲୁ ରହିବ ବୋଲି ଧାରଣାରତ ସାମ୍ବାଦିକ ମାନେ ପ୍ରକାଶ କରିଛନ୍ତି। ଉକ୍ତ ଗଣଧାରଣାରେ ନେତୃତ୍ୱ ନେଇଥିବା ସର୍ବଶ୍ରୀ ଉପେନ୍ଦ୍ର କୁମାର ନାୟକ ସଞ୍ଜୟ କୁମାର ପଣ୍ଡା ବ୍ରଜବନ୍ଧୁ ଦାଶ ସନ୍ତୋଷ କୁମାର ପତି ପ୍ରମୋଦ ଦାଶ ସୁଶାନ୍ତ କର ପ୍ରମୁଖ ସାମ୍ବାଦିକ




ଗଣଧାରଣା ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଏହି ଆନ୍ଦୋଳନକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ରାଜନେତା ସମାଜସେବୀ ଗଣ ସଙ୍ଗଠକ ସମର୍ଥନ ଜଣାଇ ଆନ୍ଦୋଳନକାରୀଙ୍କ ଶିବିରରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ସର୍ବେଶ୍ୱର ସେଠୀ ପ୍ରମୋଦ କୁମାର ଜେନା, ଅବିନାଶ ଲେଙ୍କା, ରବୀନ୍ଦ୍ର ମହାନ୍ତି, ଅନ୍ତର୍ଯ୍ୟାମୀ ମଳିକ, ବିଜୟ କୁମାର ବିଶ୍ୱାଳ, ସତ୍ୟପ୍ରିୟ ସାମଲ, କଳ୍ପତରୁ ମଳିକ, ରଞ୍ଜନ କୁମାର ପ୍ରଧାନ, ପ୍ରଭାତ ପ୍ରଧାନ, ସୁଧାଂଶୁ ଶେଖର ଜେନା, ଈଶ୍ୱର ମଳିକ, ତପ ରଞ୍ଜନ ବେହେରା, କ୍ଷୀରୋଦ ଦାଶଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ସମର୍ଥନ ଜଣାଇ ଥିଲେ। ତୃତୀୟ ଦିନ ଗଣଧାରଣାରେ ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ବିଭୁତି ପ୍ରଧାନ, ଅଶୋକ ସାହୁ, ହିମାଂଶୁ ମହାନ୍ତି, ଶିଶିର ସେଣ, କାମିନୀ ସାହୁ, ଲିଲି ଦଳାଇ, ହିମାଂଶୁ ମହାନ୍ତି, ନମିତା ନାୟକ, ସଙ୍ଗୀତା ଦାସ, ଜୁବେଶ ନାୟକ, ମାଗୁଣି ମଳିକ ପ୍ରମୁଖ ଧାରଣାରେ ଯୋଗ ଦେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି। ଦିନକୁ ଦିନ ଧାରଣାକାରୀଙ୍କ ପ୍ରତି ଜନସମର୍ଥନ ବଢ଼ି ଚାଲିଥିବା ଦେଖାଯାଉଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ୍‌ର ଉପସଭାପତି ସୁରେଶ କୁମାର ନରେନ୍ଦ୍ର, କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ସାହୁ ଆନ୍ଦୋଳନରେ ଯୋଗ ଦେଇଛନ୍ତି।



କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ କଲେଜ ବାଣିଜ୍ୟ ବିଭାଗ ତରଫରୁ 'ଭାରତୀୟ ବ୍ୟାଙ୍କ ମାନଙ୍କ ଦ୍ୱାରା ଋଣ ଆଦାୟ ପ୍ରକ୍ରିୟା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି ଋଣର ବିଭିନ୍ନ ପ୍ରକ୍ରିୟା ସଂପର୍କରେ ସମସ୍ତେ ସଚେତନ ରହିବା ପାଇଁ ଏଭଳି ପାଠଚକ୍ରର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁବ୍ରତ ବଳ ସ୍ୱାଗତ ଭାଷଣ ଦେବା ସହ ପାଠଚକ୍ରର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଲ'ର ଆସୋସିଏଟ୍ ଡିନ୍ ଡଃ ସ୍ଥିତପ୍ରଜ୍ଞ ମହାନ୍ତି ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାଙ୍କମାନେ ଅନାଦେୟ ଋଣର ପୁନରୁଦ୍ଧାର ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଶିବାନନ୍ଦ ମହାନ୍ତି । ଅଧ୍ୟାପକ ଡଃ ଜୀବନ ଝୁନ୍‌ଝୁନ୍ ବାଲା, ଡଃ ମଙ୍ଗରାଜ ପାତ୍ର, ଡଃ ସୁଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏହି ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ ।



ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସଭା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ପାଇଁ ଏବଂ ପିଏମ୍ ସୂର୍ଯ୍ୟଘର ଯୋଜନାରେ ରାଜ୍ୟରେ ଅଧିକ ଲୋକଙ୍କୁ ସାମିଲ୍ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଶକ୍ତି ବିଭାଗର ବଜେଟ୍ ଖର୍ଚ୍ଚ ଅତିକମରେ ୮୫ ପ୍ରତିଶତ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖରାଦିନେ ସାଧାରଣତଃ ଓଭରଲୋଡିଂ ସମସ୍ୟା ଯୋଗୁଁ ବିଦ୍ୟୁତ୍ କାଟ ହୋଇଥାଏ । ଏହାକୁ ପ୍ରତିହତ ପାଇଁ ଫିଡର ଓ ଟ୍ରାନ୍ସଫରମରଗୁଡ଼ିକୁ ଅପଗ୍ରେଡ୍ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟାକ୍‌ଅପ୍ ବ୍ୟବସ୍ଥା ରଖିବା ପାଇଁ ମଧ୍ୟ ସେ କହିଥିଲେ । ପିକ୍ ଆୱାରର ଚାହିଦାକୁ ମେଣ୍ଟାଇବା ପାଇଁ ବିଭିନ୍ନ ଶକ୍ତି ଉତ୍ପାଦନକାରୀ କମ୍ପାନୀ ସହ ଆଲୋଚନା କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶକ୍ତି ଉପଲବ୍ଧ କରିବାକୁ ସେ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ନେବାପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ରାଜ୍ୟର ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀର ସିଇଓ ଏବଂ ଶକ୍ତି ବିଭାଗ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ପାଇଁ ସାଂସଦ ଅପରାଜିତ ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି ।

# ଖାରବେଳ ଭବନ ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ନୋଡାଲ ବିଭାଗ ଭାବେ ମନୋନୀତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାର ଖାରବେଳ ଭବନରେ ଉପଲବ୍ଧ ସୁବିଧାଗୁଡ଼ିକର ସାମଗ୍ରିକ ତଦାରଖ ଏବଂ ପରିଚାଳନା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ନୋଡାଲ ବିଭାଗ ଭାବରେ ମନୋନୀତ କରିଛନ୍ତି । ଖାରବେଳ ଭବନରେ ଉପଲବ୍ଧ ଭିତ୍ତିଭୂମି ଏବଂ ସୁବିଧାଗୁଡ଼ିକର ସମନ୍ୱିତ ତଦାରଖର ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଖାରବେଳ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ସେଠାରେ ୧୧ଟି ସରକାରୀ ବିଭାଗ ଏବଂ ୬୦୦ ରୁ ଅଧିକ କର୍ମଚାରୀ କାର୍ଯ୍ୟରତ । ଏକ ଅନୁକୂଳ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପାର୍କିଂ, ଉଦ୍ୟାନ ଏବଂ ପରିଷ୍କାର ପରିଚ୍ଛନ୍ନତା ସେବା ସମେତ ଅନେକ ଅତ୍ୟାବଶ୍ୟକୀୟ ସୁବିଧା ପୂର୍ବରୁ ବ୍ୟବସ୍ଥା କରାଯାଇଛି । ଏହା ସହିତ, କର୍ମଚାରୀ ଏବଂ ପରିଦର୍ଶକଙ୍କ ପାଇଁ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ସରକାର ଏକ କ୍ୟାଣ୍ଟିନ୍ ଏବଂ କ୍ରେଚ୍ ଭଳି ନୂତନ ସୁବିଧାର ବିକାଶ କରିବାକୁ କଳ୍ପନା କରୁଛନ୍ତି । ଏହି ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଉନ୍ନତି ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ଆବଶ୍ୟକତା ଦୃଷ୍ଟିରୁ ସରକାର ଖାରବେଳ ଭବନ ପରିସରରେ ସମସ୍ତ ଉପଲବ୍ଧ ସେବା ଏବଂ ଯୋଜନାବଦ୍ଧ ଭବିଷ୍ୟତ ବିକାଶର ତଦାରଖ କରିବାର ଦାୟିତ୍ୱ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଦେଇଛନ୍ତି । ଏହି ନିଷ୍ପତ୍ତି ସହିତ, ସରକାର ଉତ୍ତମ ସମନ୍ୱୟ, ସମୟୋଚିତ ଉନ୍ନତି ଏବଂ ସୁବିଧାଗୁଡ଼ିକର ଦକ୍ଷ ପରିଚାଳନା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ସରକାରୀ କର୍ମଚାରୀ ଏବଂ ଅଂଶୀଦାରମାନଙ୍କ ପାଇଁ ଏକ ଅଧିକ ଆରାମଦାୟକ କାର୍ଯ୍ୟକ୍ଷେତ୍ର ହୋଇପାରିବ ।

# ପଞ୍ଚାୟତିରାଜ ଦିବସ ବନ୍ଦ କରିବା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନକୁ ରାଜ୍ୟରେ ନବେ ଦଶକରୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିବା ବେଳେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ଦିବସ ପାଳନ ପାଇଁ କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି । ଏହା ରାଜ୍ୟର ଲକ୍ଷାଧିକ ପଞ୍ଚାୟତ ପ୍ରତିନିଧିମାନଙ୍କ ମନରେ ଆଘାତ ଦେଇଛି ଏବଂ ତୁରନ୍ତ ସରକାର ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶାନାମା ଜାରି କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ କୁମାର ଦାସବର୍ମା ରାଜ୍ୟ ତଥା ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତିଷ୍ଠାର ମୁଖ୍ୟ କର୍ଣ୍ଣଧାର ବିଜୁ ବାବୁ ଥିଲେ ବୋଲି ଉଲ୍ଲେଖ କରିଥିଲେ । ଶ୍ରୀ ଦାସବର୍ମା କହିଥିଲେ, ସରକାର ଏକ ନିରନ୍ତର ପ୍ରକ୍ରିୟା । ନବେ ଦଶକ ପରେ ସରକାର ବଦଳିଛି, କିନ୍ତୁ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ନିରନ୍ତର ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ହୋଇଆସୁଛି । ଦୁର୍ଭାଗ୍ୟର ବିଷୟ ଯେ, ମାର୍ଚ୍ଚ ୫ ତାରିଖ ଆସିବାକୁ ୪୮ ଘଣ୍ଟାରୁ କମ ସମୟ ରହିଛି, କିନ୍ତୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତୀୟ କୌଣସି ନିର୍ଦ୍ଦେଶନାମା ପ୍ରକାଶ କରିନାହାନ୍ତି । ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ ପାଇଁ ତୁରନ୍ତ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ।

## କ୍ରାଇମବ୍ରାଞ୍ଚରେ ହାଜର ହେଲେନି ଦୀପାଳି ଓ ବିଶାଳ

କଟକ(ଭାସ୍କର ନ୍ୟୁଜ୍): ନବଦାସ ହତ୍ୟାକାଣ୍ଡ ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚରେ ଆଜି ହାଜର ହୋଇନାହାନ୍ତି ଦୀପାଳି ଓ ବିଶାଳ । ପାରିବାରିକ ସମସ୍ୟା ଯୋଗୁଁ କ୍ରାଇମବ୍ରାଞ୍ଚ ଆସିବେ ନାହିଁ ବୋଲି ଅବଗତ କରିଛନ୍ତି । ତା ସହ କ୍ରାଇମବ୍ରାଞ୍ଚରେ ହାଜର ନହୋଇ ବରଂ ତାଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ ଆସି ବୟାନ ରେକର୍ଡ କରୁ ବୋଲି କ୍ରାଇମବ୍ରାଞ୍ଚକୁ ନିବେଦନ କରିଛନ୍ତି ଦୀପାଳି କ୍ରାଇମବ୍ରାଞ୍ଚ କେବେ ବୟାନ ରେକର୍ଡ କରିବ ସେନେଇ ସେ ସମୟ କହିବେ ବୋଲି କହିଛନ୍ତି ବିଶାଳ । କ୍ରାଇମବ୍ରାଞ୍ଚରେ ହାଜର ହୋଇ ଆପତ୍ତି ଅଭିଯୋଗ ଜଣେଇବା ପାଇଁ ଉଭୟଙ୍କୁ ନୋଟିସ କରିଥିଲା କ୍ରାଇମବ୍ରାଞ୍ଚ ।

## ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାଟୁ ବିବାଦ: ଦୁଇ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାଟୁ ବିବାଦ ପ୍ରସଙ୍ଗରେ, ସୋମବାର ରକି ଟାଟୁ ଷ୍ଟୁଡିଓର ମାଲିକଙ୍କୁ କମିସନରେଟ୍ ପୋଲିସ ଗିରଫ କରିଛି । ଜଣେ ବିଦେଶୀ ମହିଳାଙ୍କ ଜଙ୍ଘରେ ପ୍ରଭୁ ଜଗନ୍ନାଥଙ୍କ ଟାଟୁ ତିଆରି କରିବା ମାମଲାରେ ରକି ଷ୍ଟୁଡିଓର ମାଲିକ ରକି ରଞ୍ଜନ ବିଷୋୟୀଙ୍କୁ ସହିଦ ନଗର ପୋଲିସ ଗିରଫ କରିଛି । ଏହାସହ ଟାଟୁ ଆଙ୍କିଥିବା ଆର୍ଟିଷ୍ଟଙ୍କୁ ମଧ୍ୟ ଗିରଫ କରାଯାଇଛି । ସୋସିଆଲ ମିଡିଆରେ ଟାଟୁର ଫଟୋ ସେୟାର ହେବା ପରେ କିଛି ଧାର୍ମିକ ସଂଗଠନ ସହିଦ ନଗର ପୋଲିସ ଷ୍ଟେସନ ସମ୍ମୁଖରେ ପ୍ରତିବାଦ କରି ମାମଲା ରୁଜୁ କରିଥିଲେ । ଜନସାଧାରଣଙ୍କ ବିରୋଧ ପରେ, ରକି ଷ୍ଟୁଡିଓର ମାଲିକ ରକି ରଞ୍ଜନ ସୋସିଆଲ ମିଡିଆରେ କ୍ଷମା ପ୍ରାର୍ଥନା କରିଥିଲେ । କିନ୍ତୁ ପରେ ସହିଦ ନଗର ପୋଲିସ ତାଙ୍କୁ ଗିରଫ କରିଥିଲା । ବିଏନଏସ ଧାରା ୨୯୯ ଏବଂ ବିଏନ୍‌ଏସ୍ ଧାରା ୧୯୬ଅନୁଯାୟୀ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ଏହି ଗିରଫଦାରୀ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ

# ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ କାମ ବନ୍ଦ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ପ୍ରସ୍ତୁତି ବୈଠକ ସୋମବାର ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, ଶ୍ରୀମତୀ ସସ୍ମିତା ସାହୁ, ସିଟି ଇଂଜିନିୟର ବିଳାସ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ । ମଧ୍ୟରେ ବିଏମ୍‌ସିର ସମସ୍ତ ଅଧିକାରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମ ଯୋଗ ଦେଇଥିଲେ । ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସେବା କେନ୍ଦ୍ର ଖୋଲାଯିବ । କେଉଁ କେଉଁ ସ୍ଥାନରେ ଜଳସେବା କେନ୍ଦ୍ରମାନ ଖୋଲାଯିବ ତାହା ଜୋନାଲ କମିଶନର ଚିହ୍ନଟ କରିବେ । ବୁଲା ଗାଈଗୋରୁ, କୁକୁର ତଥା ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ବ୍ୟବସ୍ଥା କରାଯିବ । ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟକାରୀ କରାଯିବ । ଗତ ବର୍ଷ ନର୍ଥ ଜୋନରେ ୬୭ଟି, ସାଉଥ-ଇଷ୍ଟ ଜୋନରେ ୬୯ଟି ଏବଂ ସାଉଥ-ୱେଷ୍ଟ ଜୋନରେ ୭୭ଟି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା । ସେହିପରି ପ୍ରାଣୀଙ୍କ ପାଇଁ ନର୍ଥ ଜୋନରେ ୫୧, ସାଉଥ-ଇଷ୍ଟ ଜୋନରେ ୧୩୪ ଏବଂ ସାଉଥ-ୱେଷ୍ଟ ଜୋନରେ ୭୩ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା । ଚଳିତବର୍ଷ ଜନ ଗହଳିପୂର୍ଣ୍ଣ ସ୍ଥାନ, ବସ୍ ଷ୍ଟାଣ୍ଡ, ବିଭିନ୍ନ ଛକ, ବଜାର, ହାଟ ଆଦିରେ ପାନୀୟ ଜଳ ସେବା କେନ୍ଦ୍ରମାନ ଖୋଲାଯିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଏମ୍‌ସି ମୁଖ୍ୟାଳୟ ଦ୍ୱିତୀୟ ମହଲାରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯିବ । ଏଥିପାଇଁ ସ୍ୱତନ୍ତ୍ର ଭାବେ ୧୯୨୯ ଫୋନ୍ ନଂ ଜାରି କରାଯାଇଛି । ଡେପୁଟି କମିଶନର ଏମରଜେନ୍ସି ରଶ୍ମିରେଖା ପ୍ରଧାନ କାର୍ଯ୍ୟ ସଂଯୋଜନା କରିଥିଲେ ।

## ସତର୍କତାମୂଳକ ପଦକ୍ଷେପ ପାଇଁ ବ୍ୟାପକ ପ୍ରସ୍ତୁତି
## ସହରର ବିଭିନ୍ନ ସ୍ଥାନରେ ଖୋଲିବ ଜଳସେବା କେନ୍ଦ୍ର

## ମାର୍ଚ୍ଚ ୫ ବଦଳରେ ଅପ୍ରେଲ ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାରେ ମାର୍ଚ୍ଚ ୫ ତାରିଖକୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାନଯାଇ ଅପ୍ରେଲ ୨୪ରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଲୋକସେବା ଦିବସ ମଧ୍ୟ ଅପ୍ରେଲ ୨୪ ତାରିଖରେ ପାଳନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଓଡିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି । ତେବେ ପ୍ରତିବର୍ଷ ଅପ୍ରେଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଏ । ଏହି ଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧି ମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ କରାଯାଇଥାଏ । ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟସ୍ତରରେ ଥିବା ଏହି ଅସଂହତି ଦୂର ପାଇଁ ଓଡିଶାରେ ମାର୍ଚ୍ଚ ୫କୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାନଯାଇ ଅପ୍ରେଲ ୨୪ରେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

# ଜନଜାତିଙ୍କ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇଲେ କିସ୍ ଅଭିଭାବକ ସଂଘ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତାଙ୍କୁ ବିଭିନ୍ନ ମାଧ୍ୟମରେ ବଦନାମ ଓ ହଇରାଣ କରାଯାଉଥିବାରୁ ଏହାର ବିରୋଧ କରିଛନ୍ତି କିସ୍ ଅଭିଭାବକ ସଂଘ ଏବଂ ଓଡ଼ିଶା ଆଦିବାସୀ ମହାସଂଘ । ଏ ନେଇ ସୋମବାର ହଜାରେରୁ ଉର୍ଦ୍ଧ୍ୱ କିସ୍ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଆଦିବାସୀ ମହାସଂଘ କର୍ମକର୍ତ୍ତା ଏକାଠି ହୋଇଥିଲେ । କିଟ୍‌ରେ ଗତ ୧୬ ତାରିଖରେ ଘଟିଯାଇଥିବା ମୂଳ ଘଟଣାକୁ ଛାଡ଼ି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତାଙ୍କ ବିରୋଧରେ ଚଳାଇଥିବା ଅପପ୍ରଚାରକୁ ସେମାନେ ଘୋର ନିନ୍ଦା କରିଛନ୍ତି । ଏହାର ତୀବ୍ର ପ୍ରତିବାଦ କରିବା ସହ ଜନଜାତିଙ୍କ ସୁରକ୍ଷା ନେଇ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହାୟତା ଲୋଡ଼ିଛନ୍ତି । ଗତ ୩୩ବର୍ଷ ଧରି ଜନଜାତି ଛାତ୍ରଛାତ୍ରୀମାନେ ଅତି ଆନନ୍ଦରେ ଶିକ୍ଷାଲାଭ କରି ବିକାଶର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି । କିସ୍ ସମଗ୍ର ବିଶ୍ୱରେ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିଛି । ଆରମ୍ଭରୁ କିସ୍ ପରିଚଳନାରେ କେବେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନାହିଁ । ସେମାନେ କହିଛନ୍ତି କିଟ୍ ହେଉଛି ଆମର ଭାତହାଣ୍ଡି ଏବଂ କିସ୍ ହେଉଛି ଆମର ହୃଦପିଣ୍ଡ । କିସ୍‌ରୁ ୮୦ ହଜାର ଆଦିବାସୀ ପିଲା ମଣିଷ ହେଇ ସାରିଲେଣି । ପ୍ରତି ପିଲାର ପରିବାର ଓ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବଙ୍କୁ ହିସାବ କଲେ ୮ ଲକ୍ଷ ପରିବାର କିସ୍ ସହ ଜଡ଼ିତ ଅଛନ୍ତି । ସମ୍ପ୍ରତି ଓଡ଼ିଶାର ୩୦ଟି ଜିଲ୍ଲା ଓ ଭାରତର ୧୫ଟି ରାଜ୍ୟର ୪୦ ହଜାର ଜନଜାତି ପିଲା କିସ୍‌ରେ ପଢୁଛନ୍ତି । ସମ୍ପ୍ରତି ନିର୍ଦ୍ଦିଷ୍ଟ ଗଣମାଧ୍ୟମର କାର୍ଯ୍ୟ ଶୈଳୀରେ କିସ୍ କ୍ୟାମ୍ପସ୍‌ରେ ରହୁଥିବା ୪୦ ହଜାର ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଛନ୍ତି । କିସ୍ ବନ୍ଦ ହୋଇଗଲେ ଛାତ୍ରଛାତ୍ରୀ କୁଆଡ଼େ ଯିବେ ବୋଲି ପ୍ରଶ୍ନ କରିଛନ୍ତି ।

# ସ୍ୱରାଜ ଆଶ୍ରମ ପରିଦର୍ଶନ କଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଟକ ସହର ଗସ୍ତ ଅବସରରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ପ୍ରଥମେ ଖପୁରିଆ ଛକରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମେ ସେ ସ୍ୱରାଜ ଆଶ୍ରମରେ ପହଞ୍ଚିଥିଲେ । ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଭାଗିରଥି ମହାପାତ୍ର ପ୍ରମୁଖ ସ୍ୱାଧୀନତା ସଂଗ୍ରାମର ମହାନାୟକ ମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ପରେ ପିସିସି ସଭାପତି ସମାଜର ମୁଖ୍ୟ କାର୍ଯ୍ୟାଳୟ ଗସ୍ତକରି ସେଠାରେ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ତଥା ସମଜାର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସ, ସମାଜର ପୂର୍ବତନ ସମ୍ପାଦକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଧାନାଥ ରଥ ଏବଂ ଅନ୍ୟ ରାଷ୍ଟ୍ରନାୟକଙ୍କ ପ୍ରତିମୂର୍ତ୍ତି ଓ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ଏହାପରେ ଅତୁଳ୍ୟ ରାଷ୍ଟ୍ରଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଓଡ଼ିଆବଜାର ସ୍ଥିତ ଜନ୍ମସ୍ଥାନ ଜାନକୀନାଥ ଭବନ ଗସ୍ତକରି ସେଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । କଟକର ଆରାଧ୍ୟା ଦେବୀ ମା' କଟକଚଣ୍ଡୀ ମନ୍ଦିର ଗସ୍ତକରି ସେଠାରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ପିସିସି ସଭାପତି ଦୈନିକ ସମ୍ବାଦପତ୍ର ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଗସ୍ତକରି ସେଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ଓ ମହାନ ସ୍ୱାଧନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ କଟକ ପ୍ରେସଛକରେ ମଧ୍ୟ ଡ.ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପିସିସି ସଭାପତି ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଗସ୍ତ ସମୟରେ ଜଗତପୁର ଗୋଲେଇ ଛକ, ପୀରବଜାର ସ୍ଥିତ ସାଲେପୁର କଂଗ୍ରେସ କାର୍ଯ୍ୟାଳୟ ଓ ପାଗାଛକ ଠାରେ ତାଙ୍କୁ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମରେ ମହମ୍ମଦ ମୋକିମ, ସୁରେଶ ମହାପାତ୍ର, ନବଜ୍ୟୋତି ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଶ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟରେ ଏପ୍ରିଲରୁ ପାର୍ଟ ପ୍ଲଟ୍ ପଞ୍ଜୀକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଏପ୍ରିଲରୁ ପାର୍ଟ ପ୍ଲଟ୍ ପଞ୍ଜୀକରଣ । ରାଜସ୍ୱ ବିଭାଗକୁ ଡ୍ରାଫ୍ଟ ଦେଲା ନଗର ଉନ୍ନୟନ ବିଭାଗ । ମାର୍ଚ୍ଚ ସୁଦ୍ଧା ବିଚାର ବିମର୍ଶକରି ଏପ୍ରିଲରୁ କାର୍ଯ୍ୟକାରୀ ନିଷ୍ପତ୍ତି ହୋଇଛି । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମାର୍ଚ୍ଚ ଶେଷ ସୁଦ୍ଧା ଡ୍ରାଫ୍ଟକୁ ତର୍ଜମା କରି ସଂଶୋଧନ କରାଯିବ । ପରେ ମୋଡାଲିଟି ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରାଯିବ । ରାଜସ୍ୱ ହାନି ହେଉଥିବାରୁ ବିଭାଗ ପଦକ୍ଷେପ ନେଉଛି । ପ୍ଲଟିଙ୍ଗ ପାଇଁ ମଧ୍ୟ ନୂଆ ଗାଇଡଲାଇନ ଆସିବ । ଯେଉଁମାନେ ପ୍ଲଟ କିଣିବେ ସେମାନେ ରାସ୍ତା ଏବଂ ଆନୁସାଙ୍ଗିକ ସୁବିଧା ପାଇବେ । ଡ୍ରାଫ୍ଟକୁ ଅଧ୍ୟୟନ କରିବ ବିଭାଗ, ଯଦି ଆବଶ୍ୟକ ହେଲେ ଯୋଡ଼ିବୁ । ରେରା ଓଡିଏ ମଧ୍ୟ ଏହାକୁ ତର୍ଜମା କରିବ । ମାର୍ଚ୍ଚ ମାସ ସୁଦ୍ଧା ସଂଶୋଧନ ଏବଂ ସ୍ପଷ୍ଟୀକରଣ ଯାହା ଆବଶ୍ୟକତା ଅଛି ନୋଟିଫିକେସନ ହେବ । ୫୦୦୦ ସ୍କୋୟାର ଫୁଟ ପର୍ଯ୍ୟନ୍ତ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ନେଇ ମୋଡାଲିଟି ପ୍ରସ୍ତୁତ କରିବାକୁ ନଗର ଉନ୍ନୟନ ବିଭାଗକୁ ଡ୍ରାଫ୍ଟ ତିଆରି କରିବାକୁ କହିଥିଲା ରାଜସ୍ୱ ବିଭାଗ ।



କଟକର ଚଣ୍ଡୀ ମନ୍ଦିରରେ ମା' କଟକ ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କର ଆଶୀର୍ବାଦ ଭିକ୍ଷା କରୁଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବିଜେଇଏମ୍ ସ୍କୁଲ ଅଭିଭାବକ ସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ବିଜେଇମ ସ୍କୁଲ ଅଭିଭାବକ ସଂଘର ଏକ ୧୦ ଜଣିଆ ପ୍ରତିନିଧି ଦଳ ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ଜଷ୍ଟିସ କେ ପି ମହାପାତ୍ରଙ୍କ ସବ କମିଟି ରିପୋର୍ଟକୁ ଫାଇନାଲ ରିପୋର୍ଟ ଦର୍ଶାଇ ପ୍ରତ୍ୟେକ ୨୦ ଶତକଡା ଫି' ବୃଦ୍ଧି କରି ଚାଲିବା । ଗତ କାଲି ସ୍କୁଲରେ ଆଲୋଚନା ବେଳେ ସବ କମିଟି ରିପୋର୍ଟ ଧରା ପଡିଯିବା ଓ ଫି' ବୃଦ୍ଧି ପାଇଁ କିଛି ଅଭିଭାବକ ମାନେ ଶିକ୍ଷକ ମାନଙ୍କୁ କହିଛନ୍ତି ବୋଲି ସ୍କୁଲ ଅଧ୍ୟକ୍ଷା ସନ୍ଧ୍ୟା ଜେନା ପୋଲିସ ଉପସ୍ଥିତିରେ କହିବା ବିଷୟ ସ୍କୁଲ ଗଣଶିକ୍ଷା ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୌଣସି ଅଭିଭାବକ ଫି' ବୃଦ୍ଧିକୁ ନେଇ ଦସ୍ତଖତ ଦେଇ ନାହାନ୍ତି ବୋଲି ଆଜି ସଂଘ ଜଣାଇଥିଲେ । ସେଠାରେ ଉପସ୍ଥିତ ଥିବା ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂଦେଓ, ସଂଘର ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କୁ ଡାକି ସ୍କୁଲ ବିଷୟରେ ଅବଗତ ମଧ୍ୟ ହେଲେ । ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଇମ ସ୍କୁଲ ସମସ୍ୟା ପ୍ରତି ଦୃଷ୍ଟି ଦେବି ବୋଲି ଉପସ୍ଥିତ ଅଭିଭାବକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ ନିତ୍ୟାନନ୍ଦ ବେହେରା, ରଞ୍ଜନ ମହାନ୍ତି, ଶକ୍ତି ପ୍ରାସାଦ ମହାନ୍ତି, ଶୁଭେନ୍ଦୁ କୁମାର ସାମନ୍ତ, ତରଞ୍ଜିତ୍ ଖାନା, ଦେବିକା ସାମଲ, ସାଗରିକା ସାହୁ, ନିବେଦିତା ଦାସ, ସୁଚିଶ୍ମିତା ସାମଲ, ଅର୍ଚ୍ଚିତା ନାୟକ ଉପସ୍ଥିତ ଥିଲେ ।

## ଏମ୍ସ ଭୁବନେଶ୍ୱରର ଐତିହାସିକ ସଫଳତା

# କନିଷ୍ଠ ଅଙ୍ଗଦାତାଙ୍କ ଶରୀରରୁ ବହୁ ଅଙ୍ଗ ପୁନରୁଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୀବନ କଣ ଜାଣିବା ପୂର୍ବରୁ ଶରୀରରେ ଆଉ ଜୀବନ ନଥିଲା । ମାତ୍ର ନିଜ କିଡ୍ନୀ(ବୃକକ୍) ଏବଂ ଲିଭର(ଯକୃତ) ଦାନ କରି ଅମର ହୋଇଯାଇଛନ୍ତି ୧୬ ମାସର ମାଷ୍ଟର ଜନ୍ମେଶ । ଦୁନିଆରୁ ସବୁଦିନ ପାଇଁ ବିଦାୟ ନେଇଥିଲେ ସୁଦ୍ଧା ଦୁଇଜଣଙ୍କୁ ନୂତନ ପ୍ରାଣଦାନ କରି ସବୁଦିନ ପାଇଁ ନିଜର ସତ୍ତା ଛାଡ଼ିଯାଇଛନ୍ତି ଜନ୍ମେଶ । ପ୍ରତିରୋପଣ ସେବାକ୍ଷେତ୍ରରେ ନିଜର ପାରଦର୍ଶିତାକୁ ବଜାୟ ରଖିବା ସହିତ ମୃତକଙ୍କ ଶରୀରରୁ ଅଙ୍ଗ ପୁନରୁଦ୍ଧାର କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଏମ୍ସ ଭୁବନେଶ୍ୱର । ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଓଡ଼ିଶାର ସବୁଠାରୁ କନିଷ୍ଠ ଅଙ୍ଗଦାତା, ମାଷ୍ଟର ଜନ୍ମେଶଙ୍କ ଶରୀରରୁ ବହୁ ଅଙ୍ଗ ପୁନରୁଦ୍ଧାର କରାଯାଇଛି ।



ଗତକାଲି ପ୍ରକ୍ରିୟା ମାଧ୍ୟମରେ ୧୬ ମାସର ମାଷ୍ଟର ଜନ୍ମେଶ କିଡନୀ(ବୃକକ୍) ଏବଂ ଲିଭର(ଯକୃତ) ଦାନ କରି ଦୁଇ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିଛନ୍ତି । ଜନ୍ମେଶ ଲେଙ୍କାଙ୍କ ପିତା-ମାତାଙ୍କ ଏପରି ସାହସିକ ନିଷ୍ପତ୍ତି, ଯାହା ସେମାନଙ୍କର ବ୍ୟକ୍ତିଗତ ଦୁଃଖକୁ ଅନ୍ୟମାନଙ୍କ ପାଇଁ ଆଶାର ଆଲୋକରେ ପରିଣତ କରିଥିଲା । ଗତ ମାସ ୧୨ ତାରିଖରେ ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗରେ ଭର୍ତ୍ତି ହୋଇଥିଲେ ଜନ୍ମେଶ । ଫରେନ୍ ବଡି ଆସ୍ପିରେସନ୍ ଏଣ୍ଡ୍ ଚୋକିଂ(ଶ୍ୱାସକ୍ଳାନ୍ତ) ରୋଗରେ ପିଡ଼ୀତ ହୋଇ ମାଷ୍ଟର ଜନ୍ମେଶଡାକ୍ତର କୃଷ୍ଣ ମୋହନ ଗୁଲ୍ଲାଙ୍କ ତତ୍ତ୍ୱାବଧାନରେ ଚିକିତ୍ସାଧୀନ ଥିଲେ । ତୁରନ୍ତ କାର୍ଡିଓପଲମୋନାରୀ ରିସସିଟେସନ (ସିପିଆର) ଏବଂ ପରବର୍ତ୍ତୀ ଦୁଇ ସପ୍ତାହ ଧରି ତାଙ୍କୁ ଆଇସିୟୁରେ ରଖାଯାଇଥିଲା । ମାତ୍ର ଅକ୍ଳାନ୍ତ ପ୍ରୟାସ ସତ୍ତ୍ୱେ, ଚଳିତ ମାସ ଏକ ତାରିଖରେ ଜନ୍ମେଶଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା । ଡାକ୍ତର ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଗ୍ୟାଷ୍ଟ୍ରୋ-ସର୍ଜରୀ ଦଳ ଦ୍ୱାରା ଯକୃତକୁ ସଫଳତାର ସହିତ ଉଦ୍ଧାର କରାଯାଇଥିଲା । ଗ୍ରୀନ୍‌କରିଡରେ ନୂଆଦିଲ୍ଲୀର ଇନଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ୍ ବିଲିଆରି ସାଇନସେସ୍ (ଆଇଏଲ୍‌ବିଏସ)କୁ ପଠାଯାଇଥିଲା । ଜନ୍ମେଶଙ୍କୁ ଦୁଇ କିଡ୍ନୀକୁ ପୁନରୁଦ୍ଧାର କରାଯାଇଥିଲା ଏବଂ ଏମ୍ସ ଭୁବନେଶ୍ୱରର ଜଣେ କିଶୋର ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା । ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା ସଫଳତାର ସହ ସମ୍ପାଦିତ ହୋଇଥିଲା । ମାମଲା ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଜନ୍ମେଶ ଓଡ଼ିଶାର ସବୁଠାରୁ କନିଷ୍ଠ ଅଙ୍ଗଦାତା ହୋଇଥିଲେ । ରାଜ୍ୟରେ ଏନ-ବ୍ଲକ୍ କିଡନୀ ପ୍ରତିରୋପଣର କେବଳ ଦ୍ୱିତୀୟ ଘଟଣା ହେବାର ଗୌରବ ଲାଭ କରିଛି । ଏମସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଅଙ୍ଗ ପୁନରୁଦ୍ଧାର ଏବଂ ପ୍ରତିରୋପଣ ପ୍ରକ୍ରିୟାର ସଫଳ କାର୍ଯ୍ୟକାରିତା ସୁନିଶ୍ଚିତ କରିବାରେ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରି ପ୍ରତିରୋପଣ ସମନ୍ୱୟ ଦଳ ଏବଂ ସମ୍ପୃକ୍ତ ଡାକ୍ତରୀ ଦଳକୁ ପ୍ରଶଂସା କରିଥିଲେ ।



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



# ନିର୍ଯାତନାର ଦୁଇଟି ଚିତ୍ର
# ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ଆଜିକାଲି ମହିଳାମାନେ ସମାଜର ସବୁକ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହେବା ସଙ୍ଗେ ସଙ୍ଗେ ପ୍ରଶାସନ ଠାରୁ ଆରମ୍ଭ କରି ଚିକିତ୍ସା ସେବା, କ୍ରୀଡ଼ା, କାରିଗରୀ ଜ୍ଞାନକୌଶଳରେ ନିଜର ଦକ୍ଷତା ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ଏପରିକି ବିମାନ ଚାଳନା ଓ ସୈନ୍ୟ ବାହିନୀରେ ଉଚ୍ଚ ପଦାଧିକାରୀ ରୂପେ ମଧ୍ୟ ମହିଳାଙ୍କୁ ଅବସ୍ଥାପିତ କରାଯାଉଛି। ବିଭିନ୍ନ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରୀମାନେ ଛାତ୍ରଙ୍କ ଠାରୁ ଅଧିକ ସଫଳତା ଓ କୃତିତ୍ୱ ହାସଲ କରୁଥିବାର ଲକ୍ଷ୍ୟ କରାଯାଉଛି। ଏସବୁ ସତ୍ତ୍ୱେ ଆମ ସମାଜ ବ୍ୟବସ୍ଥାରେ ମହିଳାମାନେ ଆଜି ବି କିଭଳି ଅସୁରକ୍ଷିତ ରହିଛନ୍ତି ଏବଂ ଯୌନପାଗଳ ନରପିଶାଚଙ୍କ ଦ୍ୱାରା ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି, ତାହାର ଅସୁମାରୀ ଖବର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। କ୍ଷୋଭର ବିଷୟ ହେଉଛି ଯେ, ଏଭଳି ନାରକୀୟ ଅପରାଧ ଘଟାଉଥିବା ଅନେକ ଦୋଷୀବ୍ୟକ୍ତି ଆମ ଆଇନ୍ ବ୍ୟବସ୍ଥାର ଗଳାବାଟ ଦେଇ ଖସି ଯାଉଥିବା ବେଳେ ମାତ୍ର ଅଳ୍ପ କେତେକ କ୍ଷେତ୍ରରେ ପ୍ରକୃତ ଦୋଷୀ ଦଣ୍ଡ ପାଉଛି। ଦୁଇଦିନ ପୂର୍ବେ ଦୁଇଟି ରାଜ୍ୟରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣା ମହିଳାମାନଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମ ଘଟଣାଟି ହରିଆନାର ରୋହତକ ଜିଲ୍ଲାରେ ଘଟିଛି, ଯେଉଁଠି ଗୋଟିଏ ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ମହିଳା କଂଗ୍ରେସ କର୍ମୀଙ୍କ ମୃତଦେହ ଏକ ସୁଟ୍‌କେସ୍ ଭିତରୁ ଉଦ୍ଧାର କରାଯାଇଛି। ରବିବାର ଦିନ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ତା'ର ଦିନକ ପୂର୍ବରୁ ଏହି ଚାଞ୍ଚଲ୍ୟକର ହତ୍ୟା ଆଲୋଡ଼ନ ସୃଷ୍ଟି କରିଛି। ହିମାନୀ ନରୱାଲ୍ ନାମ୍ନୀ ଏହି ୨୨ବର୍ଷ ବୟସ୍କା ମହିଳା କର୍ମୀ ଜଣକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ' ଯାତ୍ରା ସମୟରେ ବେଶ୍ ସକ୍ରିୟ ଥିଲେ। କିଏ କାହିଁକି ତାଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କରି ବସ୍‌ଷ୍ଟାଣ୍ଡରେ ରଖିଦେଲା, ତାହାର କାରଣ ଏବେ ମଧ୍ୟ ସ୍ପଷ୍ଟ ହୋଇନାହିଁ। ବସ୍‌ଷ୍ଟାଣ୍ଡ ନିକଟରେ ଏକ ସୁଟ୍‌କେସ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାର ଦେଖି କିଛି ଲୋକ ପୋଲିସ୍‌କୁ ଖବର ଦେଇଥିଲେ ଏବଂ ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପୀଡିତାଙ୍କ ବେକକୁ ଓଢ଼ଣୀରେ ଗୁଡ଼ାଇ ଦିଆଯିବା ପରେ ଗଳାକାଟି ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। କଂଗ୍ରେସ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ହିମାନୀଙ୍କ ହତ୍ୟାର ଏସ୍.ଆଇ.ଟି ତଦନ୍ତ ପାଇଁ ଦଳ ପକ୍ଷରୁ ଦାବି ହୋଇଥିବା ବେଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଯାଇଛି। ଅନ୍ୟପକ୍ଷରେ ହିମାନୀଙ୍କ ମା' ଏହି ଜଘନ୍ୟ ହତ୍ୟାକାଣ୍ଡ ନେଇ ଦେଇଥିବା ବୟାନ୍ ଖୁବ୍ ଆଲୋଡ଼ନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିପରୀତ ତଥ୍ୟ ପ୍ରଦାନ କରୁଛି। ସେ ନିଜ ଝିଅର ହତ୍ୟା ପାଇଁ କଂଗ୍ରେସ ଦଳକୁ ହିଁ ଦାୟୀ କରିଛନ୍ତି। ପୀଡିତାଙ୍କ ମା' ଦର୍ଶାଇଛନ୍ତି, 'ନିର୍ବାଚନ ଓ କଂଗ୍ରେସ ଦଳ ହିଁ ମୋ ଝିଅର ଜୀବନ ନେଇଛି। ଦଳ ଭିତରେ ମୋ ଝିଅର ଲୋକପ୍ରିୟତା ବଢ଼ିବାର ଦେଖି ଅନେକ ଶତ୍ରୁ ସୃଷ୍ଟି ହୋଇଥିଲେ।' ଦୋଷୀମାନେ କଂଗ୍ରେସ ଦଳର ହୋଇପାରନ୍ତି ଓ କୌଣସି ସହକର୍ମୀ ମଧ୍ୟ ହୋଇପାରନ୍ତି ବୋଲି ମା' ସବିତା ସନ୍ଦେହ ବ୍ୟକ୍ତ କରିଛନ୍ତି। ଯେଉଁଦିନ ହରିଆନାର ରୋହତକ୍‌ରେ ଏଭଳି ହତ୍ୟାକାଣ୍ଡ ଘଟୁଛି, ଠିକ୍ ସେହିଦିନ ମହାରାଷ୍ଟ୍ରର ଜଳଗାଁଓ ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତ୍ରୀ ରକ୍ଷା ଖଡ୍‌ସେଙ୍କ ନାବାଳିକା ଝିଅ ଓ ତା'ର କେତେକ ସାଥୀ ଝିଅଙ୍କୁ କିଛି ଦୁର୍ବୃତ୍ତ ଅସଦାଚରଣ ପ୍ରଦର୍ଶନ କରିଥିବାର ଅଭିଯୋଗ ହୋଇଛି। ସେମାନଙ୍କ ସହ ଥିବା ସୁରକ୍ଷା କର୍ମୀଙ୍କୁ ସେହି ଯୁବକମାନେ ମାରଧର କରିବାକୁ ପଛାଇ ନଥିଲେ। ଏହି ଘଟଣା ପରେ କେନ୍ଦ୍ରମନ୍ତ୍ରୀ ନିଜେ ଥାନାକୁ ଯାଇ ଏତଲା ଦାଏର କରିଛନ୍ତି। ମହାରାଷ୍ଟ୍ରରେ ଏବେ ଦେବେନ୍ଦ୍ର ଫଡ୍‌ନାବିସ୍‌ଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାରେ ଥିବା ସ୍ଥଳେ ସେହି ଦଳର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ନାବାଳିକା ଝିଅ ଅସଦାଚରଣର ଶିକାର ହେବା ଏକ ମାମୁଲି ଘଟଣା ହୋଇନପାରେ। ଦୁଇଟି ଯାକ ଅମାନବୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ କଠୋର ଶାସ୍ତି ମିଳିବାର ଆବଶ୍ୟକତା ରହିଛି।

# ରାଜ୍ୟରେ ଉପର ମୁହାଁ ପାରଦ



ହିମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ମାର୍ଚ୍ଚ ଆରମ୍ଭରୁ ତାଉ ଦେଖାଇଲାଣି ତାତି। ସକାଳୁ ସକାଳୁ ଉପରମୁହାଁ ହେଉଛି ପାରଦ। ଚଳିତ ବର୍ଷ ପ୍ରଥମ ଥର ରାଜ୍ୟରେ ପାରଦ ୩୮ଡିଗ୍ରୀ ଡେଇଁଛି। ଟିଟିଲାଗଡ ଓ ଝାରସୁଗୁଡାରେ ତାପମାତ୍ରା ୩୮ଡିଗ୍ରୀ ଟପିଛି ଏଥିସହିତ ୧୧ଟି ସହରରେ ୩୭ଡିଗ୍ରୀ ବା ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ମାର୍ଚ୍ଚରୁ ମେ ମାସ ଯାଏ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ କହିବାନୁସାରେ ଗତ ଶନିବାର ଟିଟିଲାଗଡର ତାପମାତ୍ରା ୩୮.୫ଡିଗ୍ରୀ ରହିଥିବା ବେଳେ ଝାରସୁଗୁଡାରେ ୩୮.୨ଡିଗ୍ରୀ ରହିଛି। ସେହିପରି ବଲାଙ୍ଗୀର ୩୮ଡିଗ୍ରୀ, ଅନୁଗୁଳରେ ୩୭.୭ଡିଗ୍ରୀ, ସମ୍ବଲପୁରରେ ୩୭.୬ ଡିଗ୍ରୀ, ସୁନ୍ଦରଗଡରେ ୩୭.୫ଡିଗ୍ରୀ, ସୋନପୁରରେ ୩୭.୭ଡିଗ୍ରୀ, ଭବାନୀପାଟଣାରେ ୩୭.୨ଡିଗ୍ରୀ, ହୀରାକୁଦରେ ୩୭.୧ଡିଗ୍ରୀ, ବୌଦ୍ଧରେ ୩୭ଡିଗ୍ରୀ ଓ ବାରିପଦାରେ ୩୭ ଡିଗ୍ରୀ ରେକର୍ଡ କରାଯାଇଛି। ସାଧାରଣତଃ ଫେବୃୟାରୀ ମାସ ବେଳକୁ ଶୀତର ପ୍ରକୋପ ରହିଥାଏ। ତେବେ ଚଳିତବର୍ଷ ଏହି ଧାରାରେ ବିରାମ ଲାଗିଛି। ଶୀତ ଉଭାନ ହୋଇଯାଇଥିବା ବେଳେ ଫେବୃୟାରୀ ଶେଷ ହେଉହେଉ ତାପମାତ୍ରା ବୃଦ୍ଧି ପାଇଛି। ଏବେ ଠୁ ଖରାର ପ୍ରକୋପ ଦେଖି ଆଗକୁ ତାତି ବଢ଼ିବ ବୋଲି ଲୋକଙ୍କ ମନରେ ଛନକା ପଶିଲାଣି। ଅପରପକ୍ଷେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ କରିବା ସହ ଖରାରେ ବାହାରକୁ ଯିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ। ମାଟି ପୁରା ଶୁଖିଲା। ଉତ୍ତର ପଶ୍ଚିମରୁ ପବନ ନାହିଁ। ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି। ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ। ସ୍ଥିତି ଏମିତି ଯେ ସତେ ଯେମିତି ଲାଗୁଛି ଏଥର ଗ୍ରୀଷ୍ମର ପ୍ରବାହ ଅଧିକ ରହିବ। ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ। ପୂର୍ବରୁ ମଧ୍ୟ ଫେବୃଆରୀରୁ ତାପମାତ୍ରା ବଢିବାର ରେକର୍ଡ ରହିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି। ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା। ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ। ଏ ବର୍ଷ ମାର୍ଚ୍ଚମାସ ବା ଫଗୁଣରୁ ତାତିକୁ ଦେଖି ପୂର୍ବବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି। ଆଗଭଳି ଆଉ ଛଅଋତୁ ଅନୁଭବ କରିହେଉନି। ଛଅଋତୁ ଆଜି ସାତ ସପନ। ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି। ଏବେ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି। ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା। ସବୁଠି ହା-ହୁତାଶମୟ ପରିବେଶ। କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ। ଋତୁରାଜ ସେ। ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ। ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ। କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ। ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ। ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି। ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ୍ୟ ତାତି ଚିନ୍ତାଜନକ ହୋଇରହିବ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି। ସେହିପରି ଆମ ଦେଶରେ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା। ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ। ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ। ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି। ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ। ସୂଚନାଯୋଗ୍ୟ ଯେ, ୧୯୯୮ ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୫ ପରେ ଏହା କ୍ରମାଗତ ଭାବେ ହ୍ରାସ ପାଇଥିଲା। ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ, ୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି।

କାରଣ ଖୋଜିଲେ ଜଣାପଡ଼େ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ। ଅବାଧରେ ଚାଲିଛି ଗଛକଟା। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି। କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ୍ୟ ବୃକ୍ଷରୋପଣ କରିବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଠାରେ ସୂଚନାଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି। ଯାହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି। ଏବେ ଠାରୁ ଆକଳନ କରାଯାଉଛି ଚଳିତବର୍ଷ ମାର୍ଚ୍ଚ ମାସରୁ ମେ ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ। ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି।

# ମାସ ଫଗୁଣ ଋତୁ ବସନ୍ତ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଫଗୁଣ ଶିଡିରେ ଋତୁରାଜ ବସନ୍ତ ଯେତେବେଳେ ମଳୟ ପବନକୁ ସାଥିରେ ଧରି ଏ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସେ, ସେତେବେଳେ ପରିବେଶ ସହ ଜୀବନର ରଙ୍ଗ ବଦଳିଯାଏ। ମଳୟ ପବନ ବସନ୍ତ ରୁତୁର ଏକ ନିଆର ଅନୁଭବ। ମନ ଓ ପ୍ରାଣକୁ ପୁଲକିତ କରେ ମଳୟ। ଖାଲିସେତିକି ନୁହେଁ ଦୀର୍ଘଦିନ ଧରି ବସନ୍ତକୁ ଅପେକ୍ଷା କରିଥିବା ଚନ୍ଦନ ବୃକ୍ଷ ମଳୟ ସ୍ପର୍ଶରେ ସୁରଭିତ ହୋଇଉଠେ। ମଳୟ ପବନ ନିମ୍ବକୁ ଚନ୍ଦନରେ ପରିଣତ କରିଥାଏ ବୋଲି କଥିତ ଅଛି। ମୃଦୁମଳୟର ମହକ ସହ ସତେ ଯେମିତି ପ୍ରକୃତିରାଣୀ ମେଲେଇ ଦେଇଥାଏ ଆନନ୍ଦର ପସରା। ବସନ୍ତରେ ଖରାର ରୌଦ୍ରତା ନଥାଏ; ଶୀତର ପ୍ରକୋପ ନଥାଏ; ଥାଏ ମୃଦୁ ଶୀତଳତା, ବର୍ଷାର ଗର୍ଜନ ନଥାଏ; ଶିଶିରର ଆଦ୍ରତା। ନବ ବସନ୍ତର ଆଗମନ ପ୍ରତ୍ୟେକ ଶୁପ୍ତପ୍ରାୟ ଆତ୍ମାକୁ ପୁର୍ନଜୀବିତ କରିବାରେ ସହାୟକ ହୁଏ। ଚଞ୍ଚଳତା ଭରିଯାଏ ତନୁମନରେ। ମାୟାମୟ ପ୍ରକୃତିର ପ୍ରାଣ ସ୍ପର୍ଶୀ ଆହ୍ୱାନ ସମସ୍ତଙ୍କୁ ମୋହଗ୍ରସ୍ତ କରିପକାଏ। ଏ ଋତୁରେ ଜାଗି ଉଠେ ପ୍ରୀତି ଓ ସଂପ୍ରୀତିର ଭାବନା। ମାନବ, ଦାନବ, ତରୁଲତା, କୀଟପତଙ୍ଗ ସବୁରି ହୃଦୟରେ ମିଳନାକାଂକ୍ଷାର ଉଚ୍ଛ୍ୱାସ ଜାଗି ଉଠେ। ପ୍ରକୃତି ଯେପରି ନିଜ ପ୍ରସୂତ ରଙ୍ଗରେ ସଜେଇ ସୁନ୍ଦର ହୋଇଛି ସେମିତି ମଣିଷ ଚାହେଁ ନିଜକୁ ରଙ୍ଗୀନ କରିବାକୁ। ବସନ୍ତର କାଉଁରୀ ସ୍ପର୍ଶରେ ମନରେ ଜାଗେ ପ୍ରେମର ଭାବନା। ବସନ୍ତ ପ୍ରେମ ଓ ପ୍ରଣୟର ଋତୁ। ବସନ୍ତର କାଉଁରି ସ୍ପର୍ଶ ପ୍ରେମୀଯୁଗଳଙ୍କ ମନ ଗହ୍ୱରରେ ଏକ ଅଦ୍ଭୁତ ଭାବନା ଭରିଦେଇଥାଏ। କାମଦେବଙ୍କ ଫୁଲଶର ସୃଷ୍ଟି କରେ ପ୍ରେମର ଫୁଆର। ଫୁଲଶର ଆହତ କିଶୋର କିଶୋରୀ ଓ ଯୁବପିଢିଙ୍କ ମନୋଭୂମିର ଗଭୀର ପ୍ରଦେଶରୁ ପ୍ରଚାରିତ ହୁଏ ପ୍ରେମର ବାର୍ତ୍ତା। ବସନ୍ତର ଛଳ ଛଳ ପରିବେଶରେ ଦିନେ ଭଗବାନ ଶିବଙ୍କୁ କାମାଶକ୍ତ କରିବା ଲାଗି ଚେଷ୍ଟା କରିଥିଲେ କାମଦେବ। ମହାଦେବ ଶିବଙ୍କ ଧ୍ୟାନ ଭଙ୍ଗ ହେବାରୁ ସେ କ୍ରୋଧାନ୍ୱିତ ହୋଇ ତୃତୀୟ ନୟନ ଖୋଲି କାମଦେବଙ୍କୁ ଭସ୍ମ କରିଦେଲେ। କାମଦେବଙ୍କ ବିନାଶରେ ସୃଷ୍ଟିର ମିଳନ ପ୍ରକ୍ରିୟା ବାଧାପ୍ରାପ୍ତ ହେଲା। କାମଦେବଙ୍କ ପତ୍ନୀ ରତି ସ୍ୱାମୀଙ୍କ ଜୀବନ ପ୍ରାର୍ଥନା କରିଥିଲେ ମଧ୍ୟ ଶିବ କାମଦେବଙ୍କର ପୂର୍ବ ଶରୀର ଫେରାଇଲେ ନାହିଁ ପରନ୍ତୁ ଆର୍ଶୀବାଦ ଦେଲେ ଯେ ବସନ୍ତ ଋତୁର ରଙ୍ଗବୋଳା ପ୍ରକୃତି ଓ ଶ୍ୟାମଳିମା ମଧ୍ୟରେ କାମଦେବ ଅଶରୀରେ ବିରାଜମାନ କରିବେ। କାମଦେବ ଅନଙ୍ଗ ଓ ମନସିଜ ଭାବେ ଉତ୍ପନ୍ନ ହେବେ। ତାଙ୍କର ପଞ୍ଚ ପୁଷ୍ପ ଅଶୋକ, ଅରବିନ୍ଦ, ଚୂତ, ନବମଲ୍ଲିକା ଓ ନୀଳୋତ୍ପଳ ପଞ୍ଚବାଣ ଯଥା - ଶବ୍ଦ, ରୂପ, ରସ, ଗନ୍ଧ ଓ ସ୍ପର୍ଶ ପ୍ରକୃତିର ଚିହ୍ନରେ ପ୍ରକଟିତ ହେଲେ।

ବସନ୍ତ ଆସିଛି ଅସରା ଅସରା ପ୍ରୀତି ଓ ପ୍ରଣୟର ସନ୍ଦେଶ ନେଇ। ଆକାଶ ସହ ନିଜକୁ ହଜାଇ ଦେବାର ମୁହୂର୍ତ୍ତକୁ ସାଥି କରି। ସାଥିକରି ଫୁଲର ଫଗୁଣ ଓ ଫଗୁର ଫଗୁଣକୁ। ତେଣୁ ବସନ୍ତ ପ୍ରେମର ଋତୁ, ମିଳନର ଋତୁ, ସଂଯୋଗର ଋତୁ ପୁଣି ସମ୍ଭୋଗର ଋତୁ। ଫୁଲ ବସନ୍ତର ଆବାହକ। ବସନ୍ତ ପୁଣି ଫୁଲର ଋତୁ। ପ୍ରକୃତିରାଣୀ ଜାତି ଜାତିର ରଙ୍ଗିନ୍ ଫୁଲରେ ପୁଲକିତ ଥିବାଭଳି ଅନୁମିତ ହୁଏ। ସମଗ୍ର ଧରିତ୍ରୀକୁ ମଣ୍ଡନ କରିବା ପାଇଁ ଫୁଲମାନେ ନୃତ୍ୟ କରି କରି ଫୁଟିବାକୁ ଆରମ୍ଭ କରନ୍ତି। ଏ ଋତୁରେ ସର୍ବାଧିକ ଫୁଲ ଫୁଟେ। କେବଳ ସେତିକି ନୁହେଁ ବସନ୍ତର ଆଗମନରେ ପଳାସ ବୃକ୍ଷର ନାଲି ଟହ ଟହ ଫୁଲ ସତେ ଯେପରି ଧରିତ୍ରୀମାତାର ସବୁଜ ପାଟକୁ ନାଲି ଓଢଣୀ ଢାଙ୍କି ହେଲାପରି ନବବଧୂ ବେଶରେ ସଜାଇ ହେବାପରି ପ୍ରତୀୟମାନ ହୁଏ। ମାଧବୀ, ମଲ୍ଲିକା, କେତକୀ, ପନାଗ, ନାଗେଶ୍ୱର, କରବୀର, ହେନା, ଜୁଇ, କୃଷ୍ଣଚୁଡା, ପଳାସ, କୁନ୍ଦ, ମଲ୍ଲି, ବଉଳ ଆଦିର ସୁଗନ୍ଧିକୃତ ଅପୂର୍ବ ଶୋଭା ସମ୍ଭାରରେ ପ୍ରକୃତି ଓ ମଣିଷ ଯେମିତି ଏକାକାର ହୋଇଯାଆନ୍ତି। ଫୁଲ ପରି ମନ ଆଉ ଫୁଲ ପରି ହୃଦୟ। ଫୁଲର ରଙ୍ଗ ପରାଗ ଓ ସମ୍ମୋହନ ମାହୋଲ ଜମାଏ ସବୁଠି। ଗତାନୁଗତିକ ଜୀବନଧାରାରେ ନୂତନତ୍ୱର ସ୍ପର୍ଶରେ ଜାଗିଉଠେ ବହୁ ସ୍ମୃତି। ଇନ୍ଦ୍ରଧନୁର ସପ୍ତରଙ୍ଗର ଓଢଣୀକୁ ଟାଣିଆଣିଛି ବସନ୍ତ। ହର୍ଷମୁଖର ଧରଣୀ, ପ୍ରମୋଦିତ ଦିଗମଣ୍ଡଳ, ଚାରୁହାସିନୀ ଉଷାକାଳ, ଆହ୍ଲାଦିନୀ ପ୍ରଦୋଷ, ଫୁଲର ସୁଗନ୍ଧି, ମଳୟର ମହକ, ବଉଳ ବାସ୍ନାର ଶିହରଣ ନେଇ ପୃଥିବୀ ହୋଇଛି ଆବେଗମୟ। ଦୂରତୋଟା ଗହଳରୁ ତୁହାକୁ ତୁହା କୋକିଳର ଫଗୁଣ ଆବାହନୀ ସଂଗୀତ ଶୁଣି ମଣିଷ ହୋଇଯାଉଛି ମତୁଆଲା। ଗଭୀର ଆବେଗରେ ହିଲ୍ଲୋଳିତ ହେଉଛି ମନଗହନ। ସବୁରି ମନରେ ଭରିଯାଉଛି ଅହେତୁକ ଆନନ୍ଦ, ଯେଉଁ ଆନନ୍ଦ କେବଳ ପାର୍ଥିବ ନୁହେଁ ସ୍ୱର୍ଗୀୟ ପ୍ରେମର ଏକ ପ୍ରକୃଷ୍ଟ ଉଦାହରଣ।

ଫାଲଗୁନ ମାସରେ ଶ୍ରୀଜଗନ୍ନାଥଙ୍କ ନାମ ଗୋବିନ୍ଦ। ଫଗୁଣ ମାସ ଦୋଳଗୋବିନ୍ଦଙ୍କ ସମୟ। ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳ ଯାତ୍ରା ଅନ୍ୟତମ। ଏହି ମାସରେ ଅନୁଷ୍ଠିତ ହୋଇଥାଏ ଦୋଳ ଯାତ୍ରା। ଋତୁରାଜ ବସନ୍ତର ପବିତ୍ର ଆଗମନ ସହ ମଦନ ମୋହନ ଓ ପ୍ରଣୟିନୀ ଶ୍ରୀରାଧା ଦୋଳିରେ ବିଜେ ହୁଅନ୍ତି। ଅବିର ରଙ୍ଗରେ ରଙ୍ଗମୟ ହୁଏ ଭକ୍ତଜନର ମନ, ସଂଗୀତମୟ ହୁଏ ମନ୍ଦିର ଓ ଗାଁ ଦୋଳମଣ୍ଡପ। ପ୍ରକୃତିର ଚିତ୍ରିତ ପରିବେଶ ସହ ଜୀବନର ରଙ୍ଗ ବଦଳିଯାଏ। ଏହି ମହୋତ୍ସବ ଏତେ ଆକର୍ଷଣୀୟ ଓ ରଙ୍ଗୀନ୍ ହୋଇଥାଏ ଯେ ତାହା ପର ଆପଣା, ଶତ୍ରୁ ମିତ୍ରର ଭାବନାକୁ ଦୂର କରିଦିଏ। ଆଉ ସମସ୍ତଙ୍କ ମନ ଓ ହୃଦୟରେ କେବଳ ପ୍ରୀତିର ରଙ୍ଗ ଭରିଦିଏ। ଅନ୍ୟକୁ ଫଗୁ ରଙ୍ଗରେ ରଙ୍ଗାଇବା ଅର୍ଥ ଶ୍ରୀକୃଷ୍ଣଙ୍କୁ ସମ୍ମାନ ଦେବା। ରାଧାକୃଷ୍ଣଙ୍କ ଐକାନ୍ତିକ ପ୍ରେମର ଜୟଗାନ କରି ବସନ୍ତ ପ୍ରାଣମୟ ଓ ରସମୟ ହୋଇଉଠେ। ରଥଯାତ୍ରା ପରି ଦୋଳଯାତ୍ରାରେ ଭଗବାନ ଦେଉଳ ଛାଡି ଭକ୍ତଙ୍କ ପାଖକୁ ଆସନ୍ତି। ବୈଷ୍ଣବୀୟ ଭାବନାରେ ଏହା କୃଷ୍ଣ ଲୀଳା ଖେଳାରେ ବର୍ଣ୍ଣିତ ପ୍ରେମ, ସଦ୍‌ଭାବନା, ସ୍ନେହ ବାଣ୍ଟିବାର ଏକ ଅବସର। ତେଣୁ ଏହି ଋତୁ ହେଉଛି ସାମ୍ପ୍ରଦାୟିକ ସଦ୍ଭାବନା ଓ ଭାଇଚାରାର ଋତୁ।

ସବୁଜ ବନାନୀର ମାୟା, ନାନା ରଙ୍ଗ ଫୁଲର ସୁବାସ ବଉଳର ମହକ, ମଳୟର ମୃଦୁ ସ୍ପର୍ଶ, କୋକିଳର କାକଳି ମୋହଗ୍ରସ୍ତ କରିଛି ପ୍ରକୃତିପ୍ରେମୀକୁ, ଭାବୁକକୁ, କବିକୁ। ବସନ୍ତ ଋତୁକୁ କବିମାନେ ନିଜ ନିଜ ଚିନ୍ତା ଚେତନାରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ନବଯୌବନା ପ୍ରକୃତିର ସନ୍ଦର୍ଶନରେ କବି ଲେଖିଛି ରାଶିରାଶି କବିତା। ଇଂରେଜ କବିଙ୍କ ଠାରୁ ଆରମ୍ଭ କରି ଓଡ଼ିଆ କବିଙ୍କ ପର୍ଯ୍ୟନ୍ତ ସମସ୍ତେ ବସନ୍ତର ଯଶଗାନ କରିଆସିଛନ୍ତି। କାଳିଦାସଙ୍କ ଋତୁସଂହାରରେ ବସନ୍ତର ପ୍ରଶସ୍ତି ଅଦିତୀୟ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକବିତାରେ ବସନ୍ତର ବର୍ଣ୍ଣିଳ ବର୍ଣ୍ଣନା ରହିଛି। ଆଧୁନିକ ଯୁଗର କବିଙ୍କ କବିତାରେ ବସନ୍ତର ଚିତ୍ରପଟ୍ଟ ବଦଳି ଯାଇଥିଲେ ବି ପ୍ରେମ, ବାସନା, ବିଷାଦ ଭରି ରହିଛି।

# ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆମ ରାଜ୍ୟର ବିଶିଷ୍ଟ ସଂପାଦକ, ଶିକ୍ଷାବିତ୍ ଓ ସାହିତ୍ୟିକଙ୍କ ମଧ୍ୟରେ ଡ. ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଅନ୍ୟତମ। ତାଙ୍କ ସଂପାଦକ ଜୀବନ ଶୈଶବରେ ଆରମ୍ଭ ହୋଇଥିଲା। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସେ ମଞ୍ଜରୀ ନାମକ ହାତଲେଖା ପତ୍ରିକା ସମ୍ପାଦନ କରୁଥିଲେ। ପରବର୍ତ୍ତୀ କାଳରେ ସେ ଚତୁରଙ୍ଗ, ଦ ରାଭେନ୍‌ସାଭିଆନ୍, ଶାଶ୍ୱତୀ, ସପ୍ତର୍ଷି ଓ ହୀରାଖଣ୍ଡ ଆଦିର ସଂପାଦନା କରିଥିବା ଜଣାଯାଏ। ତାଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ବିଧିବଦ୍ଧ ଭାବେ ମହାବିଦ୍ୟାଳୟରେ ନପଢ଼ି ଘରୋଇ ଭାବେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସୁବର୍ଣ୍ଣ ପଦକ ପାଇଥିଲେ। ଏଭଳି ଗୌରବ କ୍ୱଚିତ୍ କେହି ହାସଲ କରିଥିବେ। ସେ ନାଗପୁର ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ପାରିବାରିକ ଆର୍ଥିକ ଦୁରବସ୍ଥା ଯୋଗୁଁ ସେ ବିଧିବଦ୍ଧ ମହାବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇଥିବା ଜଣାଯାଏ। ବିଦ୍ୟାଳୟ ଶିକ୍ଷକ ଭାବେ ଡ.ଉଦ୍‌ଗାତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ଉଚ୍ଚଶିକ୍ଷା ପରେ ସେ ମହାବିଦ୍ୟାଳୟ ଅଧ୍ୟାପକ ହୋଇଥିଲେ। ସାହିତ୍ୟିକ ଜୀବନରେ ସେ ଏକଧାରରେ କବି, ପ୍ରାବନ୍ଧିକ, ଅନୁବାଦକ ଓ ନାଟ୍ୟକାର। ଅଳଙ୍କାର ପ୍ରସଙ୍ଗ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ କାବ୍ୟଶିଳ୍ପୀ ଗଙ୍ଗାଧର ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ରମାକାନ୍ତ ରଥଙ୍କ ପ୍ରସିଦ୍ଧ କାବ୍ୟ ଶ୍ରୀରାଧାର ସଂସ୍କୃତ ଅନୁବାଦ କରିଥିଲେ। ଏହାଥିଲା, ତାଙ୍କର ଶେଷ କୃତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ଅନୁଯାୟୀ ୧୯୨୦ ମାର୍ଚ୍ଚ ଆଜିର ଦିନରେ ବଲାଙ୍ଗୀରର ଟିକରପଡ଼ାରେ ଜନ୍ମ ହୋଇଥିଲେ ଡ. ଉଦ୍‌ଗାତା।

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତାକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୂରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର୍। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ୍ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲା ବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ। ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି। ଆଉ ଟିକେ ଲମ୍ବା ହୋଇଥାନ୍ତା କି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା'ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗ୍‌ବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚିତ ଭାବେ ସାକାର ହେବ। 'ଏତେ ସପନକୁ ରାତି କାହିଁ' ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତା'ହେଲେ ଅଧାସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ୍ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ।

ସ୍ୱପ୍ନ ବ୍ୟାପ୍ତି, ତା'ର ରୂପରେଖ ଭିନ୍ନଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକାର, ପ୍ରକାର, ବ୍ୟାପ୍ତି, ସ୍ଥିତି ଓ ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ। ସୁକୋମଳ, ସୁଗଭୀର ଓ ସୁନିଦ୍ରାର ସୁଷୁପ୍ତିରେ ଆଖିକୁ ଆବୋରି ବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦ୍‌ବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସାବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା' ଭିତରେ ଉଙ୍କିମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କ'ଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ୍ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ।



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ପୌର ପରିଷଦ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ପରିଚାଳନା ଟ୍ରଷ୍ଟ ବୋର୍ଡର ଏକ କାର୍ଯ୍ୟକାରୀ କମିଟି ବୈଠକ ଟ୍ରଷ୍ଟର ସଭାପତି ଆଇନଜୀବି ତ୍ରିଲଚନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ସଂପାଦକ କର୍ଣ୍ଣାର୍ଜୁନ ସାହା ମନ୍ଦିରର ଉନ୍ନତି, ରକ୍ଷଣାବେକ୍ଷଣ, ଦୈନିକ ନିତିକାନ୍ତି, ପ୍ରସାଦ ବିତରଣ, ଜମାଖାତା ଖୋଲିବା ଓ ନୂତନ ମନ୍ଦିର ନିର୍ମାଣ ସଂପର୍କରେ ଆଲେଚନା କରିବା ସହିତ ନୂତନ ମନ୍ଦିରର ଏକ ଚିଠା ପ୍ରସ୍ତୁତ କରିବାକୁ ଉପସ୍ଥିତ ଯନ୍ତ୍ରୀ ଇଂ ରଶ୍ମୀ ରଞ୍ଜନ ବେହେରାଙ୍କୁ ପରାମର୍ଶ ଦେଇଥିଲେ ତା ସହିତ ମନ୍ଦିରର ସଭ୍ୟ ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରଗଲା। ବୈଠକରେ ସଭାପତି ସଂପାଦକଙ୍କ ସହ ଉପସଭାପତି ଆଇନଜୀବି କୁମାର ଦେବାଶିଷ ବେହେରା କକ୍ଷାଧକ୍ଷ ସଚିଦାନନ୍ଦ ସାହା ଟ୍ରଷ୍ଟି ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟ, ଅନାଦି ଚରଣ ମହାନ୍ତି, ସୁମନ୍ତ ମହାପାତ୍ର, ପ୍ରତିଭା ଦାସ, ସରୋଜିନୀ ଦାସ, ଶାନ୍ତିଲତା ଦାସ, ରଞ୍ଜିତା ଦାସ, ପୂଜକ କାଳିଆ ଗ୍ରହଚାର୍ଯ୍ୟ ଓ ଯନ୍ତ୍ରୀ ରଶ୍ମୀ ରଂଜନ ବେହେରା ଉପସ୍ଥିତ ରହି ଆଲେଚନାରେ ଭାଗ ନେଇଥିଲେ। ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡକୁ ଆୟତ୍ତ କରିବା ସହ ଶୃଙ୍ଖଳିତ କରିବା ପାଇଁ ମହିଳା ସଦସ୍ୟାଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଶେଷରେ ଅଖିଳ ଗ୍ରହଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।



# ପାରାଦୀପ ବନ୍ଦରକୁ ଦେଶର ୧ ନଂ 'ସାଗର ଆକଳନ' ସମ୍ମାନ



ପାରାଦୀପ(ଭାସ୍କର ନ୍ୟୁଜ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ୨୦୨୪-୨୫ ଆର୍ଥିକ ବର୍ଷରେ ୫ ନିୟୁତ ବା ତଦୁର୍ଦ୍ଧ ପଣ୍ୟ ପରିଚାଳନାରେ ଉତ୍କୃଷ୍ଟ ସାମଗ୍ରିକ ପ୍ରଦର୍ଶନ ନିମନ୍ତେ ପାରାଦୀପ ବନ୍ଦରକୁ ଦେଶର ମର୍ଯ୍ୟାଦାଜନକ ୧ ନମ୍ବର ସାଗର ଆକଳନ' ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ଭାରତର ନୌବାଣିଜ୍ୟ କ୍ଷେତ୍ରରେ ବଜେଟ ୨୦୨୫ ଦ୍ୱାରା ହୋଇଥିବା ବିଭିନ୍ନ ପରିବର୍ତ୍ତନକାରୀ ପ୍ରଭାବ ଉପରେ ସବିଶେଷ ଆଲୋଚନା ପରେ ଗତ ଫେବୃଆରୀ ୨୭ ତାରିଖରେ ମୁମ୍ବାଇଠାରେ ଅନୁଷ୍ଠିତ ବଜେଟ ପରବର୍ତ୍ତୀ ଶିଳ୍ପ ବୈଠକରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଏହି ପୁରସ୍କାର ଗ୍ରହଣ କରିଥିଲେ । ସାଗର ଆକଳନ ହେଉଛି ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଉଦ୍ଦିଷ୍ଟ ଲଜିଷ୍ଟିକ ପୋର୍ଟ ପରଫରମାନ୍ସ, ଇଣ୍ଡେକ୍ସ, ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଦକ୍ଷତା ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତା ବୃଦ୍ଧି କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ୨୦୪୭ ମସିହା ସୁଦ୍ଧା ଆତ୍ମନିର୍ଭର ଓ ବିକଶିତ ଭାରତବର୍ଷ ସ୍ୱପ୍ନର ଅଂଶବିଶେଷ । ତେବେ ବନ୍ଦରର ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ଯେ ଦେଶର ସାମଗ୍ରିକ ଅଭିବୃଦ୍ଧି ପାଇଁ ଅବଦାନ ନିମନ୍ତେ ବନ୍ଦର କର୍ମଚାରୀଙ୍କୁ ପ୍ରେରଣା ଯୋଗାଇବ । ଉଲ୍ଲେଖଥାଉ କି ଚଳିତ ଆର୍ଥିକବର୍ଷ ଫେବୃଆରୀ ଶେଷ ସୁଦ୍ଧା ଲୁହାପଥର ଓ ତାପଜ କୋଇଲା ଚାହିଦା ହ୍ରାସ ସତ୍ତ୍ୱେ ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ଦ୍ରୁତତମ ୧୩୬.୨୫ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରିପାରିଛି । ଚଳିତ ଆର୍ଥିକ ବର୍ଷରେ ମଧ୍ୟ ପଣ୍ୟ କାରବାର କ୍ଷେତ୍ରରେ ଏହା ନୂତନ ସର୍ବକାଳୀନ ରେକର୍ଡ ଦିଗରେ ଅଗ୍ରସର ହେଉଛି । ବନ୍ଦର ପରିଚାଳନାଗତ ବିବିଧ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ବନ୍ଦର ସର୍ବମୋଟ ପଣ୍ୟ କାରବାରର ପ୍ରାୟ ୩୦ ପ୍ରତିଶତ ହେଉଛି ତାପଜ କୋଇଲା ଏବଂ ଚଳିତ ଆର୍ଥିକ ବର୍ଷରେ ପୂର୍ବବର୍ଷର ସମୟ ଅବଧି ଅପେକ୍ଷା ୪.୬୫ ପ୍ରତିଶତ ଅଧିକ । ସେହିପରି କଣ୍ଟେନର ପଣ୍ୟ ପରିଚାଳନାରେ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ୧୭୫.୫୮ ପ୍ରତିଶତ ଏବଂ ଜିପସମ ଓ ଫ୍ଲକ୍ସ ପଣ୍ୟ କାରବାର ପୂର୍ବ ବର୍ଷ ଅପେକ୍ଷା ୨.୮୬ ପ୍ରତିଶତ ଅଭିବୃଦ୍ଧି ହୋଇଛି । ସମ୍ପ୍ରତି ପାରାଦୀପ ବନ୍ଦର ଉପକୂଳ ଜାହାଜ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ ବନ୍ଦର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ଘରୋଇ ସ୍କୁଲରେ ବିପଜ୍ଜନକ ଅଟୋ ପରିବହନ, ଛାତ୍ରଛାତ୍ରୀଙ୍କ ପାଇଁ ବିପଦ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଛତୁଫୁଟିଲା ପରି ଘରୋଇ ସ୍କୁଲ ଗଢିଉଠିଥିବା ବେଳେ ଛୋଟ ଛୋଟ ପିଲାମାନଙ୍କୁ ବିପଜ୍ଜନକ ଭାବେ ପରିବହନରେ ନେବାଆଣିବା କରୁଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ । ଅଟୋରେ ଛାତ୍ରଛାତ୍ରୀମାନେ ୧୦ରୁ ୧୫ ଜଣ ବସି ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି । ବାରମ୍ବାର ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଅନେକ ଅଟୋ ଓ ମ୍ୟାଜିକ ସଠିକ୍ କାଗଜପତ୍ର ନଥିବା ବେଳେ ତାହା ଯାଞ୍ଚ କରାଯାଉନାହିଁ । ପରିବହନ ବିଭାଗ କଣ ପାଇଁ ଯାଞ୍ଚ କରୁନାହିଁ, ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡାରେ ବହୁମାତ୍ରରେ ଘରୋଇ ସ୍କୁଲ ଗଢି ଉଠଇଥିବା ବେଳେ ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ପରିଚାଳନା କରୁଥିବା ବ୍ୟକ୍ତି ଘର ଘର ବୁଲି ଛାତ୍ରଛାତ୍ରୀମାନଙ୍କୁ ଯୋଗାଡ କରୁଛନ୍ତି । ମାତ୍ର ବହୁ ସ୍କୁଲରେ ପରିବହନ ସେବା ସଠିକ୍ ନଥିବା ବାରି ହୋଇପଡୁଛି । ଅଟୋରେ ପିଲାମାନଙ୍କୁ ବସାଇ ଅଟୋ ଚାଳକ ଦ୍ରୁତ ବେଗରେ ଗାଡି ଚଳାଉଥିବା ବେଳେ ପିଲାମାନଙ୍କ ବହିବସ୍ତାନି ଅଟୋ ଚାରିପାଖେ ଝୁଲି ରହୁଛି । ଅଟୋରେ ଯେତିକି ବସିବା କଥା ତାଠାରୁ ଅଧିକ ପିଲା ବସାଇ ଅଟୋ ଚାଳକ ଅର୍ଥ ଲୋଭରେ ଛୋଟ ଛୋଟ ପିଲାଙ୍କ ଜୀବନ ସହିତ ଖେଳ ଖେଳୁଛି । କେତେକ ଅଭିଭାବକ ମଧ୍ୟ ଗାଁ ଗହଳିରୁ ପିଲାଙ୍କୁ ନିମାପଡା ସହରକୁ ପଠାଇ ଉତ୍ତମ ଶିକ୍ଷାଦେବା ପାଇଁ ଘରୋଇ ସ୍କୁଲ ମୁହାଁ ହେଉଥିବା ବେଳେ ଅଭିଭାବକମାନେ ମଧ୍ୟ ଏପରି ଅଟୋ ପରିବହନ ବିରୁଦ୍ଧରେ ମୁହଁ ଖୋଲୁନାହାଁନ୍ତି । ଏହି ଘଟଣା ପ୍ରତି ଦୃଷ୍ଟି ଦିଆଯିବା ପାଇଁ ସାଧାରଣରେ ଦାବି ହେଉଛି ।

# ରଣଗ୍ରହିତାଙ୍କ ପାଇଁ ଗ୍ୟାରେଣ୍ଟର ପଡ଼ିବା ଯୁବକ ପାଇଁ ମହଙ୍ଗା

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ରଚିଲୋ ପଞ୍ଚାୟତରେ ଜଣେ ଯୁବକ ଠକମିର ଶୀକାର ହୋଇଥିବା ଜଣାପଡିଥିବା ବେଳେ ଯୁବକ ନଜାଣି ଚଞ୍ଚକତା ଭାବେ ରଣ ଗ୍ରହିତାଙ୍କ ପାଇଁ ଗ୍ୟାରେଣ୍ଟର ପଡିଥିବା ଘଟଣାକୁ ନେଇ ଏବେ ହରଡ ଘଣାରେ ପଡିଥିବା ବେଳେ ଭିଜିଲାନ୍ସ ଓ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ରଣ ଦେଇଥିବା ସଂସ୍ଥା ଯୁବକଙ୍କ ସହିତ ଖେଳୁଥିବା ଯୁବକ ଅଭିଯୋଗ କରିଛନ୍ତି । କିପରି ଭାବେ ଏହି ଯୁବକ ଗ୍ୟାରେଣ୍ଟର ରହିଲେ ତାହା ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ରଚିଲୋ ଗ୍ରାମର ପ୍ରକାଶ କୁମାର ଜେନା ନାମକ ଯୁବକ ନିମାପଡାରେ ଘରଭଡା ନେଇ ରହୁଥିବା ବେଳେ ହଠାତ୍ ଯୁବକଙ୍କ ମୋବାଇଲକୁ ରଣ ଶୁଝିବା ପାଇଁ ବାରମ୍ବାର ମେସେଜ୍ ଆସିବାରୁ ଯୁବକ ଜାଣିବାକୁ ପାଇଲେ ଭୁବନେଶ୍ୱର ରବି ଟକିଜ୍ ନିକଟରେ ଥିବା ଏକ ରଣ ଲଗାଣକାରୀ ସଂସ୍ଥା ଆର୍‌କେ ଫାଇନାନ୍ସରୁ ୩ଲକ୍ଷ ଟଙ୍କା ରଣ ଉଠିଛି । ଡେଲାଙ୍ଗର ଜଣେ ଯୁବକ ରଣ ନେଇଥିବା ବେଳେ ଯୁବକଙ୍କ ନାମରେ ଚଞ୍ଚକତା ଭାବେ ଦସ୍ତଖତ କରିଛନ୍ତି । ଏ ସଂପର୍କରେ ଆର୍.କେ. ଫାଇନାନ୍ସ ଶାଖା ପରିଚାଳକଙ୍କ ସହିତ ଯୋଗାଯୋଗ କରିବାରେ ଯୁବକଙ୍କୁ ଏକ ଭୁଲ ଠିକଣା ଦେଇଥିଲେ । ଯୁବକ ଭୁଲ ଠିକଣାରେ ପହଞ୍ଚି ସେଠାରେ ପଚରା ଉଚରା କରି ଜାଣିବାକୁ ପାଇଲେ ରଣ ଦେଇଥିବା ସଂସ୍ଥ ଭୁଲ ଠିକଣା ଦେଇଛି । ପରେ ଯୁବକ ଜଣକ ଖୋଜି ଖୋଜି ଫାଇନାନ୍ସ ଅଫିସ୍‌ରେ ଶାଖା ପରିଚାଳକଙ୍କୁ ଭେଟି ପଚାରିବାରେ କିପରି ମୁଁ ନଜାଣି ଗ୍ୟାରେଣ୍ଟର ପଡିଛି । ମୋର ସିବିଲି ନଷ୍ଟ ହୋଇଛି । ବାରମ୍ବାର ଅଭିଯୋଗ ଦେବା ସତ୍ତ୍ୱେ ଫାଇନାନାସ୍ କମ୍ପାନୀ କିଛି ନବୁଝିବାରୁ ଯୁବକ ଏ ସଂପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ । ଗଣମାଧ୍ୟମ ପ୍ରତିନିଧି ପରିଚାଳକଙ୍କ ସହ ଯୋଗାଯୋଗ କରିବାରେ ଏହି ଘଟଣାକୁ ଆମ୍ଭେ ସମାଧାନ କରିବୁ ବୋଲି ଉତ୍ତର ଦେଉଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯୁବକଙ୍କ ଡୁକମେଣ୍ଟ କେଉଁଠାରୁ ପାଇ ରଣ ଲଗାଣକାରୀ ସଂସ୍ଥା ବିନା ଦସ୍ତଖତରେ ରଣ ଦେଇଛି । ଏହି ଘଟଣା ତଦନ୍ତ ପାଇଁ ଯୁବକ ଦାବି କରିଛନ୍ତି ।

## ଅବହେଳିତ ଆଇପିଟି ଡମ୍ପର ଡ୍ରାଇଭରଙ୍କ ମନ ଜିଣିଲେ ପ୍ରକାଶ

# ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହେଲେ ଶତାଧିକ ଡ୍ରାଇଭର



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ଓ ଶିଳ୍ପ ସହର ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାରେ ଶ୍ରମିକମାନେ ଅବହେଳିତ ଓ ନିର୍ଯାତିତ ହେଉଥିବା ଅଭିଯୋଗ ହେଉଛି । କିଛି ଅପରାଧିକ ତତ୍ତ୍ୱ ଶ୍ରମିକ ଓ ରାଜନେତା ଖୋଳପା ଭିତରେ ରହି କମ୍ପାନୀଙ୍କ ଦଲାଲ ସାଜି ପରୋକ୍ଷରେ ଶ୍ରମିକ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛି ପାରାଦୀପ ପୋର୍ଟ ମଜଦୁର ସଂଘ । ତେବେ ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଶ୍ରମିକଙ୍କ ହକ ପାଇଁ ତାଙ୍କର ସଂଗ୍ରାମ ସାଧାରଣରେ ବେଶ ଗ୍ରହଣୀୟ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ତାଙ୍କ ସଂଘରେ ଦୈନିକ ବହୁ ଶ୍ରମିକ ଓ ଅନ୍ୟ ସଂଗଠନର ସଂଖ୍ୟାଧିକ ସଦସ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି । ପାରାଦୀପ ଆନ୍ତଃ ବନ୍ଦର ପରିବହନ ବା ଇଣ୍ଟ୍ରା ପୋର୍ଟ ଟ୍ରାନ୍ସପୋର୍ଟ (ଆଇପିଟି)ର ଶତାଧିକ ଅବହେଳିତ ଡ୍ରାଇଭର ବାପି ସରଖେଲଙ୍କ ସଂଘ ଛାଡି ପ୍ରକାଶ ତ୍ରିପାଠୀଙ୍କ ସଂଘରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ବଡ଼ପଡ଼ିଆ ଥାନା ନିକଟସ୍ଥ ପଡିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଯୋଗଦେଇ ଡ୍ରାଇଭରଙ୍କ ମୌଳିକ ସମସ୍ୟା ପୂରଣ ପାଇଁ ପ୍ରଚେଷ୍ଟା ଜାରି ରଖିବା ପର୍ତ୍ତୁଶ୍ରୁତି ଦେବା ସହ ପାରାଦୀପରେ ଅଶାନ୍ତକାରୀ, ଶ୍ରମିକ ଶୋଷଣକାରୀ ବହୁରୂପୀ ଅପରାଧୀ ବାପି ସରଖେଲଙ୍କୁ ଶାନ୍ତ ପାରାଦୀପରେ ଅଶାନ୍ତ କରିବାକୁ ଦିଆଯିବନି ବୋଲି ଚେତାବନୀ ଦେଇଥିଲେ । ଏଥର ସରକାର ପରିବର୍ତ୍ତନ ହୋଇଛି ଏବଂ ପ୍ରଶାସନ ଲୋକାଭିମୁଖୀ ହୋଇଛି ତେଣୁ ପାରାଦୀପରେ ଏଭଳି ଅପରାଧୀଙ୍କୁ ବିରୋଧ ସହ ଶାନ୍ତି ବଜାୟ ରଖିବା ପାଇଁ ବିତାଡିତ କରିବାକୁ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ରତ୍ନାକର ଜେନା, ଯୁଗ୍ମ ସମ୍ପାଦକ ଦିଲ୍ଲିପ ବଳିୟାରସିଂହ ଓ ଅନ୍ତର୍ଯ୍ୟାମୀ ବାରିକ ନିଜ ବକ୍ତବ୍ୟରେ ସଂଘରେ ନୂତନ ଭାବେ ଯୋଗ ଦେଇଥିବା ଆଇପିଟି ଡ୍ରାଇଭରଙ୍କୁ ସ୍ୱାଗତ କରିବା ସହ ସମସ୍ୟା ସମାଧାନ ଦିଗରେ ସଂଘ କାର୍ଯ୍ୟ କରିବ ବୋଲି କହିଥିଲେ ।

# ଧନିତ୍ରୀ ସେବା ସମବାୟ ସମ୍ପାଦକ ନିଲମ୍ବିତ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ଗ୍ରାମ ପଞ୍ଚାୟତ ଧନିତ୍ରୀ ସେବା ସମବାୟ ସମିତିର ସମ୍ପାଦକ ବିଷ୍ଣୁ ଚରଣ ବେହୁରା ଧାନ କିଣାରେ ବ୍ୟାପକ ଅନିୟମିତତା ଓ ନିଜ ପରିବାର, ଧାନବେପାରୀଙ୍କ ନାମରେ ଧାନ ଉଠାଇ ନିରୀହ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଅଭିଯୋଗରେ ଚାଷୀ ଶଙ୍କର ଭୂୟାଁ, ଘନଶ୍ୟାମ ବେହେରା, ନୃସିଂହ ବେହେରା, ସୁଦର୍ଶନ ବେହେରା, ବିଜୟ ପଣ୍ଡା ପ୍ରମୁଖ ଗ୍ରାମବାସୀ ଗତ ୧୮/୨/୨୦୨୫ରେ ପୁରୀ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ । ପୁରୀ ଜିଲ୍ଲାପାଳ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ସୋମବାର ୩/୩/୨୦୨୫ ଚିଠି ନଂ ୪୫୪(୨)ରେ ସମ୍ପାଦକ ବିଷ୍ଣୁ ଚରଣ ବେହୁରାଙ୍କୁ ନିଲମ୍ବିତ କରିଛନ୍ତି । କୈବଲ୍ୟ ସେନାପତିଙ୍କୁ ସମିତି ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଛନ୍ତି ।

# ଧର୍ମଶାଳାରେ ନୂତନ ତହସିଲଦାରଙ୍କ ଯୋଗଦାନ



ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ତହସିଲରେ ନୂତନ ତହସିଲଦାର ଭାବେ ସମିର ରଞ୍ଜନ ଦାଶ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ଦାଶ ଏହା ପୂର୍ବରୁ ବାସୁଦେବପୁର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ । ଏଠାରେ ଥିବା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ କାମାକ୍ଷାନଗର ତହସିଲକୁ ବଦଳି କରାଯାଇଛି । ଶ୍ରୀ ମହାନ୍ତି ନୂତନ ତହସିଲଦାର ସମିର ରଞ୍ଜନ ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ନୂତନ ତହସିଲଦାର ଶ୍ରୀ ଦାଶଙ୍କ ସହ ଯୋଗାଯୋଗ କରିବାରେ ଲୋକଙ୍କ ସମସ୍ୟା ଓ ପଡ଼ିରହିଥିବା ରାଜସ୍ୱ ଆଦାୟକୁ ଗୁରୁତ୍ୱାରୋପ କରିବେ ବୋଲି ସୂଚନା ଦେଇଛନ୍ତି । ନୂତନ ତହସିଲଦାରଙ୍କ ଯୋଗଦାନ ପରେ ଅତିରିକ୍ତ ତହସିଲଦାର ଭବେଶ ମାଝି ଓ ଗଗନ ବିହାରୀ ଦାଶଙ୍କ ସମେତ ତହସିଲ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

# ନୂତନ ବିଡ଼ିଓଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା



ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକରେ ନୂତନ ବିଡ଼ିଓ ଭାବେ ଯୋଗ ଦେଇଥିବା ଧର୍ମ ରଂଜନ ପଣ୍ଡାଙ୍କୁ ନିଆଳି ବିଜେପି ପକ୍ଷରୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ କରିଥିବା ବ୍ୟକ୍ତି ଅଶୋକ ରାଏ, ମଣ୍ଡଳ ସଭାପତି ନବଘନ ସ୍ୱାଇଁ, ରାଜେଶ ମହାରଣା, ଶାନ୍ତନୁ ଦାଶ, ବିଜେପି ନେତା ତ୍ରିଲୋଚନ ବେହେରା, ଦିଲୀପ ଜେନା, ମୀନକେତନ ଷଡ଼ଙ୍ଗୀ, ସନ୍ତୋଷ ବିଶ୍ୱାଳ, ସୁଜାତା ପରିଡା, ତୋଫାନ ସିଂ, ଅଭୟ ବେହେରା, ମିହିର ନାଏକ ସମେତ ୩୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

# ଜମିବାଡ଼ି ବିବାଦରୁ ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର, ୬ କୋର୍ଟଚାଲାଣ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ପୂର୍ବ ଖଣ୍ଡ ଗ୍ରାମର ଶ୍ରୀଧର ସିଂଙ୍କୁ ଜମିବାଡ଼ି ବିବାଦକୁ ନେଇ ସଂଘବଧ ମରଣାନ୍ତକ ଆକ୍ରମଣ କରାଯାଇଛି । ଯାହା ଫଳରେ ଶ୍ରୀଧର ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି । ଏ ନେଇ ଶ୍ରୀଧରଙ୍କ ପୁଅ ମୋତି ରଂଜନ ସିଂ ନିଆଳି ଥାନାରେ ଲିଖିତ ଅଭିଯୋଗ ପରେ ନିଆଳି ପୋଲିସ ୮୨/୨୦୨୫ରେ ମାମଲା ରୁଜୁ କରି ସୁରେଶ ମହାନ୍ତି, ସୋମନାଥ ମହାନ୍ତି, ଗୌରାଙ୍ଗ ସିଂ, ମନୋଜ ସିଂ, ମାନିନୀ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅପରପକ୍ଷରେ ମାନିନୀ ସିଂଙ୍କ ପାଲଟା ଅଭିଯୋଗ ଆଧାରରେ ଉକ୍ତ ଥାନାରେ ୮୩/ ୨୦୨୫ରେ ମାମଲା ରୁଜୁ କରାଯାଇ ମୋତି ରଂଜନ ସିଂଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଘଟଣାରେ ନିଆଳି ଥାନା ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି ।

# ନମ୍ବର ବିହୀନ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ପୁରୁଣାପାଣି ଛକରେ ସୋମବାର ଚଢାଉ କରି ଏକ ନମ୍ବର ବିହୀନ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ । ଘଟଣାରୁ ପ୍ରକାଶ ବୁଢାବଳଙ୍ଗ ନଦୀଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ବାବଦରେ ଖବର ପାଇବା ପରେ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଏକ ବାଲିବୋଝେଇ ଟ୍ରାକ୍ଟରକୁ ପିଛା କରି ପୁରୁଣାପାଣି ଛକରେ ଚଢାଉ କରିଥିଲେ । ତେବେ ଟ୍ରାକ୍ଟର ଚାଳକ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିବା ବେଳେ ବେତନଟୀ ପୋଲିସ ଚୋରାବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାକୁ ଆଣିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

# ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା: ୨ ଅଭିଯୁକ୍ତ କୋର୍ଟଚାଲାଣ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ପୀରହାଟ ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗ୍ରାମର ଅବନୀ କୁମାର ନାୟକ (୪୫) ନାମକ ଜଣେ ଯୁବକ ଚୋରା କୋଇଲା ଟ୍ରକ୍‌କୁ ବିରୋଧ କରିବାରୁ ତାଙ୍କୁ ଚୋରା କୋଇଲା ମାଫିଆମାନେ ଗତ ୨୫ ତାରିଖରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ମୃତକଙ୍କ ପତ୍ନୀ ସରୋଜିନୀ ନାୟକଙ୍କ ଅଭିଯୋଗକ୍ରମେ ପୁଲିସ ୪୫/୨୫, ଦଫା ୩୩୨(ଏ), ୧୦୩(୧)/୩(୫) ବିଏନଏସ୍‌ରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ । ଘଟଣାରେ ଅଭିଯୁକ୍ତ ଶ୍ରୀକାନ୍ତ ନାୟକ ଓ ବିଷ୍ଣୁ ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୫ ତାରିଖ ବିଳମ୍ବିତ ରାତିରେ ଏକ ଚୋରା କୋଇଲା ଟ୍ରକ ଯାଉଥିଲା । ଛତ୍ରପଦା ଗ୍ରାମର ଅବନୀ ନାୟକ ଚୋରା କୋଇଲା ଟ୍ରକ୍‌କୁ ବିରୋଧ କରିଥିଲେ । ଯାହାଫଳରେ ଚୋରା କୋଇଲା ମାଫିଆମାନେ ଅବନୀକୁ ପିଟିପିଟି ହତ୍ୟା କରିବା ପରେ ଅବନୀର ଘର ଘଟତଳକୁ ପକାଇ ଦେଇ ବାହାରୁ କବାଟ ବନ୍ଦ କରି ପଳାଇଥିଲେ । ସେହିଦିନ ରାତି ୩ଟା ବେଳେ ଅବନୀଙ୍କ ସ୍ତ୍ରୀ ତାଙ୍କ ସୟା ପଞ୍ଚାୟତ ଅଧୀନ ବାଂଶବାଗ ଗ୍ରାମରେ ଥିବା ସମୟରେ ଫୋନ୍ ପାଇଥିଲେ ଯେ ତାଙ୍କ ସ୍ୱାମୀଙ୍କୁ ସାନମଝିଆଁ ଶଶୁର ଦାଶରଥି ନାୟକଙ୍କ ଦୁଇ ପୁଅ ଅମୂଲ୍ୟ କୁମାର ନାୟକ, ରମାକାନ୍ତ ନାୟକ, ନାତି ଶ୍ରୀକାନ୍ତ ନାୟକ, ବିଷ୍ଣୁ ନାୟକ ଓ ଜ୍ୱାଇଁ ଚନ୍ଦ୍ରକାନ୍ତ ମାଝୀ ମିଶି ପିଟିପିଟି ହତ୍ୟା କରିଥିଲେ । ପୂର୍ବରୁ ଜମିବାଡ଼ିକୁ ନେଇ ତାଙ୍କ ସ୍ୱାମୀଙ୍କୁ ବିଭିନ୍ନ ସମୟରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଆସୁଥିଲେ । ଯେଉଁଥି ପାଇଁ ଅବନୀ ନିଜ ୧୧ବର୍ଷର ଝିଅ ଓ ପତ୍ନୀର ସୁରକ୍ଷା ପାଇଁ ତାଙ୍କୁ ବାଶବାଗସ୍ଥିତ ଶଶୁର ଘରେ ଛାଡ଼ି ନିଜେ ଅବନୀ ଘର ନଛାଡ଼ି ଗାଁରେ ରହୁଥିଲେ । ମୃତ ଅବନୀଙ୍କ ପତ୍ନୀ ସରୋଜିନୀ ଖବର ଗାଁ ଲୋକଙ୍କ ଠାରୁ ପାଇବା ପରେ ଶଶୁରଘରେ ଦେଖିଥିଲେ ଯେ ତାଙ୍କ ଘର ଦୁଆରେ ପୁଳାପୁଳା ରକ୍ତ ପଡ଼ିଥିବା ବେଳେ ଘର ଖଟତଳେ ତାଙ୍କ ସ୍ୱାମୀ ଅବନୀ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛି । ପରେ ସେ ଏ ନେଇ ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୀରହାଟ ଥାନା ଏସଆଇ ସୁପ୍ରକାଶ ମହାନ୍ତି ତଦନ୍ତ କରୁଥିବା ଜଣାପଡ଼ିଛି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି ।



# ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଗୋପ(ଭାସ୍କର ନ୍ୟୁଜ): ଗତକାଲି ବିଳମ୍ବିତ ରାତ୍ରିରେ ନିମାପଡା-କୋଣାର୍କ ରାସ୍ତାର ଦିଘାଲୋ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ଗୋପ ଥାନା ଅଧିନ ବଡତରା ପଞ୍ଚାୟତ ଗଡରୁପାସ ଗ୍ରାମର ଦେବୀ ପ୍ରସାଦ ରାୟ ଚୌଧୁରୀ (୪୪) । ଦେବୀ କୌଣସି କାର୍ଯ୍ୟରେ ନିମାପଡା ଯାଇ ବିଳମ୍ବିତ ରାତ୍ରିରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ନିମାପଡା-କୋଣାର୍କ ରାସ୍ତାର ଦିଘାଲୋରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଖବର ପାଇ ଗୋପ ପୋଲିସ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ଆଣିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଯାଇଛି । ଏନେଇ ନିମାପଡା ଥାନାରେ ଅଭିଯୋଗ ପରେ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡିଛି ।

# ଡାକ୍ତର ମାୟାଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଅନାବରଣ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତ ଅଧୀନ ଗଳଗଣ୍ଡପୁର ଗ୍ରାମର ସ୍ୱର୍ଗତ ଡାକ୍ତର ମାୟାଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର ବାସନ୍ତୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ଡା. ପଣ୍ଡାଙ୍କ ବାସଭବନରେ ଏକ ପ୍ରତିମୂର୍ତ୍ତିକୁ ପୂର୍ବତନ ବିଧାୟକ ବିଜୟ କୁମାର ନାୟକ ଅନାବରଣ କରିଥିଲେ । ପରେ ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଡ. ଦୁର୍ଯ୍ୟୋଧନ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ଡ. ବିଶ୍ୱରଂଜନ ଦାସ, ବରେଣ୍ୟ ଅତିଥି ପୂର୍ବତନ ବିଧାୟକ ବିଜୟ ନାୟକ, ଅଧ୍ୟାପକ ଡ. ଅଭୟ କୁମାର ଦାସ, ଶିକ୍ଷାବିତ୍ ସୋମନାଥ ପାଢ଼ୀ ଯୋଗ ଦେଇ ଡାକ୍ତର ପଣ୍ଡା ସେବା ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ । ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଜେଡି ନେତା ଡା. ସଂଜୟ ଦାସ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, କୀର୍ତ୍ତନ ରାଉତ, ଶଶଧର ସାମଲ, ଗୋଲକ ସାମଲ, ଶରତ ମଳିକ, ସମିତିସଭ୍ୟ ଚିନ୍ତାମଣି ଦାସ, ଭାଗିରଥି ମଳିକ, ଜୟପ୍ରକାଶ ମଳିକ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ରେ ପୁହାଣ, ବରିଷ୍ଠ ବିଜେଡି ନେତା ହରେକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ମହାପାତ୍ର, ସରପଞ୍ଚ ସଂଜୀବ ବେହେରା, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁମୋହନ ଜେନା, ବିନୋଦ ସେଠୀ, ଶିକ୍ଷକ ଦିଲୀପ ପଣ୍ଡା, ଅକ୍ଷୟ ନାୟକ, ଦୟାନିଧି ପଣ୍ଡା, ବିଶ୍ୱମ୍ଭର ପତି, ଅଜୟ ମହାନ୍ତି, ଡା. କୃପାସିନ୍ଧୁ ପତି, ବିଜେପି ନେତା ପ୍ରମୋଦ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ । ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଂଜନ ନାୟକ, ଅମରେନ୍ଦ୍ର ନାୟକ, ଶିଶିର ପଣ୍ଡା, ସାନନ୍ଦ କୁମାର ପଣ୍ଡା, ପ୍ରବୀର ପଣ୍ଡା, ସୁଧୀର କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଗଁଦିଆ ପୋଲିସ ଓ ଚାଳକ ସଙ୍ଘ ପକ୍ଷରୁ ସଡ଼କ ସୁରକ୍ଷା ପାଳିତ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଦିଆ ଥାନା ପୋଲିସ ଓ ଗଁଦିଆ ବ୍ଲକ ଚାଳକ ସଙ୍ଘ ତରଫରୁ ମିଳିତ ଭାବରେ ଆଜି ଗଁଦିଆ ଠାରେ ସଡ଼କ ସୁରକ୍ଷା ସଚେତନତା ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଗଁଦିଆ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଚରଣ ଗଡ଼ନାୟକଙ୍କର ଅଧକ୍ଷତାରେ ଗଁଦିଆ ପୋଲିସ କାର୍ଯ୍ୟାଳୟଠାରୁ ବାହାରି ଥାନା ଛକ, ବ୍ଲକ ଛକ, ବଣିଆପଡା ଛକ, ହାଟ ଛକ ଓ ଗଁଦିଆ ଛକ ପରିକ୍ରମା କରି ତାରିଣୀ ଛକ ପର୍ଯ୍ୟନ୍ତ ଯାଇଥିଲା । ପୋଲିସ କର୍ମଚାରୀ ଓ ଚାଳକ ସଙ୍ଘର ସଦସ୍ୟମାନେ ହାତରେ ବିଭିନ୍ନ ପ୍ରକାର ସଚେତନତା ପ୍ଲାକାର୍ଡ ଧରିବା ସହିତ ସଡ଼କ ସୁରକ୍ଷା ଉପରେ ସ୍ଲୋଗାନ ଦେଇଥିଲେ । ରାସ୍ତାରେ ଯାଉଥିବା ବାଇକ ଚାଳକଙ୍କଠାରୁ ଆରମ୍ଭ କରି ଯାତ୍ରୀବାହି ଜାନ ଓ ପଥଚାରୀଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କରିଥିଲେ । ବିଶେଷ କରି ରାସ୍ତାରେ ଗାଡି ଚଳାଇବା ବେଳେ ମୁଣ୍ଡରେ ହେଲମେଟ ପରିଧାନ କରିବା ଧୀରେ ଗାଡି ଚଳାଇବା, ମୋବାଇଲରେ କଥା ନହେବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଜନସାଧାରଣଙ୍କୁ ଅବଗତ କରିଥିଲେ । ଶୋଭାଯାତ୍ରାରେ ଗଁଦିଆ ଥାନା ଏଏସଆଇ ମୁରଲୀଧର ନାୟକଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଓ ଚାଳକ ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ ।

# ପୂର୍ବତନ ବିଜେପି କାଉନସିଲର ପବିତ୍ର ସାହୁଙ୍କ ପରଲୋକ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୫ ନମ୍ବର ୱାର୍ଡର ପୂର୍ବତନ ବିଜେପି କାଉନସିଲର ପବିତ୍ର ମୋହନ ସାହୁ (୫୦)ଙ୍କର ଗତକାଲି ରାତି ୧ଟାରେ ହୃଦଘାତରେ ପରଲୋକ ହୋଇଯାଇଛି । ମଧ୍ୟ ରାତ୍ରରେ ଛାତିରେ କଷ୍ଟ ହେବା ସହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ତାଙ୍କ ମରଶରୀର ଭୁବନ ଏନ୍‌ଏସି ଅନ୍ତର୍ଗତ ୫ ନଂ ୱାର୍ଡ ପାଲାମଣ୍ଡପସ୍ଥିତ ବାସଭବନରେ ପହଞ୍ଚିବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ଭୁବନ ନଗର ମଣ୍ଡଳ ସଭାପତି ଅଜିତ କୁମାର ବିହାରୀ, ନଗର ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଘରେ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମରଶରୀରକୁ ସହର ପରିକ୍ରମା ସହ ବିଜେପି କାର୍ଯ୍ୟାଳୟରେ ଦଳୀୟ ପତାକା ଦିଆଯାଇ କାର୍ଯ୍ୟକର୍ତ୍ତା ଶେଷ ସମ୍ମାନ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ସ୍ୱର୍ଗତ ସାହୁ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଭାବେ ବିଜୟୀ ହୋଇ ଛାତ୍ରନେତାରୁ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରି ୨୦୦୮ରେ ୫ ନଂ ୱାର୍ଡରେ ବିଜେପି କାଉନସିଲର ଭାବେ ବିଜୟୀ ହୋଇଥିଲେ । ୨୦୨୨ ପୌର ନିର୍ବାଚନରେ ପତ୍ନୀ ରଞ୍ଜିତା ସାହୁ ବର୍ତ୍ତମାନ ସେହି ୱାର୍ଡର କାଉନସିଲର ଭାବେ କାର୍ଯ୍ୟ କରୁଛନ୍ତି । ଭୁବନ ଏନ୍‌ଏସିରେ ବିଜେପିର ଜଣେ ପ୍ରମୁଖ ଯୋଦ୍ଧା ଭାବେ କାର୍ଯ୍ୟ କରୁଥିଲେ । ପରେ ଭୁବନ ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଡୋମେନଷ୍ଟେଟର ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ଅକାଳ ବିୟୋଗ ସମଗ୍ର ଭୁବନରେ ଗଭୀର ଶୋକପ୍ରକାଶ ପାଇଛି । ଯୁକ୍ତ ଦୁଇ ଅଧ୍ୟକ୍ଷା ସୃପ୍ତିମୟୀ ସେନଙ୍କ ସଭାପତିତ୍ୱରେ ଅଧ୍ୟାପିକା ପ୍ରଣତି ବେହେରା, ଅଧ୍ୟାପକ ସୁଧାଂଶୁ ଶେଖର ଓଝା, ସୁଧାଂଶୁ ଶେଖର ବେହେରା, ସୁରେନ୍ଦ୍ର କୁମାର ଗୁରୁ, କର୍ମଚାରୀ ବିଜୟ ପୃଷ୍ଟି, ସୁରେଶ ବେହେରା, ବିଶ୍ୱ ଭୂଷଣ ବେହେରା, ପ୍ରଫୁଲ୍ଲ ଦାସ, ଲକ୍ଷ୍ମଣ ସାହୁ, ବାସନ୍ତୀ ବେହେରା, ସୌଦାମିନୀ ଦାସ ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି



ମେରାମଣ୍ଡଳୀ(ଭାସ୍କର ନ୍ୟୁଜ୍): ଭାରତୀୟ ଶିଳ୍ପ ଉଦ୍ୟୋଗର ମହାନ ଉଦ୍ୟୋଗପତି ତଥା ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦଜୀ ନୁସେରୱାନ ଜୀ ଟାଟାଙ୍କୁ ତାଙ୍କ ୧୮୬ତମ ଜୟନ୍ତୀରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଆଜିର ଦିନକୁ ପ୍ରତିଷ୍ଠାତା ଦିବସ ଭାବେ ଟାଟାଷ୍ଟିଲ୍‌ରେ ପାଳନ କରାଯାଇଥାଏ । ମେରାମଣ୍ଡଳୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ର ମୁଖ୍ୟ ସୁରକ୍ଷା ଅଧିକାରୀ ବିଲାସ ଏନ୍ ଗାଏକ୍ୱାଡ଼ ଏବଂ ଅନ୍ୟାନ୍ୟ ବରିଷ୍ଠ କମ୍ପାନି ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଥିଲା । ଏହି ପରିପ୍ରେକ୍ଷୀରେ ଟିଏସ୍‌ଏମ୍‌ର ଆବାସିକ କଲୋନିରେ କର୍ମଚାରୀ ଏବଂ ତାଙ୍କ ପରିବାର ପାଇଁ ବିଭିନ୍ନ କ୍ରୀଡ଼ାର ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ ଟାଟା ଷ୍ଟିଲ୍ ଫାଉଣ୍ଡେସନ ତାଳବାହାଲ ଗାଁରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଯେଉଁଥିରେ ତାଳବାହାଲ୍, ଗଣ୍ଡିଗାଡ଼ିଆ, ଖଲିବେରଣା, ସରପାରଘୁନାଥପୁର, ଚନ୍ଦ୍ରଶେଖରପୁର, ପାଇକପୁରୁଣାକୋର୍ଟ, ଝାଡୁବେରେଣୀ ଏବଂ ବାଦିବାହାଲ୍ ଆଦି ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ଆଠଟି ଦଳ ଅଂଶଗ୍ରହଣ କରିଥିଲେ ।

# ଲଢେଇରେ ଦନ୍ତାହାତୀ ମୃତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଦୁଇ ହାତୀ ମଧ୍ୟରେ ଲଢେଇ ହୋଇ ଗୋଟିଏ ହାତୀର ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତ ହାତୀଟି ଅଣ୍ଡିରା ହାତୀ ହୋଇଥିବା ବେଳେ ତାର ବୟସ ୪୫ ବର୍ଷ ଏବଂ ଭଙ୍ଗଦାନ୍ତିଆ ନାମରେ ନାମିତ ଥିଲା । ଘଟଣାରୁ ପ୍ରକାଶ ହାତୀଟି ବିଭିନ୍ନ ପ୍ରକାରର କ୍ଷତ ଦ୍ୱାରା ମରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଦୁଇ ହାତୀ ମଧ୍ୟରେ ଲଢେଇରେ ଅଣ୍ଡିରା ହାତୀର ମୃତ୍ୟୁ ହୋଇଥିବା ବେଳେ ବନ ବିଭାଗ ତରଫରୁ ବ୍ୟବଛେଦ ପରେ ଏକ ଗଭିର ଗାତରେ ପୋତି ଦିଆଯାଇଛି । ଆରସିସିଏଫ ଅନୁଗୋଳ, ବିଡିଓ ଏବଂ ଭିଏସ୍ କାମାକ୍ଷାନଗର, କପିଳାସଜୁ ଭେଟ୍ ପ୍ରମୁଖଙ୍କ ଉପସ୍ଥିତିରେ ସାମ୍ପୁଲ ସଂଗ୍ରହ କରି ସିଡବ୍ଲୁଏଚ, ଓୟୁଏଟିକୁ ଅଧିକ ତଥ୍ୟ ପାଇଁ ପଠାଯାଇଛି ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟିପିଏସଓଡିଏଲ୍ ପକ୍ଷରୁ ଭାରତୀୟ ଶିଳ୍ପ ଜଗତର ପୁରୋଧା ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୬ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଜେଏନ ଟାଟାଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିବା ସହ ନୈତିକତା ଏବଂ ସଚ୍ଚୋଟତା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଜାମସେଦଜୀ ନୁସରୱାନଜୀ ଟାଟାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ଉପସ୍ଥିତ କର୍ମଚାରୀ ନୈତିକତା ଶପଥ ନେବା ସହ ବ୍ୟକ୍ତିଗତ ଏବଂ ପେଶାଦାର ଜୀବନରେ ସଚ୍ଚୋଟତା, ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରତିଜ୍ଞା ନେଇଥିଲେ । ଏହି ଅବସରରେ ଶ୍ରୀ ଗର୍ଗ କହିଛନ୍ତି, ଟିପିଏସଓଡିଏଲର ପ୍ରତ୍ୟେକ କାମରେ ନୈତିକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ଆମ ସଫଳତା କେବଳ ବ୍ୟାବସାୟିକ ଅଭିବୃଦ୍ଧିରେ ଆକଳନ ହୁଏ ନାହିଁ, ବରଂ ଆମର ସାଧୁତା ଏବଂ ସଚ୍ଚୋଟତା ଯୋଗୁଁ ତିଆରି ହୋଇଥିବା ଉପଭୋକ୍ତାଙ୍କ ବିଶ୍ୱାସ ଉପରେ ଏହା ଆଧାରିତ । ଶ୍ରୀ ଜାମସେଦଜୀ ନୁସରୱାନଜୀ ଟାଟା ନୈତିକ ନେତୃତ୍ୱର ଏକ ସର୍ବୋଚ୍ଚ ମାନଦଣ୍ଡ ଛାଡ଼ି ଯାଇଛନ୍ତି ଏବଂ ସେହି ପଥରେ ଆଗକୁ ବଢ଼ିବା ଆମର କର୍ତ୍ତବ୍ୟ । ଏହାସହ ଟିପିଏସଓଡିଏଲ୍ ପକ୍ଷରୁ ବ୍ରହ୍ମପୁର ସ୍ଥିତ ହେଲେନ କେଲର୍ ରେଡ କ୍ରସ ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମ୍ୟାଡାମ ସିଇଓ ମଞ୍ଜୁ ଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପିଲାଙ୍କ ସହ ସମୟ ବିତାଇଥିଲେ ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ବ୍ଲକ ରାଜପୁର ପଞ୍ଚାୟତ ଅନ୍ତର୍ଗତ ସର୍ଗିମାଲ ଦେଓଗାଁ ଠାରେ ସୋମବାର ମହାକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ରନ୍‌ମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରନ୍‌ମୁଦ ଓ ପରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଏକ କଳସ ଶୋଭାଯାତ୍ରାରେ ବାହାରି ଇବ ନଦୀ ବୁଢ଼ୀ ସମଲେଇ ଘାଟରୁ ପାଣି ଆଣିବା ପରେ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ଉତ୍ସବରେ ପଣ୍ଡିତ ମୋତିଲାଲ ମିଶ୍ର, ପଣ୍ଡିତ ବାସୁଦେବ ଦାଶ, ପଣ୍ଡିତ ସନ୍ତୋଷ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ଗଦାଧର ରାଏ ଓ ତାଙ୍କ ପତ୍ନୀ ଅନୁସୂୟା ରାଏ, ସୁବ୍ରତ ଚୌଧୁରୀ ଓ ତାଙ୍କ ପତ୍ନୀ ରିତା ଚୌଧୁରୀ, ସୁଶାନ୍ତ ପ୍ରଧାନ ଓ ତାଙ୍କ ପତ୍ନୀ ରିତା ପ୍ରଧାନ, ସୁରେନ୍ଦ୍ର ଚୌଧୁରୀ ଓ ତାଙ୍କ ପତ୍ନୀ ମୌମିତା ଚୌଧୁରୀ, ଉପେନ୍ଦ୍ର ଧୁରୁଆ ଓ ତାଙ୍କ ପତ୍ନୀ ମୁକ୍ତେଶ୍ୱରୀ ଧୁରୁଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ରନ୍‌ମୁଦ ଉତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଆସନ୍ତା କାଲି ମହାକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଆବାହନ ପୂଜା, ଚଣ୍ଡୀ ପାଠ, କଳସ ସ୍ଥାପନ, ଧ୍ୱଜା ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା କରାଯିବାର କାର୍ଯ୍ୟକ୍ରମ ରହିଛି।

# ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଧାରଣା



ତାଳଚେର, (ଭାସ୍କର ନ୍ୟୁଜ୍ ) : ତାଳଚେର ଶିଳ୍ପାଞ୍ଚଳ ଏକ ସମସ୍ୟା ବହୁଳ ଅଞ୍ଚଳ ଭାବେ ପରିଚିତ। ଏଠାରେ କୋଇଲା ଖଣି, ଏନ୍‌ଟିପିସି, ନାଲକୋ, ଏଫ୍‌ସିଆଇ, ଜିନ୍ଦଲ ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ସହିତ ଅନେକ ଗୁଡ଼ିଏ ଘୋରୋଇ ଶିଳ୍ପାନୁଷ୍ଠାନଗୁଡ଼ିକ ଗଢିଉଠିଛି। ତେବେ ଏହି ସବୁ କାରଣରୁ ଏଠାରେ ବିସ୍ଥାପିତଙ୍କ ସମସ୍ୟା, ନିଯୁକ୍ତି, ଥଇଥାନ, ପାରିପାର୍ଶିକ ଉନ୍ନୟନ ତଥା ତାଳଚେରର ବିକାଶ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ ଫଳରେ ସାଧାରଣ ଲୋକଙ୍କ ସମସ୍ୟା ଦିନକୁ ଦିନ ବଢି ବଢି ଚାଲିଛି। ଏହାର ସମାଧାନ ନା ଶିଳ୍ପାନୁଷ୍ଠାନ କି ପ୍ରଶାସନ କିମ୍ବା ଲୋକପ୍ରତିନିଧି କେହି ଆନ୍ତରିକତାର ସହ ସମାଧାନ କରୁ ନାହାନ୍ତି। ତେଣୁ ସଦାସର୍ବଦା ଏହି ଅଞ୍ଚଳ ସମସ୍ୟା ବହୁଳ ଅଞ୍ଚଳ ଭାବେ ରହି ଆସିଛି। ଏହାର ନିରାକରଣ ପାଇଁ ପୂର୍ବନିଷ୍ପତି ଅନୁଯାୟୀ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ପରିସରରେ ଥିବା ସହିଦ ସ୍ମୃତି ସ୍ତମ୍ଭ ସାମନାରେ ଦୁଇଘଣ୍ଟା ଧାରଣା ଦିଆଯାଇଛି। ତାଳଚେର ସଚେତନ ନାଗରିକ ମଞ୍ଚର ସଦସ୍ୟ ମାନେ ଧାରଣା ସ୍ଥଳରେ ଉପସ୍ଥିତ ରହି ତାଳଚେର ଅଞ୍ଚବାସୀଙ୍କ ବିଭିନ୍ନ ପ୍ରସଙ୍ଗକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଳଚେର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆ ନଗଲେ ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବଡଧରଣର ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ସମସ୍ୟା ଗୁଡ଼ିକ ମଧ୍ୟରେ ତାଳଚେର ମେଡିକାଲ କଲେଜକୁ ତାଳଚେର ଠାରେ ଯଥାଶୀଘ୍ର ପ୍ରତିଷ୍ଠା କରାଯିବା, ତାଳଚେରରେ ନୂତନ କୋଇଲା କମ୍ପାନୀ ଖୋଲିବା, ଜମିହରାଙ୍କୁ ଓ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, କୋଇଲା ଖଣି ଅଞ୍ଚଳରୁ ଏସମା ଆଇନ ପ୍ରତ୍ୟାହାର କରାଯିବା, ଅସୁରକ୍ଷିତ ଜାତୀୟ ରାଜପଥ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା, ତାଳଚେର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ପ୍ରଦାନ କରାଯିବା ଇତ୍ୟାଦିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ ନହେଲେ ଆଗାମୀ ଦିନରେ ଏହି ମଞ୍ଚ ଜରିଆରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ମହେଶ ସାହୁ ସୂଚନା ନେଇଛନ୍ତି । ଏହି ଧାରଣାରେ ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ପୂର୍ବତନ ନଗରପାଳ କେଶବ ଭୁଟିଆ, ଇଂ ରମେଶ ଚନ୍ଦ୍ରବେହେରା, ଶ୍ରମିକ ନେତା ଇଂ ଆନନ୍ଦ ଆଚାର୍ଯ୍ୟ, ଓକିଲ କୁଶ ବିହାରୀ ସାମଲ, କାଳନ୍ଦୀ ସାମଲ, ଲିପୁ ରଥ, ପ୍ରକାଶ ସାହୁ, ସୁଶିଲ ନାଏକ, ପ୍ରଶାନ୍ତ ବେହେରା, ମନମୋହନ ପତି ବାଉରୀ ବନ୍ଧୁ ବେଜ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ରାଜୀବ ରାଉତ, ଭାଗୀରଥି ମହାପାତ୍ର, ସାମ୍ବାଦିକ ବିରଜା ଶଙ୍କର ମିଶ୍ର, ବାବୁନି ସ୍ୱାଇଁ, ନିର୍ମଳ ସାହୁ, ସୁନୀଲ ପ୍ରଧାନ, ସମୁହ ବିକାଶ କମିଟି ସଭାପତି ସୁଲେଖ ସେଠୀ, ଦଳିତ ନେତା କଳ୍ପତରୁ ନାଏକ, ପ୍ରମୁଖ ଶାନ୍ତି ପୂର୍ଣ୍ଣ ଧାରଣାରେ ସାମିଲ ହୋଇଥିଲେ।

# ‘ପିପୁଲସ୍ ସିଏମ୍ ମୋହନ’ ଗୀତ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଫ୍ୟାନ ସଙ୍ଗ୍ ମୁକ୍ତିଲାଭ କରିଛି। ‘ପିପୁଲସ୍ ସିଏମ୍ ମୋହନ’ ଶୀର୍ଷକ ଏହି ଗୀତକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ରାଇକଳା ଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଧର୍ମଶାଳା ବିଧାୟକ ହିଂମାଂଶୁ ଶେଖର ସାହୁ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡାକ୍ତର ପ୍ରିୟଙ୍କା ମାର୍ଣ୍ଡି, ମୁଖ୍ୟମନ୍ତ୍ରୀଙ୍କ ମା ନାସମଣୀ ମାଝି, ଶିକ୍ଷାବିତ ଦୀନବନ୍ଧୁ ବାରିକ, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା, ବରିଷ୍ଠ ବିଜେପି ନେତା ଗୌତମ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗୀତକୁ ଗୀତିକାର ସୁବ୍ରତ ସ୍ୱାଇଁ ଲେଖିଥିବା ବେଳେ ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ସଂଗୀତ ନିର୍ଦ୍ଦେଶନା ଏବଂ ହ୍ୟୁମାନ ସାଗର କଣ୍ଠଦାନ କରିଛନ୍ତି। ଯୁଗଜ୍ୟୋତି କ୍ଲବ ଦ୍ୱାରା ପ୍ରସ୍ତୁତ ଏହି ଗୀତକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି କହିଥିଲେ, ବିଭିନ୍ନ ସମୟରେ ଅନେକ ରାଜନୈତିକ ବ୍ୟକ୍ତିଙ୍କ ସଂପର୍କରେ ପ୍ରଶଂସାମୂଳକ ସଂଗୀତ ସୃଷ୍ଟି ହୋଇଥାଏ। ମାତ୍ର ଏହି ସଂଗୀତ ରାଜ୍ୟ ସରକାରଙ୍କ ଅନେକ ସଫଳ ଯୋଜନାକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହୋଇଛି। ଯାହା ଶ୍ରୋତା ମାନଙ୍କୁ ଭଲ ଲାଗିବା ସହିତ ଓଡ଼ିଶାବାସୀଙ୍କୁ ସରକାରଙ୍କ ସଫଳ ଯୋଜନାଗୁଡିକ ପହଞ୍ଚାଇବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଗୀତ ଉନ୍ମୋଚନ ବେଳେ ଗୀତିକାର ସୁବ୍ରତ ସ୍ୱାଇଁ, ଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ଶ୍ରୀ ବିଶାଳ ସିଂ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଳକର ପ୍ରମୁଖ ଉପସ୍ଥିତ ଥିଲେ।

## ବଳବତ୍ତର ରହିଛି ପାୟୋନିର ବିରୋଧୀ ଆନ୍ଦୋଳନ

କୋରାପୁଟ, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଏଲଜି ପଏଣ୍ଟରେ ଶତାଧିକ ଆନ୍ଦୋଳନ କାରି ପାୟୋନୀର କମ୍ପାନୀକୁ ବିରୋଧ କରି ଶୀତ କାକରରେ ପଡି ରହିଥିଲେ ମଧ୍ୟ ଆଜକୁ କୋଡିଏ ଦିନ ବିତିଲାଣି ହେଲେ ଏଯାଏଁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀ ପତିଙ୍କ ସାନ ଭାଇ ମନୋଜ ବାହିନୀପତି ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇ ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ ସ୍ଥଳରେ ବସି ରହିଛନ୍ତି। ଆନ୍ଦୋଳନକାରି ମାନେ ନିଜ ଜିଦରେ ଅଟଳ ଥିବା ବେଳେ ମଙ୍ଗଳବାର ଅପରାହ୍ନରେ ତହସିଲଦାର ଓ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ସେମାନଙ୍କ ସହ ଆଲୋଚନା କରି ଫେରି ଆସିଥିବା ବେଳେ କୌଣସି ସୁଫଳ ମିଳି ନାହି। ହେଲେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଅନ୍ୟ କୌଣସି ଅଧିକାରୀଙ୍କ ଦେଖା ମିଳିନି। ଅପର ପଟେ ଦାବି ପୁରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମନୋଜ ବାହିନୀ ପତି କହିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସରେ ଲଖନପୁର ବ୍ଲକସ୍ତରୀୟ ପ୍ରତିଯୋଗିତା




ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ‘ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୫’ ପାଳନ ଅବସରରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ମହିଳାମାନଙ୍କ ପରିପ୍ରେକ୍ଷୀରେ ଥିବା ବିଭିନ୍ନ କୁସଂସ୍କାର ଗୁଡ଼ିକ ବିଷୟରେ ଆଲୋକପତ କରିବା ସହିତ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ପଦକ୍ଷେପ ଗୁଡ଼ିକ ବିଷୟରେ ତଥ୍ୟ ଉପସ୍ଥାପନା କରିଥିଲେ। ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ, କୁଡ଼ାଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଠାକୁର ପ୍ରଧାନ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବେଲପାହାଡ଼ ପିଏମ୍ ଶ୍ରୀ ଗିରଧର ଲାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶ ସା ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନୁଷ୍ଠିତ କୁଇଜ, ରଚନା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଗୁଡିକରେ ଲଖନପୁର ବ୍ଲକର ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଝାରସୁଗୁଡ଼ା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଗୁଡିକର ସଠିକ ପରିଚାଳନା ପାଇଁ ଶିକ୍ଷକ ସୁରଥ ବିଶ୍ୱାଳ, କୁଶ ସା, ଦାମୋଦର ଧୂରୁଆ, ସୁରଥ ଖଡିଆ, ସବିତା ତାଣ୍ଡିଆ ଓ ସୁନାରୀ ସିଆରସିସି ଗଣେଶରାମ କଣ୍ଟା ବିଚାରକର ଦାୟିତ୍ୱ ନିର୍ବାହ କରିଥିଲେ।

## ଅସହାୟଙ୍କୁ ସାହାଯ୍ୟ କରି ପ୍ରଶଂସିତ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟର ସଦସ୍ୟ

ଆଳି, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ପତ୍ରପୁର ପଞ୍ଚାୟତ ପତ୍ରପୁର ଗ୍ରାମର ସ୍ୱର୍ଗତ ନିରାକାର ସେଠୀଙ୍କ ପୁତ୍ର ବିପିନ୍ କୁମାର ସେଠୀ ଦୀର୍ଘ ୫ ବର୍ଷ ହେଲା ଶ୍ୱାସ(ଆଜମା) ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିଲେ । ଦୀର୍ଘ ୨ମାସ ହେବ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରେ ଲାଗିଲା । ସେ କଟକ ବଡ଼ ଡ଼ାକ୍ତରଖାନାରେ ଆଡିମିଶନ୍ ହୋଇ ଅକ୍ସିଜେନ ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସ ନେଉଥିଲେ । ଡାକ୍ତରଙ୍କ କହିବା ଅନୁସାରେ ତାଙ୍କୁ ଦୀର୍ଘ ଦିନ ପାଇଁ ଅକ୍ସିଜେନ ମେସିନ୍ ବ୍ୟବହାର କରିବାକୁ ପଡିବ। ଡାକ୍ତରଙ୍କ କହିବା ଅନୁଯାୟୀ ତାଙ୍କର ୧୦ ଲିଟରିଆ ଅକ୍ସିଜେନ ମେସିନ୍ ଲାଗିବ, ଯାହାର ଦାମ୍ ୬୦ ରୁ ୭୦ ହଜାର ଟଙ୍କା ହେବ। ଯେହେତୁ ବିପିନ୍ ସେଠୀ ଗରିବ ଶ୍ରେଣୀର ଲୋକ ପରିବାର ଓଳିଏ ଖାଇଲେ ଓଳିଏ ଉପାସ। ଏତେ ଟଙ୍କା ଆଣିବେ କେଉଁଠୁ ? ପରିବାର କହିଲେ ସ୍ତ୍ରୀ ଓ ଗୋଟେ ୧୨ ବର୍ଷର ଛୋଟ ପୁଅ ଏହିଭଳି ଏକ ଦୁଃଖଦ ଖବର ଶୁଣି ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପରିବାର ସଭାପତି ଚନ୍ଦନ କୁମାର ମହାରଣାଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ୧୨,୦୦୦ ଟଙ୍କା ଆର୍ଥିକ ସହାୟତାର ହାତ ବଢାଇଛନ୍ତି । ସଭାପତି, ଚନ୍ଦନ କୁମାର ମହାରଣା, ଉପସଭାପତି, ସଞ୍ଜୟ କୁମାର ମଲ୍ଲିକ,ସେକ୍ରେଟାରୀ, ପ୍ରଦ୍ୟୁମ୍ନ ରାଉତ, ଉପଦେଷ୍ଟା, ସମୀର କୁମାର ନାୟକ,ବିଜନ୍ କୁମାର ପଡ଼ିଆରୀ, ଡ଼ କୈଳାସ ଚନ୍ଦ୍ର ମଲିକ, ସୌଭାଗ୍ୟ ରାଉତ, ଆଶିଷ କୁମାର ସାହୁ, ଅମ୍ବିକା ମଲ୍ଲୀକ୍, ଜୟନ୍ତି ରାଉତ୍, ରାଜେଶ୍ କୁମାର ସାହୁ, ସରୋଜିନୀ ରାଉତମହାନ୍ତି, ସୌମ୍ୟରଂଜନ ସାହୁ, ପ୍ରିତମ୍ ମହାରଣା ପ୍ରମୁଖ ଉପସ୍ଥିତ ରହି ବିପିନ୍ ସେଠୀଙ୍କ ସୁଖ ଦୁଃଖରେ ଭାଗି ହୋଇଥିଲେ ।

# ଧୂପ କାଠି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହେଉଛନ୍ତି ମହିଳା



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଚିତ୍ରକୋଣ୍ଡା ଠାରେ ଓଡିଶା ଜୀବିକା ମିଶନ ଓ ଷ୍ଟେଟ ବ୍ୟାଙ୍କ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ର ମାଲକାନଗିରି ମିଳିତ ଅନୁକୁଲ୍ୟରେ ଏକ ଦଶ ଦିନିଆ ଧୂପ କାଠି ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୮ଫେବୃଆରୀରୁ ଆରମ୍ଭ ହୋଇ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଲାମ୍ବାସିଂ ଅଞ୍ଚଳର ୩୨ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନେ ଦଶ ଦିନିଆ ତାଲିମ ନେଉଛନ୍ତି । ଏହି କାର୍ଯ୍ୟକ୍ରମଟିକୁ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ବେହେରା ଉଦ୍ଘାଟନ କରିଥିଲେ । ସେ ଆଞ୍ଚଳିକ ବଜାର ଚାହିଦା ଖାଉଟି ଆବଶ୍ୟକତା ବ୍ୟବସାୟିକ ସ୍ଥିତି ଅନୁଧ୍ୟାନ କରି ଉଚିତ୍ ବଜାରିକରଣ କରାଗଲେ ଭଲ ଲାଭ ମିଳିବ ବୋଲି ମହିଳା ମାନଙ୍କୁ ବୁଝାଇଥିଲେ । ଓଏଲଏମ୍‌ର କର୍ମକର୍ତ୍ତା ସୋମନାଥ ବାବୁ ଏହି ତାଲିମକୁ ପରିଚାଳନା କରୁଛନ୍ତି । ଏହି ତାଲିମ ବିପିନ ବିହାରୀ ଶତପଥୀ, ରାଜ ଶେଖର ପଟ୍ଟନାୟକ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ କରାଯାଉଛି । ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସାହୁ ଓ ସଞ୍ଜୟ ନାୟକ ସହଯୋଗ କରୁଛନ୍ତି। ଆଗାମୀ ଦିନରେ ବ୍ୟାଙ୍କ୍ ଠାରୁ ଋଣ ନେଇ କିମ୍ବା ସରକାରୀ ସହାୟତା ଦ୍ୱାରା ଏକ ଧୂପକାଠି ଉତ୍ପାଦନ ଉଦ୍ୟୋଗ କରିବୁ ବୋଲି ଏସ୍‌ଏଚ୍‌ଜି ମହିଳା ମାନେ ମତ ପୋଷଣ କରିଛନ୍ତି ।

# ବିଜୁ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଗରଦପୁର, ( ଭାସ୍କର ନ୍ୟୁଜ୍) : ଚଳିତ ମାସ ୫ ତାରିଖରେ ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତି ପାଳନ ନିମିତ୍ତ ପାଟକୁରା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ତଳ କୁସୁମା ସ୍ଥିତ ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ଶ୍ରୀଯୁକ୍ତ ମହାପାତ୍ର ଅଧକ୍ଷତା କରିଥିବା ବେଳେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ ଏବଂ ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜଙ୍କ ସମେତ ୧୮ ଗୋଟି ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ନିଷ୍ପତ୍ତି ଅନୁସାରେ ମାର୍ଚ୍ଚ ୫ ତାରିଖ ଦିବା ୩ ଘଟିକା ସମୟରେ ବଙ୍ଗାଳପୁର ପଞ୍ଚାୟତର ଚଁପୁର ପଡ଼ିଆ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତି ପାଳନ କରାଯିବାକୁ ସ୍ଥିର ହୋଇଥିବା ବେଳେ ସମସ୍ତ ବିଜୁ ପ୍ରେମୀ ଉପସ୍ଥିତ ରହିବାକୁ ନିବେଦନ କରାଯାଇଥିଲା।

## ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ସଂପର୍କୀୟଙ୍କୁ ବାଂଲାଦେଶରୁ ହତ୍ୟା ଧମକ,ଥାନାରେ ଅଭିଯୋଗ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ଘଟଣାରେ ନୂଆ ମୋଡ଼ ଆସିଛି। ଏହି ଘଟଣାକୁ ୩ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ କେହି ଦୁର୍ବୃତ୍ତ ଏବେ ଛାତ୍ରୀଙ୍କ ସଂପର୍କୀୟଙ୍କୁ ଫୋନ୍ କରି ଧମକ ଦେଉଛି ଓ ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟା କଲେ, ହତ୍ୟା କରାଯିବ ବୋଲି କହୁଛି। ଏ ସଂପର୍କରେ ଉକ୍ତ ବ୍ୟକ୍ତି ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ କଲ୍ ଆସୁଥିବା ମୋବାଇଲ ନମ୍ବରଟି ବାଂଲାଦେଶର ବୋଲି କୁହାଯାଉଛି। ସୂଚନା ମୁତାବକ, ଛାତ୍ରୀ ଦ୍ୱୟଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ପରେ ଗତ ଫେବୃଆରୀ ୨ତାରିଖରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକମାନଙ୍କ ଉପସ୍ଥିତିରେ ଏକ ଆଲୋଚନା ସଭା ହୋଇଥିଲା। ଉକ୍ତ ସଭାରେ ଏମ୍‌ପିଭି - ୭୪ ଗ୍ରାମର ଅସିତ ଦାସ ନାମକ ବ୍ୟକ୍ତି ମଧ୍ୟସ୍ଥି ହୋଇଥିଲେ। ସେହି ଦିନ ସନ୍ଧ୍ୟାରେ ହିଁ ଏକ ଅଜଣା ଫୋନ୍ ନମ୍ବରରୁ ଅସିତଙ୍କୁ କଲ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା । ପରେ ଗତ ଫେବୃଆରୀ ୨୬ ତାରିଖ ସନ୍ଧ୍ୟାରେ ପୁଣି ଆଉ ଏକ ନମ୍ବରରୁ ତାଙ୍କୁ ଫୋନ୍ ଆସିଲା ଓ କଲ୍ କରିଥିବା ଉକ୍ତ ବ୍ୟକ୍ତିଜଣଙ୍କ ଧମକ ଦେଇ କହିଥିଲା ଯେ ମୃତ ନାବାଳିକାଙ୍କ ସଂପର୍କରେ କାହିଁକି ମୁଣ୍ଡ ପୂରାଉଛୁ ? ସେମାନଙ୍କୁ ହତ୍ୟା କରିବା ଭଳି ତତେ ବି ହତ୍ୟା କରିଦେବୁ। ଏବେ ସେ ଏମ୍‌ଭି - ୭୯ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅପରପକ୍ଷେ, ଛାତ୍ରୀଦ୍ୱୟଙ୍କ ମୃତ୍ୟୁକୁ ପୋଲିସ୍ ଆତ୍ମହତ୍ୟା ବୋଲି ଚୁପ୍ ବସି ପଡ଼ିଥିବା ବେଳେ ଏବେ ଏହି ଅଜଣା ନମ୍ବରରୁ କଲ୍ ଆସିବା ପୋଲିସର ଚିନ୍ତା ବଢ଼ାଇ ଦେଇଛି।

# ୮ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଶୁଣାଣି

ମାଲକାନଗିର(ଭାସ୍କର ନ୍ୟୁଜ) : ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୦୮-୦୩-୨୦୨୫ ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାଲକାନଗିରି ସମେତ ମୋଟୁ, କୁଡୁମୁଲୁ ଗୁମ୍ମା, ମାଥିଲି କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ବିଚାରଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ, ଚେକ ବାଉନ୍ସ ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଜନିତ ମାମଲା, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ସଙ୍ଗେ ସଙ୍ଗେ ପ୍ରାକ-ମକଦ୍ଦମା ସ୍ତରୀୟ ବିବାଦର ମଧ୍ୟ ଅପୋଷ ସ ?ହ ?ମତିରେ ଏବଂ ବିନା ଆର୍ଥିକ ବ୍ୟୟରେ ସମାଧାନ କରାଯାଇ ପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ଉପରୋକ୍ତ ଜଡିତ ମାମଲାର ଶୀଘ୍ର ଏବଂ ବିନା କୌଣସି ଆର୍ଥିକ ବ୍ୟୟରେ ସମାଧାନ ନିମନ୍ତେ ଭାଗ ନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧକରଣ, ମାଲକାନଗିରି ଓ ତାଲୁକ ଆଇନସେବା କମିଟି, ମୋଟୁ ପକ୍ଷରୁ ସୂଚନା ଦିଆ ଯାଇଛି । ଜିଲ୍ଲା ଦୌରା ଜଜ ଡାଃ ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି ଲୋକ ଅଦାଲତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁଶ୍ରୀ ସଂଗୀତା ପାତ୍ର ସୂଚନା ଦେଇଛନ୍ତି ।

# ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ‘ଅନ୍ୱେଷଣ ୨୦୨୫’ ଉଦ୍‌ଘାଟିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସରକାରୀ ଯାନ୍ତ୍ରିକ ମହିଦ୍ୟାଳୟରେ ଦୁଇଦିନିଆ ଖଣି ବିଭାଗ ଏବଂ ଖଣି ଓ ଅନୁସଂଧାନ ସମାଜର ସମନ୍ୱୟରେ ବାର୍ଷିକ ଜାତୀୟସ୍ତରୀୟ ଖଣି ଖନନ ମହୋତ୍ସବ ‘ଅନ୍ୱେଷଣ ୨୦୨୫’ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ବିଜନେସ ମୁଖ୍ୟ ପ୍ରସନ୍ନ ପଣ୍ଡା, ମୁଖ୍ୟ ବକ୍ତା ରୂପେ ଆଦାନୀର ଆସିଷ୍ଟାଣ୍ଟ ଉପସଭାପତି ଅଜିତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଇମ୍ଫାର ସାଧାରଣ ପରିଚାଳକ ପ୍ରେମ ସୁଖ୍ ପଚାର, ଓଡ଼ିଶା ଖଣି ନିଗମ ଶୁଆକାଟିର ସିନିୟର ମ୍ୟାନେଜର ପ୍ରିୟ ରଂଜନ ରାଉତ, ସିରାଜୁଦ୍ଦିନ ମାଇନସ ସାଧାରଣ ପରିଚାଳକ ଅଞ୍ଜନ୍ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ଷଡଙ୍ଗୀ, ରେଜିଷ୍ଟ୍ରାର ଦୟାନିଧି ଜେନା ଏବଂ ଖଣି ଖନନ ବିଭାଗ ତଥା ଏସ୍‌ଏମ୍‌ଇର ସଭାପତି ଡଃ ଉମାକାନ୍ତ ବେହେରା ମଧ୍ୟ ନିଜର ବହୁମୂଲ୍ୟ ସମୟ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳତାର ରୂପ ଦେଇଥିଲେ। ଏହି ଉତ୍ସବରେ ଆଗାମୀ ସମୟରେ ଖନନ ବିଭାଗରେ ନୂତନ ପ୍ରକ୍ରିୟାକରଣ, କୃତ୍ରିମ ବୁଦ୍ଧିମତାର ବିନିଯୋଗ, ଏବଂ ଖଣିର ଆଧୁନୀକରଣ ଉପରେ କଥୋପ କଥନ ଚାଲିଥିଲା। ଶେଷରେ ଛାତ୍ର ମାନଙ୍କୁ ତାଙ୍କ ଭବିଷ୍ୟତ ସମ୍ପର୍କରେ ଉଦ୍‌ବୋଧନ ଦେଲେ ।

## ସ୍ଲାବରୁ ସେଣ୍ଟ୍ରିଙ୍ଗ ବାହାର କଲାବେଳେ ଦୁର୍ଘଟଣା, ଦୁଇ ମୃତ

ଆସିକା, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ଆସିକା ଥାନା କର୍ପୁର ନୂଆଗାଁ ଗ୍ରାମରେ ଛାତ ସ୍ଲାବରୁ ସେଣ୍ଟ୍ରିଙ୍ଗ ବାହାର କରିବା ସମୟରେ ଲୁହା ରଡ଼ ମାଟି ପଡି ଦୁଇ ଶ୍ରମିକ ମୃତ। ମୃତ ଦୁଇ ଶ୍ରମିକ ହେଲେ ଭେଟନଇ ଗ୍ରାମର ନିରଞ୍ଜନ ମହାନ୍ତି, ବାଲିମାଳା ଗ୍ରାମର ଖାଦାଳ ସେଠୀଙ୍କ ମୃତ୍ୟୁ ହୋଇଛି। ଉଭୟ କର୍ପୁର ନୂଆଗାଁରେ ଗୋଟିଏ ନିର୍ମାଣ ଧିନ ଘରୁ ଛାତର ସେଣ୍ଟ୍ରିଙ୍ଗ ବାହାର କରିବା ସମୟରେ ଲୁହାରଡ଼, ମାଟି ଓ ଅନ୍ୟାନ୍ୟ ଜିନିଷ ଉପରେ ପଡି ଯାଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି। ତେଣେ ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

## ରାସ୍ତା ନଥାଇ ନେଇଗଲେ ଟଙ୍କା...

# ତଦନ୍ତ ପରେ ସାମନାକୁ ଆସିବ ସତ



ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ବ୍ଲକ ଅଲଣା ପଞ୍ଚାୟତରେ ଦୁଇଟି ସି ସି ରୋଡ୍ ନିର୍ମାଣ ହୋଇଥିବା ଦର୍ଶାଇ ଅର୍ଥ ଆତ୍ମ ସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ରାସ୍ତା ଦୁଇଟି ସଂଜୁ ଖଟୁଆ ଘର ଠାରୁ ଘଣ ଗାଡ଼ିଆ ଓ ଘଣ ଗାଡ଼ିଆ ଠାରୁ କୂଳ ବାଁ ସାହି ଏକ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ହେଲେ ଏଭଳି ଦୁଇଟି ରାସ୍ତା ପଞ୍ଚାୟତରେ ନଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ପରେ ନିଆଳି ତହସିଲଦାରଙ୍କ ନିର୍ଦ୍ଦେଶରେ ଆର୍‌ଆଇ ଦେବ ପ୍ରସାଦ ମିଶ୍ର, ଅମିନ ସୁମନ୍ତ ବେହେରା, ପଂଚାୟତ ନିର୍ବାହୀ ଅଧିକାରୀ ସମୀର ମଲିକ ଗ୍ରାମବାସୀଙ୍କ ଉପସ୍ଥିତିରେ ମାପଚୁପା କରିଥିଲେ। ମପାଚୁପାରୁ ଏଭଳି ରାସ୍ତା ନଥିବା ଜଣା ପଡିଛି। ଏହି ତିନି ଜଣଙ୍କ ଉପସ୍ଥିତିରେ ସ୍ୱାକ୍ଷର କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ବୁଲୁ ରଂଜନ ବସ୍ତିଆ, ନାରାୟଣ ସାହୁ, ଚରଣ ସାହୁ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏବେ ସାଧାରଣରେ ପ୍ରଶ୍ନ ଉକ୍ତ ଟଙ୍କାକୁ କିଏ ହଡ଼ପ କରିଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ନିଆଳି ତହସିଲଦାର ଲିଳନ ପ୍ରସାଦ ସାହୁ ଘଟଣାର ବିଧିବଦ୍ଧ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ଖଣ୍ଡିଆବନ୍ଧୀ ଠାରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କର ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ମିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' ବିମଳା ମନ୍ଦିର, ମା' ମହାଲକ୍ଷ୍ମୀ ମନ୍ଦିର, ବିଘ୍ନରାଜ ବଟଗଣେଶ, କାଶୀ ବିଶ୍ୱନାଥ ମନ୍ଦିର, ପ୍ରଭୁ ପତିତପାବନ ସମେତ ୨୭ଗୋଟି ପାର୍ଶ୍ୱ ମନ୍ଦିରର ରତ୍ନମୁଦ କାର୍ଯ୍ୟ କରାଯାଇଥିଲା। ଭକ୍ତମାନେ ସାଥିରେ ଆଣି ଥିବା ଧାନ, ସୁନା, ରୂପା ତମ୍ବା, ଅଷ୍ଟଧାତୁ ଆଦି ରତ୍ନମୁଦରେ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ମନ୍ଦିର ପରିସରରେ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ଯଜ୍ଞାହୁତି, ଦେବପୂଜନ ଯଥାବିଧି ପଣ୍ଡିତ ବିଜୟ କର, ଆଲୋକ ଚନ୍ଦ୍ର ପଣ୍ଡା, ଅମର ପ୍ରସାଦ ଦାସ, ପ୍ରଭୁପାଦ ରଥଶର୍ମା, ଶ୍ରୀନିବାସ ପଣ୍ଡା, ଜଗତ ଜ୍ୟୋତି ପଣ୍ଡା, ନାରାୟଣ ହୋତା ସମାପନ କରିଥିଲେ। କର୍ତ୍ତା ଭାବେ ପ୍ରକାଶ କୁମାର ସାହୁ, ସ୍ୱୟଂସମ୍ପୂର୍ଣ୍ଣା ସାହୁ, ଅମନ କର, ବାଇଧର ସାହୁ ଓ ତାଙ୍କ ପତ୍ନୀ କର୍ତ୍ତାକର୍ତ୍ତୀ ଭାବେ ଯଜ୍ଞ କାର୍ଯ୍ୟ କରିଥିଲେ। ପରେ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ମନ୍ଦିର ସେବା ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ କଟକ ଏସିପି ଅମିତାଭ ମହାପାତ୍ର ଡାକ୍ତର ବିଜୟ କୁମାର ଶତପଥି, ମାଧୁରୀ ଶତପଥି, ବିନାୟକ ପଣ୍ଡା, ବ୍ରହ୍ମାନନ୍ଦ ଦାଶ, ଦୁଃଖି ଶ୍ୟାମ ସାହୁ, ଅଭୟ ସାମଲ, ବୀରେନ ମିଶ୍ର, ଉଦୟ ନାଥ ସାହୁ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଜଗନ୍ନାଥ ମନ୍ଦିର ଯଥାଶୀଘ୍ର ପୂର୍ଣ୍ଣାଙ୍ଗ କରିବାକୁ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ। ଶେଷରେ ଚିତ୍ତ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବହୁ ଜଗନ୍ନାଥ ପ୍ରେମୀ ଭକ୍ତ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିଥିଲେ।

## କଂସ ବଧ ସହ ସରିଲା ଚାନ୍ଦିନୀମାଲ ଧନୁଯାତ୍ରା



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ବ୍ଲକ ଚନ୍ଦନିମାଲ ପଞ୍ଚାୟତ ଗ୍ରାମରେ ଯାତ୍ରା କମିଟି ପକ୍ଷରୁ ୫ଦିନ ଧରି ଚାଲିଥିବା ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। କଂସ ରାଜୁତିରେ ପୂର୍ଣ୍ଣଚ୍ଛେଦ ସହ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା ଓ ନାଟ୍ୟାଭିନୟ କ୍ରମରେ କୃଷ୍ଣ ବଳରାମଙ୍କ ମଥୁରା ଭ୍ରମଣ କରିଥିଲେ। ଗୋପପୁର ଉମାଶଙ୍କର ମନ୍ଦିରରୁ ମଥୁରା ନଗରୀ ଚାନ୍ଦିନୀମାଲ ଯାତ୍ରା ପଡିଆ ପର୍ଯ୍ୟନ୍ତ କୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। କୃଷ୍ଣ ନିଧନ କରିବା ପ୍ରବପଞ୍ଚନାରେ ମସଗୁଲ ରହିଥିଲା ବେଳେ ଗୋପପୁରରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ଧନୁଯାତ୍ରା ଦର୍ଶନ କରାଇଛନ୍ତି। ଧନୁଯାତ୍ରା ଦେଖାଇବା ଆଳରେ ମଥୁରାପୁରକୁ ଘେନି ଆସିଥିଲେ। ଶୋଭାଯାତ୍ରାରେ ବାଜା ବାଦ୍ୟ, କୁଚିଣ୍ଡାର କିଶାନ ନୃତ୍ୟ, ଜଗତସିଂପୁରର ଘୋଡ଼ା ନାଚ ଆସିଥିବା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶୋଭାଯାତ୍ରା ଗୋପପୁରରୁ ବାହାରି ପଞ୍ଚାୟତ ଅଫିସ, ଗ୍ରାମରେ ଯଜ୍ଞ ମଣ୍ଡପ, ଆଶ୍ରମ ସ୍କୁଲ୍ ଛକ ହୋଇ ମଥୁରାପୁର ଅଭିମୁଖେ ବାହାରିଥିଲା। ମହାରାଜ କଂସ ଦରବାରରେ ରାଜ ଅତିଥି ଭାବେ ସାମ୍ବାଦିକ ସଞ୍ଜୟ ବାହୁବଲେନ୍ଦ୍ର, ସାମ୍ବାଦିକ ବିରଞ୍ଚି ଚରଣ ସ୍ୱାଇଁ, ସାମ୍ବାଦିକ ଅନିଲ ଅଗ୍ରୱାଲ, ସାମାଜସେବୀ ଜୟରାମ ବଗାର, ରାଜକୁମାର ରାଏ ଯୋଗ ଦେଇଥିଲେ। ରାଜସଭାରେ କମିଟି ସଭାପତି ପ୍ରମୋଦ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପର୍ଶୁରାମ ରୋହିଦାସ, କୋଷାଧ୍ୟକ୍ଷ ଲିଙ୍ଗରାଜ ରୋହିଦାସ, ଚନ୍ଦନିମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଉପସ୍ଥିତ ଥିଲେ। ଗୋପପୁର ଓ ମଥୁରାନଗରୀରେ ଅଞ୍ଚଳର ପାଖାପାଖି ୨୦ ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା ଓ କଂସ ଦରବାରରେ ସଞ୍ଜୟ ବାହୁବଲେନ୍ଦ୍ର, ବିରଞ୍ଚି ଚରଣ ସ୍ୱାଇଁ, ଜୟରାମ ବଗାର, ଅନିଲ ଅଗ୍ରୱାଲ ଓ ରାଜକୁମାର ରାଏଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ଧନୁଯାତ୍ରା କମିଟି ତଥା ଅଞ୍ଚଳର ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଶେଷରେ ଯାତ୍ରା ପଡିଆଠାରେ ୪୦ ଫିଟ୍ ଉଚ୍ଚତାର କଂସ ଦହନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ଓ କେଶବ ରୋହିଦାସ, ବିମଳ ପଟେଲ, ରୂପକ ନେଟି, ଠାକୁର ପ୍ରଧାନ, ପିଣ୍ଟୁ ନାଏକ, କିଶୋର, ପଦ୍ମ, ପ୍ରଶାନ୍ତ, କାହ୍ନା, ଭୁବନ, ହେମନ୍ତ, ପିଙ୍କୁ, ରୀଙ୍କୁ, ଡ଼ିବା ପ୍ରମୁଖ ସହଯୋଗ କରିଥିଲେ।

## ବେଦିହୁଡା ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି





ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ପୌରାଣିକ କିମ୍ବଦନ୍ତୀକୁ ନେଇ ଚର୍ଚ୍ଚାରେ ଥିବା ବେଦୀହୁଡା ପୀଠ ଏବେ ଖୁବ ଅବହେଳିତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳୁଛି। ବଡ଼ଚଣା ବ୍ଲକ ତଥା ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ଦେଉଳକୁର ଗ୍ରାମସ୍ଥିତ ପୁରାଣ ବର୍ଣ୍ଣିତ ଏହି ପବିତ୍ର ପୀଠର ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅବସ୍ଥା ଏବେ ଜରାଜୀର୍ଣ୍ଣ ହୋଇପଡିଛି। କିମ୍ବଦନ୍ତୀ କହେ ଏହି ପଥ ଦେଇ ପାଣ୍ଡବମାନେ ସ୍ୱର୍ଗ ଆରୋହଣ କରିବାକୁ ଯାଉଥିଲେ। ସେହି ସମୟରେ ଏହି ସ୍ଥାନଟି ଖାଲ ଖମାରେ ପରିପୂର୍ଣ୍ଣ ହୋଇ ରହିଥିଲା। ଯୁଧିଷ୍ଠିରଙ୍କ ସାନଭାଇ ଭୀମ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ମାଟି ଖୋଲି ଏହି ସ୍ଥାନକୁ ପୋତି ଦେଇଥିଲେ। ତେବେ ଭୀମ ସେତେବେଳେ ଯେଉଁ ଯେଉଁ ସ୍ଥାନରୁ ମାଟି ଖୋଲି ଆଣିଥିଲେ ଏବେ ସେହି ସ୍ଥାନ ସବୁ ଢ଼ିଅ ପୋଖରୀ, ମାଳିଆ ପୋଖରୀ ଓ କଂସାରୀ ଗଡ଼ିଆ ନାମରେ ରହିଅଛି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ କାର୍ତ୍ତିକ ଚନ୍ଦ୍ର ପ୍ରଧାନ କୁହନ୍ତି। ପରବର୍ତ୍ତୀ ସମୟରେ ଯୁଧିଷ୍ଠିର ବିବାହ କରିଥିବା ସେହି ଉଆଁସୀ କନ୍ୟା ନିକଟସ୍ଥ କାଞ୍ଜିଆ ବଜାର ପଛ ପଟରେ ନାହାକାଣୀ ଠାକୁରାଣୀ ଭାବେ ବିଦ୍ୟମାନ ହୋଇ ବର୍ଷ ବର୍ଷ ଧରି ପୂଜା ପାଇ ଆସୁଛନ୍ତି ବୋଲି ମୁରବୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। କାହିଁ କେଉଁ କାଳରୁ ପୁରୁଣା ଡାଙ୍ଗାରେ ଏହି ପୀଠରେ ଯୁଧିଷ୍ଠିରଙ୍କ ଗାଦି ନିର୍ମାଣ ହୋଇ ରହିଛି। ସେହିପରି ଏଠାରେ ଥିବା ଏକ ବହୁ ପୁରାତନ ବର ଗଛ ତା'ର ବହୁ ଶାଖା ମେଲାଇ ପୀଠରେ ଶୀତଳ ଛାଇ ପ୍ରଦାନ କରୁଅଛି। ଅନ୍ୟ ଏକ ସୂଚନା ମୁତାବକ ଯୁଧିଷ୍ଠିରଙ୍କ ସହିତ ସେହି ଉଆଁସୀ କନ୍ୟାର ବିବାହ ସମୟରେ ସ୍ୱର୍ଗରୁ ପୁଷ୍ପ ବର୍ଷା ହୋଇଥିଲା। ତେବେ ବିଗତ ବର୍ଷମାନଙ୍କରେ ଏହି ପୀଠରେ ବର୍ଷା ହେବା ସମୟରେ ସୁନା ପାତିଆ, ସୁନା ଝରା ଓ ସୁନା ଖିଲ ଆଦି ବିଭିନ୍ନ ସ୍ଥାନରେ ପଡିଥାଏ। ତାହାକୁ ପାଇ ସ୍ଥାନୀୟ ଅଞ୍ଚଳର ଲୋକେ ଘରେ ନେଇ ରଖିଥିଲେ ମଧ୍ୟ ତାହା ଉଭାନ ହୋଇ ଯାଇଥାଏ ବୋଲି ମୁରବୀ ଶ୍ରୀ ପ୍ରଧାନ କହିଛନ୍ତି। ତେବେ ଏମିତି ଏକ ପୌରାଣିକ କିମ୍ବଦନ୍ତୀକୁ ଜାବୁଡି ଧରିଥିବା ଏହି ପୀଠରେ ପରବର୍ତ୍ତୀ ସମୟରେ ଏଠାରେ ପଞ୍ଚ ପାଣ୍ଡବଙ୍କ ସହିତ ବାସୁଦେବ ମନ୍ଦିର ଓ ହନୁମାନ ମନ୍ଦିର ନିର୍ମାଣ କରାଯାଇ ଶ୍ରୀ ବିଗ୍ରହ ପୂଜା ପାଇ ଆସୁଛନ୍ତି। ସେହିପରି ଦେଉଳକୁର ଗ୍ରାମବାସୀଙ୍କ ସହଯୋଗରେ ଏହି ପୀଠରେ ଦୋଳ ମେଳଣ, କୁମାର ପୂର୍ଣ୍ଣମୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏକ ମାସ ପର୍ଯ୍ୟନ୍ତ ଅଖଣ୍ଡ ହରିନାମ ସଂକୀର୍ତ୍ତନ, ପ୍ରତି ସଂକ୍ରାନ୍ତିରେ ନାମ ସଂକୀର୍ତ୍ତନ, ବୈଶାଖ ମାସରେ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଓ ଗଜଲକ୍ଷ୍ମୀ ପୂଜା ଆଦି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ତେବେ ପୂର୍ବ ସରକାରଙ୍କ ସମୟରେ ଏହି ପୀଠର ଉନ୍ନତି ପାଇଁ ଅନେକ କିଛି ପଦକ୍ଷେପ ନିଆଯାଇଥିବା ବେଳେ ମନ୍ଦିର ଗୃହ, ରୋଷ ଘର ସମେତ ଅନେକ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳୁଛି। ସେହିପରି ଏହାର ପରିବେଶ ମଧ୍ୟ ଅଳିଆ ଆବର୍ଜନା ପୂର୍ଣ୍ଣ ହୋଇ ରହିଛି। ଏହି ଆଧ୍ୟାତ୍ମିକ ପୀଠର ରକ୍ଷଣାବେକ୍ଷଣ ସହିତ ଏହି ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ମଧୁସୂଦନ ବଳ, ଭାଗ୍ୟଧର ପ୍ରଧାନ, ରମାକାନ୍ତ ରାଉତ, ପ୍ରକାଶ ପ୍ରଧାନ ପ୍ରମୁଖ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି।

### ପଥପ୍ରାନ୍ତ ସୁବିଧା କେନ୍ଦ୍ର ୮ ମାସ ହେଲା ବନ୍ଦ

## ୬ କର୍ମଚାରୀଙ୍କୁ ଦରମା ମିଳୁନି, ଉପାସରେ କଟୁଛି ଦିନ



### ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ରତନପୁର ପଞ୍ଚାୟତ ଚନ୍ଦ୍ର ମଉଳି ଛକରେ ନିଆଳି ଚାରି ଛକ ରାଜ୍ୟ ରାଜପଥ ପାର୍ଶ୍ୱରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ଏହି କେନ୍ଦ୍ରଟିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୧.୭.୨୦୧୮ରେ ସ୍ଥାପନା କରିଥିଲେ। ତତ୍କାଳୀନ ବିଧାୟକ ଡା. ପ୍ରମୋଦ କୁମାର ମଲିକ, ତତ୍କାଳୀନ ସାଂସଦ ଡା. କୁଳମଣି ସାମଲ, ନିମାପଡାର ତତ୍କାଳୀନ ବିଧାୟକ ସମୀରଞ୍ଜନ ଦାଶଙ୍କ ଉପସ୍ଥିତିରେ ପଥପ୍ରାନ୍ତ ଉଦ୍‌ଘାଟନ ହୋଇଥିଲା। ଏହାକୁ ନିର୍ମାଣ କରିଥିଲା ପୁରୀ ଜିଲ୍ଲା ପୂର୍ତ୍ତ ବିଭାଗ ଏବଂ ଏହାର ରକ୍ଷଣା ବେକ୍ଷଣର ଦାୟିତ୍ୱରେ ରହିଥିଲା ଏହି ପୂର୍ତ୍ତ ବିଭାଗ। କିଛିଦିନ ପରେ ପି. ଏସ. ଆଇ.ପି.ଏଲ (ପ୍ରପୋର୍ଟି ସଲ୍ୟୁସନ ପ୍ରାଇଭେଟ ଇଣ୍ଡିଆ ଲିମିଟେଡ) ଟେଣ୍ଡର ନେଇ ଦାୟିତ୍ୱ ବହନ କରିଥିଲା। ଏହି ସଂସ୍ଥାର ଅବଧି ପୁରିଯିବା ପରେ ନିମାପଡାର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ। ମିଶନ ଶକ୍ତି ପକ୍ଷରୁ କର୍ମଚାରୀଙ୍କୁ ଦରମା ଦିଆଯାଇଛି ନଥିଲା, ନୀତି ଆବଶ୍ୟକ ଜିନିଷ ଦିଆଯାଉନଥିଲା। ଆଠ ମାସ ହେବ ଜୁଲାଇ ୫ ତାରିଖରୁ ପାଟପ୍ରାନ୍ତ ସୁବିଧାଟିକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଯାହାଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ କାକଟପୁର, କୋଣାର୍କ, ପୁରୀ ଯାତାୟାତ କଲା ବେଳେ ବାଟରେ ରହିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ସୂଚନା ଥାଉ କି ଯେଉଁଠାରେ ପାଟପ୍ରାନ୍ତ ସୁବିଧା କେନ୍ଦ୍ର ଅଛି ସେହି ପଞ୍ଚାୟତରେ ସଦା ବାବାଜୀ ତୋଟା, ପାଖ ପଞ୍ଚାୟତରେ ମାଧବାନନ୍ଦ ଜୀଉଙ୍କ ମନ୍ଦିର ରହିଛି। ଉକ୍ତ ଜାଗାକୁ ପ୍ରତ୍ୟେକ ଦିନ ଶହ ଶହ ପର୍ଯ୍ୟଟକ ଦୈନନ୍ଦିନ ଆସିଥାନ୍ତି। ଉକ୍ତ ସୁବିଧା କେନ୍ଦ୍ରଟି ବନ୍ଦ ରହିବା ଯୋଗୁ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ କାମ କରୁଥିବା ୬ ଜଣ କର୍ମଚାରୀ ଦିଲୀପ କୁମାର ସାହୁ ଚିତ୍ତରଞ୍ଜନ ସାହୁ, ଟୁକୁଲି ଭୋଇ, କାଳି ପ୍ରସାଦ ଦୀର୍ଘଦିନ ହେବ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ପରିବାର ଭୋକ ଉପାସରେ ଦିନ ଅତିବାହିତ କରୁଛନ୍ତି। ହେଲେ ପ୍ରଶାସନ ୮ ମାସ ହେଲା କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଫୋନ କଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପଥପ୍ରାନ୍ତଟି ଖୋଲାଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗର ଦାୟିତ୍ୱ ହୀନତା ଓ ରାଜନେତାଙ୍କ ଇଚ୍ଛାଶକ୍ତି ଅଭାବରୁ ବନ୍ଦ ହୋଇପଡିଛି। ଏଥିପ୍ରତି ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଶ୍ରୀକାନ୍ତ ସ୍ୱାଇଁ ହେଲେ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ନୂତନ ଶିକ୍ଷାଅଧିକାରୀ ଭାବେ ସୋମବାର ପୂର୍ବାହ୍ନରେ ଶ୍ରୀକାନ୍ତ କୁମାର ସ୍ୱାଇଁ ଯୋଗଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ମେମୋ ନମ୍ବର ୩୫୭୪ ତା ୦୪/ଫେବୃଆରୀ/୨୫ରେ ରାଜ୍ୟର ୫୫ଜଣ ମଣ୍ଡଳଶିକ୍ଷାଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷା ଅଧିକାରୀ ଭାବେ




କାର୍ଯ୍ୟରତ ଶତ୍ରୁଘ୍ନ ବେହେରାଙ୍କୁ ଡେଲାଙ୍ଗ ବ୍ଲକକୁ ବଦଳି ହୋଇଥିଲେ। ଏହା ପରେ କିଛିଦିନ ପର୍ଯ୍ୟନ୍ତ ମଣ୍ଡଳଶିକ୍ଷା ଅଧିକାରୀ ପଦବୀ ଖାଲି ପଡିବାରୁ ବିଦ୍ୟାଳୟ କାର୍ଯ୍ୟ ସହ ଶିକ୍ଷକଙ୍କ ସମସ୍ୟା ବାଧାପ୍ରାପ୍ତ ହୋଇଥିଲା। ଜିଲ୍ଲା ଶିକ୍ଷାଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଶନିବାର ଦିନ ନିର୍ଦ୍ଦେଶ ପାଇବା ପରେ ସୋମବାର ପୂର୍ବାହ୍ନରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀକାନ୍ତ କୁମାର ସ୍ୱାଇଁ ମଣ୍ଡଳଶିକ୍ଷା ଅଧିକାରୀ ପଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ ଯୋଗଦାନ ପରେ ନୂତନ ଶିକ୍ଷାଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି କର୍ମକର୍ତ୍ତା। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଅତିରିକ୍ତ ଶିକ୍ଷାଅଧିକାରିଣୀ ସୁଧାଂଶୁବାଳା ଶତପଥୀ, ହିସାବରକ୍ଷକ ଧରଣୀଧର ବରାଳ, କିରାଣୀ ଅମ୍ବିକା ପ୍ରସାଦ କର, ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୂତନଶିକ୍ଷାଅଧିକାରୀ ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଅସ୍ତରଙ୍ଗ ବ୍ଲକରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଦିଗରେ କାର୍ଯ୍ୟଧାରା ଜାରୀ ରଖିବେ ବୋଲି ନୂତନଶିକ୍ଷାଅଧିକାରୀ ପ୍ରକାଶ କରିଛନ୍ତି।

## ରଘୁନାଥପୁର ବ୍ଲକରେ ରାସନ୍ କାର୍ଡ ଫେରସ୍ତ କଲେ ୪୨ଜଣ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକରେ ଆୟକର ଦେଉଥିବା ଏବଂ ସରକାରୀ ଚାକିରି କରିଥିବା ୪୨ଟି ରାସନ୍ କାର୍ଡ ଏଯାବତ ଫେରସ୍ତ କରାଯାଇଛି। ବ୍ଲକରେ ଥିବା ସମୁଦାୟ ୧୭,୩୪୩ଟି ରାସନ୍ କାର୍ଡରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆୟକର ପରିସରଭୁକ୍ତ ୫୪୦ ଓ ସରକାରୀ ଚାକିରି ଥିବା ୧୦୩ଜଣଙ୍କୁ ଚିହ୍ନଟ କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଥିଲା। ନୋଟିସ ପାଇବା ପରେ ଏପର୍ଯ୍ୟନ୍ତ ୪୨ଜଣ ରାସନ କାର୍ଡ ଧାରୀ ସେମାନଙ୍କର କାର୍ଡ ଫେରସ୍ତ କରିଥିବା ଜଣାଯାଇଛି। ତେବେ ଯେଉଁମାନେ ସରକାରୀ ଚାକିରିରେ ଅଛନ୍ତି କିମ୍ବା ଆୟକର ଦେଉଛନ୍ତି, ସେମାନେ ଯଥାଶୀଘ୍ର ସେମାନଙ୍କର କାର୍ଡକୁ ଫେରସ୍ତ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯିବା ସହିତ ନୋଟିସ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯେଉଁମାନେ ଉପରୋକ୍ତ ଏହି ଦୁଇଟି ବର୍ଗରେ ଆସୁନାହାନ୍ତି, ସେମାନେ ଆବଶ୍ୟକ ଦସ୍ତାବିଜ ବ୍ଲକ କାର୍ଯ୍ୟାଳୟରେ ତୁରନ୍ତ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ଚିକିତ୍ସା ଅବହେଳାରୁ ଝିଅର ମୃତ୍ୟୁ ଅଭିଯୋଗ

### ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କଲେ ମାଆ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଚିକିତ୍ସା ଲାଗି ଜଣେ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ହେବାପରେ ଜାନୁଆରୀ ୨୮ ତାରିଖରେ ଏଡିଏମଓ ଏହାର ତଦନ୍ତ କରିଥିଲେ। ଏପରିକି ଏ ସମ୍ପର୍କରେ ଫେବୃଆରୀ ୩ ତାରିଖରେ ମୃତ ଝିଅର ମାଆ ତଥା ସୋରଡା ବ୍ଲକ ବରାଡି ଗାଁର ଆଶାଲତା ପଣ୍ଡା ନ୍ୟାୟ ପ୍ରଦାନ ସହ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ଏହି ଘଟଣାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ମୁଁ ପାଇନଥିବା ଆଶାଲତା କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇନି। ଏନେଇ ଅଶାଲତା ଛତ୍ରପୁର ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ରିପୋର୍ଟ ପ୍ରଦାନ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ମହାସଂଘ ଅର୍ଥ ହଡପ ଅଭିଯୋଗ, କ୍ୟାଡରଙ୍କୁ ମିଳୁନି ଦରମା

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଲକ୍ଷେ କି ଦୁଇ ଲକ୍ଷ ନୁହେଁ ପ୍ରାୟ ୨୬ଲକ୍ଷ୬୨ ହଜାର ଟଙ୍କା ନେଇ ଚମ୍ପଟ ମାରିଲେ ଏମବିକେ, ଆଉ ଫଳ ଭୋଗିଲେ କ୍ୟାଡରମାନେ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଗିରିସୋଲା ପଞ୍ଚାୟତରେ। ଗିରିସୋଲା ପଞ୍ଚାୟତସ୍ତରୀୟ ମହାସଂଘର ୩ଟି ଆକାଉଣ୍ଟରୁ ୪ ବର୍ଷ ପୂର୍ବେ ୨୬ ଲକ୍ଷ ୬୨ ହଜାର ଟଙ୍କା ହଡପ ହୋଇଥିବା ଉକ୍ତ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ଦୀର୍ଘ ୪ ବର୍ଷ ପରେ ବି ଏହାର ଉପଯୁକ୍ତ ତଦନ୍ତ ନକରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରପକ୍ଷରେ ଉକ୍ତ ମହାସଂଘର ସଭାନେତ୍ରୀ, ସମ୍ପାଦିକା ସମେତ ୧୦ ଜଣ ସିଆର୍‌ପି, ୩ କୃଷି ମିତ୍ର, ୨ ପ୍ରାଣୀ ମିତ୍ର ଓ ଜଣେ ବ୍ୟାଙ୍କ ମିତ୍ରଙ୍କ ଦରମା ବନ୍ଦ କରିଦିଆଯାଇଛି। ଏହାଦ୍ୱାରା ପରିବାର ପ୍ରତିପୋଷଣ କରିବା ଅସୁବିଧା ହେଉଥିବା ଏମାନେ କହିଛନ୍ତି। ଏ ସମ୍ପର୍କରେ ବିଡିଓ, ବିପିଏମ, ଡିପିଏମ, ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ଏନେଇ ପୁଣି ସୋମବାର ମହାସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି।

### ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

## ପୀଠର ସାମଗ୍ରିକ ବିକାଶ ହିଁ ମୂଳଲକ୍ଷ୍ୟ



ବଙ୍ଗୋମୁଣ୍ଡା /ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ଠାରେ ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ କମିଟି ଆନୁକୂଲ୍ୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ସୋମେଶ୍ୱର ମହାଦେବଙ୍କ ଶିବରାତ୍ରି ମେଳାର ଷଷ୍ଠ ଦିନ ଏବଂ ଚଉଷଠି ଯୋଗିନୀ ମହୋତ୍ସବର ପଞ୍ଚମ ଦିବସର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ଚତୁର୍ଥ ଦିବସରେ ଅଞ୍ଚଳ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ଯୁବମୋର୍ଚ୍ଚା ସଂଯୋଜକ ନରସିଂହ ସିଂହ, ସିନ୍ଧେକେଲା ଜୋନ ଜିଲ୍ଲାପରିଷଦ ସଦସ୍ୟ ଦାମୁ ସୁନା, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ସମିତି ସଭ୍ୟ ରାଜୁ ହାତୀ, ସନ୍ତୋଷ ତ୍ରିପାଠୀ, ହିମାଳୟ ପୁଟେଲ, ପ୍ରହ୍ଲାଦ ସାହୁ, ପହଲେଶ୍ୱର ପୁଟେଲ, ହେମନ୍ତ ସାହୁ, ନିତ୍ୟାନନ୍ଦ ପୃଷ୍ଟେଠ, ସଞ୍ଜିବ ଛୁରା ପ୍ରମୁଖ ଯୋଗଦେଇ ରାଣୀପୁର ଝରିଆଲର ସାମଗ୍ରିକ ବିକାଶ ଓ ସୁରକ୍ଷା ପାଇଁ ଅତିଥିଗଣ ମତବ୍ୟକ୍ତ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। କମିଟି ସଭାପତି ମାଣିକ ଚନ୍ଦ ଜୈନ, ସମ୍ପାଦକ ଖିରସିନ୍ଧୁ ଭୋଇ, ମଞ୍ଜେସ ମେହେର, ଗୋପୀନାଥ ସାହୁ, ପର୍ମାନନ୍ଦ ଭୋଇ, ରମାକାନ୍ତ ସାହୁ, ରଶ୍ମିରଞ୍ଜନ ପୁଟେଲ, ଅଶୋକ କୁମାର ଭୋଇ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଦସ୍ୟ ଏବଂ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ଶୁଶିଲ ପୋଡ଼, ଶୁଭଶ୍ରୀ ଯୋଶୀ ଓ ବିରେନ୍ଦ୍ର ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଟ୍ରଷ୍ଟ କମିଟିର ଆବାହକ ଅନିଲ କୁମାର ତ୍ରିପାଠୀ ଉପସ୍ଥିତ ଥିବା ଜନସାଧାରଣ ଏବଂ ଦର୍ଶକମାନଙ୍କ ସହ ଆଗାମୀ ଦିନରେ କେଉଁପରି ଭାବେ ରାଣୀପୁର ଝରିଆଲ ପୀଠର ସାମଗ୍ରିକ ବିକାଶ ହେବ ତାହା ହିଁ ଆମର ମୂଳଲକ୍ଷ୍ୟ ବୋଲି କହିଥିଲେ ଏବଂ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ବାଲିଗାଡ଼ିକୁ ଗୋଡେଇ ଗୋଡେଇ ଜବତ କଲେ ତହସିଲଦାର

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ଗତ କାଲି ସନ୍ଧ୍ୟା ସମୟରେ ଏକ ବାଲି ବୋଝେଇ ହାଇୱା ଆସୁଥିବା ଆଗୁଆ ସୂଚନା ପାଇଥିଲେ। ଗାଡିଟିକୁ ପିଛା କରିବା ପରେ ଗାଡିକୁ ଆଣି ଥାନା ଜିମା ଦେଇଥିଲେ। ଜବତ ହୋଇଥିବା ହାଇୱା ଟି OD- 02AH-1135 ବାଲି ବୋଝେଇ ହାଇୱା ଜବତ କରି ଅଟକ ରଖିଛନ୍ତି। ଜିଲ୍ଲା ମାଇନ୍ସ ବିଭାଗ ଉକ୍ତ ଗାଡି ଉପରୁ ଜୋରିମାନା ଆଦାୟ କରିବେ ବୋଲି ଆଲୋଚନା ହେଉଛି।



## ରାଶିଫଳ

ମଙ୍ଗଳବାର, ୦୪ ମାର୍ଚ୍ଚ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।



**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ମଧ୍ୟ ଅଧିକ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରି କାର୍ଯ୍ୟ କରିବାକୁ ସକ୍ଷମ ହେବେନାହିଁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।



**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଆଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ।



**ଧନୁ:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ। ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କ ଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କନ୍ଧମାଳ, (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା ରେ ଥିବା ସମସ୍ତ ଏଟିଏମ କାଉଣ୍ଟର ମେସିନ୍ ଅଚଳ ଦୀର୍ଘଦିନ ହେଲାଣି ଅଚଳ ହୋଇ ପଡିରହିଅଛି ।ଯାହାକି ବହୁତ ଲୋକଙ୍କ ଜରୁରିକାଳୀନ ସମୟରେ କାମରେ ଆସୁନାହିଁ । ହଇରାଣର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଏଟିଏମ କାର୍ଡ ର ଟଙ୍କା ବର୍ଷକୁ ବର୍ଷ ବ୍ୟବହାର ବାବଦରେ ଟଙ୍କା ନେଉଛନ୍ତି ଭାରତୀୟ ଷ୍ଟେଟବ୍ୟାଙ୍କ। ଫୁଲବାଣୀ ମେଡିକାଲ ପରିସରରେ ଥିବା ଏଟିଏମଟି ଅଚଳ ଫଳରେ ଜନସାଧାରଣମାନେ ବେଶୀ ହଇରାଣର ଶିକାର ହେଉଛନ୍ତି। ଏହି ସବୁ ଏଟିଏମ ଖରାପ ଫଳରେ ବ୍ୟାଙ୍କ କର୍ମଚାରୀଙ୍କ ଅବହେଳା ନା ଜାଣି ଶୁଣି ସମସ୍ତଙ୍କୁ ହଇରାଣ କରିବାର ଇସାରା ଦେଉଛି । ଏହି ଦିନଗୁଡ଼ିକରେ ଆହୁରି ଅନେକ ବରିଷ୍ଠ ନାଗରିକଙ୍କ ସମେତ ବହୁ ଜନସାଧାରଣ, ଉପଭୋକ୍ତା ଏହି ପ୍ରକାର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କିନ୍ତୁ ବ୍ୟାଙ୍କ କର୍ମଚାରୀମାନେ କାହାର କଣ ହେଲେ ଆମର କ'ଣ ଯାଉଛି ଏହି ନୀତିକୁ ଅବଲମ୍ବନ କରୁଛନ୍ତି। ଯେଉଁ ସବୁ ଜାଗାରେ ଏପରି ଏଟିଏମ କାଉଣ୍ଟର ଅଛି ସେହି ବ୍ୟାଙ୍କର ମ୍ୟାନେଜରମାନେ ଏଥି ପ୍ରତି ଦୃଷ୍ଟି ଦେଇ ଯଥା ଶୀଘ୍ର ମରାମତି କରିବା ସହିତ ତ୍ୱରିତ ପଦକ୍ଷେପ ନେବା ପାଇଁ ସର୍ବସାଧାରଣରେ ଦାବି ହେଉଛି । ନହେଲେ ଆଗାମୀ ଦିନରେ କୋର୍ଟର ଆଶ୍ରିୟ ନେବେ ବୋଲି କହିଛନ୍ତି ଉପଭୋକ୍ତା।

# ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ନେଇ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନାର ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଚଳିତ ମାର୍ଚ୍ଚ,ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରଭାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ନେଇ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନପୁଙ୍ଖ ଆଲୋଚନା କରଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଗ୍ରୀଷ୍ମ ପ୍ରବାହର ସୁପରିପରିଚାଳନା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଗଜପତି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତିବ୍ର ରୂପ ନେବାର ଆଶଙ୍କା ରହିଛି। ତେଣୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ ସୃଷ୍ଟି ହେବାର ସମ୍ଭାବନା ରହିଛି, ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ, ପ୍ୟାକେଟ ଓ ଆବଶ୍ୟକୀୟ ଔଷଧ ମଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କୁହାଯାଇଥିଲା । ସେହିପରି ସମସ୍ତ ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍ଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛୋକ ଜାଗାରେ ଜଳଛତ୍ର ଖୋଲିବା, ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ସେହିପରି ମଧାହ୍ନ ସମୟରେ ବାହାରେ ବୁଲିବା ସମୟରେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ କିପରି ନ ଘଟେ, ପଶୁପକ୍ଷୀମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜୀବଜନ୍ତୁଙ୍କ ସୁରକ୍ଷା,ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟେ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପ-ଜିଲ୍ଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ମାଧବନନ୍ଦ ନାୟକ, ଜିଲ୍ଲା ଜରୁରି କାଳୀନ ଅଧିକାରୀ କମଳ କାନ୍ତ ପଣ୍ଡା ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ସମସ୍ତ ଲାଇନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ଦେଉଛି ବଞ୍ଚିବାର ରାହା

# କେନ୍ଦୁ ବିକି ଗୁଜୁରାଣ ମେଣ୍ଟାଉଛନ୍ତି ବନବାସୀ



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ବନବାସୀଙ୍କୁ ପ୍ରକୃତି ଦେଇଛି ବଞ୍ଚିବାର ରାହା। ବନବାସୀ ଜଙ୍ଗଲଜାତ ଦ୍ରବ୍ୟ ସାଙ୍ଗକୁ ଫଳମୂଳ ଆଦି ସଂଗ୍ରହ କରି ନିଜେ ଖାଇଥାନ୍ତି ଏବଂ ବଳକା ହାଟ ବଜାରରେ ବିକ୍ରି କରି ତେଲ ଲୁଣ କିଣି ପରିବାର ଗୁଜୁରାଣ ଚଳାଇଥାନ୍ତି । ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫଳମୂଳ ଜଙ୍ଗଲରୁ ମିଳିଥାଏ। ଖରା ଦିନରେ କେନ୍ଦୁ ପାଚିଥାଏ । କେନ୍ଦୁର ସ୍ୱାଦ ନିଆରା ହୋଇଥିବା ବେଳେ ବିଶେଷ କରି ବାଡି ବଗିଚା ତଥା ବଣ ଜଙ୍ଗଲରେ କେନ୍ଦୁ ଗଛ ହୋଇଥାଏ। ଏହାକୁ ପିଲା ଠାରୁ ବୁଢା ସମସ୍ତେ ଖାଇବାକୁ ପସନ୍ଦ କରିଥାନ୍ତି । ବିନା ଖର୍ଚ୍ଚରେ ଏହା ମିଳିଥାଏ ।ଶହ ଶହ ବନବାସୀ ବଣ ଜଙ୍ଗଲ ବୁଲି ସଂଗ୍ରହ କରି ବିକ୍ରି କରି ଚଳିଥାନ୍ତି । ଏହି ଋତୁରେ ସକାଳୁ ସକାଳୁ ପିଲା ଠାରୁ ବୃଦ୍ଧ/ବୃଦ୍ଧା ଦଳ ଦଳ ହୋଇ ଜଙ୍ଗଲକୁ ଟୋକେଇ, ବ୍ୟାଗ ଆଦି ଧରି ବଣ ପାହାଡ଼କୁ ଯାଇଥାନ୍ତି ।ପ୍ରାକୃତିକ ପରିବେଶରେ ଏହି ଗଛ ଉଠିଥାଏ ଏବଂ ଫଳ ଫଳିଥାଏ। ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ଏହାର ଚାହିଦା ଜିଲ୍ଲା ତଥା ଜିଲ୍ଲା ବାହାରେ ଅଧିକ ରହିଛି । ଉମରକୋଟ ବଜାରରେ ଏହାର ଭାଗ ୨୦ ଟଙ୍କାରେ ବିକ୍ରି ହୋଇଥାଏ। ପ୍ରାୟ ପ୍ରତ୍ୟେକ ପରିବାରରେ ଏହି ସମୟରେ କେନ୍ଦୁ ଖାଇବାକୁ ଭଲ ପାଇଥାଆନ୍ତି। ତେବେ ଏହାକୁ ସାଇତି ରଖିବା ପାଇଁ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ବନବାସୀମାନେ ବଜାରକୁ ଆଣୁଥିବା କେନ୍ଦୁ ବିକ୍ରି ନ କରିପାରିଲେ ବହୁ କେନ୍ଦୁ ନଷ୍ଟ ହୋଇଥାଏ । ବିଶେଷ କରି ଅବିଭକ୍ତ କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର , ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ବଣପାହାଡ଼ରେ କେନ୍ଦୁ ଗଛ ଅଧିକ ରହିଛି। ବ୍ୟାପକ ଜଙ୍ଗଲ କ୍ଷୟ ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ କେନ୍ଦୁ ଗଛ ନଷ୍ଟ ହେଉଥିବାବେଳେ ଏହାର ସୁରକ୍ଷା ପାଇଁ ସାଧାରଣରେ ଦାବି ହେଉଛି । କେନ୍ଦୁ ଗଛ ପତ୍ରରୁ ବିଡି ପ୍ରସ୍ତୁତ ହୋଇଥାଏ। ହଜାର ହଜାର ଲୋକ କେନ୍ଦୁପତ୍ର ତୋଳି ସରକାରଙ୍କୁ ବିକ୍ରି କରି ଦୁଇ ପଇସା ରୋଜଗାର କରିଥାନ୍ତି। ବିନା ବ୍ୟୟରେ ସରକାର ବହୁ ରାଜସ୍ୱ ପାଇଥାନ୍ତି। ଭାଲୁ, ବାରହା ଆଦି ବନ୍ୟଜନ୍ତୁଙ୍କ ପ୍ରିୟ ଖାଦ୍ୟ କେନ୍ଦୁ । ଏଣୁ କେନ୍ଦୁ ଖାଇବା ପାଇଁ ଆସିବା ସମୟରେ ଅନେକ ସମୟରେ କେନ୍ଦୁ ତୋଳାଳିଙ୍କ ସହିତ ମୁହାଁମୁହିଁ ହୋଇଥାନ୍ତି। ଫଳରେ ବହୁ ଲୋକ ସେମାନଙ୍କ ଆକ୍ରମଣର ଶିକାର ହୋଇ କ୍ଷତବିକ୍ଷତ ହୋଇଥାନ୍ତି । ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ଅନେକ ସମୟରେ ଲୋକଙ୍କୁ ସଚେତନ କରିଥାନ୍ତି।

# କୁଚିଣ୍ଡା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



କୁଚିଣ୍ଡା, (ଭାସ୍କର ନ୍ୟୁଜ୍): କୁଚିଣ୍ଡା ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଉଦ୍ଭିଦବବିଜ୍ଞାନ ବିଭାଗ ତରଫରୁ ଏକ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଆଲୋଚନା ଚକ୍ରକୁ ସୁଶ୍ରୀ ସୁଚିତ୍ରା ମିଶ୍ର ଅଧକ୍ଷତା କରି 'ଜ୍ଞାନ ହିଁ ପ୍ରଗତିର ଏକମାତ୍ର ଆଧାର' ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଷୟର ଅଧାପକ ଡଃ. ସେନ୍ ସେଠ୍ ଯୋଗ ଦେଇ ' ଔଷଧୀୟ ବୃକ୍ଷ ର ରାସାୟନିକ ଅଧୟନ ଓ ପରୀକ୍ଷାଗାରରେ ପ୍ରସ୍ତୁତି 'ସମ୍ବନ୍ଧୀୟ ସୂଚନାଧର୍ମୀ ଏବଂ ଯୁଗ ଉପଯୋଗୀ ନିବନ୍ଧ ପାଠ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ନିର୍ଭୁଲତା ଉପରେ ସଚେତନ ହେବା ମଧ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।ଏହି ଅବସରରେ କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରୀ ରୂପାଲି ପଣ୍ଡା ଏବଂ ନନ୍ଦିତା ପଟେଲ ଏବଂ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜର ଛାତ୍ର ଯତୀନ ପଶାୟତ ଓ ସ୍ୱପ୍ନାରାଣୀ ହାଇଡ୍ରଫୋନିକ ଓ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବୃକ୍ଷ ଚିହ୍ନିବାରେ ଏବଂ ଜୈବମଣ୍ଡଳ ବିଷୟରେ ସନ୍ଦର୍ଭ ପାଠ କରିଥିଲେ। ହେମଶିଳା ମାଝୀ ,ଅଧାପିକା ଉଦ୍ଭିଦ ବିଜ୍ଞାନ ବିଭାଗ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବଦତ୍ତ ଭୋଇ ଅଧାପକ ଉଦ୍ଭିଦ ବିଜ୍ଞାନ ବିଭାଗ ଅତିଥି ପରିଚୟ ପ୍ରଦାନ କରିଥଲେ। କାର୍ଯ୍ୟକ୍ରମରେ କେଶେଇବାହାଲର ଅଧାପିକା ଅଞ୍ଜଳି ପଟେଲ ଓ ୧୫ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ମହାବିଦ୍ୟାଳୟର ପ୍ରାଧାପକ ଶ୍ରୀଯୁକ୍ତ ପ୍ରମୋଦ ସ୍ୱାଇଁ,ଅଧାପକ ଅଭିନ କିସାନ, ମହାଦେବ ମେହେର, ଚନ୍ଦନ ଖଣ୍ଡଗିରି , ମଞ୍ଜୁଶ୍ରୀ ଦାସ, ଭିକାରୀ ଓରାମ , ଟିକେଶ୍ୱର୍ ଘୁଗର , ପରମଜିତ ନାଏକ ,ଶ୍ରୀମତୀ ରଶ୍ମିତା ନାଥ, ସୁଜିତ୍ ପୃଷେଠ, ପବିତ୍ର ପାଣି, ଶିଶିର ସେଠ୍, ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଶେଷରେ ଛାତ୍ରଛକ୍ଷତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆଦର୍ଶ ବିଦ୍ୟାଳୟର ପରିଚାଳନା କମିଟି ବୈଠକ



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବନ୍ଦନା ଗଡ଼ନାୟକଙ୍କ ପରିଚାଳନାରେ ବିଦ୍ୟାଳୟ ପରିସର ମଧ୍ୟରେ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ ଲକ୍ଷ୍ମୀପୁର ବିଡ଼ିଓ ତଥା ପରିଚାଳନା କମିଟି ଉପାଧକ୍ଷ ଗୁରେଶ୍ୱର ଭୋଇ, ପରିଚାଳନା ସଦସ୍ୟ ଅବସର ପ୍ରାପ୍ତ ଡିଆଇ ଜଗବନ୍ଧୁ ଦାଶ,ଅତିରିକ୍ତ ଶିକ୍ଷା ଅଧିକାରୀ ବିଭୁତି ଭୂଷଣ ଟାକ୍ରୀ,ସହକାରୀ ଯନ୍ତ୍ରୀ ଏମ.ପଓ୍ୱନ କୁମାର,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପୁର୍ଣ ଚନ୍ଦ୍ର ବିଶୋଇଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ଏହି ଆଦର୍ଶ ବିଦ୍ୟାଳୟ ୯ବର୍ଷରେ ପଦାର୍ପଣ କରିଛି। ତଥାପି ଆବଶ୍ୟକ ଭିତ୍ତିଭୂମି ଉପରେ ସରକାର ଗୁରୁତ୍ୱ ପ୍ରଦାନ କରି ନଥିବା କାରଣରୁ ସବୁ କ୍ଷେତ୍ରରେ ଅସୁବିଧା ହେଉଥିବା ବୈଠକ ରେ ଉପସ୍ଥାପନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଖାଇବା ସକାଶେ ଡାଇନିଂ ହଲର ବ୍ୟବସ୍ଥା, ତଳ ମହଲାରେ ଉପର ମହଲରେ ଥିବା ଶୌଚାଳୟ ର ପାଣି ଗଳୁଥିବା, ଶ୍ରେଣୀଗୃହର ଅଭାବ, ଛାତ୍ରମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ, ବିଦ୍ୟାଳୟରେ ଲାଗି ରହିଥିବା ପାଣି ସମସ୍ୟା, ବିଦ୍ୟାଳୟର ପଛ ପଟ ଖୋଲା ମେଳା ଥିବାରୁ ଗାଈଗୋରୁଙ୍କ ଅବାଧ ପ୍ରବେଶ, ଡ୍ରେନେଜ ସମସ୍ୟା, ପ୍ରତି ଅଧକ୍ଷା ପରିଚାଳନା କମିଟିକୁ ଅବଗତ କରାଇଥିଲେ। ପରେ ବୈଠକରେ ଉପସ୍ଥିତ ପରିଚାଳନା କମିଟିର ସମସ୍ତ ସଦସ୍ୟ ବିଦ୍ୟାଳୟର ପ୍ରତ୍ୟେକ ସ୍ଥାନ ବୁଲି ଦେଖି ସମସ୍ତ ବିଷୟ ଉପରେ ଅବଗତ ହେଲା ପରେ ଆପୋଷ ଆଲୋଚନା କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବୁ ବୋଲି କହିବା ସହ କିଛି କିଛି କାର୍ଯ୍ୟ ଖସଡ଼ା ତିଆରି କରିବା ସକାଶେ ସହକାରୀ ଯନ୍ତ୍ରୀ ଙ୍କୁ ବିଡ଼ିଓ ଶ୍ରୀଯୁକ୍ତ ଭୋଇ ନିର୍ଦ୍ଦେଶ ଦେଇ ଥିଲେ। ଏହା ପରେ ବିଡ଼ିଓ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ଏହି କ୍ଷେତ୍ରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅବକାରୀ ଚଢଉ

# ମଦ ଜବତ, ୧୭ ଗିରଫ

ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ ଅବକାରୀ ମୋବାଇଲ ସ୍କାର୍ଡ ପକ୍ଷରୁ ଏକ ମାସ ଧରି ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଚଢଉ କରି ୧୮୬୬ ଲିଟର ରନ୍ଧା ମଦ , ୩୩ ହଜାର ଟଙ୍କାର ମହୁଲ

**୫୫ ମାମଲା ରୁଜୁ**

ପୋଚ ଜବତ କରି ନଷ୍ଟ କରାଯାଇ ଥିଲା । ୨୬୫ ଲିଟର ଭାଟି ମଦ , ୫ଲିଟର ୪୦୦ ବିଦେଶୀ ମଦ, ୧୪ ଲିଟର ୩୦୦ ଫରେନ ଲିକର , ୬୪ ଲିଟର ୯୦୦ କଫ ସିରପ, ଏକ ମହିନ୍ଦ୍ରା ଗାଡି ଧରା ଯାଇଛି । ଏ ସମସ୍ତ ଜିନିଷର ମୂଲ୍ୟ ୩୬ ଲକ୍ଷ ୯୩ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ୫୫ ଟି ମାମଲା ରୁଜୁ ସହ ୧୭ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଫରୱାର୍ଡ କରାଯାଇ ଥିବା ଜଣା ଯାଇଛି । ଅବକାରୀ ଅଧୀକ୍ଷକ ସୁବନ୍ନ ନାୟକଙ୍କ ନିର୍ଦ୍ଦେଶରେ ଇନିସପେକ୍ଟର ରଶ୍ମିତା ଲାକ୍ରା ଏବଂ ଅନ୍ୟ ଏ ଏସ ଆଇ, ଷ୍ଟାଫ୍ ଚଢଉରେ ସହଯୋଗ କରିଥିଲେ ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ




ମାଲକାନଗିରି,(ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଓ ଶିକ୍ଷା ବିଭାଗ ଅଧିନରେ ଆସୁଥିବା ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷାର ମାନ ବୃଦ୍ଧି, ନିରନ୍ତର ଭାବେ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ, ମହିଳା ଛାତ୍ରୀଙ୍କ ସୁରକ୍ଷା ଇତ୍ୟାଦି ଉପରେ ଧାନ ଦେବା ପାଇଁ କୁହାଯାଇଛି। ଉଚ୍ଚ ଶିକ୍ଷା ସହ ଉଚିତ୍ ଶିକ୍ଷା ମାଧମରେ ବିକାଶ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ସହ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାମ ତ୍ୱରାନିତ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ସେହିପରି ଜଙ୍ଗଲ ବିଭାଗକୁ ଜଙ୍ଗଲ ନିଆଁକୁ ରୋକିବା ପାଇଁ କି ପଦକ୍ଷେପ ନିଆ ଯାଇଛି ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ କେତେ ହିତାଧିକାରୀ ଉପକୃତ ହୋଇପାରିଛନ୍ତି ସେ ବିଷୟରେ ମନ୍ତ୍ରୀ ପଚାରି ବୁଝିଥିଲେ। ପିଏମ୍ ଜନମନ ଯୋଜନା ମାଧମରେ ଜିଲ୍ଲାର ଦୁଇ ଆଦିମ ବଣ୍ଡା ଓ ଦିଦାୟୀ ଜନଜାତିଙ୍କୁ ଆବାସ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସୂଚନା ଦେଇଥିଲେ। ମତ୍ସ୍ୟ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଆମ ଜିଲ୍ଲା ସ୍ୱାବଲମ୍ବୀ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ପଶୁପାଳନ ନେଇ ମନ୍ତ୍ରୀ କହିଛନ୍ତି ଯେ ଅଧିକ ଗୋପାଳନ ଓ ଛେଳି ପାଳନ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏମଏସଏମଇ ବିଭାଗକୁ ମଧ୍ୟ ଜିଲ୍ଲାରେ କ୍ଷୁଦ୍ର ଓ ମଧମ ଉଦ୍ୟୋଗର ସ୍ଥିତି ପଚାରି ବୁଝିଛନ୍ତି ।ଜିଲ୍ଲାରେ ଡାଲମିଆ ଓ ଆମ୍ବୁଜା ପକ୍ଷରୁ ଦୁଇ ଗୋଟି ବୃହତ୍ ସିମେଣ୍ଟ ଉଦ୍ୟୋଗ ସ୍ଥାପନ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସାମାଜିକ ସୁରକ୍ଷା ବିଭାଗକୁ ପେନସନ ସୁବିଧା ଓ ଜିଲ୍ଲା ମଙ୍ଗଳ ବିଭାଗକୁ ସୁଭଦ୍ରା ଯୋଜନା ବିଷୟରେ ପଚାରି ବୁଝିଥିଲେ। ଆଜି ସୁଦ୍ଧା ଜିଲ୍ଲାରେ ୧ ଲକ୍ଷ ୪୮ ହଜାର ୭୦୯ ଟି ସୁଭଦ୍ରା ଦରଖାସ୍ତ ଗ୍ରହଣ କରାଯାଇଛି । ସେଥିରୁ ୧ ଲକ୍ଷ ୩୪ ହଜାର ୬୧୦ ଜଣଙ୍କୁ ସୁଭଦ୍ରା ରାଶି ମିଳିଛି। ସେହିପରି ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଓ ବିଦ୍ୟୁତ ବିଭାଗ ସହ ମଧ୍ୟ ଆଲୋଚନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନବରଂଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷ ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଡଃ ବାଦଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଶିଶୁ ସାହିତ୍ୟିକଙ୍କ ଜନ୍ମଦିନ ପାଳିତ

ବରଗଡ଼, (ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ ଡୁମ୍ବେର ପାଲି ଗ୍ରାମର ବିଶିଷ୍ଟ ଶିଶୁ ସାହିତ୍ୟିକ ବିକାଶ ଚନ୍ଦ୍ର ସାହୁଙ୍କ ଜନ୍ମ ଦିବସ ସ୍ଥାନୀୟ ଶିକ୍ଷ ବିକାଶ ପରିସରରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ଶ୍ରୀ ସାହୁ ଅନେକ ଶିଶୁ ସାହିତ୍ୟ ଉଭୟ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ଲେଖିଛନ୍ତି । ଏହା ସହ ପାଖା ପାଖି ନବେ ଖଣ୍ଡ ପୁସ୍ତକ ତାଙ୍କ ପ୍ରକାଶନରେ ପ୍ରକାଶିତ ହୋଇ ସାରିଛି । ମନୋହର କ୍ୟାଲେଣ୍ଡର ସହ ସମ୍ବଲପୁରୀ ଭାଗବତ ପ୍ରକାଶିତ କରି ସେ ସମ୍ବଲପୁରୀ ଭାଷା ସାହିତ୍ୟର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି । ଚନ୍ଦରଉଦିଆଁ ପତ୍ରିକା ତରଫରୁ କେଦାରନାଥ ସାହୁଙ୍କ ସଂଯୋଜନାର ଅନୁଷ୍ଠିତ ଏହି ଜନ୍ମ ଦିନ ପାଳନ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଭାଗବତ ପ୍ରଣେତା ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରାଧାପକ ଟେକଚାନ୍ଦ ଦୁଆନ୍, ଶ୍ରୀରାମ କଲେଜର ପ୍ରତିଷ୍ଠାତା ଗୀର୍ଜେଶ ଖାଡ଼ଙ୍ଗା, ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି , ଶ୍ରୀଧର ସାହିତ୍ୟ ସଂସଦର ସଭାପତି ଗୌରଚରଣ ପଧାନ, ଭାଗବତ ମଣ୍ଡଳୀର ନାରାୟଣ ସାହୁଙ୍କ ସହ ବହୁ ସାହିତ୍ୟିକ ଶୁଭେଚ୍ଛା ଜଣାଇଛନ୍ତି ।

## ସାଇକେଲରେ ଯାତ୍ରା କରି ସଚେତନତା ବାର୍ତ୍ତା ବାଣ୍ଟିଲେ ଶୁଭମ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଥାନା ଅନ୍ତର୍ଗତ ଡିମିରି ମୁଣ୍ଡା ଗ୍ରାମରୁ ଆରମ୍ଭ କରି ୨୫ ଟି ଜିଲ୍ଲାକୁ ସାଇକେଲ ମାଧମରେ ଯାତ୍ରା କରି ସାରି କନ୍ଧମାଳ ଜିଲ୍ଲାର ଫୁଲବାଣୀ ସହରରେ ଶନିବାର ସନ୍ଧ୍ୟାରେ ପହଞ୍ଚିଥିଲେ ଶୁଭମ । ପହଁଞ୍ଚିବା ପରେ ସେଠାରେ ଫୁଲବାଣୀର ସାମ୍ବାଦିକ ସୁନୀଲ କୁମାର ବିଶ୍ୱାଳ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ରମେଶ ଚନ୍ଦ୍ର ପ୍ରଧାନ ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ସ୍ୱାଗତ କରିବା ସହିତ ତାଙ୍କର ରହିବା ଏବଂ ଖାଇବା ବନ୍ଦୋବସ୍ତ କରିଥିଲେ। ଶୁଭମ ରବିବାର ସକାଳୁ ଫୁଲବାଣୀ ସହରର ପ୍ରଦକ୍ଷିଣ ଗୃହରୁ ଅନୁଗୁଳ ଅଭିମୁଖେ ଯାତ୍ରା କରିଛନ୍ତି । ଯାହା ସୂଚନା ରହିଚି ସାଇକେଲରେ ବୁଲି ବୁଲି ସମଗ୍ର ଓଡିଶାରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଶୁଭମ ବାରିକ ଯାହାଙ୍କ ବୟସ ୨୧ ବର୍ଷ, ଶିକ୍ଷା ଗତ ଯୋଗ୍ୟତା ଯୁକ୍ତ ଦୁଇ ପାସ । 'ସାଇକେଲ ଚଳାନ୍ତୁ ପରିବେଶ ବଞ୍ଚାନ୍ତୁ' ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ । ଏପରି ଲକ୍ଷ୍ୟ ରଖିଛନ୍ତି ୩୦ଟି ଜିଲ୍ଲାରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ। ଏଥି ସହିତ ଯେଉଁ ସବୁ ଅଞ୍ଚଳରେ ମହୁଲ ସଂଗ୍ରହ କରିବା ପାଇଁ ଲୋକମାନେ ଗଛ ତଳେ ନିଆଁ ଲଗାଇ ଦିଅନ୍ତି ସେମାନଙ୍କୁ ନିଆଁ ନ ଲଗାଇବା ପାଇଁ ପରାମର୍ଶ ଦେଇ ଆସିଛନ୍ତି ବୋଲି ସେ କହିଛନ୍ତି। ରବିବାର ସକାଳୁ ତାଙ୍କର ସାଇକେଲ ଯାତ୍ରା ଆରମ୍ଭ କରିବା ପରେ ସ୍ଥାନୀୟ ଗୋପବନ୍ଧୁ ଛକ ଠାରେ ବରିଷ୍ଠ ଆଇନଜୀବୀ ତଥା ରୋଟାରୀ କ୍ଲବର ସମ୍ପାଦକ ବିଜୟ କୃଷ୍ଣ ପଟ୍ଟନାୟକ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହିତ ଆଗକୁ ଯାତ୍ରା ସଫଳ ହେଉ ଏବଂ ନିଜର ଲକ୍ଷ୍ୟ ସ୍ଥଳରେ ଭଲରେ ଭଲରେ ପହଞ୍ଚନ୍ତୁ ବୋଲି ମଙ୍ଗଳ କାମନା କରିଥିଲେ । ଜଙ୍ଗଲ ସଚେତନତା ନେଇ ବାର୍ତ୍ତା ପ୍ରଚାର କରୁଥିବା ଶୁଭମକୁ ଫୁଲବାଣୀ ରେଞ୍ଜ ଅଧିକାରୀ ଶିବାନନ୍ଦ ଲେଙ୍କା ଅଭିନନ୍ଦନ ଜଣାଇବା ସହିତ ତାଙ୍କର ମଙ୍ଗଳ କାମନା କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସୁଧୀର ମହାରଣା ଓ କାହ୍ନୁ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକ ବାର୍ଷିକ ସମାବେଶ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ିବାହାଲ କଲ୍ୟାଣ ମଣ୍ଡପ ଠାରେ ଖପ୍ରାଖୋଲ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକମାନଙ୍କର ଏକ ବାର୍ଷିକ ସମାବେଶ ପି ଏସ ଶିକ୍ଷକ ସଂଘର ସଭାପତି ସୁଶୀଲ କୁମାର ପୋଡ଼ଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବରିଷ୍ଠ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସେଠ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୁପେ ଓ ପିଏସ ସଂଘର ସଭାପତି ନାରାୟଣ କିଷାନ, ସମ୍ମାନିତ ଅତିଥି ରୂପେ ନିହାର ରଞ୍ଜନ ଭୋଇ, ବିଶାଖା ନାଏକ, ମିଠାଲାଲ ସୁନା, ପୂର୍ଣ୍ଣ ଚନ୍ଦ୍ର ବୁଡ଼େକ, ଆର୍ତ୍ତତ୍ରାଣ ଖମାରି କୁଞ୍ଜବିହାରୀ ସରାଫ ପ୍ରମୁଖ ଯୋଗଦେଇ ସଂଗଠନ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଶ୍ୱିନୀ ଭୋଇ, ମନୋରଞ୍ଜନ ବାରିକ, ସୁଧୀର କୁମାର ନାଗ, ଶେଷଦେବ ବେହେରା, ଫକୀର ବାଗ, ବିଷ୍ଣୁ ଚରଣ ମାଝୀ, ଅଲେଖ ସେଠ, ନଳିନୀ ପଧାନ, ଏକ୍ସ କ୍ୟାଡର ସଂଘର ସମ୍ପାଦକ ରଞ୍ଜନ କୁମାର ମେହେର ଜେଟିଏସ ସଂଘର ସଭାପତି ଆଲୋକ ମେହେର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବାର୍ଷିକ ଉତ୍ସବ ପାଳନକରିବା ସହିତ ଅବସର ଗ୍ରହଣ କରିଥିବା ଶିକ୍ଷକଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ହୋଇଥିଲା,ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା କିଭଳି ସମାଧାନ ହୋଇ ପାରିବ ଏବଂ ଆଗାମୀ ଦିନରେ ବ୍ଲକରେ ଏକ ଶିକ୍ଷକ ଭବନ କିପରି ନିର୍ମାଣ କରାଯାଇ ପାରିବ ସେ ଦିଗରେ ଆଲୋଚିତ ହୋଇଥିଲା। ଏହି ସଭାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବା ସହ ସାହାଯ୍ୟ ସହଯୋଗ କରିଥିଲେ । ଶିକ୍ଷୟତ୍ରୀ ସବିତା ମହରା ସଭାକୁ ସଂଯୋଜନା କରିଥିଲେ ଓ ଗୋଲାପ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦୃଢ଼ ସଂକଳ୍ପ ଓ କଠିନ ସାଧନା ଜାରି ରହିଲେ ମିଳେ ସଫଳତା'




ଉମରକୋଟ, (ଭାସ୍କର ନ୍ୟୁଜ୍): ପ୍ରତି ମଣିଷର ସ୍ୱପ୍ନ ଥାଏ। ସେହି ସ୍ୱପ୍ନ ସାକାର କରିବା ପାଇଁ ଦୃଢ଼ ସଂକଳ୍ପ ଓ ନିରବଚ୍ଛିନ୍ନ କଠିନ ସାଧନା ଜାରି ରହିଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି ଉମରକୋଟ ଶିକ୍ଷା ସମ୍ମିଳନୀରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଉମରକୋଟ ଶିକ୍ଷକ ସଂଗୋଷ୍ଠୀ ତରଫରୁ ଧୋଡ୍ରା ସ୍ଥିତ ବିଡ୍ରୀ ଠାକୁରାଣୀ ମନ୍ଦିର ପରିସରରେ ଶିକ୍ଷା ସମ୍ମିଳନୀ - ୨୦୨୫ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ଜନ୍ମଭୂମିରୁ କର୍ମଭୂମି - ସ୍ୱପ୍ନ, ସଂକଳ୍ପ ଓ ସାଧନା' ସଂପର୍କିତ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜ୍ୟ ପୁରସ୍କାରରେ ସମ୍ମାନିତ ସମାଜସେବୀ ସମୀର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଗ୍ରସେନ ନାୟକ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ବାଗ, ସମ୍ମାନିତ ଅତିଥି ରବୀନ୍ଦ୍ର କୁମାର ହାଲଦାର , ଅବନୀ କୁମାର ଦଳାଇ ଧନେଶ୍ୱର ପୁହାଣ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ହୃଷିକେଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମାନସ ରଞ୍ଜନ ନାୟକ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଗଣେଶ୍ୱର ଘଡାଇଙ୍କ ଦ୍ୱାରା ଆବାହନୀ ସଂଗୀତ ଗାନ ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମକ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ ଆଦର୍ଶ ଶିକ୍ଷକ ରବୀନ୍ଦ୍ର ନାଥ ହାଲଦାରଙ୍କୁ ସମ୍ମିଳନୀରେ ସମ୍ମାନିତ କରାଯାଇ ଥିବାବେଳେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବକୁ କାହ୍ନୁ ଚରଣ ମିଶ୍ର ସଂଯୋଜନା କରିଥିଲେ। ଉମରକୋଟ ବ୍ଲକର ୨୦୧୩ ମସିହାରେ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକ ସଂଗୋଷ୍ଠୀ ତରଫରୁ ଗତବର୍ଷ ଠାରୁ ଏହି ସମ୍ମିଳନୀ ଆୟୋଜନ କରାଯାଉଥିବା ପ୍ରକାଶ ପାଇଛି। ସମ୍ମିଳନୀର ନିଷ୍ପତ୍ତି ଆଧାରରେ ଶିକ୍ଷକ ସଂଗୋଷ୍ଠୀ ବୌଦ୍ଧିକ ଆଲୋଚନାଚକ୍ର, ପ୍ରତିଭା ପୂଜା, ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହ ଓ ପରିବେଶ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଉମରକୋଟରେ ଏଜୁକେସନ କନକ୍ଲେଭ୍‌ର ଆୟୋଜନ ଭଲ ଓ ସକାରାତ୍ମକ ବାର୍ତ୍ତା ଦେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଶେଷରେ ଶିକ୍ଷକ ଦୁର୍ଗା ପ୍ରସନ୍ନ ନାୟକ ଧନ୍ୟବାଦ ଅର୍ପଣ କରିଥିଲାବେଳେ। ସର୍ବଶ୍ରୀ ଅତୀସ ରଞ୍ଜନ ମହାପାତ୍ର, ରଧୀର ପ୍ରଧାନ, ନୀଳମଣି ସ, ଗଣେଶ୍ୱର ଘଡ଼େଇ, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ଚଉବନ ସାହୁ, ସୁଲଭ ଦାଶ ପ୍ରମୁଖ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ରାମଚନ୍ଦ୍ର ପ୍ରଧାନ, ନୀଳକଣ୍ଠ ଚମ୍ପତି, ରମେଶଚନ୍ଦ୍ର ନାୟକ, ଜଗବନ୍ଧୁ ବଡ଼ ସେଠ,ଉତ୍ତମ ଦାଶ, ଗୌରୀ ଶଙ୍କର ପୃଷ୍ଟି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## କବିଚନ୍ଦ୍ର ରଘୁନାଥ ପରିଛାଙ୍କ ଜୟନ୍ତୀ ସମାରୋହ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ସ୍ଥାନୀୟ କବିଚନ୍ଦ୍ର ପାଠାଗାର ପରିସରରେ ରଘୁନାଥ ପରିଛା ସ୍ମୃତି ସଂସଦ ଓ ସମାଜ ସେବକ ସଂଘ ମିଳିତ ସହଯୋଗରେ ନାଟ୍ୟକାର ରଘୁନାଥ ପରିଛାଙ୍କ ୨୩୨ ତମ ଜୟନ୍ତୀ ପାଳନ ହୋଇସାରିଛି। ମଞ୍ଚ ଆହ୍ୱାନ, ପରିଚୟ ପ୍ରଦାନ ସ୍ନେହା ବେହେରା କରିଥିବାବେଳେ ଗୁରୁ ନୃସିଂହ ପ୍ରସାଦ ପାଢ଼ୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଗଜପତି କଳା ପରିଷଦର କଣ୍ଠଶିଳ୍ପୀ ଗଣ କବିଚନ୍ଦ୍ରଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବର୍ଷୀୟାନ ନାଟ୍ୟ ଶିଳ୍ପୀ ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କୁ ଶ୍ରେଷ୍ଠ ନାଟ୍ୟକାର ରଘୁନାଥ ପରିଛା ସ୍ମୃତି ସମ୍ମାନ - ୨୦୨୫ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ମନୋଜ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ବାଳକୃଷ୍ଣ ପାତ୍ର, ସମ୍ମାନିତ ବକ୍ତା ଡ. କଲ୍ୟାଣୀ ମିଶ୍ର,ସଭାପତି ଡାକ୍ତର ରାମକୃଷ୍ଣ ପରିଛା ଯୋଗ ଦେଇ ମାଟିର ବିରଳ ଇତିହାସକୁ ଆପଣେଇ ସାହିତ୍ୟ ସାଧନାକୁ ଅବ୍ୟାହତ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମି ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ପରିଚାଳନା ଏବଂ ସଂଯୋଜନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଭଂଜନଗର (ଭାସ୍କର ନ୍ୟୁଜ): ମଜୁରୀ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ, ତାହା ହୋଇ ପାରୁନି । ପ୍ରତି ପାଞ୍ଚ ବର୍ଷକୁ ଥରେ ଏହା ହେବାକଥା । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ତାହା ହୋଇ ପାରୁନି । ଫଳରେ ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି, କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀ । ଏହାର ପ୍ରତିବାଦ କରି ଭଂଜନଗର ସ୍ଥିତ ଟିପିଏସଓଡିଲ୍ କାର୍ଯ୍ୟାଳୟ ଆଗରେ ୧ ଘଣ୍ଟା ପାଇଁ ପ୍ରତୀକ ଧାରଣା ଦେଇଥିଲେ ଲାଇନ୍ ମେନ୍ କର୍ମଚାରୀ । ଧାରଣାରତ କର୍ମଚାରୀଙ୍କ ଅଭିଯୋଗ ପ୍ରକାରେ, ଗତବର୍ଷ ଡ଼ିସେମ୍ବର ୨୪ ସୁଧା ସେଟେଲମେଣ୍ଟ ହୋଇଥିଲେ ମଧ୍ୟ, ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଏଣୁ ଏହାର ପ୍ରତିବାଦ କରି ସୋମବାର ଦିନ , ବିଭାଗୀୟ କାର୍ଯ୍ୟାଳୟ ଆଗରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ, ଭଂଜନଗର ଶାଖା ପକ୍ଷରୁ ୧ ଘଣ୍ଟା ଧରି, କର୍ମଚାରୀ ମାନେ ପ୍ରତୀକ ଧାରଣା ଦେଇଥିଲେ । ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଯଦି କର୍ତ୍ତୃପକ୍ଷ ଏଦିଗରେ କୌଣସି ସମାଧାନ ନକରନ୍ତି ତାହେଲେ, ଆସନ୍ତା ୭ ତାରିଖ ଠାରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି, ଭଂଜନଗର ଡିଭିଜନ ସଂଘର ସମ୍ପାଦକ କବିରାଜ ପ୍ରଧାନ ।



### ରାଷ୍ଟ୍ରପତିଙ୍କ ଦ୍ୱାରା 'ଭିଜିଟର୍ସ କନଫରେନ୍ସ ୨୦୨୪-୨୫' ଉଦ୍ଘାଟିତ

# ଆମର ଶିକ୍ଷାନୁଷ୍ଠାନଗୁଡ଼ିକ 'ବିକଶିତ ଭାରତ'ର ଲାଇଟ୍ ହାଉସ୍ ଭାବେ ଉଭା ହେବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତର ଆହ୍ୱାନ ଦେଇଥିବା ବେଳେ ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ 'ବିକଶିତ ଭାରତ'ର ଲାଇଟ୍ ହାଉସ୍ ଭାବେ ଉଭା ହେବ ବୋଲି ସୋମବାର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦଘାଟିତ 'ଭିଜିଟର୍ସ କନଫରେନ୍ସ ୨୦୨୪-୨୫'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦୁଇ ଦିବସୀୟ 'ଭିଜିଟର୍ସ କନଫରେନ୍ସ ୨୦୨୪-୨୫'କୁ ଉଦଘାଟନ କରିଛନ୍ତି । ଏହି ଅଷ୍ଟମ ଭିଜିଟର୍ସ ସମ୍ମିଳନୀରେ ଦେଶର ଶିକ୍ଷାବିତ୍ ଜଗତକୁ ମାର୍ଗଦର୍ଶନ ଦେଇଥିବାରୁ ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହାସହ ଅଷ୍ଟମ ଭିଜିଟର୍ସ ଆୱାର୍ଡ ପାଇଥିବା ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ମାନ୍ୟବର ରାଷ୍ଟ୍ରପତିଙ୍କ ଅତୁଟ ସମର୍ଥନ ଏବଂ ତାଙ୍କ ନେତୃତ୍ୱ ଶିକ୍ଷା କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ନୂତନ ମାର୍ଗ ଦେଖାଇଛି । ଜାତୀୟ ଶିକ୍ଷାଗତ ପ୍ରାଥମିକତା ହାସଲ କରିବା, କ୍ରମାଗତ ଭାବରେ ବିକଶିତ ହେଉଥିବା ଶିକ୍ଷଣ କ୍ଷେତ୍ରରେ ଆଗକୁ ବଢ଼ିବା ତଥା ଭାରତକୁ ଜ୍ଞାନ, ଗବେଷଣା ଏବଂ ଉଦ୍ଭାବନର କେନ୍ଦ୍ରସ୍ଥଳରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାରେ ଆମର ମନୋବଳକୁ ଟାଣ କରିଛି । ପବିତ୍ର ମହାକୁମ୍ଭ ଭଳି ଭିଜିଟର୍ସ ସମ୍ମିଳନୀ ମଧ୍ୟ ଏକ 'ସଙ୍ଗମ' । ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା ପାଇଁ ଏହା ଶିକ୍ଷାନୁଷ୍ଠାନର ଉତ୍ତମ ମନର ଏକ 'କୁମ୍ଭ' ଅଟେ । 'ଭିଜିଟର୍ସ ସମ୍ମିଳନୀ' ଆମ ଶିକ୍ଷା ବ୍ୟବସ୍ଥାରେ ସାମଗ୍ରିକ ପରିବର୍ତ୍ତନ ଆଣିବ । ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ କର୍ମଚାରୀଙ୍କୁ ହାତମୁଠାକୁ ମଜଭୂତ୍ କରିବ । ଭାରତର ଉଚ୍ଚ ଶିକ୍ଷା ପରିସଂସ୍ଥାନକୁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ଭାବରେ ପ୍ରତିଷ୍ଠିତ କରିବା ଦିଗରେ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତର ଆହ୍ୱାନ ଦେଇଛନ୍ତି । ଏଥିପାଇଁ ଆମ ଦେଶ ଆତ୍ମନିର୍ଭର, ଅଭିନବ ଏବଂ ଜ୍ଞାନ ଭିତ୍ତିକ ହେବା ଦରକାର । ଆମ ଶିକ୍ଷା ଡିଗ୍ରୀ ଡିଗ୍ରୀ ଠାରୁ ଊର୍ଦ୍ଧ୍ୱରେ ରହିବା ଦରକାର । ଏଥିପାଇଁ ଥିଙ୍କର, ଇନୋଭେଟର, ସମାଧାନ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ଏବଂ ନିଯୁକ୍ତିଦାତା ସୃଷ୍ଟି କରିବାକୁ ହେବ । ତେଣୁ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ନିହାତି ଜରୁରୀ । ଜାତୀୟ ଶିକ୍ଷା ନୀତିକୁ ବାସ୍ତବ ଓ ଦୀର୍ଘସ୍ଥାୟୀ ପ୍ରଭାବୀକୁ ସୁନିଶ୍ଚିତ କରିବା ପାଇଁ ଆମକୁ ଅନୁଷ୍ଠାନିକ ସ୍ତରରୁ ଉପରକୁ ଉଠିବାକୁ ପଡିବ । ଆମର ଶୈକ୍ଷିକ ଶକ୍ତିକୁ ଉନ୍ନତ କରିବାକୁ ହେବ । ଆମର ନୀତିଗୁଡ଼ିକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ ଯେପରି ଏହାର ପ୍ରଭାବ ପଡିପାରିବ, ସେ ଦିଗରେ ସାମୂହିକ ଉଦ୍ୟମ କରିବାକୁ ହେବ । ସବୁଠୁ ଭଲ ପ୍ରୟାସ କରିବା ପାଇଁ ହେବ । ଅମୃତ କାଳ ଓ ତା' ବାହାରେ ଆମର ବିକାଶମୂଳକ ଯାତ୍ରାକୁ ଆଗେଇ ନେଇ ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ବିକଶିତ ଭାରତର ଲାଇଟ୍ ହାଉସ୍ ଭାବେ ଉଭା ହେବେ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ଜୁନ ୨୭ ତାରିଖରେ ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗତ ରଥଯାତ୍ରା ର ଅଭିଜ୍ଞତା କୁ ଉପଯୋଗ କରି ଚଳିତ ବର୍ଷ ସମସ୍ତ କାର୍ଯ୍ୟ କୁ ସମ୍ମିଳିତ ଉଦ୍ୟମ ରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏସ ପି ବିନୀତ ଅଗ୍ରୱାଲ ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟ ର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ର ସମୀକ୍ଷା ଇତ୍ୟାଦି କୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେ ।ଚଳିତ ବର୍ଷ ଅକ୍ଷୟ ତୃତୀୟା ତିଥିରେ ରଥକାଠ ଅନୁକୂଳ ଅପ୍ରେଲ ୩୦ ତାରିଖରେ, ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧, ଶ୍ରୀଗୁଣ୍ଡିଚା ଜୁନ ୨୭,ସନ୍ଧ୍ୟା ଦର୍ଶନ ଜୁଲାଇ ୪,ବାହୁଡା ଜୁଲାଇ ୫,ସୁନାବେଶ ଜୁଲାଇ ୬,ଅଧରପଣା ଜୁଲାଇ ୭ ଓ ନୀଳାଦ୍ରି ବିଜେ ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି । ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକ ଥିବା ବେଳେ ଗତବର୍ଷ ର ୫୧ ଖଣ୍ଡ ବଳକା କାଠ ଥିବାରୁ ଅବଶିଷ୍ଟ ୮୧୪ ଖଣ୍ଡ କାଠର ଆବଶ୍ୟକତା ରହିଛି । ଇତି ମଧ୍ୟରେ ୧୦୧ ଖଣ୍ଡ କାଠ ପହଞ୍ଚି ସାରିଛି ।ସେହିପରି ଅନ୍ୟାନ୍ୟ ରଥଯାତ୍ରା ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ବୋଲି ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି,ସୁଶୀଲ ମିଶ୍ର,ଦେବୀ ଶଙ୍କର ପ୍ରତାପ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ମନୀଷା ଷଡ଼ଙ୍ଗୀ, ବିଭିନ୍ନ ବିଭାଗର ଅଧିକାରୀ,ଆରକ୍ଷୀ ବାହିନୀ ର ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**AFFIDAVIT**

I, **Om Prakash Subudhi**, S/o.: Late Radheshyam Budhia, resident of Bhasakosh Lane, Near RNT College, PO.: Chandini Chowk, PS.: Lalbag, Cuttack – 753002, Odisha, do hereby declare by this Affidavit No. 2196, Dtd. 28.02.2025 that now onwards I shall be known as **Om Prakash Budhia** for all future purposes.

**AFFIDAVIT**

By virtue of an affidavit sworn before in the court of the Executive Magistrate, Bhubaneswar, dated: 18.12.2024, I Manoj Kumar Kathua, S/o- Bholanath Kathua, permanent resident of At- Baghamara, Post- Pahanga, PS- Niali, Dist- Cuttack, currently residing at Patharabandha Behera Sahi, Post- Rasulgarh, PS- Sahidnagar, declares that I have changed my minor daughter's name from Sriyansa Kathua to Shrian Saha Priyadarshini Kathua. Henceforth She will be known as Shrian Saha Priyadarshini Kathua for all purposes.

Sd/- Manoj Kumar Kathua

**AFFIDAVIT**

By virtue of an affidavit sworn before in the court of the Executive Magistrate, Bhubaneswar, dated: 26.12.2024. I Manoj Kumar Kathua, S/o- Bholanath Kathua, permanent resident of At- Baghamara, Post- Pahanga, PS- Niali, Dist- Cuttack currently residing at Patharabandha Behera Sahi, Post- Rasulgarh, PS- Sahidnagar, declares that I have changed my minor daughter's name from Adyasha Khatua to Adyansha Priyadarshini Kathua. Henceforth She will be known as Adyansha Priyadarshini Kathua for all purposes.

Sd/- Manoj KUmar Kathua

**ନୋଟିସ୍**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ.ଏସ)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
**ଓ.ଏସ.ଏସ. କେଶ ନମ୍ବର ୧୪୫୯/୨୦୧୭**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
କିଶୋର ଚନ୍ଦ୍ର ସାମଲ .....................ବାଦୀ / ଦରଖାସ୍ତକାରୀ
ବନାମ
ନିର୍ମଳା ମହାପାତ୍ର ଓ ଅନ୍ୟମାନେ .....................ପ୍ରତିବାଦୀ / ଅପରପକ୍ଷ
**ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:**
ପ୍ରତିବାଦୀ ନଂ.: ୧. ନିର୍ମଳା ମହାପାତ୍ର ସ୍ୱାମୀ ସ୍ୱର୍ଗତଃ ରଘୁନାଥ ମହାପାତ୍ର, ୨. ରଞ୍ଜନ କୁମାର ମହାପାତ୍ର ପିତା ସ୍ୱର୍ଗତଃ ରଘୁନାଥ ମହାପାତ୍ର, ୩. ରଜନୀକାନ୍ତ ମହାପାତ୍ର ପିତା ସ୍ୱର୍ଗତଃ ରଘୁନାଥ ମହାପାତ୍ର, ୪. ରତିକାନ୍ତ ମହାପାତ୍ର ପିତା ସ୍ୱର୍ଗତଃ ରଘୁନାଥ ମହାପାତ୍ର, ୫. ରମାକାନ୍ତ ମହାପାତ୍ର ପିତା ସ୍ୱର୍ଗତଃ ରଘୁନାଥ ମହାପାତ୍ର, ଉପରୋକ୍ତ ସମସ୍ତଙ୍କ ଠିକଣା: ଗ୍ରାମ-ଗୋପାଳପୁର, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ୬. ବବିତା ବାରିକ, ପିତା ଉଦୟନାଥ ବାରିକ, ପଣ୍ଡା ଗଳି ବାଲୁଙ୍କେଶ୍ୱର ସାହି, ଖୋର୍ଦ୍ଧା, ଜିଲ୍ଲା-ଖୋର୍ଦ୍ଧା, ୭. ହିମାଂଶୁ ଭୂଷଣ ରଣସିଂହ ପିତା-ହରିହର ପ୍ରସାଦ ରଣସିଂହ, ମ୍ୟାନେଜିଂ ଡିରେକ୍ଟର, ଏଚ୍ ଏଚ୍ କନଷ୍ଟ୍ରକସନ୍ ପ୍ରାଇଭେଟ ଲିମିଟେଡ, ପ୍ଲଟ ନଂ.: ବି ୫୫ ବି ଡି ଏ ଏଚ୍ ଆଇ ଜି ଡୁପ୍ଲେକ୍ସ, ପ୍ରଥମ ମହଲା, ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା. ୧୧.୦୪.୨୦୨୫ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**
ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଜଟଣୀ, ଥାନା-ଜଟଣୀ, ଥାନା ନଂ.-୪୮, ମୌଜା-ଓଗାଳପଡା
ସାବକ

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ରକବା | ସତ୍ତ୍ୱ |
|---|---|---|---|---|
| ୧୫୪ | ୭୪୨ | ବିଆଳୀ | ମୋଟ ଏ ୦.୨୭୫ ରୁ ଏ ୦.୦୬୩ ଡେସିମିଲ | ସ୍ଥିତିବାନ |

ହାଲ

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ରକବା | ସତ୍ତ୍ୱ |
|---|---|---|---|---|
| ୩୨୭ | ୨୧୫୫ | ତଇଳା | ମୋଟ ଏ ୦.୧୭୪ ଡେସିମିଲ ରୁ ଏ ୦.୦୬୩ ଡେସିମିଲ | ସ୍ଥିତିବାନ |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ । ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।
ତା: ୦୧.୦୩.୨୫ — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ଥାନ: ଭୁବନେଶ୍ୱର — ସ୍ୱା/-କୋର୍ଟ ଅଫିସର

# ମହେନ୍ଦ୍ରା ପିକ୍ଅପ୍ ବୋଲେରୋ ଧକ୍କାରେ ଯୁବକ ମୃତ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା-ଗୋପ ରାସ୍ତା ଦିଘାଲୋ ଛକରେ ମହେନ୍ଦ୍ରା ପିକ୍ଅପ୍ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଗୋପ ଥାନା ରୂପାସ ଗ୍ରାମର ବୋଲି ଜଣାପଡ଼ିଛି । ଦୁର୍ଘଟଣା ସ୍ଥଳରେ ନିମାପଡ଼ା ଥାନା ପୋଲିସ ପହଂଚି ବୋଲେରୋକୁ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଗୋପ ବ୍ଲକ୍ ରୂପାସ ଗ୍ରାମର ଦେବୀ ପ୍ରସାଦ ରାୟ ଚୌଧୁରୀ ନାମକ ଯୁବକ ଗତ ରବିବାର ବିଳମ୍ବିତ ରାତ୍ରରେ ଏକ ବାଇକ୍ ଯୋଗେ ନିଜ ଘରକୁ ଯାଉଥିବା ବେଳେ ଗୋପ ପଟୁ ଦ୍ରୁତ ବେଗରେ ଆସୁଥିବା ମହେନ୍ଦ୍ର ପିକ୍ଅପ୍ ବୋଲେରୋ ଧକ୍କା ଦେଇଥିଲା । ସେଠାରେ ଯୁବକ ଗୁରୁତର ହୋଇ ପଡ଼ିଥିବା ବେଳେ ବୋଲେରୋଟି ଖସିଯିବା ପାଇଁ ଉଦ୍ୟମ କରୁଥିଲା । ଖବର ପାଇ ନିମାପଡ଼ା ଥାନା ପୋଲିସ ପିକ୍ଅପ୍ ବୋଲେରୋକୁ ଜବତ କରିବା ସହ ଆହତଙ୍କୁ ଚିକିତ୍ସା କରାଇବା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ୍ ହସ୍ପିଟାଲ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ କ୍ୟାପିଟାଲ୍ ହସ୍ପିଟାଲ୍ 'ାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପରେ ମୃତକଙ୍କ ପରିବାର ପକ୍ଷରୁ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି ।

# ନୂତନ ତହସିଲଦାର ଭାବେ ସୂର୍ଯ୍ୟ ଶଙ୍କର ଦାଶଙ୍କ ଦାୟିତ୍ୱ ଗ୍ରହଣ

ଭୁବନ (ଭାସ୍କର ନ୍ୟୁଜ): ଭୁବନ ତହସିଲ କାର୍ଯ୍ୟାଳୟରେ ସୂର୍ଯ୍ୟ ଶଙ୍କର ଦାଶ ନୂତନ ତହସିଲଦାର ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଥିଲେ । ବିଦାୟୀ ତହସିଲଦାର ଶିରୀୟଲ ଶୁଭ୍ର ପଟେଲଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପୂର୍ବରୁ ଶ୍ରୀଯୁକ୍ତ ଦାଶ ଗଞ୍ଜାମ ଜିଲ୍ଲା ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ । ଜଣେ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ଦକ୍ଷ ଅଫିସର ଭାବେ ତାଙ୍କର ସୁନାମ ରହିଛି । ଲୋକଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସାମ୍ବାଦିକଙ୍କୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ନୂତନ ତହସିଲଦାର ଶ୍ରୀଯୁକ୍ତ ଦାଶ ଙ୍କୁ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୌଜନ୍ୟ ମୂଳକ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ । ବିଦାୟୀ ତହସିଲଦାର ଶ୍ରୀଯୁକ୍ତ ପଟେଲ ଭୁବନେଶ୍ୱରସ୍ଥ ସାଧାରଣ ଅଭିଯୋଗ ଓ ପେନସନ ବିଭାଗକୁ ବଦଳି ହୋଇ ଯାଇଛନ୍ତି । ସେ ଜଣେ ଲୋକପ୍ରିୟ ଅଫିସର ଭାବେ ଭୁବନ ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

# କେନ୍ଦ୍ରୀୟ ଡେପୁଟେସନରୁ ଫେରିବେ ସୁଶାନ୍ତ ନାଥ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୦ ସେପ୍ଟେମ୍ବରରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବା ୧୯୯୩ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥ ଓଡ଼ିଶା ଫେରିବେ । ବର୍ତ୍ତମାନ ସେ କେନ୍ଦ୍ର ସରକାରଙ୍କ ଅଧିନରେ ବିଏସଏଫ ଆଇଜି ଭାବେ କାର୍ଯ୍ୟରତ ଅଛନ୍ତି । ଓଡ଼ିଶା ଫେରିବା ପାଇଁ ଶ୍ରୀ ନାଥ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିଲେ । କେନ୍ଦ୍ର ସରକାର ଏଥିନେଇ ଅନୁମତି ପ୍ରଦାନ କରିବା ପରେ ଶ୍ରୀ ନାଥଙ୍କ ଓଡ଼ିଶା ଫେରିବା ନିଶ୍ଚିତ ହୋଇଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୮ ଡିଗ୍ରୀ...

ପ୍ରଭାବ ଅନୁଭୂତ ହେଉଛି । ଏପରିକି ଦିନ ୧୨ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି । ପାଣିପାଗ ବିଭାଗ ସୂଚନା ଦେଇଛି ଯେ ଏବେ ରାଜ୍ୟ ଉପରେ କୌଣସି ପାଣିପାଗ ସିଷ୍ଟମ ସକ୍ରିୟ ନଥିବାରୁ ପାଗ ମୁଖ୍ୟତଃ ଶୁଖିଲା ରହିବ । ଅନ୍ୟପକ୍ଷରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନେ ଦୁଇଦିନ ମଧ୍ୟରେ ସ୍କୁଲ ଓ କଲେଜ ପାଇଁ ଗାଇଡ୍ଲାଇନ ଅଣାଯିବ । ଏ ନେଇ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ସହିତ ରାଜସ୍ୱ ବିଭାଗର ଆଲୋଚନା ଚାଲୁ ରହିଛି ।

### ସ୍ୱାମୀକୁ ମାରି...

ଘରଗୁଡ଼ିକ ପରସ୍ପରଠାରୁ ଦୂରରେ ଥିବାରୁ କେହି ଏହାର ଟେର୍ ପାଇ ନଥିଲେ । ରାତିରେ ଦୁମାରି ବାବୁଲିର ମୃତଦେହ ଜଙ୍ଗଲକୁ ନେଇ ଝରଣା କୂଳରେ ଗାତଖୋଳି ପୋତି ଦେଇଥିଲା । ଘଟଣାକୁ ତିନିଦିନ ବିତି ଯାଇଥିବାବେଳେ ରବିବାର ସନ୍ଧ୍ୟାରେ ଉକ୍ତ ସ୍ଥାନରୁ ପ୍ରବଳ ପଚାଗନ୍ଧ ଆସିଥିଲା, ଯାହାକୁ ନେଇ ଗ୍ରାମବାସୀ ସନ୍ଦେହ କରିଥିଲେ । ପଚରାଉଚୁରା ପରେ ଦୁମାରି ବାବୁଲିକୁ ହତ୍ୟା କରିଥିବା ସ୍ୱୀକାର କରିଥିଲା । ଗ୍ରାମବାସୀଙ୍କ ପରାମର୍ଶରେ ଦୁମାରି ଥାନାକୁ ଯାଇ ଆତ୍ମ ସମର୍ପଣ କରିଥିଲା । ସୋମବାର ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି ।

### ସୀମାରେ ଅନୁପ୍ରବେଶ...

କରିବାରେ ପଶ୍ଚିମବଙ୍ଗ ସରକାର ବେଶ୍ ପାରଙ୍ଗମ । ତାଙ୍କ ଜବରଦସ୍ତିକୁ ଆମର ଖାତିର ନାହିଁ । ରାଜସ୍ୱ ବିଭାଗକୁ ଲୋକେ ସହଯୋଗ କରୁଛନ୍ତି । ଓଡ଼ିଶା ସାରା ଦେଶକୁ ରାସ୍ତା ଦେଖାଉଥିବାବେଳେ ପଶ୍ଚିମବଙ୍ଗ ସରକାରକୁ ରାସ୍ତା ଦେଖାଇବା ପାଇଁ ବେଶୀସମୟ ଲାଗିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ ।

### ୮୪ ପ୍ରତିଶତ...

ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ସୋମବାର ଛାତରୁ ପଡ଼ି ଗୁରୁତର ଆହତ ହୋଇଥିବା ନିମାପଡ଼ାର ହେମନ୍ତ ସାହୁ ଏବଂ ମେରୁଦଣ୍ଡ ଜନିତ ସମସ୍ୟା ଭୋଗୁଥିବା ନିରାକାରପୁରର ବିଚିତ୍ର ପାଇକରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ କାର୍ଯ୍ୟକ୍ରମରେ ନିଜର ଅସୁବିଧା ସଂପର୍କରେ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ଅପରାଧିକ ମାମଲାଗୁଡ଼ିକ ଆସୁଛି, ତାହାର ତ୍ୱରିତ ପଦକ୍ଷେପ ନିଆଯାଇ ଦୋଷୀଙ୍କୁ ଜେଲ୍ ପଠାଯାଉଛି । କୋର୍ଟ ତାଙ୍କର ଦଣ୍ଡବିଧାନ କରିବେ । ଏହି ଅବସରରେ ସେ ବିରୋଧୀଦଳ ଉପରେ ପ୍ରବଳ ବର୍ଷିବା ସହ କହିଥିଲେ ଯେ ଆମେ ବିଧାନସଭା ବନ୍ଦ କରି ପଳାଇବା ସରକାର ନୁହେଁ । ଆମ ସରକାର ହେଉଛି ଲୋକଙ୍କ ସରକାର । ବିରୋଧୀଙ୍କ କାମ ଅଭିଯୋଗ ଆଣିବା ଏବଂ ଆମେ ସବୁବେଳେ ସେମାନଙ୍କୁ ଉତ୍ତର ଦେବାକୁ ପ୍ରସ୍ତୁତ ଅଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନଶୁଣାଣି ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଭିଯୋଗ ପ୍ରକୋଷ୍ଠ ଜରିଆରେ ଆମ ସରକାର ସବୁବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି । ବିଶେଷକରି ଭିନ୍ନକ୍ଷମ, ବରିଷ୍ଠ ଓ ଜରୁରି ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୭ଜଣ ସଦସ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଆସିଥିବା ଅଭିଯୋଗକାରୀଙ୍କ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରିମଣ୍ଡଳ ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବସ୍ତରୀୟ ଅଧିକାରୀମାନେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ଦେଓରଞ୍ଜନ କୁମାର ସିଂ ଓ ଅନ୍ୟ ବିଭାଗଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

OFFICE OF THE COLLECTOR & DISTRICT MAGISTRATE, BHADRAK
(Social welfare Section) g-186
Tender Notice No. 603 / SW Dated. 01.03.2025
TENDER CALL NOTICE
Sealed tenders are invited from the intending Printing Press/ Firms/ Agencies for printing & supply of packaging Material for Take Home Ration (THR) provided under MSPY for 13 THR units of 08 ICDS Projects of Bhadrak District for the year 2024-25. The details of tender is available in the Official website https://bhadrak.odisha.gov.in
Sd/-Collector & District Magistrate, Bhadrak
OIPR 24017/11/0014/2425

ପୌର ପରିଷଦ ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ - ୭୬୧୧୦୨
ଦୂରଭାଷ - ୦୬୮୧୧-୨୮୦୦୨୫, ଟୋଲଫ୍ରି ୧୪୪୨୦
At – Hinjilicut, Dist.- Ganjam, Pin - 761102
Contact : 06811-280025, Toll Free No.: 14420
Email-hinjilicutmunicipality@gmail.com
hinjilimunicipality@gmail.com
Hinjilicut Municipality, : Hinjilicutmunicipality
Letter No- 514 /2025, Date- 03.03.2025
E-Procurement Notice C-1797
Bid Identification No. - HIN-MUN-05/2024-25
The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

| | | |
|---|---|---|
| 1. | Total Number of Civil works | 23 No. |
| 2. | Estimated Cost for Civil works | Rs. 4,00,000/- to 18,00,000/- |
| 3. | Period of completion | As per DTCN. |
| 4. | Date & time of availability of Bid Documents in the portal | Dt. 06.03.2025 of 11.00 A.M to Dt: 17.03.2025 of 5.00 P.M for online bidding. |
| 5. | Last Date of receipt of Bid through Online | Dt: 17.03.2025 of upto 5.00 P.M. |
| 6. | Date of opening of Tender | Dt: 18.03.2025 at 11.00 A.M. |

Further details can be seen from the procurement portal : https://tendersodisha.gov.in
Sd/-Executive Officer, Hinjilicut Municipality
OIPR 13105/11/0010/2425

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ
ଇ-ଟେଣ୍ଡର ନୋଟିସ୍
ଟେଣ୍ଡର ନୋଟିସ୍ ନଂ.: ଡବ୍ଲୁଆରଏସ-ଆର-୨୪-୨୫-କେସନବ, ତାରିଖ: ୨୬.୦୨.୨୦୨୫ । କାର୍ଯ୍ୟର ବର୍ଣ୍ଣନା:ଡବ୍ଲୁଆରଏସ-ଆରରେ ବଗି ଉପାଦାନଗୁଡ଼ିକୁ କାଢ଼ିବା ଏବଂ ଫିଟିଂ କରିବା କାର୍ଯ୍ୟ ପାଇଁ ଚୁକ୍ତିନାମା । ଆନୁମାନିକ ଟେଣ୍ଡର ମୂଲ୍ୟ: ଟ.୪୬,୭୦,୦୧୯.୮୪ (ଟଙ୍କା ଛୟାଳିଶ ଲକ୍ଷ ସତୁରି ହଜାର ଉଣେଇଶ ଏବଂ ଚଉରାଶି ପଇସା କେବଳ) ଜିଏସଟି ସହିତ @୧୮%, ଆୟ: ଟ.୯୩,୪୦୦.୦୦ (ଟଙ୍କା ତେୟାନବେ ହଜାର ଚାରିଶହ କେବଳ), ପରିମାଣ ଏବଂ ଚୁକ୍ତିନାମା ଅବଧି: ୧୨ (ବାର) ମାସ ପାଇଁ ପରିଶିଷ୍ଟ ଅନୁଯାୟୀ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଟ.୦.୦୦ (ଟ. ନାହିଁ), ବିଡ୍ ଆରମ୍ଭ ତାରିଖ: ୦୬.୦୩.୨୦୨୫, ଟେଣ୍ଡର ଶେଷ ତାରିଖ ଏବଂ ସମୟ: ୨୦.୦୩.୨୦୨୫ ଦିନ ୧୫:୦୦ ଘଣ୍ଟା । ଯୋଗ୍ୟତା ମାନଦଣ୍ଡ: ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ।
ଉପମୁଖ୍ୟ ଯାନ୍ତ୍ରିକ ଇଞ୍ଜିନିୟର, ଡବ୍ଲୁଆରଏସ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ, ରାୟପୁର
PR/R/WRS/PC/256
South East Central Railway @secrail

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR
(District Program Management Unit, NHM Jajpur) E-798
Advt. No : 842 Dtd : 28.02.2025
ADVERTISEMENT
Applications are invited only from the contractual employees currently working under NHM in the same post under OSH&FW Society in any other District of Odisha desiring to be posted in Jajpur District against the vacant position. Also a Walk-in-Interview is scheduled to be held on date-13.03.2025 for MOs & Paediatrician. Eligible candidates are hereby informed to visit/ login to the district official web site https://jajpur.odisha.gov.in to download the vacancies, detail terms, conditions & application form. The authority reserves the right to cancellation/ rejection of any or all applications and modify /cancel the advertisement without assigning any reason thereof.
OIPR 10249/11/0005/2425 Sd/-Chief District Medical and Public Health Officer, Jajpur

MANAPPURAM ASSET FINANCE LTD. Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810
ନିଲାମୀ ସୂଚନା
ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 15.03.2025 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ ।
ବାଲିଚନ୍ଦ୍ରପୁର: 0433690700017632, 17622,17633, 17719, 17819, ବନମାଲିପୁର : 0433560700019847, 19988, 20035, 20038, 20058, 20233, ବେଗୁନିଆ:0433800700030684, 30698, 30706, 31335, 31401, 31474, 31494, ବ୍ରାହ୍ମଗିରି: 0433570700024635, 24644, 24645, 24652, 24666, 24667, 24681, 24683, 24684, 24707, 24708, 24709, 24726, 24739,24760, 24793, 24805, 24829, 24845, 24864, ଚାନ୍ଦପୁର:0433350700126505, 26522, 26545, 26597, 26629, 26645, 26671, 26769, 26782, 26825, 26844, 26875, 26918, ଚନ୍ଦ୍ର ଶେଖରପୁର ଭୁବନେଶ୍ୱର:0431590700066547, 66551, 66564, 66566, 66581, 66614, 66630, 66678, 66691, 66700, 66709, 66741, 66767, ଡୁମଡୁମା: 0433790700014508, 14657, 14661, 14663, 14672, ଏରସାମା:0433370700071330, 71342, 71356, 71363, 71369, 71379, 71380, 71382, 71389, 71399, 71403, 71406, 71417, 71450, 71456, 71489, 71493, 71498, 71499, 71501, 71502, 71520, 71522, 71529, 71530, 71534, 71535, 71536, 71544, ଗ୍ରାଣ୍ଡ ରୋଡ୍ ପୁରୀ:0432000700122428, 22503, 22518, 22564, 22579, 22596, 22659, କାଳାପାଥର: 0433820700016507, 16548, 16619, 16719, 16783, 16962, ଖୋର୍ଧା: 0433050700108066, 8067, 8073, 8086, 8130, 8142, 8234, 8275, 8357, 8371, କୁଜଙ୍ଗ :0433030700089480, 89481, 89511, 89513, 89527, 89529, 89532, 89538, 89545, 89553, 89565, 89573, 89585, 89600, 89612, 89648, 89656, 89657, 89664, 89677, 89681, 89701, 89733, 89742, 89745, 89752, 89758, 89759, 89761, 89772, 89784, 89789, ମାଧୁପାଟନାକଟକ: 0431580700063708, 63713, 63730, 63756, 63758, 63769, 63771, 63782, 63802, 63808, 63809, 63853, 63863, 63881, 63919, 63920, 63938, 63941, ମାର୍ଶାଘାଇ :0433680700010367, 10413, 10429, ନାଚୁନି: 0433810700042578, 42773, 42947, 42955, 43045, 43056, 43192, 43193, 43288, 43341, 43645, ନିଶିଣ୍ଟାକୋଇଲି : 0433360700020433, 20438, 20512, 20577, ଫୁଲନାଖରା କଟକ : 0431800700065180, 65181, 65186, 65191, 65209, 65217, 65222, 65223, 65227, 65231, 65235, 65238, 65246, 65258, 65262, 65267, 65281, 65297, 65311, 65320, 65335, 65351, 65365, 65373, 65383, 65384, 65391, 65400, ରଘୁନାଥପୁର : 0433130700035266, 35303, 35306, 35441, 35486, 35487, 35585, 35586, 35587, 35589, ରାହାମା: 0433040700073337, 73338, 73354, 73360, 73372, 73374, 73382, 73426, 73447, 73460, 73479, 73498, 73499, 73512, 73608, 73635, 73647, 73684, 73711, 73712, 73716, 73729, 73731, 73749, ରଣପୁର: 0433150700095039, 95048, 95052, 95054, 95070, 95084, 95113, 95137, 95149, 95160, 95187, 95219, 95220, 95264, 95315, 95326, 95328, 95374, 95390, ସାକ୍ଷିଗୋପାଲ୍ ପୁରୀ : 0431900700128230, 28245, 28254, 28258, 28365, 28376, 28389, 28417, 28418, 28429, 28434, 28447, 28467, 28468, 28490, ସାମନ୍ତପୁରଭୁବନେଶ୍ୱର:0431600700071465, 71466, 71473, 71475, 71480,71477, 71505, 71508, 71512,71526, 71538, 71540, 71551, 71565, 71566, 71598, 71603, 71613, 71629, 71630, 71644, 71650, 71665, 71671
ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 18005729787 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ




ଜୟପୁର: ମହାକୁମ୍ଭ ମେଳାରେ ସାମାଜିକ ଗଣମାଧ୍ୟମରେ ଛାଇ ଯାଇଥିବା ଆଇଆଇଟି ବାବା ଅର୍ଥାତ ଅଭୟ ସିଂ ପୁଣି ଚର୍ଚ୍ଚାରେ। କିନ୍ତୁ ଏଥର ଚର୍ଚ୍ଚାରେ ରହିବାର କାରଣ ଭିନ୍ନ ରହିଛି। ବାବା ଆତ୍ମହତ୍ୟା କରିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାକୁ ଆଧାର କରି ଜୟପୁର ପୋଲିସ ଅଭୟ ସିଂଙ୍କୁ ଅଟକ ରଖିଥିଲେ। ଏପରିକି ଅଭୟ ସିଂଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିବା କୁହାଯାଉଛି। ଏହି ବିଷୟରେ ଆଇଆଇଟି ବାବା କହିଛନ୍ତି ଯେ, ବର୍ତ୍ତମାନ ତିନି ଚାରୋଟି ଫେକ୍ ନ୍ୟୁଜ୍ ଚାଲୁଛି। ତାହା ଭିତରୁ ଏହା ବି ଏକ ମିଥ୍ୟା ଖବର। ପୋଲିସ ଅଧିକାରୀ ମୋତେ ତୁରନ୍ତ ଛାଡ଼ି ଦେଇଥିଲେ। ଖବର ପ୍ରକାଶିତ ହୋଇଥିଲା ଯେ, ଜୟପୁର ପୋଲିସ ତାଙ୍କ ଲୋକେସନ ଟ୍ରେସ କରି ଜୟପୁରର ରିଦ୍ଧି ସିଦ୍ଧି ଅଞ୍ଚଳର ଏକ ହୋଟେଲରୁ ଅଭୟ ସିଂଙ୍କୁ ଗିରଫ କରିଥିଲା। ଆଇଆଇଟି ବାବାଙ୍କ ପାଖରେ ଗଞ୍ଜେଇ ଓ କିଛି ଅନ୍ୟ ନିଶା ଦ୍ରବ୍ୟ ମିଳିଥିବା କୁହାଯାଉଛି।

## ମାୟାବତୀଙ୍କ ବଡ ଆକ୍ସନ : ପୁତୁରାଙ୍କୁ କଲେ ବହିଷ୍କାର

ନୂଆଦିଲ୍ଲୀ: ବିଏସ୍‌ପି ସୁପ୍ରିମୋ ମାୟାବତୀ ନିଜ ପୁତୁରା ଆକାଶ ଆନନ୍ଦଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସବୁ ପଦରୁ ହଟାଇବା ପରେ ଏବେ ତାଙ୍କୁ ପାର୍ଟିରୁ ହିଁ ବାହାର କରିଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ବିଏସ୍‌ପି ମୁଖ୍ୟ କହିଛନ୍ତି ଯେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଆନ୍ଦୋଳନ ହିତରେ ଓ କାଶୀରାମ ଜୀଙ୍କ ଅନୁଶାସନ ପରମ୍ପରାକୁ ପାଳନ କରି ଆକାଶ ଆନନ୍ଦଙ୍କୁ ତାଙ୍କ ଶ୍ୱଶୁରଙ୍କ ପରି ପାର୍ଟିରୁ ବହିଷ୍କାର କରାଯାଇଛି। ଆକାଶଙ୍କୁ ପାର୍ଟିରୁ ବାହାର କରିବା ଘୋଷଣା କରି ମାୟାବତୀ କହିଛନ୍ତି, 'ବିଏସ୍‌ପି ବୈଠକରେ ଗତକାଲି ଆକାଶଙ୍କୁ ପାର୍ଟି ହିତଠୁ ଅଧିକ ନିଜର ବହିଷ୍କୃତ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କ ପ୍ରଭାବରେ ରହିବା କାରଣରୁ ଜାତୀୟ ସଂଯୋଜକ ସମେତ ସବୁ ଦାୟିତ୍ୱରୁ ମୁକ୍ତ କରାଯାଇଥିଲା । ଏଥିପାଇଁ ସେ ପ୍ରାୟଶ୍ଚିତ କରି ନିଜ ପରିପକ୍ୱତା ଦେଖାଇବାର ଥିଲା।' ମାୟାବତୀ ଏକ୍ସରେ ଲେଖିଛନ୍ତି, 'ପରିପକ୍ୱତା ଦେଖାଇବା ପରିବର୍ତ୍ତେ ଆକାଶ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ତାଙ୍କର ଅନୁତାପ ଓ ରାଜନୈତିକ ପରପକ୍ୱତା ନୁହେଁ ବରଂ ତାଙ୍କ ଶ୍ୱଶୁରଙ୍କ ପ୍ରଭାବରେ ସ୍ୱାର୍ଥୀ, ଅଂହକାରୀ ଓ ଅଣ-ମେସିନାରୀ ଅଟେ । ଏହାଠାରୁ ବିରତ ରହିବା ପାଇଁ ପାର୍ଟିର ସମସ୍ତ ଲୋକଙ୍କୁ ପରାମର୍ଶ ଦେବା ସହ ଦଣ୍ଡିତ କରୁଛି।' ପୁତୁରା ଆକାଶ ଆନନ୍ଦଙ୍କୁ ନେଇ ମାୟାବତୀଙ୍କ ଏହି ଆକ୍ସନ ସମସ୍ତଙ୍କୁ ଚକିତ କରିଛି । ପୂର୍ବରୁ ବି ୨୦୨୪ ସାଧାରଣ ନିର୍ବାଚନ ବେଳେ ଆକାଶ ଆନନ୍ଦଙ୍କୁ ପାର୍ଟିର ସବୁ ଦାୟିତ୍ୱରୁ ମୁକ୍ତ କରିଥିଲେ। ପରେ ତାଙ୍କୁ ପୁଣି ଥରେ ଦଳର ଦାୟିତ୍ୱ ଦେଇଥିଲେ । କୌତୁହଳର ବିଷୟ ଏହା ଯେ ଆକାଶ ଆନନ୍ଦଙ୍କୁ ମାୟାବତୀ ପାର୍ଟିରୁ ବାହାର କରିଛନ୍ତି, କିନ୍ତୁ ତାଙ୍କ ବାପା ଅର୍ଥାତ୍ ଆନନ୍ଦ କୁମାରଙ୍କୁ ଜାତୀୟ ସଂଯୋଜକ ନିଯୁକ୍ତ କରିଛନ୍ତି । ଏହାସହ ରାମଜୀ ଗୌତମଙ୍କୁ ବି ରାଷ୍ଟ୍ରୀୟ ସଂଯୋଜକ ଦାୟିତ୍ୱ ଦେଉଛନ୍ତି।

## ଜାତୀୟ ବନ୍ୟପ୍ରାଣୀ ବୋର୍ଡ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସକାଳେ ଗୁଜରାଟର ଗିର୍ ଜାତୀୟ ଉଦ୍ୟାନ ପରିଦର୍ଶନ କରିଛନ୍ତି । ସେଠାରେ ସେ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଜାତୀୟ ବନ୍ୟପ୍ରାଣୀ ବୋର୍ଡ ବୈଠକରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରାଯାଇଛି । ନୂତନ ସଂରକ୍ଷିତ କ୍ଷେତ୍ର ସୃଷ୍ଟି ଏବଂ ପ୍ରଜାତି-ନିର୍ଦ୍ଦିଷ୍ଟ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯେପରିକି ବ୍ୟାଘ୍ର ପ୍ରକଳ୍ପ, ହାତୀ ପ୍ରକଳ୍ପ, ତୁଷାର ଚିତା ପ୍ରକଳ୍ପ ଆଦି ଉପରେ ଆଲୋକପାତ କରାଯାଇଥିଲା। ଡଲଫିନ୍ ଏବଂ ଏସୀୟ ସିଂହମାନଙ୍କ ପାଇଁ ସଂରକ୍ଷଣ ପ୍ରୟାସ ଓ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ ପ୍ରତିଷ୍ଠା ଉପରେ ମଧ୍ୟ ବୋର୍ଡ ଆଲୋଚନା କରିଥିଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଦେଶରେ କରାଯାଇଥିବା ପ୍ରଥମ ନଦୀ ଡଲଫିନ୍ ଗଣନା ରିପୋର୍ଟ ପ୍ରକାଶ କରିଥିଲେ । ଦେଶରେ ମୋଟ ୬,୩୨୭ ଡଲଫିନ୍ ଥିବା ଆକଳନ କରାଯାଇଛି। ଏହି ଅଗ୍ରଣୀ ପ୍ରୟାସରେ ଆଠଟି ରାଜ୍ୟରେ ୨୮ଟି ନଦୀର ସର୍ଭେ କରାଯାଇଥିଲା, ଯେଉଁଥିରେ ୩୧୫୦ ମାନବ ଦିବସ ୮୫୦୦ କିଲୋମିଟର କ୍ଷେତ୍ର ଅତିକ୍ରମ କରାଯାଇଥିଲା। ଉତ୍ତର ପ୍ରଦେଶ ସର୍ବାଧିକ




ସଂଖ୍ୟାରେ ରେକର୍ଡ କରିଛି, ତା'ପରେ ବିହାର, ପଶ୍ଚିମବଙ୍ଗ ଏବଂ ଆସାମ ରହିଛି। ପ୍ରଧାନମନ୍ତ୍ରୀ ଜୁନାଗଡ଼ଠାରେ ଜାତୀୟ ବନ୍ୟପ୍ରାଣୀ ରେଫରଲ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଯାହା ବନ୍ୟପ୍ରାଣୀ ସ୍ୱାସ୍ଥ୍ୟ ଏବଂ ରୋଗ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ସମନ୍ୱୟ ଏବଂ ଶାସନ ପାଇଁ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏସୀୟ ସିଂହମାନଙ୍କର ସଂଖ୍ୟା ଗଣନା ପ୍ରତି ପାଞ୍ଚ ବର୍ଷରେ ଥରେ କରାଯାଇଥାଏ। ଶେଷ ଥର ପାଇଁ ଏଭଳି ଅଭ୍ୟାସ ୨୦୨୦ରେ କରାଯାଇଥିଲା। ୨୦୨୫ ମସିହାରେ ସିଂହ ଗଣନାର ଶୋଡ଼ଷ ଚକ୍ର ଆରମ୍ଭ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ବ୍ୟାଘ୍ର ଅଭୟାରଣ୍ୟ ବାହାରେ ବାଘ ସଂରକ୍ଷଣ ଉପରେ ଧ୍ୟାନ କେନ୍ଦ୍ରିତ କରି ପ୍ରଧାନମନ୍ତ୍ରୀ ଏକ ଯୋଜନା ଘୋଷଣା କରିଥିଲେ। ସ୍ଥାନୀୟ ଜନସମୁଦାୟ ସହିତ ସହାବସ୍ଥାନ ସୁନିଶ୍ଚିତ କରି ଏହି ସଂରକ୍ଷିତ ଅଞ୍ଚଳ ବାହାରେ ଥିବା ଅଞ୍ଚଳରେ ମାନବ-ବାଘ ଏବଂ ଅନ୍ୟାନ୍ୟ ସହ-ଶିକାରୀ ବିବାଦର ସମାଧାନ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ଘଡ଼ିଆଳଙ୍କ ହ୍ରାସ ପାଉଥିବା ସଂଖ୍ୟାକୁ ଦୃଷ୍ଟିରେ ରଖି ଏବଂ ଘଡ଼ିଆଳଙ୍କ ସଂରକ୍ଷଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଘଡ଼ିଆଳଙ୍କ ସଂରକ୍ଷଣ ପାଇଁ ଏକ ନୂତନ ପ୍ରକଳ୍ପ ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରିଥିଲେ। ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ବୋର୍ଡ ଏବଂ ପରିବେଶ ମନ୍ତ୍ରଣାଳୟକୁ ଗବେଷଣା ଓ ବିକାଶ ପାଇଁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ପରିଚାଳନା ସମ୍ବନ୍ଧରେ ଭାରତର ବିଭିନ୍ନ ଅଞ୍ଚଳର ପାରମ୍ପାରିକ ଜ୍ଞାନ ଓ ପାଣ୍ଡୁଲିପି ସଂଗ୍ରହ କରିବାକୁ କହିଥିଲେ। ବୈଠକ ପରେ, ଆଗଧାଡ଼ିର ବନ କର୍ମଚାରୀଙ୍କ ପରିବହନ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ମୋଟର ସାଇକେଲଗୁଡ଼ିକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

### ଟାର୍ଗେଟରେ ଥିଲା ରାମ ମନ୍ଦିର

## ଗିରଫ ହେଲା ସନ୍ଦିଗ୍ଧ ଆତଙ୍କବାଦୀ



ନୂଆଦିଲ୍ଲୀ: ରାମ ମନ୍ଦିର ଉଡେଇ ଦେବାକୁ ରଚିଥିଲା ଷଡଯନ୍ତ୍ର। କିନ୍ତୁ ଏହା ପୂର୍ବରୁ ଗୁଜୁରାଟ ଏଟିଏସ, କେନ୍ଦ୍ରୀୟ ଏଜେନ୍ସି ଏବଂ ଫରିଦାବାଦ ଏସଟିଏଫ ସହଯୋଗରେ ହରିୟାଣାର ଫରିଦାବାଦରୁ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଆତଙ୍କୀ ନିକଟରୁ ଦୁଇଟି ହ୍ୟାଣ୍ଡ ଗ୍ରେନେଡ୍ ଏବଂ କିଛି ମୌଳିକ ସାମଗ୍ରୀ ଜବତ କରିଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୧୯ ବର୍ଷୀୟ ଅବଦୁଲ ରେହମାନ ଭାବରେ ଚିହ୍ନଟ କରାଯାଇଛି, ଯିଏ ଉତ୍ତର ପ୍ରଦେଶର ବାସିନ୍ଦା। ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ରବିବାର ଗିରଫ କରାଯାଇଥିଲା ଏବଂ ଗ୍ରେନେଡ୍ ଉଦ୍ଧାର ପରେ ଫରିଦାବାଦରେ ଅକାମି କରାଯାଇଥିଲା। ଗୁଜରାଟ ଏଟିଏସ ସନ୍ଦିଗ୍ଧଙ୍କୁ ସେମାନଙ୍କ ସହିତ ଗୁଜରାଟ ନେଇଯାଇଛନ୍ତି। ସୂଚନା ପାଇଁ ଗୁଜୁରାଟ ଏଟିଏସ୍ ରେହମାନକୁ ପଚରାଉଚରା କରୁଛି।

## ଛତିଶଗଡ ବିଧାନସଭାରେ ବଜେଟ୍ ଉପସ୍ଥାପିତ

ରାୟପୁର: ସୋମବାର ଛତିଶଗଡ ବିଧାନସଭାରେ ଅର୍ଥମନ୍ତ୍ରୀ ଓପି ଚୌଧୁରୀ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିକାଶ ସହ ସାମାଜିକ ମଙ୍ଗଳ ଏବଂ ଭିତ୍ତିଭୂମିର ବିକାଶ ପାଇଁ ବଜେଟରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ଚାଷୀଙ୍କ ବିକାଶ ସହରାଞ୍ଚଳ ବିକାଶକୁ ମଧ୍ୟ ବଜେଟରେ ପ୍ରାଧାନ୍ୟ ଦିଆଯାଇଥିବା ବଜେଟ ଉପସ୍ଥାପନ ପରେ କହିଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଛନ୍ତି କୃଷକ ଉନ୍ନତି ଯୋଜନାରେ ୧୦ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାଶ ଯୋଜନା (ଗ୍ରାମୀଣ) ଯୋଜନା ପାଇଁ ୮ହଜାର ୫୦୦କୋଟି, ମହତରୀ ବନ୍ଦନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଖାଦ୍ୟ ସହାୟତା ଯୋଜନା ପାଇଁ ଯଥାକ୍ରମେ ୫ହଜାର ୫୦୦କୋଟି ଓ ୪୫୦୦କୋଟି ବଜେଟରେ ବ୍ୟବସ୍ଥା କରାଯାଇଛି। ସେହିପରି ମହିଳାଙ୍କ ସଶକ୍ତିକରଣ ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚି କରିବା ପାଇଁ ଅତିରିକ୍ତ ୩,୫୦୦କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ରାସ୍ତା ନିର୍ମାଣ ପାଇଁ ୮୪୫କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପାଇଁ ୫୦୦କୋଟିର ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ସହରାଞ୍ଚଳ ବିକାଶ ସହ ନୂତନ କଲେଜ, ହସ୍ପିଟାଲ ଏବଂ ବିମାନ ଚଳାଚଳ ଭିତ୍ତିଭୂମି ବୃଦ୍ଧି ପାଇଁ ମଧ୍ୟ ବଜେଟରେ ପଦକ୍ଷେପ ନିଆଯାଇଥିବା କହିଛନ୍ତି। ସେହିପରି ଗୁଡ୍ ଗଭର୍ଣ୍ଣାସ ପାଇଁ ବ୍ୟବସ୍ଥା କରାଯିବା ସହ ବୈଷୟିକ ଶିକ୍ଷା, ଶିଳ୍ପ ଭିତ୍ତିଭୂମି ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟର ପରିମାଣ ୬ଲକ୍ଷ ୩୫ହଜାର ୯୧୮କୋଟି ରଖାଯାଇଛି। ଆୟୁଷ୍ମାନ ଯୋଜନା ପାଇଁ ୧୫୦୦କୋଟି, ସହରାଞ୍ଚଳରେ ଘର ନିର୍ମାଣ ପାଇଁ ୮୭୫କୋଟି, ମତ୍ସ୍ୟ ଉତ୍ପାଦନ, କୁକୁଡା ପାଳନ ଇତ୍ୟାଦି ପାଇଁ ୨୦୦କୋଟି, କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୨୦୦କୋଟି, ନାଳନ୍ଦା ଲାଇବ୍ରେରୀ ପାର୍କ ୧୪୮କୋଟି, ସେଣ୍ଟର ଫର ଏକ୍ସଲେନ୍ସ ପାଇଁ ୨୫କଲେଜକୁ ୭୫କୋଟି, ୫ ନୂଆ ସାଇବର ପୋଲିସ ଷ୍ଟେସନ ଯଥା, ଭଟପଡା, ଭମତରୀ, ମହାସମୁଦ, ଯଶପୁର, ଯାଙ୍ଗଜିର, ଚମ୍ପାରେ ଖୋଲାଯିବ ବୋଲି ବଜେଟରେ ବ୍ୟବସ୍ଥା ରହିଥିବା ବେଳେ କୋରବା, ଚମ୍ପା ଏବଂ ସୁରଜ ପୁରରେ ୩ଟି ମହିଳା ପୋଲିସ ଷ୍ଟେସନ ଖୋଲାଯିବାର ବ୍ୟବସ୍ଥା ରହିଛି। ସେହିପରି ରାଜ୍ୟରେ ୫ଶହଟି ନୂଆ ସମବାୟ ସମିତି ଖୋଲାଯିବାର ବଜେଟର ବ୍ୟବସ୍ଥା ରହିଛି।



## ଝାଡ଼ଖଣ୍ଡ ବିଧାନସଭାରେ ୨୦୨୫-୨୬ବର୍ଷ ପାଇଁ ବଜେଟ୍ ଉପସ୍ଥାପିତ

ରାଞ୍ଚି : ସୋମବାର ଝାଡଖଣ୍ଡ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ରାଧାକ୍ରିଷ୍ଣ କିଶୋର। ସେ ମୋଟ ୧.୧୦.୬୩୬କୋଟି ୭୦ଲକ୍ଷ ଟଙ୍କାର ବଜେଟ ଉପସ୍ଥାପିତ କରିଛନ୍ତି। ଯାହାକି ୧୦ବର୍ଷ ତୁଳନାରେ ୨୦.୪୮ପ୍ରତିଶତ ଅଧିକ ବୋଲି କୁହାଯାଉଛି। ସେହିପରି ପୁଞ୍ଜିଗତ ବ୍ୟୟ ଅନ୍ତର୍ଗତ ଗତବର୍ଷର ବଜେଟ ଅପେକ୍ଷା ୭.୮୧ପ୍ରତିଶତ ବୃଦ୍ଧି ପାଇ ୩୪ହଜାର ୭୬୩କୋଟି ୩୦ଲକ୍ଷ ଟଙ୍କାରେ ରହିବ ବୋଲି ବଜେଟରେ ପ୍ରସ୍ତାବ ଦିଆଯାଇଛି। ୨୦୨୫-୨୬ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଶ୍ରୀ କିଶୋର କହିଥିଲେ ଯେ, ଏହି ବଜେଟରେ ସବୁବର୍ଗର ଲୋକଙ୍କ ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଇଛି। ରାଜ୍ୟରେ ଅଧିକ ଶିଳ୍ପ ସ୍ଥାପନ ପାଇଁ ବଜେଟରେ ପ୍ରସ୍ତାବ ମଧ୍ୟ ରହିଛି ବୋଲି ସୂଚନା ଦେଇ ସେ କହିଥିଲେ ଯେ, ଆଗାମୀ ଦିନରେ ରାଜ୍ୟରେ ଶିଳ୍ପ ସ୍ଥାପନ କରାଯାଇ ବେକାର ଯୁବକ, ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ରାଜ୍ୟର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ବାଧ୍ୟ ହୋଇ ସରକାରୀ ଋଣ ପ୍ରାବଧାନ ରଖିବେ। ଭିତ୍ତିଭୂମି ବିକାଶ ପାଇଁ ୨,୨୮୨କୋଟି ଟଙ୍କା ନିବେଶ କରାଯିବ। ସେହିପରି ଜିଏସ୍‌ଡିପି ସୁନିଶ୍ଚିତ କରିବା ପାଇଁ ଉଚ୍ଚ ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଝାଡଖଣ୍ଡ ହେଉଛି ଏକ ସଂଶାଧନ ସଂପନ୍ନ ରାଜ୍ୟ। ଦେଶର ୪୦% ଖଣିଜ ପଦାର୍ଥ ଏହି ରାଜ୍ୟରେ ରହିଛି। ଏହାର ଭୌଗୋଳିକ କ୍ଷେତ୍ରରୁ ୩୩% ଜଙ୍ଗଲ ଭୂମି ଅଟେ। ଏହି ଜଙ୍ଗଲରୁ ସବୁ ମୂଲ୍ୟବାନ ଲଘୁ ବନଜାତ ସାମଗ୍ରୀ ଉତ୍ପନ୍ନ କରାଯାଉଛି। ରାଜ୍ୟର ପର୍ଯ୍ୟଟନ ବିକାଶ ପାଇଁ ମଧ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି। ପ୍ରାକୃତିକ, ସାଂସ୍କୃତିକ, ଐତିହାସିକ ଏବଂ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବା ତଥା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବଜେଟରେ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଥିବା ସଂଶାଧନକୁ ବିନିଯୋଗ କରି ରାଜ୍ୟର କିପରି ବିକାଶ ହୋଇପାରିବ ସେ ନେଇ ବଜେଟରେ ମଧ୍ୟ ପ୍ରସ୍ତାବ ରହିଛି। ବିର୍ସା ବିହନ ଉତ୍ପାଦନ ବିନିମୟ ବିତରଣ ଏବଂ ଫସଲ ବିସ୍ତାର ଯୋଜନାକୁ ଆଗକୁ ବଢ଼ାଇବା ପାଇଁ ୨୦୨୪-୨୫ ବଜେଟରେ ୩୯କୋଟି ୧୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ୨୦୨୫-୨୬ ବଜେଟରେ ଏହାକୁ ୯୫କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଅର୍ଥମନ୍ତ୍ରୀ ଶ୍ରୀ କିଶୋର କହିଥିଲେ। ରାଜ୍ୟର କୃଷମାନଙ୍କ ବିକାଶକୁ ଆଖି ଆଗରେ ରଖି ସେମାନଙ୍କ ଉତ୍ପାଦିତ ସାମଗ୍ରୀର କିପରି ସୁଚାରୁ ବିକ୍ରି ବଟା ହୋଇପାରିବ ସେ ନେଇ ମଧ୍ୟ ପଦକ୍ଷେପ ନିଆଯାଇଛି। ବିର୍ସା-ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ବିକାଶ ପାଇଁ ପଦକ୍ଷେପ ନିଆଯିବା ସହ ବୀମା ଅର୍ଥ ପ୍ରଦାନ କରାଯାଇଛି।




# ବାଣିଜ୍ୟ



ନୂଆଦିଲ୍ଲୀ: ସ୍କୁଲରେ ପଢୁଥିବା ପିଲା ଏବେ ସ୍ମାର୍ଟଫୋନ୍ ବ୍ୟବହାର କରିବାରେ ବ୍ୟସ୍ତ । କରୋନା ପରଠାରୁ ପିଲାମାନେ ଅନଲାଇନ୍ କ୍ଲାସ କରୁଥିଲେ। ଯାହାଫଳରେ ସ୍ମାର୍ଟଫୋନ୍‌ରେ ଏମିତି ଅଭ୍ୟସ୍ତ ହୋଇଗଲେ ଯେ ସ୍କୁଲକୁ ବି ଫୋନ୍ ନେଇ ଯିବାରେ ବି ଲାଗିଲେଣି। ଯାହାକୁ ନେଇ ହାଇକୋର୍ଟ ବିରକ୍ତି ଭାବ ପ୍ରକାଶ କରିଛନ୍ତି । ଖାଲି ଏତିକି ନୁହେଁ ବରଂ ସ୍କୁଲରେ ସ୍ମାର୍ଟଫୋନ୍‌କୁ ସଂପୂର୍ଣ୍ଣ ବନ୍ଦ କରିବାକୁ କୋର୍ଟ ବିଚାର କରୁଥିବା ବେଳେ ଏନେଇ କିନ୍ତୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସ୍କୁଲରେ ପିଲାଙ୍କର ସ୍ମାର୍ଟଫୋନ୍ କେତେ ଜରୁରୀ ସେନେଇ ଓକିଲାତି କରିଛି। ସୂଚନା ଅନୁସାରେ, କୋର୍ଟ ଏକ ନାବାଳକ ମାମଲାରେ ଶୁଣାଣି କରୁଥିଲେ । ଯେଉଁ ମାମଲାରେ ଜଣେ ନାବାଳକ ସ୍ମାର୍ଟ ଫୋନ୍ ନେଇ ସ୍କୁଲରେ ତାହାର ଦୁରୁପଯୋଗ କରିଥିଲେ । ଯାହାକୁ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ତାଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ହେଲେ କୋର୍ଟ ସ୍କୁଲ ପିଲାଙ୍କ ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁସାରେ, ସ୍ମାର୍ଟଫୋନ୍ ସ୍କୁଲ ପିଲାଙ୍କ ଲାଗି କେତେ ଜରୁରୀ କେତେ ନୁହେଁ ସେନେଇ ବିଜ୍ଞପ୍ତି ପ୍ରକାଶ ପାଇବା ଆବଶ୍ୟକ । ଖାଲି ଏତିକି ନୁହେଁ ବରଂ ସ୍କୁଲ କର୍ତ୍ତୃପକ୍ଷ ଏନେଇ କୌଣସି ସାଲିନ ନକରି ସ୍କୁଲରେ ସଂପୂର୍ଣ୍ଣ ଭାବରେ ମୋବାଇଲ୍ ବନ୍ଦ କରିଦେବାର ଆବଶ୍ୟକତା ବୋଲି କହିଛନ୍ତି।

## ଆଇଆର୍‌ସିଟିସି ଓ ଆଇଏଫ୍‌ଆର୍‌ସିକୁ ନବରତ୍ନ ମାନ୍ୟତା




ନୂଆଦିଲ୍ଲୀ: ଭାରତ ସରକାର ରେଳ ମନ୍ତ୍ରଣାଳୟର ଦୁଇଟି ପିଏସୟୁକୁ ନବରତ୍ନ ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦୁଇ କମ୍ପାନି ହେଲେ – ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (IRCTC) ଓ ଇଣ୍ଡିଆନ ରେଲୱେ ଫାଇନାନ୍ସ କର୍ପୋରେସନ (IFRC) । ନବରତ୍ନ ମାନ୍ୟତା ମିଳିବା ପରେ ଏବେ ଏହି ଦୁଇ କମ୍ପାନି ନିଜେ ହିଁ ଅଧିକ ବଡ଼ ବଡ଼ ନିଷ୍ପତ୍ତି ନେଇପାରିବେ। କେନ୍ଦ୍ର ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଦୁଇଟି ଭିନ୍ନ ଭିନ୍ନ ପୋଷ୍ଟରେ ଏହି ସୂଚନା ଦେଇଛି । ଏହି ପୋଷ୍ଟରେ କୁହାଯାଇଛି ଯେ ଦୁଇ କମ୍ପାନି ଭଲ ଅଭିବୃଦ୍ଧି ହାସଲ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଇଆରସିଟିସି ଓ ଆଇଆରଏଫସି ଉଭୟ କମ୍ପାନି ରେଳ ମନ୍ତ୍ରଣାଳୟ ଅଧୀନରେ ଆସୁଛି। ନବରତ୍ନ ମାନ୍ୟତା ମିଳିବା ପରେ ଏହି କମ୍ପାନିଗୁଡ଼ିକ ୧୦୦୦ କୋଟି ଟଙ୍କା କିମ୍ବା ନିଜ ମୋଟ ସମ୍ପତ୍ତିର ୧୫ ପ୍ରତିଶତ ଯାଏ ନିବେଶ ନିଜ ହିସାବରେ କରିପାରିବେ। ସରକାରୀ ବୟାନ ଅନୁସାରେ ଆଇଆରସିଟିସି ୨୫ତମ ଓ ଆଇଆରଏଫସି ୨୬ତମ ନବରତ୍ନ କମ୍ପାନି । ସରକାର କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୩-୨୪ ରେ ଆଇଆରସିଟିସିର ବାର୍ଷିକ କାରବାର ୪୨୭୦.୧୮ କୋଟି ଟଙ୍କା ଥିଲା । ଏହା ଶୁଦ୍ଧ ଲାଭ (PAT) ୧୧୧୧.୨୬ କୋଟି ଟଙ୍କା ଏବଂ ମୋଟ ସମ୍ପତ୍ତି ୩୨୨୯.୯୭ କୋଟି ଟଙ୍କା ରହିଛି । ସେହିପରି ଆଇଆରଏଫସିର ବାର୍ଷିକ କାରବାର ୨୬,୬୪୪ କୋଟି ଟଙ୍କା ଏବଂ ଶୁଦ୍ଧ ଲାଭ (ଚଇଞ୍ଜ) ୬,୪୧୨ କୋଟି ଟଙ୍କା ଏବଂ ମୋଟ ସମ୍ପତ୍ତି ୪୯,୧୭୮ କୋଟି ଟଙ୍କା ରହିଛି ।

## ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟର ଶୁଭାରମ୍ଭ

ICICI PRUDENTIAL LIFE INSURANCE

ନୂଆଦିଲ୍ଲୀ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ' ନାମକ ଏକ ଦୀର୍ଘମିଆଦୀ ସଂଚୟ ପ୍ରଡକ୍ଟର ଶୁଭାରମ୍ଭ କରାଯାଇଛି। ଯାହା ଗ୍ରାହକଙ୍କୁ ତୁରନ୍ତ ଆୟ ପ୍ରଦାନ କରିଥାଏ। ଏହାବ୍ୟତୀତ ଲାଇଫ କଭର ଉପାଦାନ ପରିବାର ପାଇଁ ଆର୍ଥିକ ନିରାପତା ସୁନିଶ୍ଚିତ କରିଥାଏ। ଏହା ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଏବଂ ବିତରଣ ଅଧିକାରୀ ଅମିତ ପାଲଟା କହିଛନ୍ତି ଯେ, 'ଆମର ପ୍ରଡକ୍ଟ ପୋର୍ଟଫୋଲିଓରେ ନୂଆ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟକୁ ଯୋଗ କରି ଆମେ ଆମ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଭିନବତାର ପରମ୍ପରାକୁ ଆଗକୁ ବଢ଼ାଉଛୁ । ଏହି ଅନନ୍ୟ ଉତ୍ପାଦ ଆମର ଗ୍ରାହକମାନଙ୍କୁ ନିଶ୍ଚିତ ଆୟର ଲାଭ ପାଇବାକୁ ଅନୁମତି ଦିଏ ଯାହାକୁ ସେମାନେ ସେମାନଙ୍କ ଜୀବନ ଲକ୍ଷ୍ୟ ଏବଂ ନଗଦ ପ୍ରବାହ ଆବଶ୍ୟକତା ଅନୁଯାୟୀ କଷ୍ଟମାଇଜ୍ କରିପାରିବେ । ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ ଗ୍ରାହକମାନଙ୍କୁ ସେମାନଙ୍କ ର ଆର୍ଥିକ ସଂଚୟକୁ ବଜାରର ଅସ୍ଥିରତାରୁ ରକ୍ଷା କରିବା ଏବଂ ସେମାନଙ୍କର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ କରିବ । ଉତ୍ପାଦର ବର୍ଦ୍ଧିତ ଆୟ ବୈଶିଷ୍ଟ୍ୟ ଗ୍ରାହକମାନଙ୍କୁ ମୁଦ୍ରାସ୍ଫୀତି ଭୟକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବାକୁ ସକ୍ଷମ କରିପାରିବ ।

## ଆର୍‌ଏସ୍‌ପିରେ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ



ରାଉରକେଲା (ଭାସ୍କର ନ୍ୟୁଜ୍) : ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ମାନ୍ୟତା ପ୍ରାପ୍ତ ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଅନ୍ୟତମ ୟୁନିଟ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) କର୍ମଚାରୀମାନଙ୍କୁ ମାନସିକ ପରାମର୍ଶ ସହିତ ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ଲକ୍ଷ୍ୟରେ କର୍ମଚାରୀ ଭିତ୍ତିକ ସହାୟତା କାର୍ଯ୍ୟକ୍ରମ (ଇଏପି) ଆରମ୍ଭ ହୋଇଛି। ଏହି କ୍ରମରେ ଉକ୍ତ ଅନନ୍ୟ ମାନବ ସମ୍ବଳ ପ୍ରୟାସର ଆରମ୍ଭ ଉପଲକ୍ଷେ 'ସମାଧାନ' ସମ୍ମିଳନୀ କକ୍ଷରେ ମାର୍ଚ୍ଚ ୩ ତାରିଖ ଦିନ ଆୟୋଜିତ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାରଖାନାର ସମସ୍ତ ସିଜିଏମ, ବହୁ ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରୁଥିବା ବୃତ୍ତିଗତ ସଂସ୍ଥା ମେସର୍ସ ଇଏପି ପ୍ରାଇଭେଟ୍ ଲିମିଟେଡର ପ୍ରତିନିଧି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏଚଆର ବିଭାଗର ସିଜିଏମ ଏସ ଏନ ପଣ୍ଡା ସଂଯୋଜନା କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ ମେଷର୍ଷ ଇଏପି ପ୍ରାଇଭେଟ ଲିମିଟେଡର ପ୍ରତିନିଧି ମାର୍ଚ୍ଚ ୩ ରୁ ୫ ତାରିଖ ମଧ୍ୟ ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆରଏସପି ଓ ଓଡ଼ିଶା ଗ୍ରୁପ ଓ ମାଇନ୍ସ ସମୂହଙ୍କ ସହ ମତବିନିମୟ କରିବେ। ଏହି ଅବସରରେ ଶ୍ରୀ ମିଶ୍ର ନିଜର ଅଭିଭାଷଣରେ ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ଶ୍ରମଶକ୍ତିର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସେଲ ଦ୍ୱାରା ପ୍ରଚଳିତ ଏଭଳି ଅନନ୍ୟ ସୁଯୋଗ ର ପୂର୍ଣ୍ଣ ଲାଭ ଉଠାଇବା ପାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆଇଜିଏଚର ନୂତନ ସମ୍ମିଳନୀ ହଲରେ ଅପରାହ୍ନରେ ଏକ ସଂକ୍ଷିପ୍ତ ଆଲୋଚନା ଏବଂ ମତବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏହାପରେ 'ସମାଧାନ' ସମ୍ମିଳନୀ ହଲରେ ଏଚଆର ଅଧିକାରୀଙ୍କ ନିମନ୍ତେ ଆଉ ଏକ ଅଧିବେଶନ ଆୟୋଜିତ ହୋଇଥିଲା। ଏସ ଏନ ପଣ୍ଡା ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ସମ୍ପ୍ରତି ସେଲ ସମସ୍ତ କର୍ମଚାରୀ ଏବଂ ନିର୍ଭରଶୀଳ ତିନି ଜଣ ପରିବାର ସଦସ୍ୟଙ୍କ ପାଇଁ ଏହି ପରାମର୍ଶ ସେବା ଆରମ୍ଭ କରିଛି। ଏହି କାର୍ଯ୍ୟ ସମ୍ପାଦନ ପାଇଁ ମେଷର୍ଷ ଇ ଏ ପି ପ୍ରାଇଭେଟ ଲିମିଟେଡକୁ ଏହି ସେବା ପ୍ରଦାନକାରୀ ସଂସ୍ଥା ଭାବରେ ମନୋନୀତ କରାଯାଇଛି।

## ଟିପିସିଓଡିଏଲ୍ ପକ୍ଷରୁ କାର୍ଯ୍ୟକ୍ଷମ ହେଲା ନୂତନ ଅଣ୍ଡରଗ୍ରାଉଣ୍ଡ ଫିଡର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଗ୍ରୀଷ୍ମ ଋତୁକୁ ନଜରରେ ରଖି ଟିପିସିଓଡିଏଲ୍ ପକ୍ଷରୁ ସୁଦୃଢ଼ କରାଯାଉଛି ଭିତ୍ତିଭୂମି। ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ ଭିତ୍ତିଭୂମି ବିକାଶକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଭୁବନେଶ୍ୱର ସ୍ଥିତ ଗଜପତି ନଗର, ୭ମ ବାଟାଲିୟନ ଏବଂ ଜନତା ମୈଦାନ ଅଂଚଳରେ ଏକ ନୂଆ ଅଣ୍ଡର ଗ୍ରାଉଣ୍ଡ ଫିଡ଼ର କାର୍ଯ୍ୟକ୍ଷମ ହୋଇଛି, ଏହା ସହ ପୁରୁଣା ଫିଡ଼ର ମଧ୍ୟ କାର୍ଯ୍ୟ ଜାରି ରଖିଛି। ଏହା ଦ୍ୱାରା ଏହି ଅଂଚଳରେ ଲୋଡ଼ ମ୍ୟାନେଜେ ହେବା ସହ ଭୋଲଟେଜ ସମସ୍ୟା ଦୂର ହୋଇଛି। ଯାହାଫଳରେ ଏହି ଅଞ୍ଚଳର ୪ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ। କେବେଳ ଏତିକି ନୁହେଁ ବ୍ରେକ ଡାଉନ ଓ ସଟଡାଉନ ସମୟରେ ଲୋକନଙ୍କୁ ଅନ୍ୟ ଫିଡ଼ର ମାଧ୍ୟମରେ ବିଦ୍ୟୁତ ଯୋଗାଇଦିଆ ହେବାର ସୁବିଧା ଉପଲବ୍ଧ ହୋଇପାରିଛି।

## ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ବିକ୍ରି ସଂପର୍କରେ ଘୋଷଣା

ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଫେବୃଆରୀ ୨୦୨୫ ନିମନ୍ତେ ତାହାର ବିକ୍ରି ସଂଖ୍ୟା ସମ୍ପର୍କରେ ଘୋଷଣା କରିଛି। ଫେବୃଆରୀ ୨୦୨୫ ନିମନ୍ତେ କମ୍ପାନୀର ମୋଟ ବିକ୍ରି ୪,୨୨,୪୪୯ ୟୁନିଟ ହୋଇଛି। ଏଥିରେ ଘରୋଇ ବଜାରରେ ବିକ୍ରି ୩,୮୩,୯୧୮ ୟୁନିଟ ଏବଂ ୩୮,୫୩୧ ୟୁନିଟ ରପ୍ତାନି ଅନ୍ତର୍ଭୁକ୍ତ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଚଏମଏସଆଇର ୱାଇଟିଡି ଏଫୱାଇ୨୫ (ଏପ୍ରିଲ ୨୦୨୪- ଫେବୃଆରୀ ୨୦୨୫)ରେ ମୋଟ ବିକ୍ରି ୫୪,୦୪,୨୧୬ ୟୁନିଟ ହୋଇଛି। ଏଥିମଧ୍ୟରେ ଘରୋଇ ବଜାରରେ ବିକ୍ରି ୪୯,୨୫,୨୪୧ ୟୁନିଟ ଏବଂ ୪,୭୮,୯୭୫ ୟୁନିଟ ରପ୍ତାନି ଅନ୍ତର୍ଭୁକ୍ତ। ଏଚଏମଏସଆଇ ଉନ୍ନୀତକରଣ କରାଯାଇଥିବା ଶାଇନ ୧୨୫ ଏବଂ ହରନେଟ ୨.୦ର ଓବିଡି୨ବି ଅନୁପାଳନକାରୀ ସଂସ୍କରଣ ବଜାରକୁ ଛାଡିଥିଲା ଯେଉଁଥିରେ ଉନ୍ନତ ନୂତନ ବୈଶିଷ୍ଟ୍ୟଗୁଡିକ ରହିଛି। ଏଥିସହିତ କମ୍ପାନୀ ମଧ୍ୟ ଓବିଡି୨ବି ଅନୁପାଳନକାରୀ ଇନ ଏବଂ ଉନ୍ନୀତ ଉପକରଣ ସହିତ ଅଲ ନିୟୁ ଏନଏକ୍ସ୨୦୦ ବଜାର ପ୍ରବେଶ କରାଇଥିଲା। ଏଚଏମଏସ×ଆଇ ଦକ୍ଷିଣ ଭାରତରେ ମୋଟ ୨ କୋଟି ୟୁନିଟ ବିକ୍ରିକୁ ଅତିକ୍ରମ କରିଥିବାବେଳେ ମଧ୍ୟପ୍ରଦେଶରେ ୧୦ ଲକ୍ଷ ୟୁନିଟ ଶାଇନ ୧୨୫ ଏବଂ ଏସପି୧୨୫ ବିକ୍ରି କରିଛି, ଯାହା ଏହାର ନିରନ୍ତର ଅଭିବୃଦ୍ଧି ଏବଂ ଉତ୍ପାଦ ପ୍ରତି ଗ୍ରହଣୀୟତା ସମ୍ପର୍କରେ ଆଲୋକପାତ କରୁଛି। ଭାରତରେ ସଡ଼କ ନିରାପତ୍ତା ସଚେତନତାକୁ ସମ୍ପ୍ରସାରିତ କରି, ଏଚଏମଏସଆଇ ଭାରତର ୧୦ଟି ସ୍ଥାନ ଯଥା- ମଥୁରା (ଉତ୍ତର ପ୍ରଦେଶ), ସପୁତରା (ଗୁଜରାଟ), ଅମରାବତୀ (ମହାରାଷ୍ଟ୍ର), ଅମୃତସର (ପଞ୍ଜାବ), ଅନଗୁଳ (ଓଡ଼ିଶା), ବଲ୍ଲାରୀ (କର୍ଣ୍ଣାଟକ), ଜବଲପୁର (ମଧ୍ୟପ୍ରଦେଶ), କାକିନାଡା (ଆନ୍ଧ୍ରପ୍ରଦେଶ), ଦରଭଙ୍ଗା (ବିହାର) ଏବଂ ଗୋଆରେ ଏ ସମ୍ପର୍କିତ ଅଭିଯାନକୁ ପ୍ରୋତ୍ସାହିତ କରିଥିଲା। ଉତ୍ତର ପ୍ରଦେଶରେ କୃଷକ ଉତ୍ପାଦନ ସଂଗଠନସମୂହ (ଏଫପିଓ)ଗୁଡିକୁ ସମର୍ଥନ କରିବ।

HONDA

## ବଜାରକୁ ଆସିବ ଜିଓର ଇଲେକ୍ଟ୍ରିକ୍ ସାଇକେଲ



ନୂଆଦିଲ୍ଲୀ: ଟେଲିକମ୍ୟୁକେଶନ କ୍ଷେତ୍ରରେ ବିପ୍ଳବ ଆଣିଥିବା ଜିଓ ଏବେ ଆଉ ଏକ ନୂଆ ପଦକ୍ଷେପ ନେବାକୁ ଯାଉଛି। ଇଲେକ୍ଟ୍ରିକ୍ ସାଇକେଲ ନିର୍ମାଣ କ୍ଷେତ୍ରରେ ମାର୍କେଟକୁ ପ୍ରବେଶ କରିବାକୁ ଯୋଜନା କରୁଛି। ରିଲାଏନ୍ସ ଜିଓ ଇଲେକ୍ଟ୍ରିକ୍ ସାଇକେଲ ପ୍ରସ୍ତୁତି କରି ବଜାର ପ୍ରବେଶ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ବର୍ଷ ଶେଷ ସୁଦ୍ଧା ଜିଓ ଇଲେକ୍ଟ୍ରିକ୍ ସାଇକେଲ ଲଞ୍ଚ କରିବ ବୋଲି ଆଶା କରାଯାଉଛି। ଏହି ଇ-ସାଇକେଲ ଦୈନନ୍ଦିନ ଯାତାୟାତ ପାଇଁ ବହୁତ ଉପଯୋଗୀ ବୋଲି କୁହାଯାଉଛି। ତଥାପି, ରିଲାଏନ୍ସ ଏ ସମ୍ପର୍କରେ କୌଣସି ସରକାରୀ ଘୋଷଣା କରିନାହିଁ। ଏହାର ମୂଲ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜିଓ ସାଇକେଲ ଅଧିକ ମାଇଲେଜ ସହିତ ଲଞ୍ଚ ହେବାର ସମ୍ଭାବନା ଅଛି। ଏହି ସାଇକେଲ ୪୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଏହା ବ୍ୟତୀତ ଏହି ସାଇକେଲ ରେ ଯାତ୍ରା ପାଇଁ ସୁଗମ ତ୍ୱରାନ୍ୱିତ ସହିତ ଏକ ଅପସାରଣୀୟ ବ୍ୟାଟେରି ଦିଆଯିବାର ସମ୍ଭାବନା ଅଛି। ଜିଓ ଇଲେକ୍ଟ୍ରିକ ସାଇକେର ମୂଲ୍ୟ ୩୦୦୦୦ ଟଙ୍କାରୁ ୫୦୦୦୦ ଟଙ୍କା ମଧ୍ୟରେ ହୋଇପାରେ।



ପୁରୀ: ପୁରୀର ଜଗନ୍ନାଥ ଷ୍ଟାଡିୟମରେ ତୃତୀୟ ଏନଟିପିସି ସର୍ବଭାରତୀୟ ର୍ୟାଙ୍କିଙ୍ଗ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ରବିବାର ଠାରୁ ଆରମ୍ଭ ହୋଇଛି। ଏହାର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାଇରେକ୍ଟର ଅଫ ସ୍ପୋର୍ଟ୍ସ ଦୀପଙ୍କର ମହାପାତ୍ର ଯୋଗ ଦେଇଥିଲେ। ସେ କହିଥିଲେ ଏନଟିପିସି ଏବଂ ସ୍ପୋର୍ଟ୍ସ ଡିପାର୍ଟମେଣ୍ଟ ମଧ୍ୟରେ ବୁଝାମଣା ହୋଇଛି ଏବଂ ଖୁବ ଶୀଘ୍ର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡରେ ଆର୍ଚ୍ଚେରୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ । ଓଡିଶାର ତୀରନ୍ଦାଜ ପାଇଁ ଆବଶ୍ୟକ ସମସ୍ତ ସୁବିଧା ସହଯୋଗ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ସରକାର ଆର୍ଥୀକ ସହାୟତା ଯୋଗାଇଥିବାରୁ ଆସୋସିଏଶନର ସଭାପତି ଗୋକୁଳ ଚନ୍ଦ୍ର ପତି ଧନ୍ୟବାଦ ଜଣାଇଥିଲେ। ପ୍ରତିଯୋଗିତାରେ ୩୭୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ଏବଂ ଏହା ୧୦ ଦିନ ଧରି ଚାଲିବ ବୋଲି ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ସୂଚନା ଦେଇଥିଲେ । ୯ ତାରିଖରେ ଏହି ପ୍ରତିଯୋଗିତା ଉଦଯାପିତ ହେବ । ଅଲିମ୍ପିଆନ ଦୀପିକା କୁମାରୀ, ଅତନୁ ଦାସ, ବି.ଧୀରଜ ଓ ଜୟନ୍ତ ତାଲୁକଦାର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିବେ। ଆର୍ଚ୍ଚେରୀର ଉନ୍ନତି ପାଇଁ ଏନଟିପିସି ୧୫ ବର୍ଷ ହେଲା କାର୍ଯ୍ୟ କରି ଆସୁଛି ବୋଲି ଏହାର ରିଜିଓନାଲ ଡାଇରେକ୍ଟର ଅରିନ୍ଦମ ସିହ୍ନା କହିଥିଲେ। ଆର୍ଚ୍ଚେରୀ ଆସୋସିଏଶନ ଅଫ ଇଣ୍ଡିଆ ପୁରୀରେ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଅନୁମତି ଦେଇଥିବାରୁ ରବିଶଙ୍କର ପ୍ରତିହାରୀ ଏବଂ କ୍ରୀଡାକୁ ସରକାର ଗୁରୁତ୍ୱ ଦେଉଥିବାରୁ ରାମଦାସ ମହାପାତ୍ର ଧନ୍ୟବାଦ ଜଣାଇଥିଲେ। ପୁରୀ ଜିଲ୍ଲା ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଗଣମାଧ୍ୟମର ସହଯୋଗକୁ ପ୍ରଶଂସା କରିଥିଲେ ।

## ରୋହିତଙ୍କୁ ମୋଟା କହି ଅଡୁଆରେ କଂଗ୍ରେସ ନେତ୍ରୀ



ନୂଆଦିଲ୍ଲୀ: ଭାରତୀୟ ଦଳ ଅଧିନାୟକ ରୋହିତ ଶର୍ମାଙ୍କ ଫିଟ୍‌ନେସକୁ ନେଇ ବିବାଦୀୟ ବୟାନ ଦେଇ ଚର୍ଚ୍ଚାରେ କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ । ରୋହିତଙ୍କ ଶରୀରକୁ ଆକ୍ଷେପ କରି କଟୁ ମନ୍ତବ୍ୟ ଦେଇଥିଲେ। ଏହାପରେ କଂଗ୍ରେସକୁ ଘେରିଥିଲା ଭାରତୀୟ ଜନତା ପାର୍ଟି । କଂଗ୍ରେସ-ବିଜେପି ମୁହାଁମୁହିଁ ପରେ ଶମା ମହମ୍ମଦ ନିଜର ଏକ୍ସ ପୋଷ୍ଟକୁ ଡିଲିଟି କରିଦେଇଛନ୍ତି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେଡା କହିଛନ୍ତି, ଭାରତୀୟ କ୍ରିକେଟ ଟିମ୍‌ର ଜଣେ ବରିଷ୍ଠ ଖେଳାଳିଙ୍କୁ ନେଇ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ଡ. ଶମା ମହମ୍ମଦ ଯେଉଁ ବୟାନ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ କଂଗ୍ରେସ ପାର୍ଟିର ଲେଣଦେଣ ନାହିଁ । ପାର୍ଟି ପକ୍ଷରୁ ତାଙ୍କୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମରୁ ବିବାଦୀୟ ମନ୍ତବ୍ୟକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଭବିଷ୍ୟତରେ ଆଗକୁ ଏଭଳି ବିବାଦୀୟ ବୟାନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ମୁଖପାତ୍ର ପଓ୍ୱନ ଖେଡା କହିଛନ୍ତି, କଂଗ୍ରେସ ପାର୍ଟି ଭାରତୀୟ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ସମ୍ମାନ ଦେଇଆସୁଛି, ଆଗକୁ ମଧ୍ୟ ଦେବ। ପାର୍ଟି କ୍ରୀଡ଼ାବିତଙ୍କୁ ନେଇ କୌଣସି ପ୍ରକାର ବୟାନବାଜିକୁ ସମର୍ଥନ କରିବ ନାହିଁ । ଏହି ପୂରା ମାମଲାରେ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ଶମା ମହମ୍ମଦ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଟିମ୍ ଇଣ୍ଡିଆର ଖେଳାଳିଙ୍କ ଫିଟନେସକୁ ନେଇ ଏହା ଏକ ଜେନେରିକ୍ ଟ୍ୱିଟ୍ ଥିଲା। ସୂଚନା ଅନୁଯାୟୀ, କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ ଏକ୍ସରେ ଲେଖିଥିଲେ, ରୋହିତ ଶର୍ମା ଅତ୍ୟଧିକ ମୋଟା ଓ ପ୍ରଭାବିଶୂନ୍ୟ ଅଧିନାୟକ । ରୋହିତ ଶର୍ମା ଖେଳାଳି ଭାବେ ବହୁତ ମୋଟା । ସେ ଓଜନ କମାଇବାର ଆବଶ୍ୟକତା ରହିଛି । ସେପଟେ କଂଗ୍ରେସର ମୁଖପାତ୍ରଙ୍କ ଏପରି ବୟାନବାଜୀ ପରେ ଚିହିଁକି ଉଠିଛି ବିଜେପି। ବିଜେପି ମହିଳା ନେତ୍ରୀ ରାଧିକା ଖେଡ଼ା ଏକ୍ସରେ ଲେଖିଛନ୍ତି ଯେ, କଂଗ୍ରେସ ମୁଖପାତ୍ରଙ୍କ ଦ୍ୱାରା ରୋହିତ ଶର୍ମାଙ୍କ ବଡି ସେମିଂ କହିବା ଦୁଃସାହସ । କଂଗ୍ରେସ ପାର୍ଟି ଦଶନ୍ଧି ଧରି ଖେଳାଳିମାନଙ୍କୁ ଏପରି ଅପମାନିତ କରିଆସୁଛି।

## ଅକ୍ଷରଙ୍କ ପାଦ ଛୁଇଁଲେ କୋହଲି



ମୁମ୍ବାଇ : ଚାମ୍ପିଅନ୍ସ ଟ୍ରଫିର ଶେଷ ଗ୍ରୁପ୍ ମ୍ୟାଚ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଭାରତୀୟ ଖେଳାଳିମାନେ ପ୍ରତ୍ୟେକ ୱିକେଟ୍ ନେବା ପରେ ବିଜୟ ଉତ୍ସବ ପାଳନ କରୁଥିଲେ। କିନ୍ତୁ କେନ୍ ୱିଲିୟମସନଙ୍କ ୱିକେଟ୍ ପଡ଼ିବା ପରେ, ଟିମ୍ ଇଣ୍ଡିଆର ଖେଳାଳିମାନେ ଜବରଦସ୍ତ ଢଙ୍ଗରେ ସେଲିବ୍ରେସନ କରିଥିଲେ। ତେବେ ବିରାଟ କୋହଲି ଟିକେ ହଟ୍‌କେ ଅନ୍ଦାଜରେ ଜାହିର କରିଥିଲେ ଖୁସି । ଅକ୍ଷର ପଟେଲଙ୍କ ପାଦ ଛୁଇଁ ଜଣାଇଥିଲେ ଅଭିନନ୍ଦନ। ତେବେ ସେହି ସମୟରେ, ଅକ୍ଷର ତାଙ୍କୁ ମଜାରେ ଠେଲି ଦେଉଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି ଏହି ଜବରଦସ୍ତ ମୁହୂର୍ତ୍ତର ଭିଡିଓ। କେନ୍ ୱିଲିୟମସନଙ୍କ ୱିକେଟ୍ ପରେ ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି। କିଓ୍ୱି ଦଳର ୱିକେଟ ଗୋଟିଏ ପାର୍ଶ୍ୱରୁ ଲଗାତାର ପତନ ହେଉଥିଲା କିନ୍ତୁ କେନ୍ ୱିଲିୟମସନ୍ ଶତକ ଆଡକୁ ଅଗ୍ରସର ହେଉଥିଲେ । ତଥାପି, ଅକ୍ଷର ପଟେଲ ୮୦ ରନ ସ୍କୋରରେ ୱିଲିୟମସନଙ୍କୁ ଆଉଟ୍ କରି ମ୍ୟାଚ୍‌କୁ ଭାରତ ସପକ୍ଷରେ ଆଣିଥିଲେ। କିଓ୍ୱି ଦଳ ଏବେ ୧୬୯ ରନରେ ୭ ୱିକେଟ ହରାଇ ସାରିଥିଲା। ୱିକେଟ୍ ପଡ଼ିବା ମାତ୍ରେ ଭାରତୀୟ ପ୍ରଶଂସକମାନେ ଖୁସି ହୋଇଗଲେ। ସେଠାରେ ବିରାଟ କୋହଲି ଅକ୍ଷରଙ୍କ ପାଖକୁ ଆସିଲେ ଏବଂ ତାଙ୍କ ପାଦ ଛୁଇଁବା ପାଇଁ ନଇଁ ପଡ଼ିଲେ। କିନ୍ତୁ ପଟେଲ୍ ତାଙ୍କୁ ଏପରି କରିବାରୁ ବାରଣ କରିଥିଲେ । ଉଭୟ ଖେଳାଳି ଭୂମିରେ ବସି ହସିବା ଏବଂ ମଜା କରିବା ଆରମ୍ଭ କରିଥିଲେ । ଏହା ପରେ, ଯେତେବେଳେ ଦୁହେଁ ଠିଆ ହେଲେ, ବିରାଟ ମଜାରେ ଅକ୍ଷରଙ୍କ ଜର୍ସି ଧରି ତାଙ୍କୁ ଠେଲି ଦେଇଥିଲେ । ସେମାନଙ୍କର ମଜା ଏବଂ ମଜାର ଭିଡିଓ ସୋସିଆଲ ମିଡିଆରେ ବହୁତ ଭାଇରାଲ୍ ହେଉଛି।

### ବଘରାଚକା କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

## ବୁଢ଼ୀଜାମ ଚାମ୍ପିଅନ୍

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଗତ ୨୬ ତାରିଖରୁ ଚାଲିଥିବା ୬ଷ୍ଠ ବଘରାଚକା କପ ଗ୍ରାମ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୁଢ଼ୀଜାମ ଓ ଜିସିସି ଗାନ୍ଧିଛକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧିଛକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ ହରାଇ ୬୫ ରନ କରିଥିଲା। ଏହାର ଜବାବରେ ବୁଢ଼ୀଜାମ ଦଳ ୪ ଓଭରରେ ବିନା କୌଣସି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସିଲ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ମୁଖ୍ୟ ଅତିଥି, ଗ୍ରାମର ବରିଷ୍ଠ ନାଗରିକ ଫରେନ୍ଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ପରାଧୀନ ତନ୍ତୀ, ୱାର୍ଡ ମେମ୍ବର ଜିତୁ ରାଏ, ସଂଜୀବ ମେହେର, ସଂଗ୍ରାମ ସାଏ, ଲଙ୍କେଶ୍ୱରୀ ସା, ସପ୍ନ ସା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ ଜୟ ଚୌହାନ, ବେଷ୍ଟ ବୋଲର ରାହୁଲ ସା, ବେଷ୍ଟ ଫିଲ୍ଡର ଅଭିଜିତ ସାହୁ, ବେଷ୍ଟ ୱିକେଟ କିପର ଚିନ୍ମୟ ଦାସ, ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ଦେବାଶିଷ ମୁଣ୍ଡା ଭାବେ ପୁରସ୍କୃତ କରାଯାଇଥିଲା। ନେତ୍ରମଣି ଖମାରି ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

## ଆଜିଙ୍କ୍ୟ ରାହାଣେ କେକେଆର୍‌ର ନୂଆ ଅଧିନାୟକ



କୋଲକାତା: ୩ ଥର ଚାମ୍ପିଅନ କେକେଆର ଆଗାମୀ ସିଜିନ ପାଇଁ ନିଜର ଅଧିନାୟକ ଘୋଷଣା କରିଛି। କେକେଆର ଭାରତୀୟ ଜାତୀୟ କ୍ରିକେଟ୍ ଦଳରୁ ବାହାରେ ଥିବା ଆଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ ନିଯୁକ୍ତ କରିଛି। ଅଲରାଉଣ୍ଡର ଭେଙ୍କଟେଶ ଆୟରଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି। କୋଲକାତା ନାଇଟ୍ ରାଇଡର୍ସ ଆନୁଷ୍ଠାନିକ ଭାବେ ନିଜର ନୂତନ ଅଧିନାୟକକୁ ନେଇ ସୂଚନା ଦେଇଛି। ୨୩.୭୫ କୋଟିରେ କିଣିଥିବା ଭେଙ୍କଟେଶ ଆୟରଙ୍କୁ ଦଳର ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ନୂତନ ଅଧିନାୟକଙ୍କ ନାଁ ଘୋଷଣା କରି କେକେଆରର ସିଇଓ ଭେଙ୍କି ମହୀଶୂର କହିଛନ୍ତି, ଆମେ ଆଜିଙ୍କ୍ୟ ରାହାଣେଙ୍କ ପରି ବ୍ୟକ୍ତି ପାଇ ଖୁସି। ଯିଏ ନିଜର ନେତୃତ୍ୱରେ ଅନୁଭବ ଓ ପରିପକତ୍ୱ ଆଣିଥାନ୍ତି। ଏହା ବ୍ୟତୀତ ଭେଙ୍କଟେଶ ଆୟର କେକେଆର ପାଇଁ ଏକ ଫ୍ରାଞ୍ଚାଇଜ ଖେଳାଳି ରହି ଆସିଛନ୍ତି ଏବଂ ତାଙ୍କ ନିକଟରେ ନେତୃତ୍ୱ ଗୁଣ ପୂରି କି ରହିଛି। ଆମକୁ ବିଶ୍ୱାସ ଯେ, ଯେବେ ଆମେ ଟାଇଟଲ୍ ବଜାୟ ପାଇଁ ଅଭିଯାନ ଆରମ୍ଭ କରିବୁ ସବୁ କିଛି ଠିକ୍ ରହିବ। କେକେଆରର ଅଧିନାୟକ ନିଯୁକ୍ତ ହେବା ପରେ ଆଜିଙ୍କ୍ୟ ରାହାଣେ କହିଛନ୍ତି, ଆଇପିଏଲ୍ ଇତିହାସରେ ସବୁଠୁ ସଫଳ ଫ୍ରାଞ୍ଚାଇଜ ମଧ୍ୟରୁ ଏକ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ କରିବା ସମ୍ମାନର କଥା। ମୋତେ ଲାଗୁଛି ଆମ ନିକଟରେ ଏକ ଦମଦାର ଏବଂ ସନ୍ତୁଳିତ ଖେଳାଳି ରହିଛନ୍ତି। ମୁଁ ସମସ୍ତଙ୍କ ସହ କାମ କରିବା ଓ ନିଜର ଟାଇଟଲ୍ ଡିଫେଣ୍ଡ କରିବା ପାଇଁ ଚ୍ୟାଲେଞ୍ଜ ନେବାକୁ ପ୍ରସ୍ତୁତ। ସୂଚନାଯୋଗ୍ୟ, କୋଲକାତା ଆଇପିଏଲ୍ ୨୦୨୪ର ଟାଇଟଲ୍ ବିଜେତା। କେକେଆର ଫାଇନାଲ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ମାତ୍ ଦେଇଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ କେକେଆର ଚାମ୍ପିଅନ ହୋଇଥିଲା। ମାତ୍ର ଆଇପିଏଲ୍ ୨୦୨୫ର ନିଲାମ ପୂର୍ବରୁ କେକେଆର ନିଜର ଚାମ୍ପିଅନ ଅଧିନାୟକ ଶ୍ରେୟସ ଆୟରଙ୍କୁ ଦଳରୁ ମୁକ୍ତ କରିଥିଲା। ଫ୍ରାଞ୍ଚାଇଜର ଏହି ନିଷ୍ପତ୍ତି ସଭିଙ୍କୁ ଚକିତ କରିଥିଲା। ଏହା ପରଠୁ ଦଳ ନୂତନ ଅଧିନାୟକ ସନ୍ଧାନରେ ରହିଥିଲା। ଆଇପିଏଲ୍ ୨୦୨୫ର ଆରମ୍ଭ ମାର୍ଚ୍ଚ ୨୨ରୁ ହେଉଛି ଏବଂ କେକେଆର ରାହାଣେଙ୍କ ନେତୃତ୍ୱରେ ଖେଳିବାକୁ ଯାଉଛି।

### ସପ୍ତମ ସର୍ବଭାରତୀୟ ରାଇଜିଂ ଷ୍ଟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମାରୁତି ଏକାଦଶ ଯୋଦ୍ଧା ଚାମ୍ପିଅନ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ରାଇଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ରାଇକଳା ଠାରେ ଅନୁଷ୍ଠିତ ସପ୍ତମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଗତକାଲି ଯୋଦ୍ଧାର ମାରୁତି ଏକାଦଶ ସମ୍ବଲପୁରର ଏମଏମସିସିକୁ ୪୭ ରନରେ ପରାସ୍ତ କରି ଚମ୍ପିୟାନ ହେବାର ଗୌରବ ଅର୍ଜନ କରିଛି। ମାରୁତି ଏକାଦଶ ଟସରେ ଜିଣି ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତି ନେଇଥିଲା ଏବଂ ସୀମିତ ୧୫ ଓଭରରେ ୯ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସଚିନ ମୁଖୀ ୧୯ ବଲରେ ୪୧ ରନ ସଂଗ୍ରହ କରିଥିବା ବେଳେ ଅଜୟ ପ୍ରଧାନ ୨୫ ବଲରେ ୨୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ସମ୍ବଲପୁର ଦଳ ୧୪.୧ ଓଭର ବ୍ୟାଟିଂ କରି ୭୩ ରନର୍ସ ସମସ୍ତ ଉଇକେଟ ହରାଇଥିଲେ। ଦଳ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୧୯ ବଲରେ ୧୯ ରନ ସଂଗ୍ରହ କରିଥିବା ବେଳେ ପ୍ରତିପକ୍ଷ ଦଳର ଯଶୋବନ୍ତ ମାଝୀ ୩ ଓଭର ବୋଲିଂ କରି ୨୦ ରନ ଦେଇ ୩ଟି ଉଇକେଟ ହାସଲ କରିଥିବା ବେଳେ ସଚିନ ମୁଖୀ ୩ ଓଭର ବୋଲିଂ କରି ୧୨ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡିଶାର ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ଏକ ଲକ୍ଷ ୧୧ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୭୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ସହ ଖୁବ ଶୀଘ୍ର ରାଇକଳା ଠାରେ ୨୦ କୋଟି ଟଙ୍କା ବ୍ୟୟ ବରାଦରେ ଏକ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ମାରୁତି ଏକାଦଶର ସଚିନ ମୁଖୀ ମ୍ୟାନ ଅଫ ଦି ମ୍ୟାଚ ଏବଂ ସାଇଓମ ବିଭୁ ଶଙ୍କର ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଏହି ଫାଇନାଲ ଖେଳରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ତେଲକୋଇ ବିଧାୟକ ଡ଼କ୍ଷ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ଯୋଗଦେଇଥିବା ବେଳେ ଏହି ପ୍ରତିଯୋଗିତାର ଓଲିଉଡ଼ ତାରକା ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତି ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା। ଅମ୍ପାୟାର ସୁଶାନ୍ତ ପଣ୍ଡା ଏବଂ ବିଶ୍ୱମ୍ବର ମହାକୁଡ଼ ଖେଳ ପରିଚାଳନା କରିଥିବା ବେଳେ ଆକାଶ ବାରିକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକାର ଭାବେ ପ୍ରେମାନନ୍ଦ ମହାନ୍ତ ଏବଂ ବୁଲବୁଲ ଆପଟ୍ଟ ଖେଳର ଆଖିଦେଖା ବିବରଣୀ ପ୍ରଦାନ କରିଥିଲେ।

### ରେନୀ କପ୍ କ୍ରିକେଟ୍ ପ୍ରତିଯୋଗିତା ଦ୍‌ଯାପିତ

## ବେହେରାମାଲ୍ ଚାମ୍ପିଅନ୍

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଚିଚିଣ୍ଡା ସ୍ଥିତ ସୁଭାଷ ଚନ୍ଦ୍ର ବୋଷ ଖେଳପଡ଼ିଆରେ ଠାରେ ଚିଚିଣ୍ଡା କ୍ରିକେଟ ଟିମ ପକ୍ଷରୁ ଆନୁକୂଲ୍ୟରେ ଚିଚିଣ୍ଡା ପଞ୍ଚମ ରେନି କପ୍ କ୍ରିକେଟ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେହେରା ମାଲ ଓ ଚିଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିଚିଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ହରାଇ ୯୮ ରନ କରିଥିଲା। ଏହାର ଜବାବରେ ବେହେରା ମାଲ ଦଳ ୮ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସିଲ କରିଥିଲା। ପୁରସ୍କାର ବିତରଣୀ ଉତ୍ସବ ଚାନ୍ଦୀନମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ରାଜ୍ୟ ନେସନାଲ କରାଟେ ଫାଉଣ୍ଡେସନ ସମ୍ପାଦକ ବିଶ୍ୱଲୋଚନ ଭୋଇ ଓ ସମାଜସେବୀ ସୁପ୍ରୀତ ବେହେରା ସଚିନ୍ ଦାସ ଓ ଦିଲିପ ନାୟକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଜେତା ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ରାଶି ଓ ଉପ ବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ରାଶି ପ୍ରଦାନ କରିଥିଲେ। ହରେକୃଷ୍ଣ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଅମ୍ପେୟାର ଭାବରେ ଗୁଣସାଗର ସେଠ ଓ ବବୁଲ ଖେଳ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ବାବା ସାଏ, ବିମଲ, ଶିବମ୍, ସୌରଭ ନାୟକ, ଆକାଶ, କାହ୍ନା ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

### ଆଇସିସି ଚାମ୍ପିୟନ୍ସ ଟ୍ରଫି

## ଆଜି ଭାରତ-ଅଷ୍ଟ୍ରେଲିଆ ଟକ୍କର

ନୂଆଦିଲ୍ଲୀ: ଆଇସିସି ଚାମ୍ପିୟନ୍ସ କ୍ରିକେଟ ଟ୍ରଫିର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଦୁବାଇରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ଫାଇନାଲରେ ଖେଳିବା ପାଇଁ ଚେଷ୍ଟା କରିବେ। ଯାହାଫଳରେ ମ୍ୟାଚ୍ ବେଶ ରୋମାଞ୍ଚକର ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରୁ ଆରମ୍ଭ ହେବ। ରବିବାର ରାତିରେ ଦୁବାଇରେ ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚରେ ଭାରତ ନ୍ୟୁଜିଲାଣ୍ଡକୁ ୪୪ ରନରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ଗ୍ରୁପ୍-ଏ'ର ତିନିଟି ଯାକ ମ୍ୟାଚ୍ ଜିତି ଶୀର୍ଷରେ ରହିଛି। ବୁଧବାର ଲାହୋରରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଗ୍ରୁପ୍ ବି ବିଜେତା ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେମିଫାଇନାଲର ବିଜେତା ଦଳ ରବିବାର ଫାଇନାଲରେ ମୁହାଁମୁହିଁ ହେବେ।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍: କିଚକେଶ୍ୱରୀ ବିଜୟୀ



ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ କୁମାର୍ସ କ୍ଲବ, ଭଂଜପୁର ଆନୁକୂଲ୍ୟରେ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗ ଦେଇ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ଓ ଗୌରବ ମୋଦି ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୭ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଶେଷରେ କିଚକେଶ୍ୱରୀ ଦଳ ଚନ୍ଦନେଶ୍ୱରକୁ ୨ - ୧ ସେଟରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ଜାତୀୟ ସ୍ତରୀୟ ରେଫେରି ରାଜେଶ ଦାସ, ରୋଶନ ସାହୁ, ପ୍ରଭାତ ମଲ୍ଲିକ, ଇନ୍ଦ୍ରଜିତ ଶତପଥି ଓ ଦୀପକ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ବେଷ୍ଟ ରାଇଜିଙ୍ଗ ଷ୍ଟାର ଭାବେ ଚନ୍ଦନେଶ୍ୱରର ଶିବ ଶଙ୍କର କଲିଆ, ବେଷ୍ଟ ଅଲରାଉଡର ଭାବେ କିଚକେଶ୍ୱରୀ ଦଳର ଜଗନ ଦାସ, ବେଷ୍ଟ ସ୍ମାଇକର ଭାବେ ଚନ୍ଦନେଶ୍ୱର ଦଳର ସତ୍ୟପ୍ରକାଶ ଜେନା, ବେଷ୍ଟ ସେଟର ଭାବେ କିଚକେଶ୍ୱରୀ ଦଳର ସମୀର ରଞ୍ଜନ ପାଲ, ବେଷ୍ଟ ଡ଼ିଫେଣ୍ଡର ଭାବେ କୁମାର୍ସ କ୍ଲବର ଅନିଲ ଗିରି ପୁରସ୍କୃତ ହୋଇଥିଲେ। ବରିଷ୍ଠ ଭଲିବଲ କୋଚ ମନୋରଞ୍ଜନ ଜୀଉଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିପ୍ଲବ ଭଂଜନ ଭୁଗୁଡେଇ, ସମାଜସେବୀ ଅରୁଣ ସରକାର ଓ ରଜତ ପଣ୍ଡା ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ସଭାପତି ଦର୍ପ ନାରାୟଣ ପାଲ, ସମ୍ପାଦକ ପ୍ରିୟବ୍ରତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅବନୀ ଷଡଙ୍ଗୀ ତଥା ସଦସ୍ୟ ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ବିଶ୍ୱମ୍ବର ସିଂହ ଓ ବିଶ୍ୱରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**जिला परिषद का कार्यालय, प० सिंहभूम, चाईबासा**
**Email – zpchaibasa@gmail.com**

ई–निविदा आमंत्रण सूचना

अति अल्पकालीन ई–निविदा सूचना संख्या– ZP/CHAIBASA/21/2024-25

1. कार्य की विस्तृत विवरणी :–

मद का नाम :– 15वें वित्त मद

| क्रम | प्रखण्ड | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति की अवधि | अभ्युक्ति |
|---|---|---|---|---|---|---|---|
| 01. | टोन्टों | Construction of CHC Hospital at Tonto Block. | 57416000.00 | 11,50,000 | 10,000 | 12 माह | |

1. वेबसाईट में निविदा प्रकाशन की तिथि – दिनांक– 07.03.2025
2. ई–निविदा प्राप्ति की तिथि एवं समय– दिनांक– 07.03.2025 से दिनांक– 27.03.2025 को अपराह्न 5:00 बजे तक।
3. ई–निविदा खोलने का स्थान– जिला परिषद का कार्यालय, पश्चिमी सिंहभूम, चाईबासा।
4. ई–निविदा खोलने की तिथि एवं समय – दिनांक– 29.03.2025 अपराह्न 2:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता– जिला अभियंता, जिला परिषद, पश्चिमी सिंहभूम, चाईबासा।
6. ई–निविदा प्रकोष्ठ का दूरभाष संख्या – 8709623131 (संबंधित जिला अभियंता का दूरभाश संख्या)
7. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02 (नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में सभी कागजात के साथ, निविदा शुल्क एवं अग्रधन की राशि **Online Mode** द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही आपकी होगी।
10. निविदा में सिर्फ जिला परिषद, चाईबासा के अन्तर्गत पंजीकृत समुचित श्रेणी के संवेदक ही भाग ले सकेंगे।
11. स्थानीय संवेदकों को प्राथमिकता दी जायेगी। किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अद्योहस्ताक्षरी को सुरक्षित रहेगा एवं इस पर किसी प्रकार का दावा या आपत्ति मान्य नहीं होगा।
12. निविदादाता को UCAN Registration की छायाप्रति अपलोड करना अनिवार्य रहेगा।

**विस्तृत जानकारी के लिए जिला का वेब साईट www.jharkhandtenders.gov.in एवं कार्यालय सूचना पट्ट पर देखा जा सकता है।**

ह/–
जिला अभियंता
जिला परिषद, प० सिंहभूम, चाईबासा

PR347663 (West Singhbhum)24-25*D



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

NIT No.: JUIDCO/NIT/SH/Chakuliya/646 Date: 03.03.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Construction of G+2 Shopping Complex under Chakuliya Nagar Panchayat, Chakuliya, East Singhbhum. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 3,28,57,532/- (Rupees Three Crore Twenty-Eight Lakh Fifty-Seven Thousand Five Hundred and Thirty-Two) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 3,29,000/- (Rupees Three Lakh Twenty Nine Thousand ) only |
| 6 | Date/Time of Publication of Tender on Website | 04.03.2025 17:00 Hrs |
| 7 | Last Date/Time of Bid Submission | 25.03.2025 17:00 Hrs |
| 8 | Date/Time of opening of Bid | 26.03.2025 11:30 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 347629 (Urban Development and Housing) 24-25 (D)



**OFFICE OF THE EXECUTIVE ENGINEER**
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)

**Short E-Procurement Tender Notice (e-Tender Notice)**
E-Tender Ref. No.: WRD/SCD/JSR/SBD-01/2024-25
DATE- 03.03.2025

| | | |
|---|---|---|
| 1. | Name of Work | Jungle clearance, Desilting, Repair of damaged Canal Lining and Structures in between Km. 32.238 to 40.85 & Km. 43.30 to 54.86 & Repair of old structures in between Km. 54.86 to 59.72 of Chandil Left Main Canal. |
| 2. | Estimated cost of work (in INR) | Rs. 34959011.90/- (Rupees Three Crore forty-nine lakhs fifty-nine thousands eleven rupees and ninety paise only) |
| 3. | Initial Bid Security ((in INR) | Rs.3,50,00/- (Rupees Three lakh Fifty thousands only) |
| 4. | Initial Bid Security | Initial Bid Security online deposit - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) Online Deposit |
| 6. | Time of completion | 15 (Fifteen) Months |
| 7. | Date of Publication of Tender on Website | 06.03.2025 (5:00 P.M.) |
| 8. | Start Date of Bidding | 06.03.2025 (5:00 P.M.) |
| 9. | Last Date and time for online Bidding | 22.03.2025 up to 5.00 P.M |
| 10 | Type of Bid | Two Envelope Mode (Technical & Financial Bid) |
| 11 | Last Date & Time for receipt of Bid Security and other Documents in online form | 22.03.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 12 | Date & Time for opening of Technical Bid | 24.03.2025 At 12.00 P.M by E - procurement cell office of the Chief Engineer, Swarnrekha Project chandil complex Adityapur, Jamshedpur |
| 13 | Name & Address of office inviting Tender | Executive Engineer,Subernarekha Canal Division, Jamshedpur |
| 14 | Contact no. of Procurement officer | 8092056468 |
| 15 | Helpline no. of E- Procurement Cell | 0657-2371765 |

Above informations are only indicative. Detail NIT and SBD Published on Tender Portal shall be final and mandatory. Details can be seen on Website http://jharkhandtenders.gov.in

Executive Engineer
Subernarekha Canal Division,
Jamshedpur

PR 347665 Water Resource (24-25)_D



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

**ई–अल्पकालिन पुनर्निविदा आमंत्रण सूचना**

ई–अल्पकालिन पुनर्निविदा संख्या:- **09/2024-25/RI/RWD/EE/JSR** दिनांक :- **01.03.2025**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशनसंख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/ JAMSHEDPUR /23/2024-25 | बैद्यनाथडीह, बाछाई नाला से खैरबनी रेलवे फाटक तक पथ निर्माण कार्य। (लं–1.550 कि0मी0) | 1,35,29,100.00 | एक करोड़ पैंतीस लाख उन्तीस हजार एक सौ रू0 मात्र | 9 माह | द्वितीय |
| 2. | RWD/ JAMSHEDPUR /25/2024-25 | कालापाथर अंबर हांसदा चौक से खड़ीयाकाटा सीमा तक पथ निर्माण कार्य। (लं–1.900 कि0मी0) | 2,03,87,700.00 | दो करोड़ तीन लाख सत्तासी हजार सात सौ रू0 मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि :– **05.03.2025।**
3. ई–निविदा प्राप्ति की अंतिम तिथि एवं समय :– **19.03.2025** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **20.03.2025** अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

**PR 347550 Rural Development(24-25)#D**



ଚାହା ଶରୀର ପ୍ରତି ହାନିକାରକ ହୋଇଥାଏ। ଭାରତରେ ଲୋକେ ଅନେକ ମାତ୍ରାରେ ଚାହା ପିଅନ୍ତି ଏବଂ ଏଥିସହ କିଛି ନା କିଛି ଖାଆନ୍ତି ମଧ୍ୟ। ଚାହା ପିଇବାର ଏହି ଉପାୟ ଅଧିକ ହାନିକାରକ ହୋଇଥାଏ। ସନ୍ଧ୍ୟାରେ ଚାହା ସହ ପକୁଡି ଏବଂ ସକାଳ ଚାହା ସହ ବିସ୍କୁଟ ଖାଇବାର ପରମ୍ପରା ସାଧାରଣ ଅଟେ। ଆସନ୍ତୁ ଏହି ରିପୋର୍ଟରେ ଜାଣିବା କେଉଁ ଜିନିଷ ସହ ଚାହା ନ ପିଇବା ଆବଶ୍ୟକ। ଚାହା ସହ ଫଳ, ଖାସକରି ଖଟା ଫଳ ନ ଖାଇବା ଆବଶ୍ୟକ। ଏହା ଚାହା ସହ ମିଶି ଓଲଟା ରିଆକ୍ଟ କରିଥାଏ। ଚାହାରେ ଥିବା ଟେନିନ ଫଳ ସହ ମିଶି ପାଚନ ଶକ୍ତିକୁ କମଜୋର କରିପାରେ। ଯାହାକି ପେଟ ସମସ୍ୟାମାନ ଲାଗିରହିଥାଏ। ତେଲ ପାଇଁ ଶରୀରରେ କୋଲେକଷ୍ଟ୍ରଲ ପରିମାଣ ବଢ଼ିଯାଇଥାଏ, ଏବଂ ଏଥିରେ ହୃଦୟ ସମ୍ବନ୍ଧୀୟ ରୋଗର ସମ୍ଭାବନା ମଧ୍ୟ ବଢ଼ିଯାଇଥାଏ। ଚାହା ସହ ପକୁଡି ଏବଂ ସିଙ୍ଗଡା ଖାଇବା ସାଧାରଣ କଥା ଅଟେ, ହେଲେ ଏହି ଫାଲତୁ କମ୍ବିନେସନ ଏସିଡିଟୀ ଏବଂ ପେଟ ଫୁଲିବାର ସମସ୍ୟାକୁ ବଢାଇପାରେ। ଚାଟ ଏବଂ ସ୍ନାକ୍ସ ଆଇଟମରେ ତେଲ ଏବଂ ମସଲା ରହିଥାଏ। ଯାହାକୁ ଆପଣ ଖାଇବା ଦ୍ୱାରା ହାନିକାରକ ହୋଇପାରେ। ଚାହା ଏବଂ ମସଲାର କମ୍ବୋ ପାଚନ ସମସ୍ୟାକୁ ବଢାଇଦିଏ। ଚାହା ଆମକୁ ରିଲାକ୍ସ କରିବାରେ ସାହାଯ୍ୟ କରେ, ସେହିପରି ମସଲାଦାର ଖାଦ୍ୟ ଖାଇବା ଦ୍ୱାରା ଆପଣଙ୍କ ମନ ଖରାପ ହୋଇପାରେ। ଚାହା ସହ ଆପଣ ଯଦି ଅଧିକ ମିଠା ଜିନିଷ ଯେପରିକି କେକ, ପେଷ୍ଟ୍ରୀ ବା କ୍ଷୀର ଖାଇବେ ତେବେ ସୁଗାରର ମାତ୍ରା ଏକଦମ ବଢ଼ିଯିବ







# ତ୍ୱଚା ପାଇଁ ଉପକାରୀ ଆଳୁ

*ସମସ୍ତଙ୍କ ଘରେ ବ୍ୟବହାର ହେଉଥିବା ଏକ ସାଧାରଣ ପରିବା ହେଉଛି ଆଳୁ। ସବୁ ତରକାରୀ, ଭଜାରେ ଆଳୁ ବ୍ୟବହୃତ ହୋଇଥାଏ। ଆଳୁରେ ଅଧିକ ପରିମାଣରେ ଷ୍ଟାର୍ଚ୍ ରହିଥାଏ। ଏଥିସହ ଭିଟାମିନ୍ ସି, ଭିଟାମିନ୍ ବି କମ୍ପ୍ଲେକ୍ସ, ଲୌହ, କ୍ୟାଲସିୟମ୍, ମାଙ୍ଗାନିଜ୍ ଏବଂ ଫସଫରସ୍ ବହୁଳ ମାତ୍ରାରେ ରହିଥାଏ। ତ୍ୱଚାର ଦାଗ ଦୂର କରିବାରେ ମଧ୍ୟ ଆଳୁ ସାହାଯ୍ୟ କରେ। ଆଖିତଳ କଳା ପଡୁଥିଲେ ଆଳୁ ଘଷିବା ଦ୍ୱାରା କଳାପଣ ଦୂର ହୋଇଥାଏ।*

■ ସାବୁନ ପରି କାମ କରେ ଆଳୁ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଆଳୁକୁ ଠିକ୍ ଭାବେ ଉପଯୋଗ କରିପାରିଲେ ଆପଣଙ୍କୁ ଆଉ ସାବୁନ୍ ବ୍ୟବହାର କରିବାକୁ ପଡ଼ିବନାହିଁ।

■ ଏଥିପାଇଁ ପ୍ରଥମେ ଆଳୁକୁ ଗୋଲ ଗୋଲ୍ କରି କାଟିଦିଅନ୍ତୁ।

■ ଏଥିରେ କିଛି ଲେମ୍ବୁରସ କିମ୍ବା କାକୁଡ଼ି ରସ ମିଶାନ୍ତୁ। ଏବେ ମୁହଁକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦେଇ ଏହି ଆଳୁକୁ ମୁହଁରେ ଧୀରେ ଧୀରେ ଘଷନ୍ତୁ।

■ ତ୍ୱଚାର କଳାପଣ ସହ ଦାଗ ଦୂର କରିବାରେ ଏହା ସହାୟକ ହୋଇଥାଏ।

■ ସେହିପରି ସନ୍‌ବର୍ଣ୍ଣ ସମସ୍ୟାର ସମାଧାନ ପାଇଁ ମଧ୍ୟ ଆପଣ ଆଳୁ ବ୍ୟବହାର କରିପାରିବେ।

■ ଆଳୁକୁ ଛୋଟ ଛୋଟ କରି କାଟି ଫ୍ରିଜ୍‌ରେ ରଖିଦିଅନ୍ତୁ।

■ ଘଣ୍ଟାଏ ପରେ ସେହି ଆଳୁକୁ ସନ୍‌ବର୍ଣ୍ଣ ସ୍ଥାନରେ ଲଗାନ୍ତୁ। ବହୁତ ଜଲଦି ସନ୍‌ବର୍ଣ୍ଣ ଦୂର ହେବ।



# ଅଖତରଙ୍କ ସହ ହାତ ମିଳାଇଲେ କଙ୍ଗନା

ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ୍। ଏବେ ଅଭିନୟରୁ ବିରତୀ ନେଇ ରାଜନୀତିରେ ମନ ଦେଇଛନ୍ତି। ପ୍ରତ୍ୟେକ ପ୍ରସଙ୍ଗରେ ଖୋଲାଖୋଲି ଭାବରେ ପ୍ରତିକ୍ରିୟା ଦେଉଥିବା କଙ୍ଗନା ନିକଟରେ ହିମାଚଳରେ ନିଜର ଏକ ରେଷ୍ଟୋରାଁ ଖୋଲିଥିବା ନେଇ ଘୋଷଣା କରିଥିଲେ। ବହୁ ବିବାଦ ପରେ ହାତ ମିଳାଇଛନ୍ତି କଙ୍ଗନା ଏବଂ କବି ତଥା ଗୀତିକାର ଜାଭେଦ ଅଖତର। ୨୦୨୦ରେ କଙ୍ଗନାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ ଜାଭେଦ। ଅନେକ ଶୁଣାଣି ପରେ ଡିସେମ୍ବର ୨୦୨୪ରେ ଦୁହେଁ ସେମାନଙ୍କର ଆଇନଗତ ଲଢ଼େଇର ସମାଧାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଜାଭେଦ ଅଖତାର ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହୋଇଥିଲେ ବି କଙ୍ଗନା ସଂସଦୀୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କୋର୍ଟରେ ପହଞ୍ଚିପାରିନଥିଲେ। ଆଜି ଉଭୟ କୋର୍ଟରେ ହାଜର ହୋଇ ମାମଲାର ସମାଧାନ କରିଛନ୍ତି। କଙ୍ଗନା ଚୁକ୍ତିନାମାର ଲିଖିତ ସର୍ତ୍ତାବଳୀରେ କହିଛନ୍ତି, ତାଙ୍କର ଜାଭେଦଙ୍କ ପ୍ରତି ବହୁତ ସମ୍ମାନ ଅଛି। ନିଜ ମନ୍ତବ୍ୟ ଯୋଗୁ ଜାଭେଦଙ୍କୁ ହୋଇଥିବା ଅସୁବିଧା ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି। ମୁଁ ଭବିଷ୍ୟତରେ ଏପରି କୌଣସି ବୟାନ ଦେବି ନାହିଁ। ମୁଁ ମୋର ସମସ୍ତ ବକ୍ତବ୍ୟ ଫେରାଇ ନେଉଛି। ମାନହାନୀ ମାମଲାରେ ଜାଭେଦ ଅଖତରଙ୍କ ସହ ମାମଲା ସମାଧାନ ପରେ, କଙ୍ଗନା ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହା ସହିତ, ସେ କ୍ୟାପସନରେ ଲେଖିଛନ୍ତି ଯେ, ସମାଧାନ ପରେ ଜାଭେଦ ଅଖତର ମଧ୍ୟ ଅଭିନେତ୍ରୀଙ୍କ ଫିଲ୍ମ ପାଇଁ ଗୀତ ଲେଖିବାକୁ ରାଜି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୭୬ ବର୍ଷୀୟ ଲେଖକ ତଥା କବି ଜାଭେଦ ଅଖତର ନଭେମ୍ବର ୨୦୨୦ରେ ଆଙ୍ଗେରୀ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟଙ୍କ ନିକଟରେ କଙ୍ଗନାଙ୍କ ବିରୋଧରେ ଏକ ମାନହାନି ମାମଲା ଆଗତ କରିଥିଲେ। ଏକ ଟେଲିଭିଜନ ସାକ୍ଷାତକାରରେ ତାଙ୍କ ବିରୋଧରେ ଅଭିନେତ୍ରୀ କଙ୍ଗନା ରାଣାୱତ ବଦନାମ ତଥା ଭିତ୍ତିହୀନ ମନ୍ତବ୍ୟ ଦେଇ ତାଙ୍କର ମାନହାନି କରିଥିବା ଅଭିଯୋଗ କରି ସେ ଏହି ମାମଲା ଆଗତ କରିଥିଲେ।





# ବିପାଶାଙ୍କ ଉପରେ ମିକା ଖପ୍ପା

ବଲିଉଡର ଲୋକପ୍ରିୟ ଗାୟକଙ୍କ ମଧ୍ୟରୁ ମିକା ସିଂ ଅନ୍ୟତମ। ସେ ତାଙ୍କ ଗୀତ ସହିତ ତାଙ୍କର ବକ୍ତବ୍ୟ ଅନେକ ସମୟରେ ଚର୍ଚ୍ଚାରେ ଥାଏ। ଏବେ ମିକା ଅଭିନେତ୍ରୀ ବିପାଶା ବସୁଙ୍କ ବିଷୟରେ ବଡ଼ ଖୁଲାସା କରିଛନ୍ତି। ନିକଟରେ ସେ ଅଭିନେତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ମିକା କହିଛନ୍ତି ଯେ ସେ ନିଜ ଯୋଗୁଁ ସେ କୌଣସି କାମ ପାଉନାହାଁନ୍ତି। ବାସ୍ତବରେ, ମିକା ସିଂ ବିପାଶା ବସୁଙ୍କ ପ୍ରକୃତି ବିଷୟରେ ଅନେକ ଥର କହିସାରିଛନ୍ତି। ଗାୟକ କହିଥିଲେ ଯେ ଯେତେବେଳେ ସେ ବିପାଶା ଏବଂ ତାଙ୍କ ସ୍ୱାମୀ କରଣ ସିଂ ଗ୍ରୋଭରଙ୍କ ସହ କାମ କରିଥିଲେ, ଏହି ଦମ୍ପତି ତାଙ୍କୁ ବହୁତ ହଇରାଣ କରିଥିଲେ। ମିକା ସିଂ କହିଛନ୍ତି ଯେ ଗତ କିଛି ବର୍ଷ ହେବ ସେମାନେ ବିନା କାମରେ ଘରେ ବସିରହିଛନ୍ତି। ସେମାନଙ୍କୁ କୌଣସି କାମ ମିଳୁନାହିଁ। ଏହା କେବଳ ସେମାନଙ୍କର ଭୁଲ ଯୋଗୁଁ ଘଟୁଛି। କାରଣ ଯେତେବେଳେ ମୁଁ ତାଙ୍କ ସହିତ କାମ କଲି। ସେମାନେ ବହୁତ ଡ୍ରାମା କରିଥିଲେ। ତାଙ୍କ ହେତୁ ମୋ ଫିଲ୍ମର ବଜେଟ୍ ୪ କୋଟିରୁ ୧୫ କୋଟି ଟଙ୍କାକୁ ଯାଇଥିଲା। ତଥାପି ବି ସେମାନେ ହଇରାଣ କରିବା ଛାଡି ନଥିଲେ। କୌଣସି ପ୍ରକାରେ ମୁଁ ତାଙ୍କ ସହିତ ସେହି ଫିଲ୍ମ କଲି। ଏହା'ପରେ କୋଭିଡ କାରଣରୁ, ସେ ଠିକ୍ ଭାବରେ ଚାଲିପାରିଲା ନାହିଁ, ମିକା କହିଛନ୍ତି ସୁଟିଂ ବ୍ୟତୀତ, ଯେତେବେଳେ ଡବିଂ କରିବାର ସମୟ ଆସିଲା ସେତେବେଳେ ମଧ୍ୟ କରଣ ଏବଂ ବିପାଶା ଅନେକ ଥର ଅସୁସ୍ଥତାର ବାହାନା ଦେଖାଇଥିଲେ। ଏହି ଜିନିଷ ଏବଂ ସେମାନଙ୍କର ଭୁଲ ହେତୁ, ଆଜି ଏହି ଦମ୍ପତି କୌଣସି କାମ ପାଉ ନାହାନ୍ତି। ଏଥିପାଇଁ ଦୁହେଁ ଘରେ ବସିଛନ୍ତି। ଯେତେବେଳେ କେହି ଆପଣଙ୍କୁ କାମ ଦିଅନ୍ତି ଏହାକୁ ବୁଝିବା ଉଚିତ୍। ସେହି କାର୍ଯ୍ୟକୁ ସମ୍ମାନ ଦେବା କଥା।



# ୩୮ ବର୍ଷରେ ପାଦ ଦେଲେ ଶ୍ରଦ୍ଧା

ଶ୍ରଦ୍ଧା କପୁର ବଲିଉଡର ସବୁଠାରୁ ସୁନ୍ଦର ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ଫ୍ୟାନ୍ସମାନେ ଅଭିନେତ୍ରୀଙ୍କୁ ତାଙ୍କ ଚୁଲବୁଲି ଅନ୍ଦାଜ ପାଇଁ ବହୁତ ପସନ୍ଦ କରନ୍ତି। ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଶ୍ରଦ୍ଧା କପୁର ଆଜି ନିଜର ୩୮ତମ ଜନ୍ମଦିନ ପାଳନ କରୁଛନ୍ତି। ଶ୍ରଦ୍ଧାଙ୍କ ସୁନ୍ଦରତା ଯୋଗୁଁ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଶ୍ରଦ୍ଧା ଜଣେ ଭଲ ଅଭିନେତ୍ରୀ ହେବା ସହ ଜଣେ ଭଲ ଗାୟିକା ମଧ୍ୟ। ତାଙ୍କ ବାପା ଶକ୍ତି କପୁର ମଧ୍ୟ ଜଣେ ଚର୍ଚ୍ଚିତ କଳାକାର। ଖୁବ କମ ବୟସରେ ଶ୍ରଦ୍ଧା ନିଜ ଦମଦାର ଅଭିନୟ ଯୋଗୁଁ ଦର୍ଶକଙ୍କ ହୃଦୟରେ ରାଜ କରୁଛନ୍ତି। ୩ ମାର୍ଚ୍ଚ ୧୯୮୭ ରେ ଶ୍ରଦ୍ଧା ବମ୍ବେରେ ଜନ୍ମଗ୍ରହଣ କରିଥିଲେ। ଯାହା ପରେ ସେ ନିଜ ପାଠପଢା ମଧ୍ୟ ବମ୍ବେରୁ ହିଁ ଆରମ୍ଭ କରିଥିଲେ। ପରେ ହାଇୟର ଷ୍ଟଡି ପାଇଁ ଆମେରିକା ଯାଇଥିଲେ। ପରେ ସେଠାରୁ ଫେରି ନିଜ କ୍ୟାରିୟରକୁ ନେଇ ରଖିଥିବା ଲକ୍ଷ୍ୟକୁ ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଫିଲ୍ମ 'ତୀନ ପତ୍ତୀ'ରୁ ଶ୍ରଦ୍ଧା ତାଙ୍କ ଅଭିନୟର ଯାତ୍ରା ଆରମ୍ଭ କରିଥିଲେ। ଶ୍ରଦ୍ଧାଙ୍କ ବଲିଉଡ ଜଗତରେ ଏଣ୍ଟ୍ରି କରିବା ପଛର କାହାଣୀ ଖୁବ ନିଆରା ଥିଲା। ତାଙ୍କ ବାପା ଜଣେ ପୁରାତନ ଚର୍ଚ୍ଚିତ କଳାକାର ହୋଇ ବି ଶ୍ରଦ୍ଧା କପୁରଙ୍କ ଫିଲ୍ମ ଦୁନିଆରେ ଏଣ୍ଟ୍ରି ତାଙ୍କ ବାପାଙ୍କ ମାଧ୍ୟମରେ ନୁହେଁ ବରଂ ଫେସବୁକ ମାଧ୍ୟମରୁ ହୋଇଥିଲା। ଫିଲ୍ମ ନିର୍ମାତା ଅମ୍ବିକା ହିନ୍ଦୁଜା ଶ୍ରଦ୍ଧାଙ୍କ ଫୋଟୋ ଫେସବୁକରେ ଦେଖି ତାଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କ କ୍ୟାରିୟରର ପ୍ରଥମ ଫିଲ୍ମରେ ଅମିତାଭ ବଚନଙ୍କ ସହ କାମ କରିବାର ସୁଯୋଗ ପାଇଥିଲେ। କିନ୍ତୁ ଫିଲ୍ମଟି ପରେ ଫ୍ଲପ ହୋଇଥିଲା। ଯାହା ଫଳରେ ଶ୍ରଦ୍ଧାଙ୍କର ବିଶେଷ ପରିଚୟ ତିଆରି ହୋଇପାରିନଥିଲା। କିନ୍ତୁ ପରେ 'ଆଶିକ ୨' ଫିଲ୍ମ ଶ୍ରଦ୍ଧାଙ୍କ କ୍ୟାରିୟରରେ ଏକ ନୂଆ ମୋଡ ଆଣିଥିଲା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମୋହିତ ସୁରୀ। ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ସହ ଆଦିତ୍ୟ ରାୟ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମ ଏବଂ ଏହାର ଗୀତ ଉଭୟ ସୁପରହିଟ ହୋଇଥିଲା। ଯାହା ପରେ ଆଉ ପଛକୁ ଫେରି ଚାହିଁନଥିଲେ ଶ୍ରଦ୍ଧା। କେବଳ ଯେ ଅଭିନୟ ତା ନୁହେଁ ନିଜ ସୁନ୍ଦର ସ୍ୱରରେ ମଧ୍ୟ ସେ ଫ୍ୟାନ୍ସଙ୍କ ହୃଦୟ ଜିତିଛନ୍ତି। ସୁପରହିଟ 'ଭିଲେନ' ଫିଲ୍ମର 'ତେରି ଗଲିୟାଁ' ଗୀତ ଗାଇ ସେ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଯାହା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଜି ତାଙ୍କ ଜନ୍ମଦିନ ଅବସରରେ ଚାରିଆଡୁ ଛୁଟୁଛି ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

# ସୁଟ୍‌କେସରୁ କାର୍

ବାହାରକୁ ବୁଲିବାକୁ ଗଲାବେଳେ ବସ୍, ଟ୍ରେନ ଅବା ଫ୍ଲାଇଟ୍‌ରେ ଯାଇଥାଉ। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ସେଠାରେ କ୍ୟାବ କରି ବିଭିନ୍ନ ସ୍ଥାନ ବୁଲିବାକୁ ହୁଏ। ଯେଉଁଥିପାଇଁ ମୋଟା ଅଙ୍କର ଖର୍ଚ୍ଚ ବି କରିବାକୁ ହୁଏ। ହେଲେ ଏବେ ଆଉ ଏମିତି କରିବାକୁ ପଡ଼ିବ ନାହିଁ। କାରଣ ଆସି ଯାଇଛି ସୁଟ୍‌କେସ୍ କାର୍। ଭାବୁଥିବେ ଇଏ ପୁଣି କ'ଣ। ପ୍ରକୃତ କଥା ହେଲା ଏହା ଦେଖିବାକୁ ପୂରାପୂରି ଏକ ସୁଟକେସ୍ ପରି, ଯାହାକୁ ସହଜରେ ସାଙ୍ଗରେ ନେଇ ହେବ। ଆଉ ଯେଉଁଠି ଦରକାର ତାକୁ ଖୋଲିଦେଲେ ତାହା ଏକ ପୋର୍ଟେବଲ ମିନିଏଚର କାର୍‌ରେ ପରିଣତ ହୋଇଯିବ, ଯାହାକୁ ଚଲାଇ ଯେଉଁଆଡ଼େ ଚାହିଁବେ ଯାଇପାରିବେ। ମାଜ୍‌ଦା ଦ୍ୱାରା ଡିଜାଇନ୍ ହୋଇଥିବା ଏହି କାର୍ ଜେମ୍ସ ବଣ୍ଡ ଫିଲ୍ମର ଏକ ଅଜବ ଗ୍ୟାଜେଟ୍ ପରି। ୫୭ ସେ.ମି. ପ୍ରସ୍ଥ, ୭୫ ସେ.ମି. ଦୈର୍ଘ୍ୟବିଶିଷ୍ଟ ଏହି ସୁଟ୍‌ର୍ସେର ଓଜନ ୩୨ କି.ଗ୍ରା.। ଏଥିରେ ୧.୭ ଏଚପି, ୩୩.୬ ସିସି ଇଞ୍ଜିନ ଅଛି, ଯାହା ଏହି କାର୍‌କୁ ଘଣ୍ଟା ପ୍ରତି ୩୦ କି.ମି. ବେଗରେ ଗତି କରିବାରେ ସାହାଯ୍ୟ କରିଥାଏ। ଏଥିରେ ହ୍ୟାଣ୍ଡେଲ ବାର,ଡିସ୍କ ବ୍ରେକ୍, ହେଡ ଲାଇଟ୍ସ ବି ଅଛି। ତେବେ ଏହାକୁ କେବଳ ମଜା ପାଇଁ ତିଆରି ହୋଇଥିବା ମାଜ୍‌ଦା କାମ୍ପାନୀ କହିଛି।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପିଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକା ସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ.ଦେବେନ୍ଦ୍ର କୁମାର ଦାସ ଏ ସମ୍ପର୍କରେ ଜିଲ୍ଲାର ଜଣାଶୁଣା ସମାଜସେବୀ ପ୍ରଦୀପ କୁମାର ମହାନ୍ତିଙ୍କ ଠାରୁ ଖବର ପାଇବା ପରେ ଟ୍ରଷ୍ଟ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟି ଭୁବନ ମୋହନ ଦାସ ମହାକାଳପଡା ବ୍ଲକର ବିଜୟନଗର ଗ୍ରାମପଞ୍ଚାୟତର ଅରଡ ଗ୍ରାମର କର୍କଟ ପୀଡ଼ିତ ୨୫ବର୍ଷୀୟ ଗଣେଶ ବରାଳଙ୍କ ଘରେ ପହଞ୍ଚି ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ସମୟରେ ସ୍ୱୟଂଭୁବ ଦାସ ଓ ରତ୍ନାକର ସାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସେହି ବ୍ଲକର ମାଳିଅଞ୍ଚ ଗ୍ରାମର ନିଳମଣୀ ରାଉତଙ୍କ ପୁଅ ପ୍ରଣବ ରାଉତ(୩୦)ଙ୍କର କିଡନୀ ଜନିତ ରୋଗରେ ବିୟୋଗ ହୋଇଯିବା ପରେ ସେହି ପରିବାରଟି ଅତ୍ୟନ୍ତ ଅସହାୟ ହୋଇପଡିଛି। ପ୍ରଣବଙ୍କ ବିଧବା ପତ୍ନୀ ସହିତ ଦୁଇଟି ଛୋଟ ପିଲା ଅନାଥ ହୋଇପଡିଛନ୍ତି। ତାଙ୍କର ଏଭଳି ଦୁସ୍ଥ ଅବସ୍ଥାରେ ସୁଦ୍ଧିକ୍ରିୟା କରିବା ନିମନ୍ତେ ତାଙ୍କ ପରିବାର ନିକଟରେ ଆର୍ଥିକ ସମ୍ବଳ ନଥିବାରୁ ସେହି ପରିବାରକୁ ମଧ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଟ୍ରଷ୍ଟି ଭୁବନ ମୋହନ ଦାସ।

## ଅଭିଯୋଗ ପତ୍ର ନାଁ'ରେ ରାଜନୀତି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ବିରୋଧୀ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିଲେ। ନିର୍ବାଚନ ପର ଠାରୁ ଛତ୍ରପୁର ବ୍ଲକରେ ବିଶେଷ ଭାବରେ ରାଜନୈତିକ ବାତାବରଣ ଦେଖାଯାଉନଥିଲା। ହେଲେ ଦୀର୍ଘ ଦିନର ନିରବତା ପରେ ଗତକାଲି ଏକ ଭିନ୍ନ ରାଜନୀତ ଦେଖିବାକୁ ମିଳିଥିଲା ଛତ୍ରପୁର ବ୍ଲକ୍ ଅଧକ୍ଷାଙ୍କ ନେତୃତ୍ୱରେ ୫ଜଣ ସରପଞ୍ଚ ଏବଂ ୬ଜଣ ସମିତିସଭ୍ୟ ସ୍ଥାନୀୟ ଡିଆରଡିଏ ଅଭିଯୋଗଶୁଣାଣୀ କକ୍ଷକୁ ଯାଇ ଛତ୍ରପୁର ବ୍ଲକର ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ରୋକିବା ନିମନ୍ତେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଦାବୀପତ୍ର ଦେବାପରେ ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ ଚକ୍ର ପାଣି ରେଡି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଛତ୍ରପୁର ବ୍ଲକ ଏକ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିଲେ ସୁଦ୍ଧା କିଛି ରାଜନୈତିକ ଉଦ୍ଦେଶ୍ୟ ରଖି କିଛିବ୍ୟକ୍ତି ବିଡ଼ିଓଙ୍କୁ ଚାପ ପ୍ରୟୋଗ କରି ଇଚ୍ଛା ମୁତାବକ କାମ କରୁଥିବା ବେଳେ ବିଧାୟକଙ୍କ ହସ୍ତକ୍ଷେପରେ ଏଭଳି ସବୁ କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ତେବେ ଏତେସବୁ ଭିତରେ ଅଭିଯୋଗ ନେଇ ଯାଇଥିବା ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ସଂଜୀବ ରେଡି କିନ୍ତୁ ଗଣମାଧ୍ୟମ ଆଗରେ ଅଲଗା ମତ ରଖିଛନ୍ତି। ସେ କହିଛନ୍ତି ମିଛ କହି ତାଙ୍କୁ ସେଠାକୁ ଡକା ଯାଇଥିଲା। ହେଲେ ରାଜନୈତିକ ଉଦେଶ୍ୟ ରଖି ନାମ ମାତ୍ରକୁ ଅଭିଯୋଗ ପତ୍ର ନାଁ'ରେ ବିଧାୟକଙ୍କ ଛବି ଖରାପ କରିବାକୁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି କହିଛନ୍ତି। ସେ ଏହା ମଧ କହିଛନ୍ତି ବିଧାୟକ ଜଣେ ଭଲଲୋକ ନିର୍ବାଚନ ପରଠାରୁ ଜୋରସୋରରେ ଉନ୍ନତିମୂଳକ କାର୍ଯ୍ୟ ଚଳାଇଛନ୍ତି। ବ୍ଲକ୍‌ରେ ବିଧାୟକଙ୍କ କୌଣସି ହସ୍ତକ୍ଷେପ ନାହିଁ ବୋଲି ସିଧାସଳଖ ଭାବେ ଖଣ୍ଡନ କରିଛନ୍ତି। ଅନ୍ୟପଟେ ବ୍ଲକ୍ ଉପାଧକ୍ଷା ଏସ ସାରଦା ରେଡି ମଧ ସମାନ୍ତରଳ ଭାବେ ଏହାକୁ ଖଣ୍ଡନ କରିବା ସହ କହିଛନ୍ତି ବିଧାୟକ କୌଣସି ହସ୍ତକ୍ଷେପ ବ୍ଲକରେ ନାହିଁ ଓଲଟା ବିଧାୟକ ସମସ୍ତ କାର୍ଯ୍ୟରେ ସମସ୍ତ ସରପଞ୍ଚ ସମିତି ମାନଙ୍କୁ ପଚାରି ପାରନ୍ତି ମାତ୍ର କିଛି ହାତ ଗଣତି ବିଜେଡି ସାମର୍ଥିତ ସରପଞ୍ଚ ସମିତିଙ୍କୁ ନେଇ ଏହା ଏକ ହୀନ ରାଜନୀତି କରାଯାଉଛି ବୋଲି କହିଛନ୍ତି। ତେବେ ଛତ୍ରପୁର ବ୍ଲକରେ ୧୮ଟି ପଞ୍ଚାୟତ ରହିଥିବା ବେଳେ ମାତ୍ର ୫ ରୁ ୬ ଜଣ ସରପଞ୍ଚ ସମିତିସଭ୍ୟଙ୍କୁ ନେଇ ଅଭିଯୋଗ ପତ୍ର ଦେବା ତାହା ପୁଣି ମିଥ୍ୟା କହି ଡାକିବା ଏହା ଏକ ତୁଚ୍ଛା ରାଜନୀତି ବୋଲି ଛତ୍ରପୁରର ବିଜେପି ନେତା ପ୍ରଦୀପ ପାଢ଼ୀ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ପୂର୍ବ ସରକାରରେ ଛତ୍ରପୁରର ପୂର୍ବତନ ବିଧାୟକଙ୍କୁ ଦେଖିବାକୁ ମିଳୁ ନଥିଲା ହେଲେ ସରକାର ବଦଳିବା ପରେ ନିର୍ବାଚନ ପରଠାରୁ ଆଜି ଯାଏଁ ପ୍ରତ୍ୟେକ ଦିନ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଲୋକଙ୍କ ନିକଟକୁ ଯାଉଛନ୍ତି। ନିଜ ଦରମା ଗରିବଙ୍କ ପାଇଁ ଖର୍ଚ୍ଚ କରିଛନ୍ତି। ଦୁର୍ନୀତିକୁ ଗୋଡେଇ ଗୋଡେଇ ଧରୁଛନ୍ତି ଏଣୁ ଏହା ବିରୋଧୀଙ୍କ ଦେହରେ ଯାଉ ନାହିଁ ବୋଲି କହିଛନ୍ତି ତେବେ ଏତେ ସବୁ ଭିତରେ ଆଗକୁ ଛତ୍ରପୁର ରାଜନୀତି କେଉଁ ଆଡ଼େ ଗତିକରୁଛି ତାହା ଦେଖିବାକୁ ବାକି ରହିଲା।

## ବଡ଼ଝରା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧୀନ ବଡଝରା ସରକାରୀ ଉପ୍ରା ବିଦ୍ୟାଳୟର ସୋମବାର କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାଳିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଡଝରା ଗ୍ରାମ ପଞ୍ଚାୟତ ସରପଞ୍ଚ ରୁନୁ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ତରଣୀ କାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ମାମାଲି ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଜିତ କୁମାର ଦାସ, ପ୍ରଧାନ ଶିକ୍ଷକ ଯୌତୁକପସୀ ଜିତେନ୍ଦ୍ର ଚନ୍ଦ୍ର ସାହୁ, ପ୍ରାକ୍ତନ ହାଇସ୍କୁଲ ପ୍ରଧାନ ଶିକ୍ଷକ ମାଷ୍ଟର ମନୀଷ ରଞ୍ଜନ ମଞ୍ଚାସିନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଶିକ୍ଷାର୍ଥୀ ପାଠ ପଢ଼ା ସହିତ ଜଣେ ଭଲ ମଣିଷ ହେବା ପାଇଁ ଶୃଙ୍ଖଳା ଚଳଣି ରହିବା ଦରକାର। ଖରାପ ଭାଷା ଓ ଖରାପ ଇଙ୍ଗିତରୁ ଦୂରେଇ ରହି ପାଠ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିବା ବେଳେ, ଅଭିଭାବକମାନଙ୍କୁ ପିଲାଙ୍କ ପ୍ରତି ସଂସ୍କାରିକ ଜ୍ଞାନ ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥିତକୁ ନଜର ରଖି ପ୍ରଧାନ ଶିକ୍ଷକ ମହାଳିକ ଆଉ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଁ ଅତିରିକ୍ତ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତ୍ୟେକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଗୋଟିଏ ମଣ୍ଡପ, ତତ୍‌ସହିତ ଗୋଟିଏ ପରିସର ଭିତରେ ଅଙ୍ଗନବାଡି ଠାରୁ ହାଇସ୍କୁଲକୁ ମିଶାଇ ଏକ ପାଚେରୀ ନିମନ୍ତେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସିନିୟର ଓ ଜୁନିୟର ବିଭାଗ କରାଯାଇ ପୂର୍ବରୁ କ୍ରୀଡ଼ା ଓ ବିଭିର୍ଣ୍ଣ ପ୍ରତିଯୋଗିତା ନାଚ ଗୀତ ଅନୁଷ୍ଠିତ ହୋଇଥିବା ବେଳେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ କୁ ଶିକ୍ଷକ ତୃପ୍ତି ରଞ୍ଜନ ସ୍ୱାଇଁ, ଶିକ୍ଷୟତ୍ରୀ ଶୁଭାଗିନୀ ସିଂହ, ଅନିତା ସିଂହ, ଲିଲି ପ୍ରଧାନ, ମମତା ସାହୁ, ରଶ୍ମିତା ପରିଡା ଓ ସମସ୍ତ ଶୁଭେଚ୍ଛୁ ସହଯୋଗ ରଖିଥିବା ବେଳେ, ଶିକ୍ଷକ ବରୁଣ କୁମାର ସାହୁ ମଞ୍ଚ ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ ଦାୟିତ୍ୱ ନିର୍ବାହ କରିଥିଲେ।

## ମା' ବାଲିହରଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ବଡାଳ ପଞ୍ଚାୟତ ହରିପୁର ଗ୍ରାମର ଆରାଧ୍ୟ ଠାକୁରାଣୀ ମା ବାଲିହରଚଣ୍ଡୀଙ୍କ ପୀଠରେ ଗତ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ୫ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଚାରିଦିନ ଧରି ଅଙ୍କୁରୋପଣ, କଳସ ଯାତ୍ରା, ଶାଳାପୂଜା, ଅଗ୍ନିସ୍ଥାପନ, ନାନା ପୂଜା ବିଧି କରାଯାଇ ଦୁଇ ତାରିଖ ଅପରାହ୍ନରେ ଘୃତାଭିଷେକ, ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇ ଉଦଯାପିତ ହୋଇଥିଲା। ଏଥିରେ କର୍ତ୍ତାକର୍ତ୍ତୀ ଭାବେ ଅକୃର ଚରଣ ସାହୁ ଓ ତାଙ୍କ ପତ୍ନୀ ବସିଥିବା ବେଳେ ପଣ୍ଡିତ ପ୍ରଶନ୍ନ କୁମାର ମହାପାତ୍ର ଓ ସାଥୀମାନେ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ଗ୍ରାମବାସୀମାନେ ପୂର୍ଣ୍ଣସହ ଯୋଗ କରିଥିଲେ।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବରେ ବରିଷ୍ଠ ପ୍ରାଧ୍ୟାପକ ତଥା ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ବିଜୟ କୁମାର ସାହୁ ଆଜି ବିଧିବଦ୍ଧ ଭାବରେ ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ବହୁ ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କ ଉପସ୍ଥିତିରେ ସାହୁ ଅଧକ୍ଷଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦାୟିତ୍ୱ ସମ୍ଭାଳିବା ପରେ ତାଙ୍କ ପ୍ରଥମ କାର୍ଯ୍ୟକ୍ରମ ରେ ନୂତନ ଅଧକ୍ଷ ସାହୁ ଷ୍ଟାଫ୍ କାଉନସିଲ ଦ୍ୱାରା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏକ ସଭାରେ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଉଲ୍ଲେଖ କରି ବ୍ରଜରାଜନଗର ମହାବିଦ୍ୟାଳୟକୁ ଝାରସୁଗୁଡ଼ା ଜିଲ୍ଲାର ଏକ ନମ୍ବର ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ଅଧାପକ, ଅଧାପିକା ତଥା କର୍ମଚାରୀ ମାନେ ମନ ପ୍ରାଣ ଦେଇ ମହାବିଦ୍ୟାଳୟ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଷ୍ଟାଫ କାଉନସିଲ ସେକେଟ୍ରି ଡକ୍ଟର ଋତୁପର୍ଣ୍ଣା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ବାଣିଜ୍ୟ ବିଭାଗ ମୁଖ୍ୟ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଏକାଉଣ୍ଟ ବର୍ଷର ବିକାଶ ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଶେଷରେ ଷ୍ଟାଫ କାଉନସିଲ ସହ ସମ୍ପାଦକ ଅଧ୍ୟାପକ ଅନୁପ ଗୁଲସନ ଲାକ୍ରା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଲ୍ଲେଖଯୋଗ୍ୟ ୧୮ ସେପ୍ଟେମ୍ବର ୧୯୯୧ ମସିହା ବ୍ରଜରାଜନଗର ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ ଯୋଗଦେଇ ଦୀର୍ଘ ୩୪ବର୍ଷ ଏହି ମହାବିଦ୍ୟାଳୟରେ ଅବିରତ ଭାବରେ କାର୍ଯ୍ୟ କରି ଆସୁଥିବା ବିଜୟ କୁମାର ସାହୁ ଗତ ୨୦୧୮ ମସିହାରେ ପ୍ରାଧ୍ୟାପକ ଭାବରେ ପଦୋନ୍ନତି ପାଇଥିଲେ। ନୂତନ ଅଧକ୍ଷ ବିଗତ ପ୍ରାୟ ୧୮ ବର୍ଷରୁ ଶୈକ୍ଷୀକ ଅଧିକାରୀ ଭାବରେ ଗୁରୁଦାୟିତ୍ୱ ନିର୍ବାହ କରିଆସୁଥିବା ବେଳେ ବିଗତ ତିନି ବର୍ଷରୁ ରୁଷା ସଂଯୋଜକ ଏବଂ ବିଗତ ୮ଆଠ ମାସରୁ ଯୁକ୍ତଦୁଇ ପ୍ରଭାରୀ ଦାୟିତ୍ୱରେ ରହିଛନ୍ତି।

## କଳାକାର ପରିବାର ତରଫରୁ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟ ପରିସରରେ ଓଡ଼ିଆ ସିନେମା ଜଗତର ମହାନାୟକ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି।ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଭା-ପତିତ୍ୱରେ ଅନୁଷ୍ଠିତ ସଭାରେ ଅମ୍ଳାନ ଆତ୍ମାର ସଦଗତି ନିମନ୍ତେ ସର୍ବପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସନ୍ତୋଷ ମହାନ୍ତି, ଭାଗବତ ପଣ୍ଡା, ଅନ୍ନଦା ଶଙ୍କର ଦାଶ, ଚିନ୍ମୟ କୁମାର ଦାସ ପଟ୍ଟନାୟକ, ଡଃ ପ୍ରକାଶ ଚନ୍ଦ୍ର ଦାଶ, ସତ୍ୟାନନ୍ଦ ଶେଜପଡା, ଫାଲଗୁନୀ ମହାନ୍ତି ପ୍ରମୁଖ ଉତ୍ତମ ମହାନ୍ତିଙ୍କ ଜୀବନ ଶୈଳୀ ଏବଂ ତାଙ୍କ ସହିତ କଟେଇଥିବା ସମୟ ଉପରେ ଆଲୋକପାତ କରିଥିଲେ। ବନ୍ଧୁ ଧୀର ବସା କଲେଜ ସମୟରେ ଡ୍ରାମାରୁ ଅଭିନୟ ଆରମ୍ଭ କରି ଅଭିମାନ ଚଳଚ୍ଚିତ୍ରରେ ଅଭିନୟ ପରେ ଜଣେ ଶ୍ରେଷ୍ଠ ଅଭିନେତା ଭାବେ କିପରି ଦୀର୍ଘ ବର୍ଷର ଯାତ୍ରା କରିଥିଲେ ବର୍ଣ୍ଣନା କରୁ କରୁ ଭାବୁକ ହୋଇପଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣଜିତ କୁମାର ସାହୁ, ପ୍ରସନ୍ନ କୁମାର ମହାନ୍ତି, ଜଗଦୀଶ ଚନ୍ଦ୍ର ଦାସ, ବ୍ରିଜେନ୍ଦ୍ର କୁମାର ରାଉତ, ସରୋଜ କୁମାର ଶତପଥି, ଗୁହିରାମ ଜେନା, ମହେଶ କୁମାର ସାହୁ, ଧନଞ୍ଜୟ ସାହୁ କୁନ୍ଦନଲାଲ ଭଞ୍ଜଦେଓ, ସୁବ୍ରତ କୁମାର ଦେ, ଜ୍ଞାନରଞ୍ଜନ ପଣ୍ଡା, ରାଜେଶ କୁମାର ଦାଶ, ସୁଧୀର କୁମାର ନାୟକ, ପ୍ରଦୀପ କୁମାର ସରଘରିଆ, ସୋମନାଥ ସିଂହ, ଅସିତ କୁମାର ଗିରି ଉପସ୍ଥିତ ରହି ଓଡ଼ିଆ ସିନେଜଗତର ମହାନାୟକ ହେଲେ ମଧ ଜଣେ ମିଷ୍ଟଭାଷୀ, ପରୋପକାରୀ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ତଥା ଜଣେ ନିଆରା ମଣିଷ ଭାବେ କୋଟି ଓଡ଼ିଆଙ୍କ ହୃଦୟରେ ସଦା ସର୍ବଦା ରାଜ କରିବେ ବୋଲି ମତ ପୋଷଣ କରିଥିଲେ।

## ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ରଘୁବୀର ସେନାର ଭୂମିପୂଜନ



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁରୁଣ୍ଡି ଟେକ୍ନୋସିଟି ଅଞ୍ଚଳରେ ପ୍ରାୟ ୧ଏକର ଜମିରେ ରାମ ଲାଲାଙ୍କ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି ବ୍ରହ୍ମପୁର ଉପକଣ୍ଠ ଅଞ୍ଚଳର ପ୍ରାୟ ୧୦ଖଣ୍ଡ ଗ୍ରାମର ଯୁବପୀଢ଼ି। ବହୁଦିନ ଧରି ମନ୍ଦିର ନିର୍ମାଣ ସକାଶେ ସ୍ଥାନ ଚିହ୍ନଟ କରିବା ନେଇ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ଟେକ୍ନୋ ସିଟି ମାଲିକ ତଥା ବ୍ରହ୍ମପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପାଢ଼ୀ ରଘୁବୀର ସେନାଙ୍କ ପକ୍ଷରୁ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ହୃଦୟଙ୍ଗମ କରି ଜମି ପ୍ରଦାନ କରି ମନ୍ଦିର ତୋଳିବା ପାଇଁ ଯୁବକଙ୍କୁ ଉତ୍ସାହିତ କରିଥିଲେ। ଏଥିପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିବା ବେଳେ ସେଠାରେ ମନ୍ଦିର ପ୍ରତିଷ୍ଠା ନେଇ ଆଜି ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟେକ୍ନୋସିଟି ଅଞ୍ଚଳରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ମନ୍ଦିର ଗଢ଼ି ତୋଳିବା ସହ ଅଞ୍ଚଳକୁ ଆଧ୍ୟାତ୍ମିକ ପରିବେଶରେ ରଖିବା ଏବଂ ଆଗାମୀ ଦିନ ମାନଙ୍କରେ ଉକ୍ତ ଅଞ୍ଚଳରେ ବୃଦ୍ଧାଶ୍ରମ ସହ ଗୁରୁକୁଳ ଆଶ୍ରମ ସଂସ୍କୃତ ବିଦ୍ୟାଳୟ ଓ ସମସ୍ତ ମାଙ୍ଗଳିକ ଉତ୍ସବ କରି ଶାନ୍ତିପୂର୍ଣ୍ଣ ଅଞ୍ଚଳ କରିବା ନିମନ୍ତେ ରଘୁବୀର ସେନା ସଂକଳ୍ପ ଥିବା ନେଇ ସେନାର ସଭାପତି ଶ୍ରୀକାନ୍ତ ଚୌଧୁରୀ ମତପ୍ରକାଶ କରିଛନ୍ତି। ଏହି ଭୂମିପୂଜନ କାର୍ଯ୍ୟକ୍ରମ ପ୍ରାତଃ ଘ.୬.୪୮ମି. ସମୟ ଠାରୁ ଘ.୯.୪୫ମି. ପର୍ଯ୍ୟନ୍ତ ଭୂମି ପୂଜନ ପଦ୍ଧତି ରୀତି ନୀତି ଅନଯାୟୀ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମସ୍ତଙ୍କ ସହଯୋଗରେ ଆରମ୍ଭ କରାଯିବ ବୋଲି ଚୌଧୁରୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିବା ମହେନ୍ଦ୍ରଗିରିରୁ ଆସିଥିବା ଲକ୍ଷ୍ମୀ ବାବା ଉପସ୍ଥିତ ଉକ୍ତ ବୃନ୍ଦଙ୍କୁ ଆଶୀର୍ବାଦ କରିବା ସହ ଫଳ ଭୋଗ ବଣ୍ଟନ କରିଥିଲେ। ଏହି ଅବସରରେ ରଘୁବୀର ସେନାର ଉପ-ସଭାପତି ଅଭିରାମ ବେହେରା, ଚିନ୍ତାମଣି ବେହେରା, ସମ୍ପାଦକ କୃତିବାସ ବିଶ୍ୱାଳ, ସହ ସମ୍ପାଦକ ସାରଥୀ ସାହୁ, ଚିନ୍ମୟ ମହାରଣା, କୋଷାଧକ୍ଷ ହର ଦୟାଳ ଶର୍ମା, କୁନାଞ୍ଜଳ ମହାରଣା, ମିହିର ପଣ୍ଡା, ଅରୁଣ କୁମାର ସାହୁ, କେ ବୈରାଗୀ ଦାସ, ଓ ସୁଜିତ ପାତ୍ରଙ୍କ ସମେତ ଶତାଧିକ ରଘୁବୀର ସେନା ଉପସ୍ଥିତ ରହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଡାଲି ଜାତୀୟ ଫସଲ ପାଇଁ ସଚେତନତା ଶିବିର



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର କୃଷୀ ବିଭାଗ ପକ୍ଷରୁ ଦୋବଲ ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ସୋମବାର ଦିନ ବ୍ଲକ୍ କୃଷୀବିଭାଗ ପକ୍ଷରୁ ଧାନଚାଷ ପରେ ଉକ୍ତ ଚାଷ କିଆରିରେ ଚାଷୀମାନେ କେମିତି ଡାଲି ଜାତୀୟ ଚାଷ କରାଯିବ ସେନେଇ ପଞ୍ଚାୟତର ଚାଷୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କ ସଂଯୋଜନାରେ ଭଦ୍ରକ ଜିଲ୍ଲା ମୁଖ୍ୟ କୃଷି ଅଧିକାରି ଦିଜବର ସେଠୀ,ସହକାରୀ କୃଷୀ ଅଧିକାରି ଗଣେଶ ଚନ୍ଦ୍ର ମାଝୀ, ସରପଞ୍ଚ ଅଶୋକ କୁମାର ପଣ୍ଡା, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଏଡିଆଇର ବ୍ଲକ ସଂଯୋଜକ ଶୁଶାନ୍ତ କୁମାର ଲେଙ୍କା, ଗ୍ରାମ କୃଷି କର୍ମଚାରୀ ଗୋଲହୟ ମାରାଣ୍ଡି ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ସଚେତନ କରାଇଥିଲେ। ଧାନଚାଷର ପରବର୍ତ୍ତୀ ସମୟରେ ଉକ୍ତ ଚାଷ ଜମିରେ ଡାଲି ଜାତୀୟ ଫସଲ ଚାଷ ନିମିତ୍ତ ବିଭିନ୍ନ ଉପାୟ, ଜମିକୁ ରବି ଋତୁର ପଡିଆ ନରଖି ସେହି ଜମିରେ ଡାଲିଜାତୀୟ ଫସଲ କଲେ କିପରି ଚାଷୀ ଉପକୃତ ହୋଇପାରିବେ ସେ ନେଇ ଉପସ୍ଥିତ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ଯୁବଚାଷୀଙ୍କ ମୃତ୍ୟୁ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ଥାନା ଅନ୍ତର୍ଗତ ଅରିକମା ପଞ୍ଚାୟତ ବେଗୁନିଆମୂଳ ଗ୍ରାମରେ ସୋମବାର ଜଣେ ଯୁବଚାଷୀଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ପତ୍ନୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୂଚନା ଅନୁଯାୟୀ ସେହି ଗ୍ରାମର ଦିଲ୍ଲିପ କୁମାର ମାର୍ଥା (୩୬ ବର୍ଷ)ଆଜି ୨ଟା ସମୟରେ ନିଜ ଜମିରୁ ଆଣିଥିବା ମୁଗକୁ ଉଡାଇବାକୁ ପ୍ୟାନ ସଂଯୋଗ ପାଇଁ ତାର ଯୋଡୁଥିବା ସମୟରେ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। ଫଳରେ ଗୁରୁତର ଭାବେ ଗ୍ରାମବାସୀ ମାନେ ତୁରନ୍ତ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଥିଲେ। ସେଠାରେ ତାଙ୍କୁ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପତ୍ନୀ ଅଶାନ୍ତି ମାର୍ଥା (୩୦ବର୍ଷ) ନିକଟସ୍ଥ ଏକ ଶିବ ମନ୍ଦିରରେ ସ୍ୱାମୀଙ୍କର ଆରୋଗ୍ୟ କାମନା କରି ଦୀପ ଜାଳି ବସି ରହିଥିଲେ। କୌଣସି ସୂତ୍ରରୁ ସ୍ୱାମୀଙ୍କର ଦେହାନ୍ତ ଖବର ପାଇ ପରେ ମ୍ରିୟମାଣ ହୋଇ ସେହି ଠାକୁରଙ୍କ କୂଅକୁ ଡେଇଁ ପଡ଼ିଥିଲେ। ଗ୍ରାମବାସୀମାନେ ତୁରନ୍ତ ତାଙ୍କୁ ଆହତ ଅବସ୍ଥାରେ କୂଅ ମଧରୁ ଉଦ୍ଧାର କରିଛନ୍ତି।

## ତୁରେକେଲା କ୍ଲଷ୍ଟରରେ ବାର୍ଷିକ ଉତ୍ସବ ପାଳିତ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବଗବାହାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୁନି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼, ମୁଖ୍ୟ ଅତିଥି, ସିଆରସିସି ବିରଞ୍ଚି ନାରାୟଣ ଦାଶ, ମୁଖ୍ୟ ବକ୍ତା, ମାନ୍ଦଲା ସିଆରସିସି ଧନସିଂ ମାଝୀ,ବନ ଅଧିକାରୀ ଗୋବର୍ଦ୍ଧନ ପଟେଲ, କ୍ଷମା ରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ତୁରେକେଲା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା।ତୁରେକେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଜଳନ୍ଧର ମହାକୁଡ଼, ମୁଖ୍ୟ ଅତିଥି, ସିଆରସିସି ବିରଞ୍ଚି ନାରାୟଣ ଦାଶ, ମୁଖ୍ୟ ବକ୍ତା, ଲର୍କି ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ, ମାଧବୀଲତା ସାହୁ, ବିଦ୍ୟାଳୟ କମିଟିର ସଭାପତି ହରି ବାଗ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ଧରିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## ପ୍ରତିଷ୍ଠା ଲାଭ କଲା କେଦାରନାଥ ୱାର୍କସ୍ କ୍ଲବ୍



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ଓ ସେବା ମନୋଭାବ ରଖିଲେ ସମାଜର ଉନ୍ନତି ଅବଶ୍ୟାମ୍ଭାବୀ ବୋଲି ବହୁ ବିଶିଷ୍ଟ ବକ୍ତା ମତପୋଷଣ କରିଛନ୍ତି। ପରିବେଶ ସୁରକ୍ଷା ଏବେ ସମସ୍ତଙ୍କର ଧ୍ୟେୟ ହେବା ଆବଶ୍ୟକ ବୋଲି ଶୁଆକାଟୀରେ ପ୍ରତିଷ୍ଠା ଲାଭ କରିଥିବା କେଦାରନାଥ ୱାର୍କସ କ୍ଲବର ଅଧିଷ୍ଠାନ ଦିବସରେ ବକ୍ତାମାନେ ମତପ୍ରଦାନ କରି ନିଜର ସ୍ୱାସ୍ଥ୍ୟକୁ ସନ୍ତୁଳିତ ରଖିବା ପାଇଁ ଚାଲିବା ଏକ ସୁନ୍ଦର ଅଭ୍ୟାସ ବୋଲି ମତପୋଷଣ କରିଥିଲେ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକର ଶୁଆକାଟୀଠାରେ କେଦାରନାଥ ୱାର୍କସ କ୍ଲବ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ୱାର୍କସ ଇଂଟରନେସନାଲର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି ନିଜ ବକ୍ତବ୍ୟରେ ସେବା, ସମର୍ପଣ, ତ୍ୟାଗ ଓ ଅନ୍ୟକୁ ସହାୟତା ପ୍ରଦାନ କରିବା ୱାର୍କସମାନଙ୍କର ଧେୟ ହୋଇ ରହିଛି ବୋଲି କହିଥିଲେ। ସେ ସମସ୍ତ ନୂତନ ସଦସ୍ୟଙ୍କୁ କଲାର ଓ ବ୍ୟାଚ ପ୍ରଦାନ କରି ଏହି ୱାର୍କସ ଇଂଟରନେସନାଲର ନିୟମାବଳୀ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବରେ ଓଡିଶା ଖଣିନିଗମର ସହକାରୀ ପରିଚାଳକ(ନିରାପତ୍ତା) ତଥା ପୂର୍ବତନ ସେନା ଅଧିକାରୀ ଉମେଶ କୁମାର ବଳ ନିଜ ବକ୍ତବ୍ୟରେ ପୁରାଣର ଉଦାହରଣ ଦେଇ ମଣିଷର ଜୀବନଚର୍ଯ୍ୟାକୁ ନେଇ ସୁନ୍ଦର ବକ୍ତବ୍ୟ ରଖିଥିଲେ। ମା' ତାରିଣୀ ୱାର୍କସ କ୍ଲବର ଉପ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଏହି ଅଧିଷ୍ଠାନ ଉତ୍ସବରେ ବକ୍ତବ୍ୟ ପ୍ରଦାନ କରି ଏହି ମହାନ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ମାତାରିଣୀ ୱାର୍କସ କ୍ଲବର ବରିଷ୍ଠ ସଦସ୍ୟ ସଞ୍ଜୟ ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିବାବେଳେ କେଦାରନାଥ ୱାର୍କସ କ୍ଲବର ନବନିଯୁକ୍ତ ସଭାପତି ସୁଦର୍ଶନ ଘଡେଇ ଓ ସମ୍ପାଦକ ଅଜିତ କୁମାର ପରିଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦେବାଶିଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମା ତାରିଣୀଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମା ତାରିଣୀ ୱାର୍କସ କ୍ଲବର ବରିଷ୍ଠ ସଦସ୍ୟ ଜିତେନ୍ଦ୍ର କୁମାର ଦାସ, ସମ୍ପାଦକ ବିଦ୍ୟାଧର ଚୌଧୁରୀ,ଜ୍ଞାନରଞ୍ଜନ ଦାଶ, ଇଂ ଜନ୍ମେଜୟ ଦାସ, ଶୁଆକାଟୀ ଅଂଚଳର ବରିଷ୍ଠ ନାଗରିକ ପ୍ରଫୁଲ୍ଲକୁମାର ପାତ୍ର, ସଞ୍ଜୁକ୍ତା ନାୟକ, ଶରତ ସାହୁ, ମୀନାକୁମାରୀ ନାୟକ, ମୌସୁମୀ ଦାସ ମହାପାତ୍ର, ସୁକାନ୍ତି ଧଳ, ପ୍ରିୟରଞ୍ଜନ ସାହୁ, କୈଳାଶ ଚନ୍ଦ୍ର ଦାସ ଓ ଇଣ୍ଡସଇଣ୍ଡ ବ୍ୟାଙ୍କ ତରଫରୁ ଶୁଆକାଟୀର ଦିଲ୍ଲିପ କୁମାର ପାତ୍ର, ଦାମୋଦର ଦାସ ଓ ମଧୁ ବାଲମୁଚୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ଠାରେ ସୋମବାର ଦିନ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୭୮ ଜଣ ଛାତ୍ରୀ ତାଲିମ ନେବାପାଇଁ ଭାଗ ନେଇଥିଲେ। ଏହି ଅବସରେ ଡିଗ୍ରୀ ମହାବିଦ୍ୟାଳୟର ଅଦ୍ଧକ୍ଷ ସରୋଜ କୁମାର ନାୟକଙ୍କର ସଭାପତିତ୍ୱ ଉତ୍‌ଘାଟନି ଉତ୍ସବରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଆତ୍ମ ସୁରକ୍ଷା ପାଇଁ ଛାତ୍ରୀମାନେ ନିର୍ଭୟ ହେବା ସହ ଦୃଢ଼ମନରେ କାର୍ଯ୍ୟ କରିବା ଉପରେ, ନିଜକୁ କେବେବି ଅସହାୟ ନ ହୋଇ ସମାଜ ଗଠନ ଦିଗରେ ଯତ୍ନବାନ ହେବା ସହ ପରସ୍ପରକୁ ସହଯୋଗ କରିବା ଉପରେ ବିଶଦ ଭାବରେ ମତବ୍ୟକ୍ତ କାରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଥାନା ଅଧିକାରୀ ସିପୋରା ସୂରିଆ ଲୁଗୁଲ, ଶିକ୍ଷା ବିଭାଗର ଅଦ୍ଧାପକ ସରିତା ରଣା, ତାଲିମ ଦାତା ଭାବରେ ମାଷ୍ଟର ଟେନର ଯାଜ୍ଞସେନି ମାଝୀ, ପ୍ରମୁଖ ଉପସ୍ଥିତ ରହି ଆଇନ ବ୍ୟବସ୍ଥା, ସରକାରକୁ ମହିଳା ମାନଙ୍କର ସୁରକ୍ଷା ପାଇଁ ଯୋଜନା ଓ ଛାତ୍ରୀମାନଙ୍କୁ ସ୍ୱଭାବ ଓ ଦକ୍ଷତା ଉପରେ ଲୋକକ ପାତକାରି ଥିଲେ। ୭ ଦିନ ଧରି ହେବାକୁ ଥିବା ତାଲିମ ଶିବିରର କାର୍ଯ୍ୟକ୍ରମକୁ ଉଦ୍ଧଡ଼ ବିଜ୍ଞାନ ଅଦ୍ଧାପକ ଯୋଗେଶ୍ୱରୀ ବେହେରା ସଂଯୋଜନା କାରି ଥିବା ବେଳେ, ଅଦ୍ଧାପକ ଭୀମରାଓ ରଣା, ଘନଶ୍ୟାମ ଖମାରି, ଗୁଣାସାଗର ମେହେର, ଶରତ ପଧାନ ପ୍ରମୁଖ ସହଗୋଗ କରିଥିବା ବେଳେ ଅଧାପିକା ମୀରାବାଈ ଗଡ଼ତିୟା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ଼, (ଭାସ୍କର ନ୍ୟୁଜ୍): ସୋମବାର ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲାପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ, ରମେଶ ଜେନା, ସିଡିଏମଓ ରାୟଗଡ ଡାକ୍ତର ଲାଲମୋହନ ରାଉତରାୟ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ, ଚନ୍ଦ୍ରକାନ୍ତ ମାଝୀ, ବିଡିଓ ରାୟଗଡ, ସୁଜିତ କୁମାରୀ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ସୋମବାର ମୋଟ୬୧ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୨ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କହଁର ଏହି ଅଭିଯୋଗ ପାଇଲାପରେ ସମ୍ପୃକ୍ତ ବିଭାଗକୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମା ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟର ଅଧିକାରୀ ତପନ କୁମାର ମହାନ୍ତିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏପରିକି ଅବସର ଗ୍ରହଣ କରିଥିବା ଆଗ୍ନିକ ଅଧିକାରୀ ମହାନ୍ତି ସାହସିକତା ପାଇଁ ରାଷ୍ଟ୍ରପତି ଠାରୁ ପୁରସ୍କାର ପ୍ରାପ୍ତ ହୋଇଥିଲେ। ଏଥିରେ ସହକାରୀ ଆଗ୍ନିକ ଅଧିକାରୀ ମିନ କେତନ ବେହେରାଙ୍କ ଅଧକ୍ଷତାରେ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟଅତିଥି, ଉପନିବନ୍ଧକ ଅମିତ କୁମାର ସେଠୀ ମୁଖ୍ୟବକ୍ତା, ଟାଙ୍ଗୀ ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ପ୍ରଧାନଓ ବୋଲଗଡ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଙ୍କ ସହ ଆଗ୍ନିକ କର୍ମଚାରୀ କମଳ ଲୋଚନ ମହାନ୍ତି ସଞ୍ଜୟ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଉଲ୍ଲାସ କୁମାର ସ୍ୱାଇଁ ଅଜୟ କୁମାର ପତି, ଦ୍ୱିତୀକୃଷ୍ଣ ଦଳବେହେରା ଓ ପ୍ରସନ୍ନ କୁମାର ସାହୁ ଓ ମିଥୁନ ମାଝୀଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ରହି ବିଦାୟୀ ଅଧିକାରୀ ମହାନ୍ତିଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିବା ବେଳେ ସାହସିକତା ପାଇଁ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ପ୍ରାପ୍ତ କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଆଗ୍ନିକ ହାବିଲଦାର ସତ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ବାରିପଦା, (ଭାସ୍କର ନ୍ୟୁଜ୍): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦର ମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି। ଏହି ଜନଶୁଣାଣୀ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ,ଭା.ପୋ.ସେ., ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଭାପ୍ରସେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଓ.ପ୍ର.ସେ.,(ବ), ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ୍. ଦୟାସିନ୍ଧୁ ପରିଡା, ଓ.ପ୍ର.ସେ.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୮୮ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଏ ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ମାନ ଥିଲା। ଉକ୍ତ ୧୮୮ଗୋଟି ଅଭିଯୋଗ ମଧ୍ୟରୁ ୧୬୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୨୦ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୬ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସମୁଦାୟ ୨୦,୦୦୦ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ ଓ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୁଡୁମୀ ସେନା ପ୍ରତିନିଧି ମଣ୍ଡଳର ଦାବିପତ୍ର ପ୍ରଦାନ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୨ ଦିନିଆ ମୟୁରଭଞ୍ଜ ଗସ୍ତ ଅବସରରେ ଯଶିପୁର ରାମତୀର୍ଥ ଠାରେ ଓଡିଶା କୁଡୁମି ସେନା ସଭାପତି ଦିବ୍ୟସିଂ ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଭେଟି କୁଡୁମି ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବୀ ସହିତ ପାଞ୍ଚ ଦଫା ଦାବୀ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୁଡୁମୀ ଜାତିକୁ ପୁନଃ ଏସ୍.ଟି ସୂଚୀରେ ସାମିଲ କରିବା, କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଓ କୁଡୁମାଲୀ ଲିପିକୁ ସ୍ୱୀକୃତି ଦେବା, ମୟୂରଭଞ୍ଜ ଓ କେନ୍ଦୁଝର ରେ ଥିବା ୟୁନିଭରସିଟି ରେ କୁଡୁମାଲୀ ବିଭାଗ ଖୋଲିବା, ଶିକ୍ଷା, ଚାକିରୀ ଓ ରାଜନୀତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବା, କୁଡୁମୀ ଜାତିର ସାମୁହିକ ଉନ୍ନତି ପାଇଁ 'କୁଡ଼ମୀ ବିକାଶ ପରିଷଦ' ଯଥାଶିଘ୍ର ଗଠନ କରାଯାଉ। କରମ ଏକାଦଶୀ ପୂଜା ଦିନ ଟିକୁ ପଶ୍ଚିମ ବଙ୍ଗ ଭଳି ଓଡିଶାରେ ଛୁଟି ଘୋଷଣା କରାଯାଉ। ଆଲୋଚନା ସମୟ ରେ କୁଡୁମି ଜାତି ୧୯୫୦ ମସିହା ସେପ୍ଟେମ୍ବର ୦୬ ତାରିଖ ପର୍ଯ୍ୟନ୍ତ ଜନଜାତି ସୂଚୀ ରେ ସାମିଲ ଥିଲା କିନ୍ତୁ ସେତେବେଳର ସରକାର ବିନା କାରଣରେ ବିନା ନୋଟିଫିକେସନ୍‌ରେ କୁଡୁମି ଜାତିକୁ ଜନଜାତି ଶ୍ରେଣୀ ସୂଚୀରୁ ବାଦ୍ ଦେଇଛନ୍ତି। ସେଇ ଦିନ ପାଖରୁ ଦୀର୍ଘ ୭୪ ବର୍ଷ ହୋଇଗଲା କୁଡୁମୀ ଜାତି ତାର ମୌଳିକ ଅଧିକାରରୁ ବଞ୍ଚିତ ହୋଇଆସୁଅଛି। ଶିକ୍ଷା କ୍ଷେତ୍ର ହେଉ, ଚାକିରିକ୍ଷେତ୍ର ହେଉ, ରାଜନୈତିକ କ୍ଷେତ୍ର ହେଉ କି ସାମାଜିକ କ୍ଷେତ୍ର ହେଉ ପ୍ରତ୍ୟେକ କ୍ଷେତ୍ରରେ କୁଡୁମି ଜାତିର ଲୋକେ ଶୋଷିତ ହୋଇ ଆସୁଅଛନ୍ତି। ଗତ ୨୪ ବର୍ଷ ହେଲା ଶାସନ କରୁଥିବା ବିଜେଡି ସରକାର ମଧ ବିଭିନ୍ନ ସମୟରେ କୁଡୁମି ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବାକୁ ବହୁତ୍ ପ୍ରତିଶୃତି ଦେଇଥିଲେ କିନ୍ତୁ ତାଙ୍କର ସବୁ ପ୍ରତିଶୃତି ପାଣିର ଗାର ହୋଇଗଲା। ମୁଖ୍ୟମନ୍ତ୍ରୀ ମହୋଦୟ କୁଡୁମୀ ବହୁଳ ଜିଲ୍ଲାରୁ ପ୍ରତିନିଧିବଦ୍ଧ କରୁଛନ୍ତି ଏବଂ ଆପଣ ଆମ କୁଡୁମୀ ସମାଜ ସହ ଅଙ୍ଗାଅଙ୍ଗି ଭାବେ ଯଡ଼ିତ ଆଉ କୁଡୁମିର ଭାବାବେଗ ସହ ପ୍ରଥମରୁ ରହିଆସୁଛନ୍ତି ଆପଣ। ଆମର ଦୃଢ଼ ବିଶ୍ୱାସ ଓ ଭରସା ରହିଛି ଆପଣଙ୍କ ଉପରେ ଆଉ ଆପଣଙ୍କ ସରକାର ଉପରେ ଆପଣ ନିଶ୍ଚିତ ଭାବେ ଏଥର କୁଡୁମୀ ଜାତିର ଭାଗ୍ୟ ନିର୍ଦ୍ଧାରଣ କରିବେ। ଆମର ପୁଣି ଥରେ କେମିତି କୁଡୁମି ଜାତି ତାର ମୌଳିକ ଅଧିକାର ଫେରି ପାଇବ ସେହି ବାବଦରେ ପ୍ରତିନିଧି ମଣ୍ଡଳୀ ରେ ସାମିଲ ନେତୃମଣ୍ଡଳୀ ଦୃଢ ଦାବି ଉପସ୍ଥାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କୁଡୁମି ସେନା ପ୍ରତିନିଧି ମଣ୍ଡଳ ନିକଟରୁ ଦାବିପତ୍ର ଗ୍ରହଣ ପରେ କୁଡୁମିସେନା ପ୍ରତିନିଧିଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି କି ଖୁବଶୀଘ୍ର ଭୁବନେଶ୍ୱର ଠାରେ ଓଡ଼ିଶା କୁଡୁମୀ ସେନା ପ୍ରତିନିଧି ମାନଙ୍କର ସହ ଏକ ବୈଠକ ଅନୁଷ୍ଠିତ ହେବ। କୁଡୁମି ସେନାର ଦାବିକୁ ବିଚାର କୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିବା ଓଡିଶା କୁଡୁମୀ ସେନାର ସଭାପତି ଦିବ୍ୟସିଂ ମହାନ୍ତ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ ସମୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପଦେଷ୍ଟା ଅଶୋକ କୁମାର ମହାନ୍ତ, ଧରଣୀ ଧର ମହାନ୍ତ, ବିପିନ୍ ବିହାରୀ ମହାନ୍ତ, ଭୁବନ ମହାନ୍ତ ଲକ୍ଷ୍ମୀ ନାରାୟଣ ମହାନ୍ତ, ହିରାଲାଲ ମହାନ୍ତ ଏବଂ ଆଇନ ପରାମର୍ଶ ଦାତା ଜଗମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ତହସିଲଦାରଙ୍କ ଯୋଗଦାନ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ତହସିଲରେ ନୂତନ ତହସିଲଦାର ଭାବେ ସମିର ରଞ୍ଜନ ଦାଶ ସୋମବାର ଦିନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦାଶ ଏହା ପୂର୍ବରୁ ବାସୁଦେବପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ଏଠାରେ ଥିବା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ କାମାକ୍ଷାନଗର ତହସିଲକୁ ବଦଳି କରାଯାଇଛି। ମହାନ୍ତି ଆଜି ନୂତନ ତହସିଲଦାର ସମିର ରଞ୍ଜନ ଦାଶଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ତହସିଲଦାର ଦାଶଙ୍କ ସହ ଯୋଗାଯୋଗ କରିବାରେ ସେ କହିଲେ ଯେ, ଲୋକଙ୍କ ସମସ୍ୟା ଓ ପଡ଼ି ରହିଥିବା ରାଜସ୍ୱ ଆଦାୟକୁ ଗୁରୁତ୍ୱଆରୋପ କରିବେ ବୋଲି ସୂଚନା ଦେଇଛନ୍ତି।

# ବିପଦର ସାଥୀ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ପତ୍ରପୁର ପଞ୍ଚାୟତ ପତ୍ରପୁର ଗ୍ରାମର ସ୍ୱର୍ଗତ ନିରାକାର ସେଠୀଙ୍କ ପୁତ୍ର ବିପିନ୍ କୁମାର ସେଠୀ ଦୀର୍ଘ ୫ବର୍ଷ ହେଲା ଶ୍ୱାସ, ଆଜମା ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିଲେ। ଦୀର୍ଘ ୨ମାସ ହେବ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରେ ଲାଗିଲା। ସେ କଟକ ବଡ଼ ଡ଼ାକ୍ତରଖାନାରେ ଆଡିମିଶନ୍ ହୋଇ ଅକ୍ସିଜେନ ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସ ନେଉଥିଲେ। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କୁ ଦୀର୍ଘ ଦିନ ପାଇଁ ସେ ଅକ୍ସିଜେନ ମେସିନ୍ ବ୍ୟବହାର କରିବାକୁ ପଡିବ, ଡାକ୍ତରଙ୍କ କହିବା ଅନୁଯାୟୀ ତାଙ୍କର ୧୦ଲିଟରିଆ ଅକ୍ସିଜେନ ମେସିନ୍ ଲାଗିବ, ଯାହାର ଦାମ୍ ୬୦ରୁ ୭୦ ହଜାର ଟଙ୍କା ପଡିବ। ଯେହେତୁ ବିପିନ୍ ସେଠୀ ଗରିବଶ୍ରେଣୀର ଲୋକ ପରିବାର ଓଳିଏ ଖାଇଲେ ଉପାସ ଏତେ ଟଙ୍କା ଆଣିବେ କେଉଁଠୁ। ପରିବାର କହିଲେ ସ୍ତ୍ରୀ ଓ ଗୋଟେ ୧୨ବର୍ଷର ଛୋଟ ପୁଅ ଏହିଭଳି ଏକ ଦୁଃଖଦ ଖବର ଶୁଣି ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପରିବାର ସଭାପତି ଚନ୍ଦନ କୁମାର ମହାରଣାଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟମାନେ ଆଜି ତାଙ୍କ ଘରେ ପହଞ୍ଚି ୧୨,୦୦୦ଟଙ୍କା ଆର୍ଥିକ ସହାୟତାର ହାତ ବଢାଇଛନ୍ତି। ସଭାପତି, ଚନ୍ଦନ କୁମାର ମହାରଣା, ଉପସଭାପତି, ସଞ୍ଜୟ କୁମାର ମଲ୍ଲିକ, ସେକ୍ରେଟାରୀ, ପ୍ରଦ୍ୟୁମ୍ନ ରାଉତ୍, ଉପଦେଷ୍ଟା , ସମୀର କୁମାର ନାୟକ, ବିଜନ୍ କୁମାର ପଡ଼ିଆରୀ, ଡ. କୈଳାସ ଚନ୍ଦ୍ର ମଲିକ, ସୌଭାଗ୍ୟ ରାଉତ୍, ଆଶିଷ କୁମାର ସାହୁ, ଅମ୍ବିକା ମଲ୍ଲୀକ୍, ଜୟନ୍ତି ରାଉତ୍, ରାଜେଶ୍ କୁମାର ସାହୁ, ସରୋଜିନୀ ରାଉତମହାନ୍ତି, ସୌମ୍ୟରଂଜନ ସାହୁ, ପ୍ରିତମ୍ ମହାରଣା ପ୍ରମୁଖ ଉପସ୍ଥିତ ରହି ବିପିନ୍ ସେଠୀଙ୍କ ସୁଖ ଦୁଃଖରେ ଭାଗି ହୋଇଥିଲେ।

# ଗୋପ ବ୍ଲକ୍‌ରେ ନଦୀ ପାଣି ଭରସା



ଗୋପ, (ଭାସ୍କର ନ୍ୟୁଜ୍): ଦିନେ ନୁହେଁ କି ଅଧେ ନୁହେଁ ଦୀର୍ଘ ୫୦ ବର୍ଷର ପାଣି ସମସ୍ୟାରେ ଜର୍ଜରିତ ଗୋପ ବ୍ଲକ ତରକୋର ପଂଚାୟତର ଜଗନ୍ନାଥପୁର ଗ୍ରାମ। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ ସୁଧୁରୁନି ପାଣି ସମସ୍ୟା। ସରକାର ବସୁଧା ଯୋଜନା ରେ ଷ୍ଟାଣ୍ଡପୋଷ୍ଟ କରିଛନ୍ତି ହେଲେ ପାଣି ବାହାରୁନି। ୨୦୦୭ ମସିହାରେ ତରକୋର ପଂଚାୟତ କାହ୍ନପୁର ଠାରେ ବୋରିଂ କରାଯାଇ କାହ୍ନପୁର, କପିଳେଶ୍ୱର, ତରକୋର, ଜଗନ୍ନାଥପୁର, ତଳମାଳସାହି, ମଲିଆତୁଠ, ବିଲବରପଦା ପରି ୭ଟି ଗ୍ରାମକୁ ପାଣି ଯୋଗାଇ ଦିଆଯାଉଥିଲା। ମାତ୍ର ସେଥିରେ ବ୍ୟାପକ ଦୁର୍ନୀତି କରାଯାଇ କେବଳ କାଗଜପତ୍ରରେ ଯୋଜନା ଦର୍ଶାଯାଇ ବିଲ୍ କରାଯାଇଥିବା ନେଇ ଅଭିଯୋଗ ଉଠିଥିଲା। ଯଦ୍ୱାରା ସେଠାରେ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇପାରି ନଥିଲା। ପରେ ୨୦୧୬ ମସିହାରେ ଉକ୍ତ ସ୍ଥାନରେ ଓଭରହେଡ୍ ଟାଙ୍କି ୪୨.୬୩ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇ ଷ୍ଟାଣ୍ଡପୋଷ୍ଟ ଜରିଆରେ ବିଭିନ୍ନ ଗ୍ରାମକୁ ସଂଯୋଗୀ କରଣ କରାଯାଇଥିଲା। ମାତ୍ର ସେଥିରେ ମଧ ଠିକାଦାର ପ୍ରୀତି ଦେଖାଦେଇ କେତେକ ଗ୍ରାମକୁ ପାଇପ୍ ପକାଇ ଦେଇ ବିଲ୍ କରାଗଲା ମାତ୍ର ପାଣି ମିଳିଲା ନାହିଁ। ଏବେ ବି ସୁଦ୍ଧା ଉକ୍ତ ବସୁଧା ଯୋଜନା ଜରିଆରେ ପାଇପ୍ ପଡିଛି ମାତ୍ର ପାଇପ୍ ରେ ପାଣି ଆସୁନାହିଁ। ଏହି ଯୋଜନା ଅଧିନରେ ପାଖାପାଖି ୪୦୦୦ ଜନସଂଖ୍ୟାକୁ ପିଇବା ପାଣି ଯୋଗାଇବା ନିମନ୍ତେ ଏହି ପ୍ରକଳ୍ପ ର ନିର୍ମାଣ କରାଯାଇଥିଲା। ମାତ୍ର ଏଠାରେ ଫେଲ୍ ମାରିଲା ବସୁଧା ଯୋଜନା। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ପଂଚାୟତରୁ ମିଳୁଥିବା ଟ୍ୟାଙ୍କର ପାଣି ସପ୍ତାହକୁ ଥରେ ସେ ପୁଣି ଦଳଭର୍ତି ପୋଖରୀରୁ ଆସୁଥିବା ପାଣି। ଏଠାରେ ସ୍ୱପ୍ନ ପାଲଟିଛି ମୁନ୍ଦେ ଶୁଦ୍ଧ ପିଇବା ପାଣି। ପାଣି ପାଇଁ ଡହଳ ବିକଳ ଏହି ଗ୍ରାମ ଦୀର୍ଘ ୫୦ ବର୍ଷ ଧରି ପାଣି ପାଇଁ ଲଢୁଛି। ହେଲେ କୌଣସି ସୁଫଳ ମିଳୁନି। ସବୁଠାରୁ ଗୁରୁତ୍ୱପୂର୍ଣ ଭାବେ ପଂଚାୟତ ତରଫରୁ ଏହି ଗ୍ରାମକୁ ଆସୁଥିବା ଟ୍ୟାଙ୍କର ପାଣି ସପ୍ତାହକୁ ଥରେ ଯୋଗାଇ ଦେଇ ନିଜ କାର୍ଯ୍ୟ କାଗଜ କଲମରେ ତୁଟାଇ ଦେଉଛନ୍ତି ପଂଚାୟତ। ମାତ୍ର ସେ ଟ୍ୟାଙ୍କର ପାଣି ମଧ ପୋଖରୀ ପାଣି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ଦିନ ହେବ ସାହା ଭରସା ପାଲଟିଛି କୁଶଭଦ୍ରା ନଦୀର ପାଣି। ଗାଧୋଇବା ଠାରୁ ଆରମ୍ଭ କରି ପିଇବା ପାଣି ପର୍ଯ୍ୟନ୍ତ ସମସ୍ତେ ଏହି ନଦୀ ପାଣି ଉପରେ ନିର୍ଭର। ନଦୀ ପାଣି ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକ। ପଂଚାୟତର ସରପଂଚ ସୁଶାନ୍ତ ପରିଡା କହିଛନ୍ତି ଆମ ପଂଚାୟତ ଏକ ଜଳକ୍ଲିଷ୍ଟ ପଂଚାୟତ। ରାଜ୍ୟ ସରକାର ଯେତିକି ଅର୍ଥ ଯୋଗାଉଛନ୍ତି ଆମ ପଂଚାୟତକୁ ପର୍ଯ୍ୟାପ୍ତ ହେଉନାହିଁ। ବାରମ୍ବାର ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ଅଭିଯୋଗ କଲେ ସୁଦ୍ଧା କେହି ଶୁଣୁନାହାନ୍ତି। ଯଦ୍ୱାରା ଏପରି ସମସ୍ୟା ଦେଖାଦେଇଛି।

# ସରକାରୀ ରାସ୍ତା ଜବରଦଖଲ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ତଥା କିଶନନଗର ତହସିଲ ଅଧିନରେ ଥିବା ଏକ ସରକାରୀ ରାସ୍ତା ଉପରେ ସ୍ଥାନୀୟ ଅଂଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ଗୋଦାମ ଗୃହ ନିର୍ମାଣ କରିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ପ୍ରତିବାଦରେ ଆଗାମୀ ଦିନରେ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ସଜବାଜ ହେଉଥିବାର ଜଣାଯାଇଛି। କିଶନନଗର ତହସିଲ ତଥା ମହମ୍ମଦ ମୌଜାରେ ଥିବା ଖାତା ନଂ ୭୭୪, ପ୍ଲଟ ନଂ୧୦୦୨,ଓ ବ୧୦୦୪ ସର୍ବସାଧାରଣ ରାସ୍ତାକୁ ସ୍ଥାନୀୟ ଗ୍ରାମର ପ୍ରଭାକର ବେହେରା ଜୋର ଜବରଦଖଲ କରି ୨ମହଲା ଗୋଦାମ ଗୃହ ,ବାସଗୃହ, ପାଇଖନା ଗୃହ, ନିଷ୍କାସନ ଟାଙ୍କି, ସିଡିଗୃହ ନିର୍ମାଣ କରିଥିବା ଯୋଗୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ରାସ୍ତା ସଙ୍କୁଚିତ ହୋଇ ଯାଇଥିବା କାରଣରୁ ଏହି ରାସ୍ତାଦେଇ ଦମକଳ ଗାଡି, ଆମ୍ବୁଲାନ୍ସ, ସ୍କୁଲ ଗାଡି ଯାଇ ଆସିପାରୁ ନାହିଁ। ଏପରିକି ସ୍ଥାନୀୟ ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କିଶନନଗର ତହସିଲଦାର ଓ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ନାମକୁ ମାତ୍ର ଅବରୋଧ ମାମଲା ରୁଜୁ କରି ହାତବାନ୍ଧି ଚୁପ ହୋଇ ବସିରହିଛି। ପ୍ରଶାସନ ତରଫରୁ ତୁରନ୍ତ ସମ୍ପୃକ୍ତ ଜବର-ଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଲୋବେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସୋମବାର ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ରଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୪ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଦିବ୍ୟାଙ୍ଗ ବିବାହ ସହାୟତାରେ ତିନି ଜଣଙ୍କୁ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରଯାଇଥିଲା। ନବରଙ୍ଗପୁର ବ୍ଲକ ପୂଜାରୀଗୁଡ଼ା ର ଶ୍ରୀମତି ରାଧିକା ଭତ୍ରା ଓ ପର୍ଶୁରାମ ଭତ୍ରା, ପାପଡାହାଣ୍ଡି ବ୍ଲକ ମୁଣ୍ଡଗୁଡ଼ା ର ଶ୍ରୀମତି ସେବତୀ ଜାନି ଏବଂ ମଧୁ ଜାନି, କୋଷାଗୁମୁଡା ବ୍ଲକ ର ମଙ୍ଗଳସାଇ ଭତ୍ରା ଏବଂ ହିରାମଣି ଭତ୍ରା ପ୍ରତ୍ୟେକ ଦମ୍ପତିଙ୍କୁ ଜିଲ୍ଲାପାଳ ୨,୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ



ଧର୍ମଶାଳା, (ଭାସ୍କର ନ୍ୟୁଜ୍):ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ସୋମବାର ଦିନ ଅପରାହ୍ନ ୪ଟା ବେଳେ ଧର୍ମାାଳା ମହୋତ୍ସବ ପଡ଼ିଆ ଠାରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଧର୍ମଶାଳା ବ୍ଲକ ରେ ୨୦ଟି ପଞ୍ଚାୟତ ପାର୍ବତ୍ୟ ଅଞ୍ଚଳ ରହିଥିବାରୁ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥାଏ। ଏହି ସମସ୍ୟାକୁ ଦୂର କରିବାକୁ ଗତ ପଞ୍ଚାୟତ ସମିତି ବୈଠକରେ ବିଧାୟକ ପ୍ରତିଶୃତି ଦେଇଥିଲେ। ସୋମବାର ମୋଟ ୭୨ ଟି ଟ୍ୟାଙ୍କର ଯୋଗେ ଧର୍ମଶାଳା ବ୍ଲକର ସମସ୍ତ ପଞ୍ଚାୟତକୁ ଆଜି ଠାରୁ ଗ୍ରୀଷ୍ମ ଋତୁ ଶେଷ ଯାଏ ପାନୀୟ ଜଳ ଯୋଗାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେଉରା, ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟ କର, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଓ ଯାଜପୁର ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଜେଏନ୍ ଟାଟାଙ୍କ ୧୮୬ ତମ ଜୟନ୍ତୀ ପାଳିତ



ବେଲପାହାଡ଼,(ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ଟାଟା ପାର୍କଠାରେ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଜାମ୍‌ସେଦ୍‌ଜୀ ନୁର୍ସେଓ୍ୱାନ୍‌ଜୀ (ଜେଏନ୍) ଟାଟାଙ୍କ ୧୮୬ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ସୋମବାର ପାଳିତ ହୋଇଯାଇଛି। ସ୍ୱର୍ଗତ ଜେଏନ୍ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ସହିତ ଭାରତ ଇତିହାସରେ ଶିଳ୍ପର ଶ୍ରଷ୍ଟା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଭାରତର ବିକାଶ କ୍ଷେତ୍ରରେ ଜେଏନ ଟାଟାଙ୍କ ଅବଦାନ ଅତୁଳନୀୟ। ଏହି ଅବସରରେ ଟିଆରଏଲ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ସମେତ ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ଏମଭି ରାଓ, ଡା. ତୁଷାରକାନ୍ତି ଦାଶ, ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଟାଟା ଗ୍ରୁପର ବରିଷ୍ଠ ଅଧିକାରୀ ଅଶୋକ ତ୍ରିପାଠୀ, କ୍ରିଷ୍ଣେନ୍ଦୁ କୁମାର, ଅମିତ ବଣିକ, ଟିଆରଏଲ କ୍ରୋସାକି ଶ୍ରମିକ ସଂଘର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାଜକିଶୋର ରାଉତ, ଜାଗୃତି ମହିଳା କ୍ଲବର ଅନିତା ନାଏକ, କ୍ରିଷ୍ଣା ସାହୁ, ବର୍ଷୀୟାନ ନାଗରିକ ସଂଗଠନର କହ୍ନେଇ ଚରଣ ସେଠ, ସଚ୍ଚିଦାନନ୍ଦ ପଣ୍ଡା, ସୁରେଶ ପ୍ରଧାନ, ଗଣେଶ ଭୋଇ, କୁଳମଣି ବଗାର, ଗୋକୁଳାନନ୍ଦ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ରଶ୍ମୀରଞ୍ଜନ ମହାନ୍ତି, ସନ୍ତୋଷ ସାହୁ, ସରୋଜ ମିର୍ଦ୍ଧା, ସିତମ ପ୍ରଧାନ, ମନୋଜ ମେହେର, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମାଲକାନଗିରିର ପ୍ରସିଦ୍ଧ 'ବଡ଼ଯାତ୍ରା' ଆରମ୍ଭ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆରମ୍ଭ ହୋଇଛି ମାଲକାନଗିରି ଜିଲ୍ଲାର ଗଣପର୍ବ 'ବଡ଼ଯାତ୍ରା'। ପ୍ରତି ଦୁଇ ବର୍ଷର ଅନ୍ତରରେ ଆୟୋଜିତ ଏହି ଯାତ୍ରା ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ ପବିତ୍ର ମୁହୂର୍ତ୍ତ। ଏହି ଯାତ୍ରାଠାରୁ ନିଜକୁ ଦୂରେଇ ରଖିପାରନ୍ତିନି ଓଡିଶା, ଆନ୍ଧ୍ର ଓ ଛତିଶଗଡ଼ର ସୀମାନ୍ତବର୍ତ୍ତୀ ଜନସାଧାରଣ। ବଡ଼ଯାତ୍ରାକୁ ନେଇ ପ୍ରତିଫଳନର ବିଶେଷ ପ୍ରସ୍ତୁତି। ମାଲକାନାଗିରି ଜିଲ୍ଲାର ପ୍ରସିଦ୍ଧ 'ବଡଯାତ୍ରା' ପ୍ରତି ଦୁଇ ବର୍ଷକୁ ଥରେ ପାଳନ ହୁଏ। ମାଲକାନଗିରିର ଏହା ଗଣପର୍ବରେ ସବୁ ବର୍ଗର ଲୋକଙ୍କ ସମାଗମ ହୁଏ। ପାରମ୍ପରିକ ରୀତିନୀତି ଅନୁଯାୟୀ ଆନ୍ଧ୍ରପ୍ରଦେଶର ପୋଲେରୁର ତଡକା ରେଉ ସ୍ନାନ କୁଣ୍ଡ ଠାରେ ସ୍ନାନ ଯାତ୍ରା ସାରି ମାଲକାନଗିରି ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି ତିନି ଠାକୁର କନାମରାଜୁ, ବାଲାରାଜୁ, ପୋତୁରାଜୁ ଓ ମା ମୁତ୍ୟାଲୁମା। ଏହି ତିନି ଠାକୁରଙ୍କୁ ଆନ୍ଧ୍ରପ୍ରଦେଶରୁ ମାଲକାନଗିରି ଜିଲ୍ଲା ଅଭିମୁଖେ ପାଛୋଟି ଆଣିବା ଲାଗି ପୋଲେରୁର ତଡକା ରେଉ ସ୍ନାନ କୁଣ୍ଡ ଠାରେ ଏକତ୍ରୀତ ହୋଇଥାନ୍ତି ଆନ୍ଧ୍ରପ୍ରଦେଶ ଓଡିଶା ସମେତ ଛତିଶଗଡ଼ ର ହଜାର ହଜାର ଭକ୍ତ। ଠାକୁର ଙ୍କ ସମେତ ଶ୍ରଦ୍ଧାଳୁ ଗାଧୋଇବା ସହ ଶୁଭ ମନାସନ୍ତି ଲକ୍ଷାଧିକ ଭକ୍ତ। ଏହି ବେଳକୁ ଅପେକ୍ଷା କରି ରହିଥାନ୍ତି ଶ୍ରଦ୍ଧାଳୁ। ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ତଥା ତିନି ରାଜ୍ୟ ର ଆଦିବାସୀଙ୍କର ଗଣ ପର୍ବ ବଡ଼ଯାତ୍ରା। ଏକ ମାସ ଧରି ବଡ଼ଯାତ୍ରା ର ରୀତିନୀତି ଆରମ୍ଭ ହୋଇଥାଏ। ଆନ୍ଧ୍ରପ୍ରଦେଶ ପୋଲେରୁ ଠାରୁ ଆରମ୍ଭ ହୁଏ ବଡ଼ଯାତ୍ରା। ଆଦିବାସୀଙ୍କ ଆରାଧ ଦେବାଦେବୀଙ୍କୁ କଅଁଳ ବାଉଁଶ ମୟୁରପୁଚ୍ଛ ସାହାଯ୍ୟରେ ପ୍ରତିଷ୍ଠା କରଯାଏ। ତା ପରେ ସୁସଜିତ ବିମାନରେ ବିରାଜମାନ କରାଯାଇ ସ୍ନାନ ଯାତ୍ରାରେ ବାହାରନ୍ତି ତିନିଟି ଠାକୁର। ଶ୍ରୀ କୃଷ୍ଣ, ଅର୍ଥାତ କାନାମରାଜ, ଭୀମ (ବାଲରାଜ) ଅର୍ଜୁନ (ପୋତରାଜ) ଏବଂ ପୋଲେରୁ ଠାରେ ମା ମ୍ୟୁତ୍ୟୁଲୁମାଙ୍କୁ ପୂଜା କରି ଜରାସନ୍ଧକୁ ଭୀମ ବଧ କରିଥିଲେ ବୋଲି ବିଶ୍ୱାସ ରହିଛି। ଏହି ପାରମ୍ପରିକ କଥାବସ୍ତୁକୁ ଆଧାର କରି କାହିଁ କେଉଁ କାଳରୁ ପ୍ରତି ଦୁଇ ବର୍ଷକୁ ଥରେ ପାଳିତ ହୋଇଆସୁଛି ଏହି ପାରମ୍ପରିକ ଗଣପର୍ବ ବଡ଼ଯାତ୍ରା। ପ୍ରାୟ ୧୦୦ କିମିର ପାଦଚଲା ରାସ୍ତା ସାରା ପୂଜା ପାନ୍ତି ଏହି ତିନିଠାକୁର ଓ ମା। ତିନି ଦିନ ଧରି ମାଲକାନଗିରି ସଦର ମହକୁମାରେ ରେ ପୂଜା ପାଇବା ପରେ ଏହି ଯାତ୍ରା ର ଶେଷ ହୋଇଥାଏ। ଆଉ ପୁଣି ଭକ୍ତ ଦୁଇ ବର୍ଷ ଧରି ଅପେକ୍ଷା କରି ରୁହନ୍ତି ଏହି ବଡ ଯାତ୍ରା ପାଇଁ ସେଦିନ ମାଲକାନଗିରି ସହରରୁ ହିଁ ଠାକୁର ପାଦରେ ଚାଲି ଚାଲି ଯାଆନ୍ତି ଓ ପୋଲେରୁ ନଦୀ ରେ କାଠ ଡଙ୍ଗାରେ ନଈ ପାରି ହୋଇ ଆନ୍ଧ୍ରପ୍ରଦେଶର ପୋଲେରୁକୁ ଏବଂ ସେଠାରୁ ପୁଣି ଥରେ ବିଜୟ ଯାତ୍ରା ରେ ଭକ୍ତଙ୍କ ସହ ପାଦରେ ଚାଲି ଚାଲି ମାଲକାନଗିରି ସହରକୁ ଆସନ୍ତି। ଆସିବା ସମୟରେ ମା ମୁତ୍ୟାଲୁମାଙ୍କୁ ନିଜ ଭଉଣୀ ଭାବରେ ନେଇକି ଆସନ୍ତି। ଏହି ଯାତ୍ରା ଆନ୍ଧ୍ର-ଓଡ଼ିଶାର ଐତିହ୍ୟ। ଏହା ଉଭୟ ରାଜ୍ୟରେ ଭାଇଚାରା ସୃଷ୍ଟି କରିବାରେ ବେଶ ସହାୟକ ହୋଇପାରିଛି। ତିନି ରାଜ୍ୟର ଭକ୍ତଙ୍କ ପ୍ରବଳ ସମାଗମ ହୁଏ।

# ବହୁବିଧ ମେଗା ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ନଡିଆବରେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମା' ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ ଓ ନଡିଆବରେଇ ଗ୍ରାମପଞ୍ଚାୟତର ଯୁବକସଂଘ ଦ୍ୱାରା ହାଇଟେକ ମେଡିକାଲ କଲେଜର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଏକ ମାଗଣା ବହୁବିଧ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଏହି ଶିବିରରେ ୭୫୦ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ମଧ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଧର୍ମପ୍ରକାଶ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ଉଦଘାଟନୀ ଉତ୍ସବରେ ଗରଦପୁର ତହସିଲଦାର ତୃପ୍ତିମୟୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତାକାଟି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତି ଅତିଥି ଭାବେ ସାହିତ୍ୟିକ ସୁଦର୍ଶନ ମହାପାତ୍ର, ଗୌରାଙ୍ଗ ପରିଡା, ଅଦ୍ୱୈତ ସାର, ଅଧ୍ୟାପକ ସୀତାକାନ୍ତ,ଗୁଣସାର, ରାଧାକୃଷ୍ଣ, ତୈଲୋକ୍ୟନାଥ, ଅମିୟ ପରିଜା, ପୂର୍ବତନ ସରପଞ୍ଚ ପ୍ରବୀର ପରିଜା, ଶୁଭଲକ୍ଷ୍ମୀ, ସନ୍ତୋଷ କୁମାର ମାହାଲିକ, ଲକ୍ଷ୍ମୀପ୍ରିୟା ସାହୁ, ବିନୋଦିନୀ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଧମ୍ପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ପଟ୍ଟନାୟକ, ଅଭିମନ୍ୟୁ ପ୍ରଧାନ, ଗିରିଶ ସରକାର, ସମାଜସେବୀ ଚକ୍ରଧର ସାହୁ, ଜାନକୀ ପ୍ରସାଦ ଭୂୟାଁ, ଶାନ୍ତିଲତାଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରେଳ ଧକ୍କାରେ ଜଣଙ୍କର ମୃତ୍ୟୁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ରେଳ ଷ୍ଟେସନର ଲେବୁଲ କ୍ରସିଂ ଠାରୁ ଅନତି ଦୂରରେ ଡାଉନ ରେଳଧାରଣା ପାର୍ଶ୍ୱରେ ଅଜଣା ବ୍ୟକ୍ତିର ମୃତଦେହ ସୋମବାର ଅପରାହ୍ନରେ ଠାବ କରାଯାଇଛି। ସୋମବାର ମଧାନ୍ନ ସମୟରେ କୌଣସି ଦ୍ରୁତଗାମୀ ରେଳ ଧକ୍କାରେ ସମ୍ପୃକ୍ତ ଅଜଣା ବ୍ୟକ୍ତିର ମୃତ୍ୟୁ ହୋଇଥାଇ ପାରେ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ମୃତ ବ୍ୟକ୍ତର ପରିଚୟ ଜଣାପଡି ନାହିଁ କିମ୍ବା ସେ ସ୍ଥାନୀୟ ଅଞ୍ଚଳର ନୁହନ୍ତି। ମଞ୍ଜୁରୀରୋଡ ଷ୍ଟେସନ ମାଷ୍ଟରଙ୍କ ନିକଟରେ ଏଭଳି କୌଣସି ଖବର ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ତେରମା ଗ୍ରାମର ଗ୍ରାମଦେବତୀ ମା' ଖୁଲାଇଶୁଣୀଙ୍କ ପୀଠସ୍ଥଳରେ ଆଜି ଏକ ଦିବସୀୟ ଚଣ୍ଡି ମହାଯଜ୍ଞ ସମ୍ପନ୍ନ ହୋଇଛି । ଏହି ଉପଲକ୍ଷେ ପୂର୍ବାହ୍ନରୁ ନିକଟସ୍ଥ ଜଳାଶୟରୁ ପୂଜାର୍ଚ୍ଚନା ପୂର୍ବକ ଜଳ ସଂଗ୍ରହ କରାଯାଇ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଯଜ୍ଞକାର୍ଯ୍ୟ ସନ୍ଧ୍ୟାରେ ସମାପନ ହୋଇଥିବା ବେଳେ ଉପସ୍ଥିତ ଭକ୍ତମାନଙ୍କୁ ଚରୁଅନ୍ନ ବଂଟନ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ଏହି ଯଜ୍ଞରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦାନ କରି ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଆସନ୍ତାକାଲି ମା'ଙ୍କ ପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହେବ । ଏହି ଯଜ୍ଞ ଓ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞକୁ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି ।

## କେନ୍ଦୁଝର ବନଖଣ୍ଡରେ କାଠ ମାଫିଆ ସକ୍ରିୟ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ବନଖଣ୍ଡରେ କାଠମାଫିଆ ସହିତ ବନ ବିଭାଗର କେତେକ ଅସାଧୁ କର୍ମଚାରୀ ସଂପୃକ୍ତି ଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏହାର ଦୃଷ୍ଟାନ୍ତ ନିକଟରେ କାଠ ମାଫିଆ ସହିତ ଜଣେ ଫରେଷ୍ଟର ସୁନିତା ବାଘେଲଙ୍କ ସହିତ ଅଡିଓ ବାର୍ତ୍ତାଳାପ ରୁ ସ୍ପଷ୍ଟ ଜଣାପଡିଛି । ଅଡିଓ ବାର୍ତ୍ତାଳାପରେ ସେ ଗଛ କାଟିବା ପାଇଁ କାଠ ମାଫିଆଙ୍କ ଠାରୁ ଅର୍ଥ ଦାବୀ କରି ଫୋ ପେ ରେ ୬ହଜାର ଟଙ୍କା ନେଇଥିଲେ । ରକ୍ଷକ ହୋଇ ଭକ୍ଷକ ସାଜିବା ଭଳି ବନ ବିଭାଗର କେତେକ ଅସାଧୁ କର୍ମଚାରୀ ଜଙ୍ଗଲର ସୁରକ୍ଷା ପରିବର୍ତ୍ତେ ଜଙ୍ଗଲ ନଷ୍ଟ ହେବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ବିଶେଷ କରି ବେଆଇନ ଭାବେ ଗଛ କାଟୁଥିବା ମୁସଲିମ ଲୋକଙ୍କୁ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପ୍ରୋତ୍ସାହନ ଦେଇଆସୁଛି । ଏହାର ସୁଯୋଗରେ କେନ୍ଦୁଝର ବନଖଣ୍ଡରେ ଗତ କିଛିମାସ ହେବ କାଠମାଫିଆ ସକ୍ରୀୟ ହୋଇ ପଡିଛନ୍ତି । ଜଙ୍ଗଲ ଜମି ଏବଂ ସରକାରୀ ଜମିରୁ ମୂଲ୍ୟବାନ ଗଛ କାଟି ବାହାରକୁ ଚାଲାଣ କରୁଥିଲେ ହେଁ ବନ ବିଭାଗ ସେମାନଙ୍କୁ ଧରିବାରେ ସଫଳ ହୋଇ ପାରୁନାହିଁ । କାଠ ଚୋରା ଚାଲଣ ବେଳେ କାଁ ଭାଁ ଧରପଗଡ କରି ବନ ବିଭାଗ ବାହା ବାହା ନେଉଥିବାବେଳେ ଉକ୍ତ ଚୋରା କାରବାର ପଛରେ ଥିବା କାଠ ମାଫିଆମାନଙ୍କୁ ଧରିବାରେ ବିଫଳ ହେଉଛି । ବିଶେଷ କରି ମୁସଲିମ କାଠ ମାଫିଆମାନେ ଅଧିକ ସକ୍ରୀୟ ହୋଇ ପଡିଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭିତ କରି ସେମାନଙ୍କ ଜରିଆରେ ଅନୁମତି ପାଇଁ ଆବେଦନ କରୁଛନ୍ତି । ବନବିଭାଗ ଏହାର ସଠିକ୍ ଯାଂଚ ନ କରି ଅନୁମତି ଦେଉଥିବାରୁ ଚୋରା କାରବାର ବଢୁଛି । ଏହାର ସୁଯୋଗ ନେଇ କାଠ ମାଫିଆମାନେ ଅନୁମତି ମିଳିଥିବା ଗଛ ସାଂଗକୁ ଅଧିକ ସଂଖ୍ୟାରେ ଗଛ କାଟି ନେଉଛନ୍ତି । କେତେକ ସ୍ଥାନରେ ସରକାରୀ ଜମିରେ ୟୁକାଲିପଟାସ ଏବଂ ଆକାଶିଆ ଗଛ ବିନା ଅନୁମତିରେ କାଟି ନେଉଥିଲେ ମଧ୍ୟ ବନ ବିଭାଗ ଜାଣି ନିରବ ରହୁଛି । ବିଶେଷ କରି ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଗଛ କାଟିବା ପାଇଁ ଅନୁମତି ଦେଉଥିବାରୁ ବିବାଦ ଦେଖାଦେଉଛି । ଗଛ ଗୁଡିକ ପୁରୁଣା ଶୁଖିଲା ଥିବା ଦର୍ଶାଇ ବନ ବିଭାଗ ଗଛ କାଟିବାକୁ ବନ ସୁରକ୍ଷା ସମିତିକୁ ଅନୁମତି ପ୍ରଦାନ କରୁଛନ୍ତି । ଏହାର ସୁଯୋଗରେ ବନ ସୁରକ୍ଷା ସମିତି ଦ୍ୱାରା ମୁସଲିମ କାଠ ମାଫିଆଙ୍କ ଦ୍ୱାରା ବେଧଡକ ଗଛ କଟାଯାଉଛି । ସଂରକ୍ଷିତ ଜଙ୍ଗଲରେ ଅନୁମତି ଠାରୁ ଢେର ଅଧିକ ଗଛ କାଟୁଥିଲେ ମଧ୍ୟ ଏହାର ମାପଚୁପ କିମ୍ବା କଟା ଗଛର ମୂଳ ଗଣତି ହେଉନାହିଁ । ନିୟମ ଅନୁଯାୟୀ କାଠ ଚାଲାଣ ପୂର୍ବରୁ ଟିପି ପରମିଟ କରାଯିବା ଆବଶ୍ୟକ । ମାତ୍ର କରାନଯାଇ ନିୟମ ଉଲ୍ଲଙ୍ଘନ ହୋଇ କାଠ ବିକ୍ରୀ ହେଉଛି । ଫଳରେ କେତେ ଗଛ କଟିଲା ଏବଂ କେତେ ବିକ୍ରୀ ହେଲା ତାହାର ହିସାବ ରହୁନାହିଁ । ବନ ବିଭାଗ ଏସବୁ ପ୍ରତି ଅଣଦେଖା କରୁଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି । ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାକୁ ଅନୁମତି ଦିଆଯାଉଥିବାରୁ ପରିବେଶ ଉପରେ ଏହାରକୁ ପ୍ରଭାବ ପଡିବା ସହିତ ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ ପ୍ରଭାବିତ ହେଉଛି । ଚମ୍ପୁଆ ରେଞ୍ଜ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଅନୁମତି ଠାରୁ ୩ହଜାର ଅଧିକ ଗଛ କଟାଯାଇଥିବା ଅଭିଯୋଗ ହୋଇଥିଲା । ବନ ବିଭାଗ ପକ୍ଷରୁ କଟା ଗଛର ମୂଳ ଗଣତି ପରେ ଅଧିକ ୧୧୨୩ ଗଛ କଟା ଯାଇଥିବା ଜଣାପଡିଥିଲା । ତେବେ କଟାଗଛର ମୂଳ ଗଣତି ଅଧାରୁ ହଠାତ୍ ଗଣତି ବନ୍ଦ କରି ଦିଆଯାଇଥିଲା । ଏହି ଘଟଣାରେ ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି ଅନୁମତି ମିଳିଥିବା ୨୫୦୫ ୟୁକାଲିପଟାସ ଏବଂ ଆକାଶିଆ ଗଛର ବିକ୍ରୀ ବାବଦ ଅର୍ଥ ୩୦ଲକ୍ଷ ୬୫ହଜାର ଟଙ୍କା ଅଦ୍ୟାବଧି ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା ହୋଇନଥିବା ଗ୍ରାମବାସୀ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନିକଟରେ ଅଭିଯୋଗ କରିଛନ୍ତି । ନିୟମ ଅନୁଯାୟୀ ଗଛ କାଟିବା ପୂର୍ବରୁ ଏହି ଅର୍ଥ ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା କରିବା କଥା । ମାତ୍ର ତାହା ନ କରାଯାଇ ଗଛ କାଟିବାକୁ ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଅନୁମତି ପ୍ରଦାନ କରିଛନ୍ତି । ଯାହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ କୃଷ୍ଣପୁର ବନ ସୁରକ୍ଷା ସମିତିର ସଦସ୍ୟମାନେ ଦାବି କରିଛନ୍ତି ।

### ହଳଦୀ ବସନ୍ତ ମାଇନର କେନାଲ ଗାର୍ଡୱାଲ୍ କାମ ନିମ୍ନମାନର

## ଠିକାଦାରଙ୍କ ମର୍ଜିରେ ହେଉଛି କାର୍ଯ୍ୟ: ଉପସ୍ଥିତ ରହୁନାହାନ୍ତି ଯନ୍ତ୍ରୀ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଜଳସେଚନ ଅଧୀନରେ ଥିବା ହଳଦୀ ବସନ୍ତ ମାଇନର କେନାଲ ରେ ନିର୍ମାଣ କରାଯାଉଥିବା ଗାର୍ଡ ୱାଲ କାମ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ଗାର୍ଡୱାଲ ନିର୍ମାଣ ପୂର୍ବରୁ ତଳେ ବାଲି ଦିଆଯାଉନଥିବା ସ୍ଥାନୀୟ ଅଞ୍ଚଳ ଲୋକମାନେ ଅଭିଯୋଗ ଆଣିଛନ୍ତି । ଏମିତିକି ଢ଼ଳେଇ ପଡୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଛନ୍ତି । ଯାହା ଫଳରେ ଠିକାଦାର ନିଜ ମନ ମର୍ଜିରେ କାମ କରୁଛନ୍ତି । ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ଏହି ଗାର୍ଡ ୱାଲ କାମ ନିର୍ମାଣ କରାଯାଉଥିବା ବେଳେ କେନାଲରେ ପାଣି ଆସିବା ପୂର୍ବରୁ ଏବେ ସ୍ଥାଇତ୍ୱ ନେଇ ପ୍ରଶ୍ନ ଉଠିଛି । ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ମଲିକଙ୍କୁ ପଚାରିବାରୁ କାର୍ଯ୍ୟ କିଭଳି ଭାବେ ସଠିକ ହେବ ସେ ନେଇ ବିଭାଗୀୟ ଯେଇଙ୍କୁ ଉପସ୍ଥିତ ରହି କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ଦୁର୍ଘଟଣାରେ ଯୁବକ ମୃତ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ-କାଳୁପଡା ମୁଖ୍ୟ ରାସ୍ତାରେ ରହିଛି ଏକ ଶଙ୍ଖ, ଯାହାକି ବଡ଼ଶଙ୍ଖ ବୋଲି କୁହାଯାଉଥିଲା । କିନ୍ତୁ ଏବେ ତାହା ମଣିଷ ମରା ଶଙ୍ଖ ବୋଲି ଲୋକମାନେ କହୁଛନ୍ତି । କାହିଁକି ନା' ପ୍ରତ୍ୟେକ ମାସରେ ଏହି ଶଙ୍ଖ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଛି ଏବଂ ପ୍ରତି ଦୁର୍ଘଟଣାରେ ଜଣେ ଅବା ଦୁଇ ଜଣଙ୍କର ମୃତ୍ୟୁ ହେଉଛି । ଯାହାକୁ ନେଇ ଏହି ରାସ୍ତାରେ ଲୋକମାନେ ଚଳପ୍ରଚଳ କରିବାକୁ ଭୟ କରୁଛନ୍ତି । ଗତକାଲି ବିଳମ୍ବିତ ରାତ୍ରରେ ଜଣେ ଯୁବକଙ୍କ ଦୁର୍ଘଟଣାରେ ଜୀବନ ଯାଇଛି । ଟାଙ୍ଗୀ ବ୍ଲକ ବଡ଼ପୋଖରୀଆ ଗ୍ରାମର ସୌମେନ୍ଦ୍ର ପାଇକରାୟ ଏକ ବାଇକରେ ବଡ଼ପୋଖରିଆ ଗ୍ରାମରୁ ବ୍ୟକ୍ତିଗତ କାର୍ଯ୍ୟ ନେଇ ଟାଙ୍ଗୀ-କାଳୁପଡାଘାଟ ରାସ୍ତାରେ ଯାଉଥିବା ବେଳେ ବଡ଼ଶଙ୍ଖରେ ଦୁର୍ଘଟଣା ଘଟିଥିଲା । ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଛି । ରାସ୍ତା ସଂକୀର୍ଣ୍ଣ, ବାଇକ ଚାଳକଙ୍କ ଦ୍ରୁତଗତିରେ ଗାଡ଼ି ଚଳାଚଳ ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏଭଳି ଧନଜୀବନ କ୍ଷତି ଘଟୁଛି ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା କହିଛନ୍ତି । ଅନ୍ୟପଟେ ସର୍ବପୁରାତନ ଶଙ୍ଖର ପୁନରୁଦ୍ଧାର ଓ ନୂତନ ଶଙ୍ଖ ନିର୍ମାଣ କରାଗଲେ ଏଭଳି ଦୁର୍ଘଟଣା ରୋକାଯାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସେପଟେ ନୂତନ ଶଙ୍ଖର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି ।

## କୋଷାଗୁମୁଡା ମିଶନ ଶକ୍ତି କାଫେ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ




କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ମହିଳା ସଶକ୍ତି କରଣ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ମହିଳା ସଶକ୍ତ ହେଲେ ପରିବାର ସ୍ୱଚ୍ଛଳ ହୋଇଥାଏ । ବହୁଦିନର ଅପେକ୍ଷା ପରେ ସୋମବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡାରେ ମିଶନଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଠାରେ ମୁଖ୍ୟ ଅତିଥିଭାବେ ଫିତାକାଟି ନୂତନ ମିଶନଶକ୍ତି କାଫେର ଶୁଭ ଉଦ୍‌ଘାଟନ କରିଛନ୍ତି । ବ୍ଲକ ଲେବେଲ ଫେଡ଼ରେସନ ପକ୍ଷରୁ ଏହି କେଫେ ପରିଚାଳିତ ହେବ, ଏହି କେଫେ ମାଧ୍ୟମରେ ଫେଡେରେସନର ମହିଳା ସଶକ୍ତ ହେବା ସହ ନିଜ ପରିବାର ସ୍ୱଚ୍ଛଳ ହେବା ନେଇ କହିଥିଲେ । ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ମାଣ୍ଡିଆରେ ସୋମଶା, ଚୋପ, ମିଠା, ଖଡୁ ଏବଂ କାକରା ଏମିତି ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ ହୋଇଥିଲା । ଏହାକୁ ଖାଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଖୁସିବ୍ୟକ୍ତ କରିଥିଲେ ଏବଂ ମହିଳା ମାନଙ୍କୁ ପ୍ରଶଂସା କରିଥିଲେ । ସୁନ୍ଦର ଭାବରେ ତିଆରି ହୋଇଛି ଏହି କାଫେ । ବୁଦ୍ଧଙ୍କ ଫଟୋଚିତ୍ର ସ୍ଥାନିତ ସହ ଅନେକ ମନଲୋଭା ଆକୃତି ସମସ୍ତଙ୍କୁ ବିମୋହିତ କରୁଛି । ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲା ବିଜେପି ସଭାପତି କୁଞ୍ଜ ଦାଶ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ଗଣମାଧ୍ୟମକୁ ପ୍ରଶାସନ ପକ୍ଷରୁ ସୂଚନା ନଦେଇ ଉପେକ୍ଷା କରିଥିବା ନେଇ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ନିନ୍ଦା କରିବା ସହ ଚର୍ଚ୍ଚାର ପରିସରକୁ ଆସିଛି । କାହିଁକି ବ୍ଲକ ପ୍ରଶାସନ କାଫେ ଉଦ୍‌ଘାଟନ ଉତ୍ସବରେ ବ୍ଲକର ଗଣମାଧ୍ୟମକୁ ଉପେକ୍ଷା କରିଛି ବୋଲି ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । କ'ଣ କିଛି ରହସ୍ୟ ସାମ୍ନାକୁ ଆସିଯିବ କି ? ବୋଲି ସାଧାରଣରେ ଶୁଣିବାକୁ ମିଳୁଛି ।

## ଦମ୍ପତିଙ୍କ ବେକରେ ଭୁଜାଲି ଲଗାଇ ୮୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ଗ୍ରାମର ଘନଶ୍ୟାମ ମହାକୁଡ଼ ଓ ତାଙ୍କ ପତ୍ନୀଙ୍କ ବେକରେ ଭୁଜାଲି ଲଗାଇ ଗତ ୨୮ ତାରିଖ ବିଳମ୍ବିତ ରାତିରେ ମୁଖାଲଗା ଦୁର୍ବୃତ୍ତମାନେ ୮୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ୪୮/୨୫ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ତିଆଡ଼ିସାହି ଗ୍ରାମର ଘନଶ୍ୟାମ ମହାକୁଡ଼ ଓ ତାଙ୍କ ପତ୍ନୀ ଘରେ ଶୋଇଥିବା ଅବସ୍ଥାରେ ତାଙ୍କ ଘରର ଲୁହା ଗେଟ୍‌ର ଚାବିକୁ କଟରରେ କାଟି ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘର ଭିତରକୁ ପଶିଥିଲେ । ଲୁହା ଗେଟ୍ କାଟିବା ଶବ୍ଦ ଶୁଣି ଘନଶ୍ୟାମଙ୍କ ପତ୍ନୀ ନିଦରୁ ଉଠିପଡ଼ି ସ୍ୱାମୀଙ୍କୁ ଡାକିଥିଲେ । ଉଭୟ ଦମ୍ପତ୍ତି ଉଠି ପଡ଼ିବା ପରେ ଦୁର୍ବୃତ୍ତମାନେ ତାଙ୍କ ବେକରେ ଭୁଜାଲି ଓ ତାମିଲ କଟୁରି ଲଗାଇ ଗଡରେଜ ଭାଙ୍ଗି ୮୦ ହଜାର ଟଙ୍କା ସହି ସୁନା ଓ ରୂପା ଅଳଙ୍କାର ଲୁଟି ନେଇଥିଲେ । ଦୁର୍ବୃତ୍ତମାନେ ୧ଘଣ୍ଟା ଧରି ଲୁଟପାଟ କରି ଘନଶ୍ୟାମଙ୍କର ଗୋଟିଏ ମୋବାଇଲକୁ ପୋଡ଼ିବା ସହି ଅନ୍ୟ ଏକ ମୋବାଇଲକୁ ବାହାରକୁ ଫୋପାଡ଼ି ଦେଇଥିଲେ । ପରେ ଦମ୍ପତ୍ତିଙ୍କ ଗୋଡ଼ହାତ ବାନ୍ଧିଦେଇ ଘନଶ୍ୟାମଙ୍କ ମୋଟର ସାଇକେଲକୁ ବାହାରେ ଫୋପାଡ଼ି ଦେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ ।

## ଅଗ୍ନିବିପନ୍ନଙ୍କୁ ଭେଟିଲେ ପାଟକୁରା ବିଧାୟକ



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ବରାହିଲୋ ଗ୍ରାମର ଅଗ୍ନିବିପନ୍ନ ଶରତ ସାମଲଙ୍କ ପରିବାର ନିକଟରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପହଂଚି ସମବେଦନା ଜଣାଇଛନ୍ତି । ସୋମବାର ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେଡ଼ି ନେତା ସରୋଜକାନ୍ତ ନାୟକ, ପୂର୍ବତନ ସରପଂଚ ମହେନ୍ଦ୍ର ସିଂ, ମନୋରଞ୍ଜନ ଉପାଧ୍ୟାୟ, କ୍ଷିତିଶ ଦାସ, ଲକ୍ଷ୍ମୀନାରାୟଣପୁର ସରପଂଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସ୍ତରରେ କିଭଳି ସାହାଯ୍ୟ ପାଇପାରିବେ ବିଭାଗୀୟ ଅଧିକାରୀଙ୍କ ସହିତ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଗତ ଗୁରୁବାର ଅପରାହ୍ନରେ ଶ୍ରୀ ସାମଲଙ୍କ ୪ ବଖରା ପୋଡ଼ି ଯାଇଥିଲା ।

## ଧର୍ମଶାଳାରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ଶୁଭାରମ୍ଭ



ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ସୋମବାର ଦିନ ଅପରାହ୍ନ ୪ଟା ବେଳେ ଧର୍ମାାଳା ମହୋତ୍ସବ ପଡ଼ିଆଠାରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଧର୍ମଶାଳା ବ୍ଲକରେ ୨୦ଟି ପଞ୍ଚାୟତ ପାର୍ବତ୍ୟ ଅଞ୍ଚଳ ରହିଥିବରୁ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟାକୁ ଦୂର କରିବାକୁ ଗତ ପଞ୍ଚୟତ ସମିତି ବୈଠକରେ ବିଧାୟକ ପ୍ରତିଶୃତି ଦେଇଥିଲେ । ସୋମବାର ମୋଟ ୭୨ଟି ଟ୍ୟାଙ୍କର ଯୋଗେ ଧର୍ମଶାଳା ବ୍ଲକର ସମସ୍ତ ପଞ୍ଚାୟତକୁ ଆଜି ଠାରୁ ଗ୍ରୀଷ୍ମ ଋତୁ ଶେଷ ଯାଏ ପାନୀୟ ଜଳଯୋଗାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେଉରା, ଧର୍ମଶାଳା ବିଡ଼ିଓ ଜ୍ୟୋତ୍ରିମୟ କର, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଓ ଯାଜପୁର ସଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୯୪ ଗୋଟି ଅଭିଯୋଗ ମିଳିଥିଲା । ଏଥିରେ ବ୍ୟକ୍ତିଗତ ଅଭିଯୋଗ ୭୦ ଗୋଟି, ଗ୍ରାମ ଅଭିଯୋଗ ୨୦ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତନ୍ମଧ୍ୟରୁ ୨୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡା ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ ପାଳିତ




କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର ବାଲେଙ୍ଗା ପଞ୍ଚାୟତ ସଦର ମହକୁମାର ଖେଳପଡ଼ିଆ ଠାରେ ସୋମବାର ଦିନ ୱାଟରସେଡ଼ ଯାତ୍ରା ତଥା ଜଳ ବିଭାଜିକା ମୋହସବ ୨୦୨୫ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ୱାଟରସେଡ଼ ବିକାଶ ଉପାଦାନ-ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା(ଡବ୍ଲୁଡିସି-ପିଏମକେଏସୱାଇ) ପରିଯୋଜନା କ୍ଷେତ୍ରରେ ୪୫ ଲକ୍ଷରୁ ଅଧିକ କୃଷକ ପ୍ରତ୍ୟକ୍ଷ ରୂପରେ ଲଭାନିତ ହୋଇଛନ୍ତି । ସେଭଳି ଜଳ ବିଭାଜିକା ବିକାଶ ଉପାଦନ ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ୩.୪କୋଟି ହେକ୍ଟର ଭୂମିରେ ପ୍ରଭାବଶାଳୀ କାର୍ଯ୍ୟ କରିବା ନେଇ କାର୍ଯ୍ୟକ୍ରମ ହୋଇଥିଲା । ପୂର୍ବାହ୍ନରେ ଗ୍ରାମଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ କଳସି ଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ପୋଖରୀରୁ ଜଳଆଣି ଗ୍ରାମ ପରିବ୍ରହ୍ମଣ କରି ସଭାସ୍ଥଳ ରେ ପହଞ୍ଚି ଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ଧୂପଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରୀଫଳ ଭାଙ୍ଗି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଆସଙ୍ଗାରେ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ବଦ୍ରିନାରାୟଣ ସିଂ, ଜିଲ୍ଲାପରିଷଦ ସଭ୍ୟା ରୋମାବତି ପୂଜାରୀ, ସମିତି ସଭ୍ୟ ପୋଦଲାମ ଭତ୍ରା, କୋଷାଗୁମୁଡା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ସରପଞ୍ଚ ନୀଳଧର ଭତ୍ରା, ଦୁର୍ଜନ ଭତ୍ରା ଥିବାବେଳେ ବିଭାଗୀୟ ଅଧିକାରୀ ବିଶ୍ୱଭୁସନ ବ୍ରହ୍ମା, ଦିନେସ ସାହୁ, ଓଏ-ତାରିଣୀ ପଟ୍ଟନାୟକ, ଏପିଡ଼ି-ପ୍ରମଦ ବେହେରା, କୋଷଗୁମୁଡା ସହକାରୀ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ, ପିଡ଼ି ଚକ୍ରଧର ମିଶ୍ର, ରେଞ୍ଜ ଅଫିସର- ସମୀର କୁମାର ପ୍ରଧାନଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଞ୍ଚ ପରିଚାଳନା ଅବସରପ୍ରାପ୍ତ ଏଏଫଓ ଗିରିଜା ଶଙ୍କର ପଟନାୟକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ଓ ୱାଟର ସେଡ଼ ଯୋଦ୍ଧାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଦୁଇ କାର୍ଯ୍ୟକ୍ରମରେ ବାଲେଙ୍ଗା ଓ ଆସଙ୍ଗା ଗ୍ରାମର ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ, ଭଦ୍ରମଣ୍ଡଳୀ, ଗ୍ରାମବାସୀ, କନିଷ୍ଠ ଯନ୍ତ୍ରୀ, ପିଇଓ, ୱାର୍ଡ ମେମ୍ବର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ୧୮ନମ୍ବର ଜାତୀୟ ରାଜପଥ ଛୁରୁଣୀଛକ ପେଟ୍ରଲପମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ବୃଦ୍ଧଜଣକ ହେଉଛନ୍ତି ବେତନଟୀ ସ୍ଥିତ ସଠିଲୋ ପଞ୍ଚାୟତ ଅଧୀନ ପୁରୁଣାପାଣି ଗ୍ରାମର ଧନୁ ସୋରେନ(୭୦) । ପରିବାରବର୍ଗଙ୍କ ସୂଚନା ମୁତାବକ ଧନୁଙ୍କର ମାନସିକ ସ୍ଥିତି ସ୍ୱାଭାବିକ ନଥିବା ବେଳେ ସେ ଅନେକ ସମୟରେ ଘରେ କାହାକୁ କିଛି ନଜଣାଇ ଏଣେତେଣେ ପଳାଇ ଯାଇଥାନ୍ତି । ତେବେ ସୋମବାର ୧୮ନମ୍ବର ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଛୁରୁଣୀ ଛକ ପେଟ୍ରୋଲପମ୍ପ ଠାରେ ଧକ୍କା ଦେଇ ଚମ୍ପଟ ମାରିଥିଲା । ଏନେଇ ବେତନଟୀ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ମୃତଦେହ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

## ରାଷ୍ଟ୍ରୀୟ ଏକତା ଦିବସରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦ ଛାତ୍ରୀ କନ୍ୟାକୁମାରୀ ଠାରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସରେ ଯୋଗଦାନ କରିଥିଲେ । କନ୍ୟାକୁମାରୀର ମନମଣିୟମ ସୁନ୍ଦରନାର ବିଶ୍ୱବିଦ୍ୟାଳୟ ଓ ବିବେକାନନ୍ଦ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରାଷ୍ଟ୍ରୀୟ ଏକତା ଶିବିରରେ କେନ୍ଦ୍ରାପଡ଼ାରୁ ଯୋଗଦେଇଥିବା ଛାତ୍ରୀମାନେ ଶିବିରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଥମ ଓ ଲୋକନୃତ୍ୟ ପରିବେଶଣରେ ଦ୍ୱିତୀୟ ସ୍ଥାନ ଅର୍ଜନ କରି କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣି ଦେଇଛନ୍ତି । ଏଥିପାଇଁ ଜାତୀୟ ସେବା ଯୋଜନା ଅଧିକାରୀ ଓ ସମସ୍ତ ସ୍ୱେଚ୍ଛାସେବୀମାନେ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶିକା ତଥା ସମସ୍ତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫଗୁ ସାହିତ୍ୟ ଆସର



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ କଲ୍ଲୋଳ ସାହିତ୍ୟ ଖଟି ଆନୁକୂଲ୍ୟରେ ଫଗୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ସମ୍ପିତ ପତି ସହ ସମ୍ପାଦକ କଲ୍ଲୋଳ ପରିବାର ଏହି କଲ୍ଲୋଳ ସାହିତ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ନିମନ୍ତ୍ରିତ ଅତିଥିମାନଙ୍କୁ ଅସନ ଅଳଙ୍କୃତ କରାଇଥିଲେ । ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପରେ ଅତିଥିମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଦାନ କରାଯାଇଥିଲା । ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାପତି ଚୟନ କରିଥିଲେ । ଫଗୁ ସାହିତ୍ୟ ଆସରର ସଭାପତି ରୂପେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଇଂ ତ୍ରିଲୋଚନ ସେଠୀ, ମୁଖ୍ୟବକ୍ତା ବିଶିଷ୍ଟ କବି ଓ ଗାଳ୍ପିକ ଭାବେ ପୁରସ୍କୃତ ମିତ୍ରଭାନୁ ତନ୍ତୀ ଯୋଗଦେଇ ସମାଜ ପାଇଁ ସାହିତ୍ୟ କେତେ ଜରୁରୀ ତାଙ୍କ ଅଭିଭାଷଣରେ ଜଣାଇଥିଲେ । ଏହି ଫଗୁ ସାହିତ୍ୟ ଆସରରେ ନିମନ୍ତ୍ରିତ କବି ଡକ୍ଟର ମିଳନ ମହାନ୍ତ, ଅନୀଲ ଚାରୁଦର୍ଶୀ, ସମ୍ପିତ ପତି, ପତିତପାବନ ଗିରି, ମାନସ ରଞ୍ଜନ ବେହେରା, ସୌମ୍ୟରଞ୍ଜନ ଶତପଥୀ, ପ୍ରଶାନ୍ତ କୁମାର ସାହୁ, ବିଘ୍ନେଶ୍ୱର ମହାନ୍ତ, ଉମେଶ ପତି, ଅର୍ଚ୍ଚନା ମାଝୀ, ରୀମା ସେଠୀ, ଦିବ୍ୟଶ୍ରୀ ବାରିକ ପ୍ରମୁଖ ଯୋଗଦେଇ ଫଗୁ ସାହିତ୍ୟ ଆସରର ଶୀର୍ଷକ ବସନ୍ତ ଓ ଫଗୁ ଉପରେ ସ୍ୱ ରଚିତ କବିତା ଓ ଗଳ୍ପପାଠ କରିଥିଲେ । ପତିତପାବନ ଗିରି ଏହି ସାହିତ୍ୟ ଆସରର କାର୍ଯ୍ୟକ୍ରମକୁ ସଂଚାଳନା ଓ ସମୀକ୍ଷା କରିଥିଲେ । ଅନୀଲ ଚାରୁଦର୍ଶୀ ଇଂରାଜୀ ଅଧ୍ୟାପକ ପାଞ୍ଚପୀଢ ମହିଳା ମହାବିଦ୍ୟାଳୟଙ୍କ ଆବାହକତ୍ୱରେ ଏହି ଫଗୁ ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫଗୁ ସାହିତ୍ୟ ଆସରରରେ ଅତିଥି ଭାବେ କରଞ୍ଜିଆ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଓ ଦୀନେଶ କୁମାର ଯୋଗଦେଇ ଏହିପରି ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଆୟୋଜନ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅନୀଲ ଚାରୁଦର୍ଶୀ ନିମନ୍ତ୍ରିତ ସମସ୍ତ କବି ସାମ୍ବାଦିକ ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଦିଲ୍ଲିପ କୁମାର ପୃଷ୍ଟି ସଭା ଭଙ୍ଗ ଘୋଷଣା କରିଥିଲେ ।

## ଅରିଲୋ ଦୋଳ ମେଳଣ ଶାନ୍ତି କମିଟି ବୈଠକ



ଫୁଲନଖରା(ଭାସ୍କର ନ୍ୟୁଜ): ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ଅରିଲୋ ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅରିଲୋସ୍ଥିତ ଜନାର୍ଦ୍ଦନ ଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା । ସୁନ୍ଦର ପବିତ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମେଳଣକୁ ଆସୁଥିବା ସମସ୍ତ ଠାକୁରଙ୍କ ମାର୍ଫତଦାର, ଗ୍ରାମବାସୀ ଉପସ୍ଥିତ ହୋଇ ଆସନ୍ତା ୧୨ରେ ଅନୁଷ୍ଠିତ ହେବାକୁ ଥିବା ମେଳଣକୁ ଶାନ୍ତିଶୃଙ୍ଖଳା ସହ ଶେଷ କରିବାକୁ ୨୨ ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସଦର ଥାନା ଅଞ୍ଚଳର ଏକ ପ୍ରସିଦ୍ଧ ତଥା ବୃହତମ ମେଳଣ ହୋଇଥିଲେ ସୁଧା ସ୍ଥାନୀୟ ପୁଲିସ ପ୍ରଶାସନର କୌଣସି ଅଧିକାରୀ ଏଥିରେ ଯୋଗ ଦେଇନଥିଲେ । ଫଳରେ ଉପସ୍ଥିତ ମାର୍ଫତଦାର ଓ ଗ୍ରାମବାସୀଙ୍କ କିପରି ଶାନ୍ତି ଶୃଙ୍ଖଳା ସହ ମେଳଣ ହେବ ସେଥିପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା । ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରମାନେ ଆସି ମେଳଣରେ ଠିକ ସମୟରେ ଯୋଗଦେଇ ମେଳଣ କରିବେ ବୋଲି ଆଲୋଚନା ହୋଇଥିଲା । ଏଥିରେ ଅରିଲୋ ଗ୍ରାମ୍ୟ କମିଟି ସଭାପତି ପ୍ରବୀର କୁମାର ମହାନ୍ତି, ସଂପାଦକ ନୀଳମଣୀ ଦାସ, ଜନାର୍ଦ୍ଦନଙ୍କ ମ୍ୟାନେଜିଙ୍ଗ ଟ୍ରଷ୍ଟି ସନାତନ ନନ୍ଦ, ପର୍ଶୁରାମ ସେନାପତି, ଯୁଧିଷ୍ଠିର ଭୋଳ, ଶରତ କୁମାର ରଥ, ଅଶୋକ କୁମାର ରଥ, ସାମ୍ବାଦିକ ଲଳିତ କୁମାର ଦାଶ, ବିପ୍ରଚରଣ ଭୋଳ, ଗୋପାଳଚନ୍ଦ୍ର ମିଶ୍ର, ଲିଙ୍ଗରାଜ ମହାନ୍ତି, ପ୍ରଶାନ୍ତ ନାୟକ, ପ୍ରଶାନ୍ତ ବେହେରା, ରାଜକିଶୋର ପଟ୍ଟନାୟକ, ପ୍ରଭୁପ୍ରସାଦ ମହାନ୍ତି, ବୈଷ୍ଣବ ଚୌଧୁରୀ, ସୁରେଶ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ବେହେରା, ପ୍ରଣବ ପଟ୍ଟନାୟକ, କାହ୍ନୁ ଚରଣ ପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଜୟ କୁମାର ବେଉରା, ରାଜକିଶୋର ଶତପଥି, ନରୋତ୍ତମ ଦାସଙ୍କ ସମେତ ଠାକୁରଙ୍କ ମାର୍ଫତଦାର, ସମସ୍ତ ଗ୍ରାମବାସୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସରିଲା ଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି କରଣ ସମାଜ ପକ୍ଷରୁ ସ୍ଥାନୀୟ ସହରରେ ପ୍ରଭୁ ଶ୍ରୀ ଚିତ୍ରଗୁପ୍ତଙ୍କ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଫେବୃଆରୀ ୨୭ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ରବିବାର ଦିନ ଶେଷ ହୋଇଥିବା ଏହି ଚାରିଦିନିଆ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହେଉଥିବା ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଉପସ୍ଥିତ ରହୁଥିବା ବେଳେ ପ୍ରତି ସଂଧ୍ୟାରେ ସମାଜ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରାଯାଉଥିଲା। ଏହି ସମସ୍ତ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜର ପ୍ରତ୍ୟେକ ସଦସ୍ୟ ଆନନ୍ଦ ଉଲ୍ଲାସର ସହ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସମାଜର ମୁଖ୍ୟ ଉପଦେଷ୍ଟା କାଳି ପ୍ରସାଦ ପଟ୍ଟନାୟକ, ସଭାପତି ରାମଶଙ୍କର ଦାସ, ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ମହିଳା ମଣ୍ଡଳ ଅଧକ୍ଷା ସବିତା ପଟ୍ଟନାୟକ ଏବଂ ବରିଷ୍ଠ ସଦସ୍ୟମାନଙ୍କ ନେତୃତ୍ୱରେ ଚାରିଦିନ ବ୍ୟାପି ଚାଲିଥିବା ଏହି ଶ୍ରୀ ଚିତ୍ରଗୁପ୍ତଙ୍କ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନରେ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ଓ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ ବନଯୋଗ ଓ ଧାନ୍ୟାଧିବାସ, ତୃତୀୟ ଦିନରେ ମନ୍ଦିରର ରତ୍ନମୁଦ ଓ ଶ୍ରୀ ଚିତ୍ରଗୁପ୍ତ ବିଗ୍ରହଙ୍କ ପବିତ୍ର ପ୍ରାଣ ପ୍ରତିଷ୍ଠା ତଥା ଅନ୍ତିମ ଦିନରେ ହୋମଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ। ପ୍ରତି ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ସଂଗୀତ ପରିବେଷଣ କରାଯାଉଥିଲା ବେଳେ ତୃତୀୟ ଦିନ ସମାଜର ପୁରୁଷ କଳାକାରମାନଙ୍କ ଦ୍ୱାରା ବିରଞ୍ଚି ନାରାୟଣ ମୁଣ୍ଡଙ୍କ ରଚିତ ଓ ଅଶୋକ ରାୟଙ୍କ ନିର୍ଦ୍ଦେଶିତ ନାଟକ 'ଚାଲିବାକୁ ଅଛି' ଓ ଅନ୍ତିମ ଦିନର ସଂଧ୍ୟାରେ ସମାଜର ମହିଳା ଶାଖା କଳାକାର ମାନଙ୍କ ଦ୍ୱାରା କବିତା ମହାନ୍ତିଙ୍କ ରଚିତ ଓ ସୌରଭ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବୃଦ୍ଧାଶ୍ରମ ମୋର ଶେଷ ଠିକଣା' ପରିବେଷଣ କରାଯାଇଥିଲା ଓ ଉପସ୍ଥିତ ଦର୍ଶକ ମାନେ ଏହାକୁ ମନଭରି ଉପଭୋଗ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ତଥା ଜିଲ୍ଲା ବାହାର କରଣ ସମାଜର କର୍ମକର୍ତ୍ତା, ବିଭିନ୍ନ ସମାଜର କର୍ମକର୍ତ୍ତା, ବରିଷ୍ଠ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟ ପ୍ରମୋଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘ ଚାରିଦିନ ଧରି ସମାଜ ପକ୍ଷରୁ ସମସ୍ତ ସଦସ୍ୟ, ଶ୍ରଦ୍ଧାଳୁ ଓ ନିମନ୍ତ୍ରିତ ଅତିଥିମାନଙ୍କ ପାଇଁ ପ୍ରତ୍ୟେହ ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନର ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି କରଣ ସମାଜର ଜିଲ୍ଲାରେ ଥିବା ସମସ୍ତ ସଦସ୍ୟ ସଦସ୍ୟା, କର୍ମକର୍ତ୍ତା ତଥା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସାହାଯ୍ୟ ଓ ଶୁଭେଚ୍ଛୁ ମାନଙ୍କ ନିଷ୍ଠା ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ସଫଳ ହୋଇପାରିଲା ବୋଲି ସମାଜର ସଭାପତି ରାମଶଙ୍କର ଦାସ ଓ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ଓ ଅନ୍ୟତମ ବରିଷ୍ଠ ଉପଦେଷ୍ଟା କାଳିପ୍ରସାଦ ପଟ୍ଟନାୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଅତିଥିମାନଙ୍କ ମଧ୍ୟରୁ ସମ୍ବଲପୁରର ପୂର୍ବତନ ରାଜସଭା ସାଂସଦ ପ୍ରମିଳା ବହିଦାର, ଅଖିଳ ଭାରତୀୟ କାୟସ୍ଥ ମହାସଭାର ରତ୍ନଭୂଷଣ ପୃଷ୍ଟେଠ, ବିକ୍ରମାନନ୍ଦ ବହିଦାର, ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ସମାଜସେବୀ ତଥା ଆଇନଜୀବୀ ଋତୁପର୍ଣ୍ଣା ମହାନ୍ତି, ଶିରିଶ କୁମାର ବହିଦାର ଆଦି ମଞ୍ଚାସୀନ ହୋଇ ନିଜ ନିଜର ଅଭିଭାଷଣ ରଖିଥିଲେ ଓ ସମାଜର ଦାୟିତ୍ୱବୋଧ ତଥା ସଂଗଠନକୁ ନେଇ କଳାହାଣ୍ଡି କରଣସମାଜ କରୁଥିବା କାର୍ଯ୍ୟାବଳୀର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ଦିନ ମାନଙ୍କରେ ନର୍ଲା ବିଧାୟକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଓଡିଶା ତଥା ସର୍ବ ଭାରତୀୟସ୍ତରରେ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ଏଭଳି ଭବ୍ୟ ମନ୍ଦିର ନିର୍ମାଣ ହେବା କଳାହାଣ୍ଡିରେ ପ୍ରଥମ ବୋଲି ସମାଜ ପକ୍ଷରୁ ପ୍ରକାଶ ପାଇଛି।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବସନ୍ତ ସାହିତ୍ୟ ମହୋତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, କଳାହାଣ୍ଡି ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ସମ୍ପର୍କିତ ଆଲୋଚନା ପର୍ବ ଏବଂ ବାସନ୍ତିକ କବିତା ଆସର ସ୍ଥାନୀୟ ଅମଲା ଭବନ ସଭାଗୃହ ଠାରେ ୨ ତାରିଖ ରବିବାର ଦିନ ଏକ ସାରସ୍ୱତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରଥମ ଅଧିବେଶନରେ ତନ୍ମୟ କୁମାର ଦରଓ୍ୱାନ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବରେ ମମତା ଦାସ ସହ ଜିଲ୍ଲାପାଳ କଳାହାଣ୍ଡି, ଡ. ଅଜୟ ମିଶ୍ର ଅବସର ପ୍ରାପ୍ତ ଅଧ୍ୟକ୍ଷ ଭବାନୀପାଟଣା, ସମୀର କୁମାର ମହାପାତ୍ର ସଭାପତି ମାଟିଲଗ୍ନା କଳାହାଣ୍ଡି ଶାଖା ଯୋଗ ଦେବା ସଙ୍ଗେସଙ୍ଗେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ କବୟିତ୍ରୀ ସଂଘମିତ୍ରା କାନୁନଗୋଙ୍କୁ 'ଶ୍ରେଷ୍ଠ କବିୟିତ୍ରୀ' ଓ 'ସେବାଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ସୁଶ୍ରୀ ସବିତା ପଟ୍ଟନାୟକ, ସଂଘର ମହିଳାବିଭାଗ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ଏହାର ମୁଖ୍ୟ ଆକର୍ଷଣ ଥିଲା କବିତା ପାଠ ଉତ୍ସବ। ସଭାରେ ମୁଖ୍ୟଅତିଥି ଭାବରେ ମଞ୍ଜୁ ମେଧା ଗୁରୁ, ଅବସର ପ୍ରାପ୍ତ ପ୍ରାଧ୍ୟାପକ କେସିଙ୍ଗା ମହାବିଦ୍ୟାଳୟ ଓ ସମ୍ମାନିତ ଅତିଥି ଭାବରେ ବିରଞ୍ଚି ନାରାୟଣ ମୁଣ୍ଡ ସମ୍ପାଦକ ସର୍ବଶ୍ରୀ ସାହିତ୍ୟ ସଂସଦ ଭବାନୀପାଟଣା, କଳ୍ପନା ରଥ ସମ୍ପାଦିକା ଲେଖିକା ସଂଘ ଭବାନୀପାଟଣା,ଅଶୋକ କୁମାର ଖମାରୀ ସଭାପତି, ସାହିତ୍ୟଘର ଭବାନୀପାଟଣା ଯୋଗ ଦେଇଥିଲେ। ପରେପରେ ସମୀର କୁମାର ମହାପାତ୍ରଙ୍କ ସଂଯୋଜନାରେ ଜିଲ୍ଲାର ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କଳାହାଣ୍ଡି ଅମଲା ସଂଘର ବରିଷ୍ଠ ଉପଦେଷ୍ଟା ରୂପ କିଶୋର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରୁପ୍ରାକୁ ହରାଇ ରେଳବାଇ ଦଳ ବିଜୟୀ




ନର୍ଲା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ ସ୍ଥିତ ରେଳବାଇ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗତ ମାସ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ନର୍ଲା ବ୍ଲକର ୨୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଦିନ ଦୁଇରୁ ଅଧିକ ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେଉଥିବା ବେଳେ ରବିବାର ଦିନ ଫାଇନାଲ ମ୍ୟାଚ୍ ନର୍ଲା ରୋଡ ରେଳବାଇ ଦଳ ଓ ରୁପ୍ରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ରୁପ୍ରା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୦ ଓଭରରେ ୮୦ ରନ୍ କରି ଥିବାବେଳ ନର୍ଲା ରୋଡ ରେଳବାଇ ଦଳ ୭ ଓଭର୍ ୩ ବଲରେ ୮୧ ରନ୍ କରି ରୁପ୍ରା ଦଳକୁ ପରାସ୍ତ କରିଥିଲା । ଏହି ଉଦ୍‌ଯାପନି ସମାରୋହର ମୁଖ୍ୟ ଅତିଥି ରୂପେ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର, ସାମ୍ବାଦିକ ଜଗତ ରାମ୍ ସାହୁ, ନୀଳକଣ୍ଠ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଖେଳର ବିଜେତା ଦଳକୁ ଟ୍ରଫି ସହିତ ୩୦୦୦୦ ଟଙ୍କାର ଚେକ୍ ପ୍ରଦାନ୍ କରାଯାଇ ଥିବା ବେଳେ ରନର୍ସ ଅଫ୍ ଦଳକୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ୍ କରାଯାଇଥିଲା। ଉକ୍ତ ଖେଳକୁ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ସିଧାପ୍ରସାରଣ ମଧ୍ୟ କରାଯାଇ ଥିଲା। ନର୍ଲା ରୋଡ ରେଳବାଇ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଆୟୋଜନକୁ ଉପସ୍ଥିତ ଦର୍ଶକଙ୍କ ସହିତ ସମସ୍ତ ଅତିଥି ପ୍ରଶଂସା କରିଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଜେଲ ଗଲା ଅଭିଯୁକ୍ତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗ୍ରାମରକ୍ଷୀକୁ ଜେଲ ଯିବାକୁ ପଡ଼ିଛି। ଏହି ଲଜ୍ଜାଜନକ ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନାଞ୍ଚଳରେ। ଏହି ଥାନାଞ୍ଚଳର ଜଣେ ଯୁବତୀ, ଯାହାଙ୍କର ମାସେ ତଳେ ନିର୍ବନ୍ଧ ଶେଷ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦିନ ଦଶଟା ସମୟରେ ପୀଡିତା ଘର ନିକଟସ୍ଥ ଦୋକାନକୁ ସଉଦା କିଣିବାକୁ ଯାଉଥିବାବେଳେ ରାସ୍ତା କଡ଼ ଫରେଷ୍ଟ ବଙ୍ଗଳା ନିକଟରେ ଥିବା ଅଭିଯୁକ୍ତ ଗ୍ରାମରକ୍ଷୀ ଶିବ ନାଏକ ତାଙ୍କ ମୁହଁକୁ ଚାପି ଧରି ବଙ୍ଗଳାର ଏକ ପରିତ୍ୟକ୍ତ ଘରକୁ ଭିଡ଼ିନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ ବିଜେପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ଗ୍ରାମରକ୍ଷୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଏନେଇ ବିଜେପୁର ଥାନା କେସ ନଂ ୦୭/୨୦୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଜେପୁର ଥାନାଧିକାରୀ ବିଶ୍ୱମ୍ଭର କହଁର ସୂଚନା ଦେଇଛନ୍ତି।



# ଦୁର୍ଘଟଣାରେ ମହିଳା ମୃତ, ସ୍ୱାମୀ ଓ ଶିଶୁ ଗୁରୁତର

ଧର୍ମଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଆମପାଣିରୁ ଧର୍ମଗଡ଼କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ଭୁର୍ଷାଗୁଡା - କୁଳେରଗୁଡା ରାସ୍ତା ମଝିରେ ଅଜଣା ଅଟୋ ଧକ୍କାରେ ଜଣେ ମହିଳାର ମୃତ୍ୟୁ ହୋଇଛି। ରବିବାର ଦିନ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାଇକରେ ମହିଳା ଓ ତାଙ୍କ ସ୍ୱାମୀ ଶିଶୁପୁତ୍ର ଯାଉଥିଲେ। ତେବେ ଯିବା ରାସ୍ତାରେ ଏକ ଅଜଣା ଅଟୋ ଧକ୍କା ଦେଇଥିଲା। ମୃତା ମହିଳା ଜଣକ ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନ ଚଞ୍ଚରା ଗ୍ରାମର ଗୋମତି ଦୁର୍ଗା ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ସ୍ୱାମୀ ଶଶୀଧର ଦୁର୍ଗା ଓ ଶିଶୁ ପୁତ୍ର କରନ ଦୁର୍ଗା ଅଳ୍ପକେ ବର୍ତ୍ତି ଯାଇଥିଲେ ହିଁ ଗୁରୁତର ଥିବା ସୂଚନା ମିଳେ। ସୂଚନା ମତେ ଅଟୋ ଟି ଧକ୍କା ଦେବା ଫଳରେ ବାଇକ ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲା। ତିନି ଜଣ ଛିଟିକି ପଡିଥିବା ବେଳେ ଗୋମତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଅଟୋ ଟି ଚମ୍ପଟ ମାରିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ସମେତ ଆମପାଣି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଶଶୀଧର ଓ ତାଙ୍କ ପୁଅକୁ କୋକସରା ଡାକ୍ତରଖାନାରେ ନେଇ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ବାପା ଓ ପୁଅଙ୍କୁ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଆମପାଣି ପୋଲିସ ପହଞ୍ଚି ଶବ ଜବତ ସହ ତଦନ୍ତ ଆରମ୍ଭ କରିଥିବା ବେଳେ ଅନ୍ୟପଟେ ଦୁର୍ଘଟଣା ସ୍ଥଳରେ ମୃତକଙ୍କ ପରିଜନ ମାନେ ପହଞ୍ଚି ଦୁର୍ଘଟଣା ଗାଡିକୁ ଠାବ କରିବା ସହ କ୍ଷତିପୂରଣ ଦାବିରେ ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ। ପରେ ଏ ସମ୍ପର୍କରେ ଅବଗତ ହୋଇ କୋକସରା ତହସିଲଦାର ଓ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିଜନଙ୍କ ସହ ଆଲୋଚନା କରି ସରକାରୀ ନିୟମ ଅନୁଯାୟୀ ଯାହା କ୍ଷତିପୂରଣ ଅର୍ଥ ରହିଛି ତାହା ଦିଆଯିବା ପ୍ରତିଶ୍ରୁତି ସହ ରେଡ଼ କ୍ରସରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ପରେ ମୃତ ମହିଳାଙ୍କ ଶବ ରାସ୍ତାରୁ ହଟାଇବା ସହ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଶବ ଜବତ କରି ବ୍ୟବଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇ ଥିବା ଜଣାପଡିଛି।

# ପୁଣି ଦାଦନ ମୃତ୍ୟୁ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଧୀନ ମାଳିଯୁବାଙ୍ଗ ପଞ୍ଚାୟତର କେନ୍ଦୁପେଟ ଗାଁର ନାବାଳକ ରଘୁ ମାଝୀ(୧୭) ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ରଘୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲା ଅନକାପାଲି ଥାନା ଅନ୍ତର୍ଗତ ଜବାହାରଲାଲ ନେହେରୁ ଫର୍ମାଷ୍ଟିକ ନାମକ ଏକ କମ୍ପାନୀକୁ ଗାଁ ପିଲାଙ୍କ ସହିତ ମିଶି କାମ କରିବା ପାଇଁ ଯାଇଥିଲେ। ହେଲେ ଶୁକ୍ରବାର ଦିନ କମ୍ପାନୀରେ କାମ କରୁଥିବା ସମୟରେ ରଘୁଙ୍କ ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା। ଫଳରେ ରାତିରେ ସେ ରହୁଥିବା ରୁମକୁ ଚାଲିଆସିଥିଲେ। ସେଠାରେ ସେ ଗୁରୁତର ହୋଇଥିବା ବେଳେ ଖବର ପାଇ ରଘୁଙ୍କ ସୁପରଭାଇଜର ରାମକ୍ରୀଷ୍ଣା ଓ ଗାଁ ପିଲା ତାଙ୍କୁ ଅଣକାପାଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗାଁ ପିଲା ରଘୁଙ୍କ ବାପା ସାନ ମାଝୀଙ୍କୁ ଜଣାଇବା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ରଘୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକେ ମୃତଦେହ ଆଣିବାକୁ ଅସମର୍ଥ ହୋଇ ପଡିଛନ୍ତି। ପରିବାର ଲୋକେ କ୍ଷତିପୂରଣ ଦାବି କରି ମୃତଦେହ ଗାଁକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଏନେଇ ପରିବାର ଲୋକେ ଥାନାରେ ଏକ ଅଭିଯୋଗ କରିଛନ୍ତି।

# ବନବିଭାଗରେ ମହାଦୁର୍ନୀତି ଅଭିଯୋଗ

- ସିକେରକୁପା ସେକ୍ସନ ପାଣିମୁଣ୍ଡା ବିଟ ନାଁରେ ଗଦାଗଦା ଅଭିଯୋଗ, ତଦନ୍ତ ଶୂନ
- ରାସ୍ତାକଡ଼ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ୨୦ ଲକ୍ଷ, ଗଛର ଦେଖାନାହିଁ



ଲାଞ୍ଜିଗଡ଼, (ଭାସ୍କରନ୍ୟୁଜ୍) : କୋଟି କୋଟି ଟଙ୍କାର ଦୁର୍ନୀତି ଓ ସରକାରୀ ପାଣ୍ଠି ହେରଫେର ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ଇଡି ତଦନ୍ତ କରିବା ପରେ ଏବେ ଜିଲ୍ଲାର ଅନ୍ୟ ବନାଞ୍ଚଳରେ ହୋଇଥିବା ସେଇ ସମାନ ଧରଣର ଦୁର୍ନୀତିକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏପରିକି ସେଇ ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବିଶ୍ୱନାଥପୁର ବନାଞ୍ଚଳର ବିଜେପୁର ଓ ସିକେରକୁପା ସେକ୍ସନର ବିଭିନ୍ନ ବିଟରେ ମଧ୍ୟ ବନବିଭାଗର ବିଭିନ୍ନ ଅନୁଦାନ ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ବନବିଭାଗର ଉଚ୍ଚପଦସ୍ତ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ଉଭୟ ସେକ୍ସନର ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ସିଧାସଳଖ ଭାବେ ଏହି ମହାଦୁର୍ନୀତିରେ ସାମିଲ ଥିବା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ଏପରିକି ଏହି ମହାଦୁର୍ନୀତିକୁ ଲକ୍ଷ୍ୟ କରି ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେକ୍ସନରେ ମଧ୍ୟ ଭିଜିଲାନ୍ସ କିମ୍ବା ଇଡି ତଦନ୍ତ ପାଇଁ ଦାବି ହେଉଛି । ଉଭୟ ସେକ୍ସନରେ ବନବିଭାଗର ବିଭିନ୍ନ ଅନୁଦାନକୁ ହେରଫେର କରାଯାଇଥିବାବେଳେ ବୃକ୍ଷରୋପଣ, ବନୀକରଣ ଆଦି ଯୋଜନା ସବୁ ଫସର ଫାଟିଛି । ଏପରି ଭାବେ ସିକେରକୁପା ସେକ୍ସନ ଅନ୍ତର୍ଗତ କେବଳ ପାଣିମୁଣ୍ଡା ବିଟରେ ଦୁର୍ନୀତିର ମାତ୍ରା ସୀମା ଲଙ୍ଘିଛି । ଏହି ବିଟର ଭାଲୁଚଞ୍ଚରାଠାରୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ ମରୁଡି ରୋକିବା ପାଇଁ ୧୦ କିମି ରାସ୍ତାକଡ଼ ବୃକ୍ଷରୋପଣ ବାବଦକୁ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ୧୩ ଲକ୍ଷ ୬୧ ହଜାର ୮୪୮ ଟଙ୍କା ମଞ୍ଜୁର ହୋଇଥିଲା । ସେଥିରେ ୨ ଲକ୍ଷ ୭୨ ହଜାର ୫୧୮ ଟଙ୍କା ଖର୍ଚ୍ଚ କରାଯାଇ ୮୩୦ ଗୋଟି କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିବା ଦର୍ଶାଯାଇଛି। ଅପରପକ୍ଷରେ ସର୍ବାଧିକ ୯ ଲକ୍ଷ ୫୭ ହଜାର ୮୫୦ ଟଙ୍କା ମେଟେରିଆଲ ବାବଦକୁ ଦର୍ଶାଯାଇଛି । ଦଶ କିଲୋମିଟର ରାସ୍ତାକଡ ବୃକ୍ଷରୋପଣର କିଛିଦିନ ମଧ୍ୟରେ ହିଁ ଉପଯୁକ୍ତ ଯତ୍ନ ଅଭାବରୁ ଚାରାଗଛ ସବୁ ମରିଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଗଛଗୁଡିକର ରକ୍ଷଣାବେକ୍ଷଣ ପାଇଁ ୬ ଲକ୍ଷ ୪୧ହଜାର ୫୭ ଟଙ୍କା ବ୍ୟୟ କରାଯାଇଛି। ଏଥିରେ ଶ୍ରମିକ ନିଯୁକ୍ତି ବାବଦକୁ ୩ ଲକ୍ଷ ୨୪ ହଜାର ୪୯୮ ଟଙ୍କା ଖର୍ଚ୍ଚ କରାଯାଇ ୯୮୮ ଗୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବାବେଳେ ମେଟେରିଆଲ ବାବଦକୁ ୨ ଲକ୍ଷ ୯୦ ହଜାର ୮୭୯ ଟଙ୍କା ଖର୍ଚ୍ଚ କରାଯାଇଥିବା ତଥ୍ୟ କହୁଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ବୃକ୍ଷରୋପଣର କିଛିମାସ ପରେ ଗଛଗୁଡିକ ମରିଯାଇଥିବାବେଳେ ତାର ବର୍ଷକ ପରେ ରକ୍ଷଣାବେକ୍ଷଣ ନାଁରେ ୬ଲକ୍ଷ ୪୧ ହଜାର ୫୭ ଟଙ୍କା କେମିତି ଓ କେଉଁଠି ଖର୍ଚ୍ଚ କରାଗଲା ? ଯାହା ସଂପୂର୍ଣ୍ଣ ଭାବେ ଦୁର୍ନୀତିକୁ ପ୍ରମାଣିତ କରୁଛି। ସେହିପରି ଦୁଇ ଚାରିଜଣ ଶ୍ରମିକଙ୍କୁ ଛାଡିଦେଲେ ବାକି ସବୁତକ ଅନୁଦାନ ଭୂତ ଶ୍ରମିକଙ୍କ ନାଁରେ ପକାଇ ହରିଲୁଟ କରାଯାଇଥିବା ଜଣାପଡିଛି । ଏପରିକି ବର୍ଷ ବର୍ଷ ଧରି ଦାଦନ ଖଟିବାକୁ ଯାଇଥିବା, ସ୍କୁଲ ଓ କଲେଜ ଛାତ୍ର ତଥା ବୃଦ୍ଧବୃଦ୍ଧାଙ୍କ ନାଁରେ ଶତାଧିକ ମ୍ୟୁଲ ଏକାଉଣ୍ଟ ଖୋଲାଯାଇ ଅନୁଦାନ ରାଶି ହେରଫେର କରାଯାଇଛି। ମେଟେରିଆଲ ବାବଦକୁ ଖର୍ଚ୍ଚ ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି ଏହା ମାତ୍ର ଗୋଟିଏ ଉଦାହରଣ ହୋଇଥିବାବେଳେ ବନବିଭାଗର ଏହି ମହାଦୁର୍ନୀତିର ପର୍ଦ୍ଦାଫାସ ଖୁବଶୀଘ୍ର ହେବ ଏବଂ ଭିଜିଲାନ୍ସ କିମ୍ବା ଇଡି ତଦନ୍ତ ଦ୍ୱାରା ଏହା ସାମ୍ନାକୁ ଆସିବ ବୋଲି କୁହାଯାଉଛି । ଏହି ଅଭିଯୋଗ ସଂପର୍କରେ ସିକେରକୁପା ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ଭାଗିରଥୀ ନାଏକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ ।

# ନିମ୍ନମାନର କାମକୁ ନେଇ ଅସନ୍ତୋଷ ଗ୍ରାମବାସୀ



ବିନାସୂଚନା ଫଳକରେ ଆଗେଇଛି କାମ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସରକାରି ଉନ୍ନୟନ ମୂଳକ କାମର ସମ୍ପୂର୍ଣ୍ଣ ବିବରଣୀ ଜନସାଧାରଣଙ୍କ ଅବଗତ ନିମନ୍ତେ କାମ ଆରମ୍ଭରେ ସୂଚନା ଫଳକ ଲାଗେଇବାକୁ ବାଧ ବୋଲି ସରକାର ନିର୍ଦ୍ଦେଶ ଜାରି କରାଯାଇଛି। ଏଥିରେ କାମ ହେଉଥିବା ବିଭାଗ, ତାର ବ୍ୟୟବରାଦ ଅର୍ଥ, ଆରମ୍ଭ ତାରିଖ କାମ ଶେଷ ଅବଧି ଓ ଠିକାଦାରଙ୍କ ନାମ ସହ ତତ୍ୱାବଧାନ ଯନ୍ତ୍ରୀଙ୍କ ନାମ ଉଲ୍ଲେଖ ରଖାଯିବା ବ୍ୟବସ୍ଥା ରହିଛି। ହେଲେ ଧର୍ମଗଡ଼ ବ୍ଲକ ପର୍ଲା ଆଦର୍ଶ ବିଦ୍ୟାଳୟ ଠାରେ ବାଳକ ଆବାସିକ ଗୃହ ବିନା ସୂଚନା ଫଳକରେ ନିର୍ମାଣ ହୋଇଥିବା ଦେଖା ଯାଇଛି। ଅନ୍ୟପଟେ ଆରମ୍ଭରୁ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଥିବା ବେଳେ ତାର ସ୍ଥାୟୀତ୍ୱକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଆଦର୍ଶ ବିଦ୍ୟାଳୟ ପରିସରରେ ଗତ କିଛିଦିନ ତଳୁ ବିଲ୍ଡିଂ କାମ ଆରମ୍ଭ କରାଯାଇଛି। ଏପରିକି ବିମ ସବୁ ଉଠି ସାରିଥିବା ବେଳେ ଭଲ ଭାବେ ପାଣି ଦିଆଯାଉ ନ ଥିବା ଲୋକେ ଅଭିଯୋଗ ଉଠାଇଛନ୍ତି। ଏହା ଧର୍ମଗଡ଼ ପିଡବ୍ଲୁଡ଼ି ବିଭାଗ ଅଧୀନରେ କାମ ହେଉଥିବା ଓ ଅଞ୍ଚଳର ଜଣେ ଠିକାଦାର କାମ କରୁଥିବା କୁହାଯାଏ। ତେବେ ବିଭାଗୀୟ ଯନ୍ତ୍ରୀ ସମନେନ୍ଦ୍ର ବିଶ୍ୱାଳଙ୍କ କହିବା ଅନୁଯାୟୀ ଏହି କାମ ପାଇଁ ପ୍ରାୟ ୪କୋଟିରୁ ଉର୍ଦ୍ଧ୍ୱ ଅର୍ଥ ରଖାଯାଇଛି। ହେଲେ ଲୋକଙ୍କ କହିବା ମତେ ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଠିକାଦାର କାମ କରୁଥିବା ନେଇ ସ୍ଥାୟୀତ୍ୱ ଉପରେ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିବା ସହ ଗାଁରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଯନ୍ତ୍ରୀ ସମରେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସୂଚନା ଫଳକ ନିର୍ମାଣ ପାଇଁ ଦିଆଯାଇଛି - ଲଗାଯିବ। ଅନ୍ୟ ପଟେ ନିମ୍ନ ମାନ କାମ ଉପରେ ପ୍ରଶ୍ନକୁ ଖଣ୍ଡନ କରିଛନ୍ତି।

# ରାଶିଫଳ

ମଙ୍ଗଳବାର, ୦୪ ମାର୍ଚ୍ଚ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ ।



**ବୃଷ:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ ।



**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ ।



**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଭ୍ରମଣରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଆଜି ମିଶ୍ରିତ ଦିନ ହେବ । ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ। ପତି-ପତ୍ନୀ ଏବଂ ପିତାମାତାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଯତ୍ନ ନେବାକୁ ପଡିବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ । ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କଟକ(ଭାସ୍କର ନ୍ୟୁଜ୍): ବାଙ୍କୀ ବ୍ଲକରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବା ଓ ଜନସାଧାରଣଙ୍କ ସହଯୋଗରେ ପ୍ରଶାସନର କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ବ୍ଲକର ଜନସାଧାରଣ ଯୋଗଦେଇ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତା, ଭିନ୍ନକ୍ଷମ ଭତ୍ତା, କୃଷି,ରାଜସ୍ୱ, ଫୌଜଦାରୀ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ ସମସ୍ୟା ସମ୍ପର୍କିତ ମୋଟ ୧୦୩ ଟି ଅଭିଯୋଗର ଜନଶୁଣାଣୀ କରି ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ କଟକ ଗ୍ରାମାଂଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟସ୍ପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରଶାନ୍ତ କୁମାର ହୋତା, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ବନବାସୀ ବେହେରା, ବାଙ୍କୀ ଉପଜିଲ୍ଲାପାଳ ଦାୟିତ୍ୱରେ ଥିଲା ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର ବାଙ୍କୀ ଅଶେଷ କୁମାର ନାୟକ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ ସମ୍ପଦ କୁମାର ସ୍ୱାଇଁଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡରର ସମସ୍ତ ଅଧିକାରୀ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରରେ ସହଯୋଗ କରିଥିଲେ।

# ଗୁମାଡେରା କପ୍ ରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ମାର୍କେଟ୍ ବୟଜ୍ ଦଳ ଚାମ୍ପିଅନ୍




ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ମାର୍କେଟ୍ ବୟଜ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୯ତମ ରାତ୍ରୀ କ୍ରିକେଟ୍ ଟୁର୍ନାମେଣ୍ଟ 'ଗୁମାଡେରା କପ୍ ୨୦୨୫' ରବିବାର ଶେଷ ହୋଇଯାଇଛି। ଏଥିରେ ବେଲପାହାଡ଼ ଅଞ୍ଚଳର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଉଭୟ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ପେଣ୍ଟର ଜୁନିଅର ଦଳ ପ୍ରିୟାଂଶୁ ଏକାଦଶ ଦଳକୁ ଭେଟିଥିଲା। ଯେଉଁଥିରେ ପ୍ରିୟାଂଶୁ ଏକାଦଶ ପେଣ୍ଟର ଜୁନିଅରକୁ ୧୫ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମାର୍କେଟ ବଏଜ୍, ମିଧା ବ୍ରଦର୍ସଙ୍କ ସହ ମୁକାବିଲା କରିଥିଲା। ଏହି ମ୍ୟାଚରେ ମାର୍କେଟ ବଏଜ୍ ଦଳ ମିଧା ବ୍ରଦର୍ସଙ୍କୁ ୫ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ନିଜର ସ୍ଥାନ ନିଶ୍ଚିତ କରିଥିଲା। ଫାଇନାଲ ମ୍ୟାଚ୍‌ରେ ମାର୍କେଟ୍ ବୟଜ୍ ଦଳ ପ୍ରିୟାଂଶୁ ଏକାଦଶକୁ ୨୩ ରନ୍‌ର ବୃହତ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନସିପ୍ ଜିତିଥିଲା। ଚାମ୍ପିଅନ୍ ମାର୍କେଟ୍ ବୟଜ୍ ଦଳକୁ ଚାମ୍ପିଅନ୍ ଟ୍ରଫି ସହିତ ୨୧,୧୧୧ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା ଏବଂ ରନର୍ସଅପ୍ ଦଳ ପ୍ରିୟାଂଶୁ ଇଲେଭେନ୍‌କୁ ଟ୍ରଫି ସହିତ ୧୫,୫୫୫ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା। ଅକ୍ଷୟ ଛତ୍ରିୟା (ଚାର୍ଲି) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିବା ବେଳେ ଆନନ୍ଦ ଦୁବେ ଶ୍ରେଷ୍ଠ କ୍ଷେତ୍ରରକ୍ଷକ, ଜଗଜିତ ମହାନ୍ତି ଶ୍ରେଷ୍ଠ ବୋଲର, ଲୁଡୁ ପାଣ୍ଡେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ କ୍ୟାଚ ପାଇଁ ସୁନିଲ ଅଗ୍ରୱାଲ ଏବଂ ଶୃଙ୍ଖଳା ଦଳ ଭାବରେ ମିଦା ବ୍ରଦର୍ସ ଦଳ କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ କ୍ରୀଡା ସଂଗଠକ ହମିଦ କୁମାର ମହାପାତ୍ର, ଶିକ୍ଷକ ଯୁବରାଜ ସିଂହ, ଜିଲ୍ଲା ପ୍ରେସ ଆସୋସିଏସନ ସଭାପତି ସନ୍ତୋଷ ମିଶ୍ର, ଡକ୍ଟର ସୁବାଷ ପ୍ରଧାନ, ଫଗୁ ବଂଶଲ,ସନ୍ତୋଷ ସାହୁ,ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଭାଷ୍ୟକାର ବିକାଶ ଶର୍ମା, ଏମ.ଡ଼ି ଅଲତାପ,ସ୍କୋରର ରାଜେଶ ଜେନା,ସଞ୍ଜିବ ବେହେରା ଏବଂ ଅମ୍ପାୟର ସୁଶାନ୍ତ ଲେଙ୍କା,ସୁଜିତ ଗୁପ୍ତା ଦାୟିତ୍ୱ ସମ୍ପାଦନା କରିଥିଲେ।ଆନନ୍ଦ ଦୁବେ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକଙ୍କ ମଧ୍ୟରେ ମାର୍କେଟ ବୟଜ୍ ଆସୋସିଏସନର ସଭାପତି ନବୀନ ଅଗ୍ରୱାଲ, ସମ୍ପାଦକ ଶିବମ୍ ଦୁବେ, ହରପ୍ରୀତ ସିଂହ, ସୁନୀଲ ଅଗ୍ରୱାଲ, ସହରୁକ ମିଡ୍ଡା, ଆନନ୍ଦ ଦୁବେ, ଗୋବିନ୍ଦ ଗୁପ୍ତା, ସୁନୀଲ ଗୁପ୍ତା, ,ଏମଡ଼ି ଇଜାଜ,ଜିତେନ୍ଦର ରାୟ, ରାଜେଶ ଗର୍ଗ, ରାକେଶ ଅଗ୍ରୱାଲ ଏବଂ ମାର୍କେଟ ବୟଜ୍ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନେତା, ପୋଲିସର ପ୍ରୋତ୍ସାହନରେ ଚାଲିଥିଲା ଗୋ ତସ୍କରୀ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତିଗିରିଆ ଗୋ ତସ୍କରୀ ଘଟଣାରେ ଦୃଷ୍ଟାନ୍ତ ମୂଳକ କର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜ୍ୟ ଗୋପାଳନ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ତିଗିରିଆ ଗୋ ତସ୍କରୀକୁ ନେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରତିକ୍ରିୟାରେ କହିଛନ୍ତି ଏହା ଦୁର୍ଭାଗ୍ୟ ଜନକ କଥା। ଆଠଗଡ ତିଗିରିଆ ବାରମାଣ ଜଙ୍ଗଲରେ ଗୋହତ୍ୟା ଓ ଗୋ ଚାଲାଣର ଦୃଶ୍ୟ ଦେଖିବା ପରେ ଜିଲ୍ଲା ଏସପି ପ୍ରତୀକ ସିଂଙ୍କ ସହ ବ୍ୟକ୍ତିଗତ ଆଲୋଚନା ହୋଇଛି। ସେ ସ୍ଥାନରେ ଚଢ଼ାଉ ହୋଇଛି। ସେ ଅଞ୍ଚଳକୁ ଗୋ ମାଫିଆଙ୍କୁ ବନ୍ଦ କରିବା ପାଇଁ ପୋଲିସ ବିଭାଗ ତତ୍ପର ଅଛି। କିନ୍ତୁ ଗତ ଦିନରେ ସେ ସ୍ଥାନରେ ଗୋ ମାତାଙ୍କର ହାଡ ଓ ଚର୍ମ ଯେଉଁ ଭଳି ଗଦା ହୋଇଛି ଗତ ସରକାରରେ ସ୍ଥାନୀୟ ନେତା ଓ ବିନା ପୋଲିସର ସହାୟତାରେ ଏଭଳି କାର୍ଯ୍ୟ ସମ୍ଭବ ନୁହେଁ। ପୋଲିସର ଆଇଆଇସିଙ୍କଠୁ ନେଇ କନେଷ୍ଟବଳ ପର୍ଯ୍ୟନ୍ତ ସମସ୍ତଙ୍କୁ ପରିବର୍ତ୍ତନ କରାଯାଇଛି। ନୂତନ ଭାବେ ଆଇଆଇସି ଓ ଅନ୍ୟ ପୋଲିସ ବିଭାଗର ଅଧିକାରୀଙ୍କୁ ନିଯୁକ୍ତି କରିବା ସହ ତଦନ୍ତ କରାଯାଉଛି। ସେ ସ୍ଥାନକୁ ସିଲ କରାଯାଉଛି। ତୁରନ୍ତ ପୋଲିସକୁ ଏ ଘଟଣାରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। ସେ ଆହୁରି କହିଛନ୍ତି ଯେ ବିନା ପ୍ରୋତ୍ସାହନରେ ଏଭଳି କାର୍ଯ୍ୟ ସମ୍ଭବ ନୁହେଁ। କାହିଁକି ଆଜି ଯାଏଁ ରାଜ୍ୟ ନେତା ଚୁପ୍ ଥିଲା, କାହିଁକି ପ୍ରଶାସନ ଚୁପ୍ ଥିଲା। ଏ କଥା ସାଧରଣ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ସମସ୍ତଙ୍କ ପ୍ରୋତ୍ସାହନରେ ମାଫିଆ ମାନେ ମାତିଥିଲେ। ସମସ୍ତଙ୍କ ଜାଣତରେ ଏ କାର୍ଯ୍ୟ ଚାଲିଥିଲା। କିଛି ଜଣଙ୍କୁ ଗିରଫ କରାଯାଇଛି ଆଉ କିଛି ଲୋକଙ୍କୁ ପଚରାଉଚୁରା କରାଯାଉଛି। ସମସ୍ତଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଜା ଚକ୍ରଙ୍କୁ ଇଓଡବ୍ଲ୍ୟୁର ଜେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟ୍ରାନ୍ସପୋର୍ଟ ଘୋଟାଲା ମାମଲାରେ କେନ୍ଦୁଝରର ବିଜେଡି ନେତା ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲୁ ଜେରା କରିଛି। ପ୍ରାୟ ୫ ଶହ କୋଟିର ଟ୍ରାନ୍ସପୋର୍ଟ ଘୋଟାଲା ମାମଲାରେ ରାଜା ଚକ୍ରଙ୍କୁ ଜେରା କରାଯାଉଛି। ଭୁବନେଶ୍ୱରସ୍ଥିତ ଇଓଡବ୍ଲୁ ଅଫିସରେ ତାଙ୍କୁ ଦିନ ୧୧ଟାରୁ ଜେରା ଚାଲିଥିବା ସୂଚନା ମିଳିଛି। ଏହି ମାମଲାରେ ପୂର୍ବରୁ ଗତ ମାସ ୭ ତାରିଖରେ ୨ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ମାନସ ରଂଜନ ବାରିକ ଓ ଉତ୍କଳ ଦାସ । ସେହି ଲିଙ୍କ୍‌ରେ ରାଜାଙ୍କୁ ଜେରା ଚାଲିଥିବା ସୂଚନା ମିଳିଛି । ଅଭିଯୋଗ ଅନୁଯାୟୀ ଗନ୍ଧମାର୍ଦ୍ଦନ ଲୋଡିଂ ଆଣ୍ଡ ଟ୍ରାନ୍ସପୋର୍ଟ କୋ-ଅପରେଟିଭ୍ ସୋସାଇଟି ନାଁରେ ଲୁଟ୍ ଚାଲିଥିଲା। ଆଇରନ୍ ଓର୍ ବୋଝେଇ ଟ୍ରକ ପିଚ୍ଛା ୬୦ ଟଙ୍କା ଆଦାୟ କରୁଥିଲେ।

# ଶିଳ୍ପ ସଚିବ ସତ୍ୟ ପ୍ରକାଶ ନନ୍ଦଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଶାସନିକ ଅଧିକାରୀ ତଥା ଶାସନ ସଚିବ ସତ୍ୟ ପ୍ରକାଶ ନନ୍ଦଙ୍କ ବିୟୋଗରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ସେ କହିଛନ୍ତି, ମୁଁ ଯେତେବେଳେ ଶିଳ୍ପ ମନ୍ତ୍ରୀ ଥିଲି, ସେହି ସମୟରେ ସତ୍ୟ ପ୍ରକାଶ ନନ୍ଦ ଶିଳ୍ପ ସଚିବ ଭାବେ ସୂଚାରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ବ୍ୟକ୍ତିଗତ ଭାବେ ସେ ଜଣେ ଭଦ୍ର, ନିର୍ମଳ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କର ଦୀର୍ଘ ୩୬ ବର୍ଷରୁ ଅଧିକ କାର୍ଯ୍ୟକାଳ ମଧ୍ୟରେ କୃଷି ଉତ୍ପାଦନ କମିଶନର, ଶିଳ୍ପ, ଗୃହ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଉଚ୍ଚଶିକ୍ଷା, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଚେୟାରମ୍ୟାନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟକରି ବିଭାଗ ଗୁଡ଼ିକରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ତାଙ୍କର ଆକସ୍ମିକ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ଗଭୀର ଭାବେ ମର୍ମାହତ । ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି ।

# ନୂଆ ଏନକ୍ଲୋଜରକୁ ଯିବ ଜୀନତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଘୁଣି ଜୀନତ ପାଇଁ ନୂଆ ଏନକ୍ଲୋଜର ତିଆରି ହୋଇଛି । ଖୁବ୍ ଶୀଘ୍ର ଜୀନତ ନୂଆ ଏନକ୍ଲୋଜରକୁ ଯିବ। ଏନକ୍ଲୋଜରରେ ଖାପ ଖୁଆଇବା ପରେ ସ୍ଥିତି ଦେଖି ଜଙ୍ଗଲରେ ଛଡ଼ାଯିବ ବୋଲି ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା କହିଛନ୍ତି। ଜୀନତ ପୂରା ସୁସ୍ଥ ଅଛି ଓ ଶୀକାର କରିପାରୁଛି ବୋଲି ସେ କହିଛନ୍ତି।

# ମହିଳା ବିରୋଧୀ ଅପରାଧୀଙ୍କୁ ଜେଲ ପଠାଯାଉଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ବିରୋଧୀ ଅପରାଧକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେଉଁମାନେ ଅପରାଧ କରୁଛନ୍ତି ସେମାନଙ୍କୁ ଜେଲ ପଠାଯାଉଛି। ଏନେଇ ଶ୍ୱେତ ପତ୍ର ପ୍ରକାଶ ପାଇବାକୁ ଯାଉଛି। ଗତ ସରକାରରେ ଯେତେ କେସ ହେଉଥିଲା ଏବେ ତା ଠାରୁ କମ ହେଉଛି। ଯେତେ ମାମଲା ଆସୁଛି ତ୍ୱରିତ ଭାବେ ସରକାର ଆକ୍ସନ ନେଉଛନ୍ତି। ଏହାପରେ କୋର୍ଟ ବିଚାର କରିବେ ଦଣ୍ଡ ବିଧାନ କରିବେ। ଏହା ବ୍ୟତୀତ କଂଗ୍ରେସକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ବୁଡି ଯାଉଥିବା ଦଳ କଂଗ୍ରେସ ସାମ୍ନାକୁ ନଆସି ଭିତି ହୀନ ଅଭିଯୋଗ କଲେ ଲାଭ କଣ । ବିଧାନସଭା ଚାଲିଛି ସେଠି ଏ ପ୍ରସଙ୍ଗ ଉଠାନ୍ତୁ। କଂଗ୍ରେସ ନେତାମାନେ ଶୂନ୍ୟକାଳ କମ୍ବା ମୁଲତବି ନୋଟିସ ଦେଇ ଆଲୋଚନା କରିପାରିବେ। ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଆମେ ଅନ୍ୟ ସରକାର ଭଳି ଅଧାରୁ ବନ୍ଦ କରି ପଳାଇବା ସରକାର ନୁହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

# ପଶ୍ଚିମବଙ୍ଗକୁ ପାଠ ପଢାଇ ରାସ୍ତା ଦେଖାଇବ ଓଡିଶା : ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗ ସରକାରଙ୍କୁ ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେକାଇଛନ୍ତି। ସୀମାରେ ଅନୁପ୍ରବେଶ ନେଇ ପଶ୍ଚିମ ବଙ୍ଗ ସରକାରଙ୍କୁ କଡା ଚେତାବନୀ ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ପଶ୍ଚିମବଙ୍ଗ ଅସଭ୍ୟ ସରକାର। ଆବଶ୍ୟକ ପଡିଲେ ପଶ୍ଚିମବଙ୍ଗକୁ ପାଠ ପଢାଇ ରାସ୍ତା ଦେଖାଇବ ଓଡିଶା। ବାଲେଶ୍ୱରର ଉଦୟପୁର ଏବଂ ସହାବାଜିପୁରରେ ପଶ୍ଚିମବଙ୍ଗ ସରକାରର ଅନୁପ୍ରବେଶ ନେଇ ରାଜସ୍ୱ ମନ୍ତ୍ରୀ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ରାଜ୍ୟରେ ସୀମାକୁ ନେଇ ଛତିଶଗଡ଼, ଝାଡଖଣ୍ଡ ଏବଂ ପଶ୍ଚିମ ବଙ୍ଗ ସହିତ ବିବାଦ ଅଛି। ମୁଁ ଜିଲ୍ଲା ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିଛି। ଛତିଶଗଡ଼ ଏବଂ ଝାଡଖଣ୍ଡ ସହ ବିଶେଷ ସମସ୍ୟା ନାହିଁ। କିନ୍ତୁ ଆଶ୍ଚର୍ଯ୍ୟ ଓଡିଶା ଗଠନରୁ ଆଜି ଯାଏଁ ବାଲେଶ୍ୱରରେ ସୀମା ଚିହ୍ନଟ ହୋଇନାହିଁ। ରାଜସ୍ୱ ବିଭାଗ ପଶ୍ଚିମବଙ୍ଗ ସରକାରଙ୍କ ସହ ସମ୍ପର୍କରେ ଅଛି। ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ଭିତରେ ସୀମା ଚିହ୍ନଟ ହେବ। ଆଲୋଚନା ଆରମ୍ଭ ହେଲାଣି। ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀ ସହ ଓଡ଼ିଶାର ରାଜସ୍ୱ ଅଧିକାରୀ ଫିଲଡ଼ ଭିଜିଟ କରି ସୀମା ଚିହ୍ନଟ କରିବେ। ଏ ସରକାର ବିନା ବିବାଦରେ ସୀମା ଚିହ୍ନଟ ସମସ୍ୟାର ସମାଧାନ କରିବ। ଓଡିଶା ସାରା ଦେଶକୁ ରାସ୍ତା ଦେଖାଉଛି ପଶ୍ଚିମବଙ୍ଗ ସରକାରକୁ ରାସ୍ତା ଦେଖାଇବାକୁ ବେଶି ସମୟ ଲାଗିବନି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

# ୮ରେ ଏସ୍‌ଆଇଟିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

କଟକ(ଭାସ୍କର ନ୍ୟୁଜ୍): ଦେଶରେ ଗଚ୍ଛିତ କଳାଟଙ୍କା ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ କମିଟି(ଏସ୍‌ଆଇଟି)ଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଏସ୍‌ଆଇଟି ଉପାଧ୍ୟକ୍ଷ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗା ବଜାରସ୍ଥିତ ଆବାସିକ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଇଡି, ସିବିଡିଟି, ଆୟକର ବିଭାଗ, ଏନସିବି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥା ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏସ୍‌ଆଇଟିଙ୍କ ଏହି ଦଶମ ବୈଠକରେ ଅନଲାଇନ ଜୁଆ, ଡିଜିଟାଲ୍ ଆରେଷ୍ଟ, ଟ୍ରେଡିଂ କ୍ଷେତ୍ରରେ ହେଉଥିବା କଳାଧନ ପ୍ରସଙ୍ଗରେ ଆଲୋଚନା ହୋଇପାରେ।

# ରାସ୍ତା ଶୋଚନୀୟ ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀର କଳିଙ୍ଗ ଷ୍ଟୁଡ଼ିଓ ଛକଠାରୁ ସମ୍ ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଖରାଦିନେ ମଧ ରାସ୍ତାରେ ପାଣି ଜମୁଛି। ଫଳରେ ଜନସାଧାରଣଙ୍କ ଯାତାୟତରେ ବଡ଼ ସମସ୍ୟା ସୃଷ୍ଟି ହେଉଛି। ଏପରିକି ସମ୍ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ଏବଂ ଆମ୍ବୁଲାନ୍ସ ଯାତାୟତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଠାରୁ ଜଳ ନିଷ୍କାସନ ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରୁ ପାଣି ଟ୍ୟାଙ୍କର ସାହାଯ୍ୟରେ ଖାଲି କରାଯାଉଛି ଯାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହାର ପ୍ରତିବାଦରେ ସୋମବାର ଛାତ୍ର କଂଗ୍ରେସ ତରଫରୁ ସିଦ୍ଧାନ୍ତ ଓମ୍ ପ୍ରକାଶଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବକ୍ଷୋଭରେ ଦେବଦ ଦାସ, ବବୁଲ ବେହେରା, ତପନ ଆଚାର୍ଯ୍ୟ, ବିଜୟ କୁମାର ବିଶ୍ୱାଳ, ଆଶିଷ କୁମାର, ରୋହନ ରଥ, ଅଂଶୁମାନ ପଟ୍ଟନାୟକ ପ୍ରମୁଖ ସାମିଲ୍ ହୋଇଥିଲେ। ଯଦି ସରକାର ଏହି ସମସ୍ୟାର ସମାଧାନ ପାଇଁ ଉଚିତ୍ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କୁହାଯାଇଛି।

# ୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ମାର୍ଚ୍ଚ ୭ ତାରିଖ ଶୁକ୍ରବାର ଦିନ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ମେଳା ସକାଳ ୧୦ଟାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିବ । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କଟକ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ଯାକ ବ୍ଲକର ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୩ ପାସ୍, ଏଏନଏମ/ଜିଏନଏମ, ଆଇଟିଆଇ ଓ ଡିପ୍ଲୋମା ପାସ୍ କରିଥିବା ୧୮ରୁ ୩୫ ବର୍ଷର ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ । ଏହି ନିଯୁକ୍ତି ମେଳାରେ କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟ ସେବା, ଅଟୋମୋବାଇଲ୍ ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ରାଜ୍ୟ ଏବଂ ରାଜ୍ୟବାହାରର ବେସରକାରୀ ନିଯୁକ୍ତିଦାତା ଅଂଶଗ୍ରହଣ କରୁଛନ୍ତି । ନିଯୁକ୍ତିଦାତାମାନଙ୍କ ମଧ୍ୟରୁ କେତେକ ସିଧାସଳଖ ନିଯୁକ୍ତି ଦେବେ ଏବଂ ଆଉ କେତେକ ନିଯୁକ୍ତି ଭିତିକ ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି । ଏହି ତାଲିମ ସମ୍ପୂର୍ଣ୍ଣ ମାଗଣା ଏବଂ ତାଲିମ ସମୟର ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ ଓ ପାସପୋର୍ଟ ସାଇଜ୍ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ୦୬୭୧-୨୩୦୦୭୭ ଓ ୭୬୫୬୮୩୦୧୫୦ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି ।

### ମୋ ବସ୍ ଦୁର୍ଘଟଣାରେ ନାବାଳିକାଙ୍କ ମୃତ୍ୟୁ ମାମଲା

# କ୍ଟୁଟ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ(ଭାସ୍କର ନ୍ୟୁଜ୍): ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ମୋ ବସ୍ ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରୁଜୁ ମାମଲାରେ ରାଜ୍ୟ ମାନବାଧିକାର ଆୟୁକ୍ତ କ୍ଟୁଟ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତି ଶୁଣାଣି ତାରିଖ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଆଦେଶ ଦେଇଛନ୍ତି। ପରବର୍ତ୍ତି ଶୁଣାଣି ନିମନ୍ତେ ମେ ମାସ ୨୩ ତାରିଖକୁ ଧାର୍ଯ୍ୟ ହୋଇଛି। ଇଂରାଜୀ ଖବରକାଗଜ ଓରିଶା ପୋଷ୍ଟରେ ଗତ ଫେବୃୟାରୀ ୫ ପ୍ରକାଶିତ ଏକ ଖବର ଆଧାରରେ ଆଇନଜୀବୀ ପ୍ରବୀର କୁମାର ଦାସ ଓଏଚ୍‌ଆରସିରେ ଏହି ମାମଲା ରୁଜୁ କରିଛନ୍ତି। ମୋ ବସ୍ ଡ୍ରାଇଭରଙ୍କ ଅବହେଳା ପାଇଁ କୁନି ଜୁଆଡ଼ି ନାମକ ୧୨ ବର୍ଷର ନାବାଳିକାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଭୁବନେଶ୍ୱରର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରଠାରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ମିଳିଥିବା ତଥ୍ୟ ଅନୁସାରେ ଗତ ୬ ମାସ ମଧ୍ୟରେ ମୋ ବସ୍ ଡ୍ରାଇଭରଙ୍କ ଅବହେଳା ପାଇଁ ୧୦ଟି ସଡ଼କ ଦୁର୍ଘଟଣା ଘଟିଛି। ତେଣୁ ମୃତକଙ୍କ ସମ୍ପର୍କୀୟଙ୍କୁ କ୍ଷତିପୂରଣ ଦେବା ନିମନ୍ତେ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିସହ ସଡ଼କ ଦୁର୍ଘଟଣା ହ୍ରାସ କରିବା ନିମନ୍ତେ ମୋ ବସ୍ ଡ୍ରାଇଭରମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦେବା ପାଇଁ ସୁପାରିଶ କରିବାକୁ ଆବେଦନକାରୀ ମଧ ଆବେଦନରେ ଦର୍ଶାଇଛନ୍ତି।

# ଜାମସେତଜୀ ନୁସେରୱାନଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାରେ ଥିବା ଟାଟା ଷ୍ଟିଲର ବିଭିନ୍ନ ୟୁନିଟ ଓ ଏହାର ସବସିଡ଼ାଏରି ସଂସ୍ଥା ପକ୍ଷରୁ କମ୍ପାନିର ଦୂରଦର୍ଶୀ ପ୍ରତିଷ୍ଠାତା ଜାମସେତଜୀ ନୁସେରୱାନଜୀ ଟାଟାଙ୍କ ୧୮୬ତମ ଜୟନ୍ତୀ ପାଳନ କରାଯାଇଛି। ଭାରତୀୟ ଶିଳ୍ପର ଜନକ ଭାବେ ପରିଚିତ ଜେ ଏନ ଟାଟାଙ୍କ ଶିଳ୍ପ ପ୍ରତିଷ୍ଠା ଏବଂ ସାମାଜିକ କଲ୍ୟାଣର ବଳିଷ୍ଠ ପରମ୍ପରା, ଟାଟା ଗ୍ରୁପ ସମେତ ସାରା ଦେଶକୁ ପ୍ରେରଣା ଦେଇଆସୁଛି। ୧୮୭୦ ଦଶକରେ ଏକ କପଡ଼ା ମିଲରୁ ଉଦ୍ୟୋଗିକ ଯାତ୍ରା ଆରମ୍ଭ କରିଥିଲେ ଜେ ଏନ ଟାଟା। କିନ୍ତୁ ତାଙ୍କ ଦୃଷ୍ଟିକୋଣ ତା'ଠାରୁ ବହୁ ଦୂରକୁ ପହଞ୍ଚିଥିଲା। ସେ ଭାରତରେ ଇସ୍ପାତ ଏବଂ ବିଦ୍ୟୁତ ଶିଳ୍ପର ଭିତ୍ତିଭୂମି ସ୍ଥାପନା କରିଥିଲେ। ପ୍ରଯୁକ୍ତିବିଦ୍ୟାକୁ ଆଗକୁ ନେବା ସହ ଏଭଳି ଏକ ଭବିଷ୍ୟତର ସ୍ୱପ୍ନ ଦେଖିଥିଲେ, ଯାହାଦ୍ୱାରା ଉଦ୍ୟୋଗିକ ବିକାଶ ସହ ସମାଜ କଲ୍ୟାଣ ଏକ ସଙ୍ଗେ ହୋଇପାରିବ। ତାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଟାଟା ଷ୍ଟିଲର ସମସ୍ତ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାତାଙ୍କ ଶିଳ୍ପ ପ୍ରଗତି ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତିଫଳିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ବଜାର, ପ୍ରଯୁକ୍ତି ଏବଂ ଖର୍ଚ୍ଚରେ ନେତୃତ୍ୱ' ଯାହା ଟାଟା ଷ୍ଟିଲର ନବସୃଜନ, ଗ୍ରାହକ-କୈନ୍ଦ୍ରିକ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଭୁବନେଶ୍ୱରସ୍ଥିତ ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟାଳୟ, ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସ ଲିମିଟେଡ଼, ଟାଟା ଷ୍ଟିଲ ବିଜନେସ ଡେଲିଭେରି ସେଂଟର ଲିମିଟେଡ, ଏବଂ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫର୍ମାନ୍ସ ସେଣ୍ଟରରେ ପ୍ରତିଷ୍ଠତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ମାର୍କତନଗରରେ ଜଳଛତ୍ର ଉଦ୍‌ଘାଟିତ

କଟକ(ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ପ୍ରଭାବରୁ ପଥଚାରୀ , ସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା କରିବା ନିମନ୍ତେ ଉତ୍କଳ ଗ୍ରାମ୍ୟ ସ୍ୱରାଜ ତରଫରୁ ସିଡିଏ ସେକ୍ଟର -୭ ଠାରେ ଥିବା ପରିବା ଗଡ଼ା ନିକଟରେ ଜଳଛତ୍ର କେନ୍ଦ୍ରକୁ କଟକ ମହାନଗର ନିଗମ ମେୟର ସୁବାସ ସିଂହ ଉଦ୍‌ଘାଟିତ କରିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ବିନୋଦ ପଣ୍ଡା, ଉତ୍କଳ ଗ୍ରାମ୍ୟ ସ୍ୱରାଜ ସଭାପତି ନିର୍ଝରରଣୀ ମହାପାତ୍ର, ସମ୍ପାଦକ ଦୁଷ୍ମନ୍ତ ଦଳାଇ, କୋଷାଧ୍ୟକ୍ଷ ମଧୁସୁଧନ ଗୋଛୟତ, ଉତ୍କଳ ଗ୍ରାମ୍ୟ ସ୍ୱରାଜର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ ।

### ନାବାଳିକାଙ୍କ ଗର୍ଭପାତ ପ୍ରସଙ୍ଗ

# ରାଜ୍ୟ ସରକାର ଏସ୍‌ଓପି ଜାରି କରନ୍ତୁ: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ନାବାଳିକା ଗର୍ଭବତୀ ହେଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ କିପରି ଭାବେ ସେମାନଙ୍କର ସୁରକ୍ଷିତ ଗର୍ଭପାତ କରାଯାଇ ପାରିବ ସେ ନେଇ ଆଇନ ମୁତାବକ ଏସଓପି ପ୍ରସ୍ତୁତ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି କେହି ନାବାଳିକା ଗର୍ଭବତୀ ହେଉଛନ୍ତି ଏବଂ ପରେ ତାଙ୍କ ଲାଗି ଗର୍ଭପାତ ଜରୁରୀ ତେବେ ତାକୁ ଅଣଦେଖା କରାଯାଇ ପାରିବ ନାହିଁ। ତେବେ ସେ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ। ଏଥି ସହ ସୁରକ୍ଷିତ ଭାବେ କିପରି ଗର୍ଭପାତ କରାଇ ହେବ, ସେ ନେଇ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହାଇକୋର୍ଟ ଆଜି ଏଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଉପରୋକ୍ତ ଆଦେଶ ଦେଇଛନ୍ତି । କନ୍ଧମାଳ ଜିଲ୍ଲାର ଜଣେ ୧୩ ବର୍ଷୀୟା ନାବାଳିକା ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ। ଏଥିସହ ସେ ଗର୍ଭବତୀ ମଧ୍ୟ ହୋଇଛନ୍ତି। ୬ ମାସର ଗର୍ଭଧାରଣ ସହିତ ପୁରୁଣା ରୋଗର ଯନ୍ତ୍ରଣା ଯୋଗୁଁ ସେ ଛଟପଟ ହେଉଛନ୍ତି। ତେବେ ତାଙ୍କର ସୁରକ୍ଷିତ ଗର୍ଭପାତ ସହିତ ଆବଶ୍ୟକୀୟ ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବାକୁ ପୀଡ଼ିତାଙ୍କ ପରିବାର ହାଇକୋର୍ଟରେ ଆବେଦନ କରିଥିଲେ। ଯାହାର ରାୟ ସୋମବାର ହାଇକୋର୍ଟ ପ୍ରକାଶ କରିଥିଲେ। ଏପରି କ୍ଷେତ୍ରରେ ନିରାପଦ ଗର୍ଭପାତ ପାଇଁ ଏସଓପି ଆଣିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ମା'ସୁବର୍ଣ୍ଣମୁଖୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କେସିଏ ଚାମ୍ପିଅନ୍



ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମପଡିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖି କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।ଏଥିରେ କେସିଏ ଧାମନଗର ଚମ୍ପିୟାନ ହୋଇଛି। କେ ସି ଏ ଟସ୍ ଜିତି ଏନ୍‌ସିସି ଦଶରଥପୁରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏନ୍ ସି ସି ୨୦ ଓଭରରେ ୯ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷ ରୁ ସତ୍ୟବ୍ରତ ବେହେରା ୨୫ ବଲରେ ୨ ଟି ଚୌକା ଓ ୪ ଟି ଛକା ସାହାଯ୍ୟ ରେ ୪୦ ରନ, ଚନ୍ଦନ ସାହୁ ୨୨ ବଲରେ ୭ ଟି ଚୌକା ଓ ୧ ଟି ଛକା ସାହାଯ୍ୟରେ ୩୭ ରନ, ଶୁଭ୍ର ରଂଜନ ରାଉତ ୨୩ ବଲରେ ୨ଟି ଚୌକା ୩ଟି ଛକା ସାହାଯ୍ୟରେ ୩୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ସଞ୍ଜୀବ ଚୌଧୁରୀ ୪ ଓଭରରେ ୨୧ ରନ ଦେଇ ୩ ଉଇକେଟ, ଦିବ୍ୟ ଜ୍ୟୋତି ଦାସ ୩ ଓଭରରେ ୨୩ ରନ ଦେଇ ୨ ଉଇକେଟ, କ୍ଷମା ସାଗର ବଳ ୪ ଓଭରରେ ୧୩ ରନ ଦେଇ ୧ ଉଇକେଟ ନେଇଥିଲେ। ଜବାବରେ କେସିଏ ଧାମନଗର ୧୦ ଓଭର ରେ ୩ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ଚମ୍ପିୟାନ ହୋଇଥିଲା। ଦଳପକ୍ଷରୁ କ୍ଷମା ସାଗର ବଳ ୨୬ ବଲରେ ୩ ଚୌକା ଓ ୭ ଛକା ସାହାଯ୍ୟରେ ୭୩ ରନ, ସିଦ୍ଧାର୍ଥ ଜେନା ୧୩ ବଲରେ ୨ ଚୌକା ଓ ୩ ଛକା ସାହାଯ୍ୟରେ ୩୩ ରନ, ଶୁଭମ୍ ସତ୍ପଜିଟ ୮ ବଲରେ ୨ ଚୌକା ଓ ୨ ଛକା ସାହାଯ୍ୟରେ ୨୨ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୁବ୍ରତ ଘଡ଼େଇ, ଅଭିଜିତ ସାହୁ, ରଶ୍ମି ରଂଜନ ଓଝା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ପ୍ରାଣନାଥ ଜେନା ଓ ଶରତ ଜେନା ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ରାଜେନ୍ଦ୍ର ମହାରଣା ଓ ପ୍ରଦୀପ ଆନ୍ଦିଆ। ଧାରାବିବରଣି ପ୍ରଦାନ କରିଥିଲେ ଜ୍ଞାନ ରଞ୍ଜନ ଘଡ଼େଇ ଓ ଭୋଲାନାଥ ସାହୁ। ମ୍ୟାନ ଅଫ ଦି ମ୍ୟାଚ୍ ସଞ୍ଜୀବ ଚୌଧୁରୀ, ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର କ୍ଷମା ସାଗର ବଳ, ବେଷ୍ଟ ବ୍ୟାଟସ ମେନ ଶୁଭ୍ର ରଂଜନ ରାଉତ,ବେଷ୍ଟ ଫିଲଡର୍ ଶୁଭମ୍ ସତ୍ପଜିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭା ପ୍ରତାପ ମହାନ୍ତିଙ୍କ ସଞ୍ଚାଳନାରେ ମୁଖ୍ୟ ଅତିଥି ୟଙ୍ଗ ଷ୍ଟାର କ୍ଲବ୍‌ର ସଭାପତି ରାଜେଶ କୁମାର ସାହୁ, ଅନ୍ୟତମ ଅତିଥି ସମ୍ପାଦକ ସଞ୍ଜୟ କୁମାର ମହାକୁଡ, ଅକ୍ଷୟ ମହାପାତ୍ର, ଦୁଷ୍ମନ୍ତ ସାହୁ, ଭୋଳନାଥ ସାହୁ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ ଟିମ୍‌କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କୃଷ୍ଣଚନ୍ଦ୍ର ପତି, ନିକୁଞ୍ଜ ନାୟକ ଓ ୟଙ୍ଗଷ୍ଟାର କ୍ଲବ୍‌ର ସଦସ୍ୟ ମାନେ ପରିଚାଳନା କରିଥିଲେ।